ବର୍ଷ-୪୯ : ସଂଖ୍ୟା-୧ ଜାନୁଆରୀ, ୨୦୧୮ • ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜାନୁଆରୀ, ୨୦୧୮


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ୨୦୧୮ ନବବର୍ଷ ଉପଲକ୍ଷେ ଆଶ୍ରମରେ ବିତରିତ ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୭ |
| ଅନ୍ୟକୁ ବିଚାର କରିବା | ... | ଶ୍ରୀମା | ... | ୮ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୬୨) ଭୀଷଣ ପଥର ଯାତ୍ରୀ (୫) | ... | ମନୋଜ ଦାସ | ... | ୯ |
| ଅତିମାନସ ଇନ୍ଦ୍ରିୟ ବା ସଂଜ୍ଞାନ (୨) | ... | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ... | ୧୪ |
| ୨୦୧୮ ବର୍ଷସୂଚୀ(Calendar)ରେ ପରିବେଷିତ ବାଣୀ | ... | ... | ... | ୧୮ |
| ବିବର୍ତ୍ତନରେ ଯୁଗ-ସନ୍ଧି (୩) | ... | ନଳିନୀକାନ୍ତ ଗୁପ୍ତ | ... | ୧୯ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୬୦) | ... | ... | ... | ୨୧ |
| ନାରୀ | ... | ମାଧବ ପଣ୍ଡିତ | ... | ୨୫ |
| ଅଭିନବ ନେତ୍ରମେଧ ଯଜ୍ଞ | ... | ... | ... | ୨୭ |
| ଶବ୍ଦମାନଙ୍କର ଇଚ୍ଛା (କବିତା) | ... | ହରପ୍ରିୟା ସାହୁ | ... | ୨୯ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୫) | ... | ମହେନ୍ଦ୍ର ନାଥ ସ୍ୱାଇଁ | ... | ୩୦ |
| ଆଦର୍ଶ ମାତାପିତା (୧୪) | ... | ଶ୍ରୀମା | ... | ୩୩ |
| ଶ୍ରୀକୃଷ୍ଣ କାହାଣୀ (୫) ରାକ୍ଷସୀ ଭୟଙ୍କରୀ | ... | ମନୋଜ ଦାସ | ... | ୩୭ |
| ସ୍ୱଚ୍ଛତା ମଧ୍ୟରେହିଁ ଈଶ୍ୱରଙ୍କ ନିବାସ (୧) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୪୧ |
| ବିଜନତା ସବୁକିଛି (କବିତା) | ... | ... | ... | ୪୪ |
| କଥାଟିଏ | ... | ଉଦାର | ... | ୪୫ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୪୪) | ... | ସାହାନା ଦେବୀ | ... | ୪୬ |
| ଗଙ୍ଗାଧର (୮) | ... | ... | ... | ୪୭ |
| ଆମ ଶରୀର (୨) | ... | ଭୋଳେଶ୍ୱର ଭୂୟାଁ | ... | ୫୦ |
| ଦର୍ପଣ | ... | ସନ୍ତୋଷ କୁମାର ଯୋଗାଣିଆ | ... | ୫୩ |
| ଜିଜ୍ଞାସୁର ପୃଷ୍ଠା | ... | ରାମକୃଷ୍ଣ ଦାସ | ... | ୫୬ |
| ବରଷଟି ହେଉ ସରସ (କବିତା) | ... | ଶରତ କୁମାରୀ ସ୍ୱାଇଁ | ... | ୫୭ |
| ମହତ୍ ଐତିହ୍ୟ ଦଳ ଓ ଧର୍ମନିର୍ବିଶେଷେ ସମଗ୍ର ଜାତିର ଗୌରବ | ... | ମନୋଜ ଦାସ | ... | ୫୮ |


❖

# ପ୍ରାର୍ଥନା

ତୁମକୁ, ହେ ଯାବତୀୟ ବରାଶିଷର ପରମ ପ୍ରଦାତା, ତୁମକୁ, ଯିଏ ଜୀବନକୁ ଶୁଦ୍ଧ, ସୁନ୍ଦର ଏବଂ ଉତ୍ତମ କରି ତାକୁ କରିଥାଅ ଯାଥାର୍ଥ୍ୟ-ମଣ୍ଡିତ, ହେ ଆମ ନିୟତିର ପ୍ରଭୁ ଏବଂ ଆମ ଯାବତୀୟ ଅଭୀପ୍ସାର ଲକ୍ଷ୍ୟସ୍ଥଳ, ତୁମକୁ ଏ ନବବର୍ଷର ଆଦ୍ୟ ମୁହୂର୍ତ୍ତ ହେଉଛି ଉତ୍ସର୍ଗୀକୃତ ।

ଏହି ଉତ୍ସର୍ଗ ଯୋଗେ ଏହା ହେଉ ସଂପୂର୍ଣ୍ଣ ମହିମାନ୍ୱିତ; ଯେଉଁମାନେ ତୁମ ପାଇଁ ଆଶାୟୀ, ସେମାନେ ସୁସଙ୍ଗତ ପଥରେ କରନ୍ତୁ ତୁମର ସନ୍ଧାନ; ଯେଉଁମାନେ ତୁମ ସନ୍ଧାନରତ, ସେମାନେ ତୁମକୁ ଲାଭ କରନ୍ତୁ, ଏବଂ ଯେଉଁମାନେ ଦୁଃଖଭୋଗୀ, ପ୍ରତିକାର ଠାବ କରି ନପାରି, ତୁମ ଜୀବନ କ୍ରମେ ସେମାନଙ୍କ କ୍ଲିଷ୍ଟ ଚେତନାର କଠିନ ଆବରଣ ଭେଦ କରୁଥିବାର ଅନୁଭୂତି ଲାଭ କରନ୍ତୁ ସେମାନେ ।

ତୁମ ମଙ୍ଗଳମୟ ଭାସ୍ୱରତା ସମ୍ମୁଖରେ ମୁଁ ଗଭୀର ଭକ୍ତି ଏବଂ ସୀମାହୀନ କୃତଜ୍ଞତା ଭରେ ପ୍ରଣତ; ଧରିତ୍ରୀ ନାମରେ ତୁମକୁ ଦିଏଁ ଧନ୍ୟବାଦ ତୁମର ଅଭିପ୍ରକାଶ ଯୋଗୁଁ; ତାହାରି ନାମରେ ମୁଁ ତୁମକୁ ମିନତି କରୁଛି ଆଲୋକ ଓ ପ୍ରେମର ଏକ ଅବ୍ୟାହତ ବିକାଶ ମଧରେ ଆହୁରି ଅଧିକ ପୂର୍ଣ୍ଣତଃ ପ୍ରତିଭାତ ହେବା ନିମନ୍ତେ ।

ଆମ ଭାବନା, ଆମ ଅନୁଭବ ଏବଂ ଆମ କର୍ମର ହୁଅ ସାର୍ବଭୌମ ପ୍ରଭୁ ।

ତୁମେହିଁ ଆମର ବାସ୍ତବତା, ଏକମାତ୍ର ବାସ୍ତବତା ।

ତୁମ ବ୍ୟତିରେକେ ସବୁହିଁ ମିଥ୍ୟା ଏବଂ ବିଭ୍ରାନ୍ତି, ସବୁହିଁ ଶ୍ରୀବର୍ଜିତ କ୍ଲିଷ୍ଟତା ।

ତୁମରିଠାରେହିଁ ଜୀବନ ଏବଂ ଆଲୋକ ଏବଂ ଆନନ୍ଦ ।

ତୁମରିଠାରେହିଁ ପରମ ପ୍ରଶାନ୍ତି ।

ଜାନୁଆରୀ ୧, ୧୯୧୪ — ଶ୍ରୀମା



# ୨୦୧୮ ନବବର୍ଷ ଉପଲକ୍ଷେ ଆଶ୍ରମରେ ବିତରିତ ବାଣୀ

One has to be more persistent than the difficulty – there is no other way.

Nothing can prevail against the soul's entire will to reach the Divine.

– Sri Aurobindo

ପ୍ରତିବନ୍ଧକ ତୁଳନାରେ ଜଣକୁ ଅଧିକ ପ୍ରଯତ୍ନବାନ୍ ହେବାକୁ ପଡ଼ିବ – ଅନ୍ୟ ପଥ ନାହିଁ ।

ଭଗବାନଙ୍କ ସନ୍ନିକଟେ ଉପନୀତ ହେବା ଦିଗରେ ଅନ୍ତରାତ୍ମାର ଅଖଣ୍ଡ ସଂକଳ୍ପ ବିରୋଧରେ କିଛିହିଁ ତିଷ୍ଠି ନପାରେ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

**(The Descent into Night)**

(୬୯)

## ଶ୍ରୀଅରବିନ୍ଦ

Often, a familiar visage studying
Joyfully encountered at some dangerous turn,
Hoping to recognise a look of light,
His vision warned by the spirit's inward eye
Discovered suddenly Hell's trademark there,
Or saw with the inner sense that cannot err,
In the semblance of a fair or virile form
The demon and the goblin and the ghoul.

ଅଧିକାଂଶ ସମୟରେ ଏକ ପରିଚିତ ମୁଖକୁ ଅନୁଧ୍ୟାନ କରି ପୁଲକପୂର୍ଣ୍ଣ ଭାବରେ ସେ (ଅର୍ଥାତ୍ ଅଶ୍ୱପତି) ତା'ର ସାକ୍ଷାତ୍ ଲାଭ କରୁଥିଲେ କୌଣସି ବିପଜ୍ଜନକ ମୋଡ଼ରେ । ଆଲୋକର ଏକ ଚାହାଣିକୁ ଚିହ୍ନିବା ସକାଶେ ଆଶାନ୍ୱିତ ହୋଇ, ଆତ୍ମାର ଅନ୍ତର୍ମୁଖୀ ନେତ୍ର ଦ୍ୱାରା ସତର୍କ-ସୂଚନା ପାଇ ତାଙ୍କର ଦୃଷ୍ଟି ସେଠାରେ ସହସା ଆବିଷ୍କାର କରୁଥିଲା ନରକର ବ୍ୟବସାୟିକ-ନାମାଙ୍କନ, ଅଥବା ଏକ ଅଭ୍ରାନ୍ତ ଆନ୍ତର ବୋଧ ଦେଇ ସୌମ୍ୟ ଓ ସବଳ ରୂପାଭାସ ଭିତରେ ଦେଖିବାକୁ ପାଉଥିଲା ଅସୁର, ଭୂତ ଓ ପିଶାଚମାନଙ୍କୁ ।

An insolence reigned of cold stone-hearted strength
Mighty, obeyed, approved by the Titan's law,
The huge laughter of a giant cruelty
And fierce glad deeds of ogre violence.

ସେଠାରେ ରାଜତ୍ୱ କରୁଥିଲେ ଆସୁରୀ ବିଧାନ ଦ୍ୱାରା ଅନୁଗତ ଓ ଅନୁମୋଦିତ ଏକ ହିମକଠୋର ପାଷାଣ-ହୃଦୟ, ପରାକ୍ରମଶାଳୀ ଶକ୍ତିମତ୍ତାର ଔଦ୍ଧତ୍ୟ, ରାକ୍ଷସୀ ନିଷ୍ଠୁରତାର ବିକଟ ଅଟ୍ଟହାସ୍ୟ ଏବଂ ନର ଖାଦକ ହିଂସ୍ରତାର ଭୟାବହ ସୁଖଦାୟକ କର୍ମାବଳୀ ।

In that wide cynic den of thinking beasts
One looked in vain for a trace of pity or love;
There was no touch of sweetness anywhere,
But only Force and its acolytes, greed and hate :
There was no help for suffering, none to save,
None dared resist or speak a noble word.
Armed with the aegis of tyrannic Power,
Signing the edicts of her dreadful rule
And using blood and torture as a seal,
Darkness proclaimed her slogans
to the world.

ଚିନ୍ତାଶୀଳ ପଶୁମାନଙ୍କର ସେଇ ପ୍ରସାରିତ ନାସ୍ତିକ ଗୁହାରେ ଜଣେ କରୁଣା କିଂବା ପ୍ରୀତିର ଚିହ୍ନବର୍ଣ୍ଣ ଖୋଜିବାହିଁ ବୃଥା, ସେଠାରେ କେଉଁଠି ବି ନଥିଲା ମଧୁରତାର ସ୍ପର୍ଶ, ଥିଲା କେବଳ ବିପୁଳ ବଳ ଓ ତା'ର ଅନୁଚରବର୍ଗ, ଲୋଭ ଏବଂ ଘୃଣା । ଦୁଃଖ-ବେଦନାର କୌଣସି ସହାୟତା ସେଠାରେ ନଥିଲା, କେହି ଜଣେ ହେଲେ ସୁଦ୍ଧା ନଥିଲେ ଉଦ୍ଧାର କରିବାକୁ, ବାଧା ଦେବାକୁ ଅଥବା ଏକ ମହତ୍ ବାଣୀକୁ ମୁଖରେ ଉଚ୍ଚାରଣ କରିବାକୁ କାହାର ସାହସ ଜୁଟୁ ନଥିଲା । ଅତ୍ୟାଚାରୀ ଅପଶକ୍ତିର ସୁରକ୍ଷା କବଚ ପିନ୍ଧି, ତାହାର ଆତଙ୍କମୟ ଶାସନର ହୁକୁମନାମାରେ ସ୍ୱାକ୍ଷର କରି ତଥା ରକ୍ତପାତ ଏବଂ ଉତ୍ପୀଡ଼ନକୁ ମୋହର ରୂପେ ବ୍ୟବହାର କରି ଅନ୍ଧକାର ତା'ର ରଣଧ୍ୱନି ସକଳକୁ ଜଗତ୍ ଉଦ୍ଦେଶ୍ୟରେ ଉଦ୍‌ଘୋଷଣା କରୁଥିଲା ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ଅନ୍ୟକୁ ବିଚାର କରିବା

## ଶ୍ରୀମା

### ଅନ୍ୟକୁ ବିଚାର କରିବା

ସବୁ ବିଷୟ ଉପରେ **ସର୍ବଦା** ଯଦି ତୁମର ଦୃଷ୍ଟି ଦିବ୍ୟଦୃଷ୍ଟି ନହୋଇଛି, ତେବେ ଅନ୍ୟମାନେ କେଉଁ ଅବସ୍ଥାରେ ଅଛନ୍ତି, ସେ ସମ୍ବନ୍ଧେ ତୁମର କୌଣସି ମତାମତ ଦେବାର ଅଧିକାର ତ ନାହିଁ, ତୁମର କ୍ଷମତା ମଧ ସେଥିପାଇଁ ନାହିଁ ବୋଲି ବୁଝିବ । ସ୍ୱତଃସ୍ଫୂର୍ତ୍ତ ଓ ଅନାୟାସ ଭାବରେ ଏହି ଦୃଷ୍ଟି ନଥାଇ କାହା ବିଷୟରେ ବିଚାର କରିବା ହେଉଛି ମାନସିକ ଧାରଣାର ଅନୁମାନ ସର୍ବସ୍ୱ ବିଚାରର ଏକ ନିଛକ୍ ଉଦାହରଣ, ଯାହା ସମ୍ପର୍କରେ ଶ୍ରୀଅରବିନ୍ଦ ବରାବର କହି ଆସିଛନ୍ତି... କଥାଟି ହେଲା – ଯାହାର ଦିବ୍ୟଦୃଷ୍ଟି ରହିଛି, ଚେତନା ରହିଛି, ଯେକି ସବୁଠାରେ ସତ୍ୟକୁ ପ୍ରତ୍ୟକ୍ଷ କରିବାରେ ସକ୍ଷମ, ସେ ସ୍ୱଭାବତଃ କେବେ କାହା ଉପରେ କୌଣସି ବିଚାର ବା ସିଦ୍ଧାନ୍ତ କରି ବସେ ନାହିଁ କି ମତାମତ ଦେବାର ଆବଶ୍ୟକତା ଅନୁଭବ କରେ ନାହିଁ। କାରଣ ସେ ସବୁ ବୁଝିପାରେ ଓ ସବୁ ଜାଣେ । ତେଣୁ, ସର୍ବଦା ସମସ୍ତଙ୍କ ପାଇଁ ଏହା ଏକ ସତ୍ୟ ଯେ, ତୁମେ ଏକଥାଟି ସବୁବେଳେ ନିଜକୁ କହିବ, ଯେଉଁ ମୁହୂର୍ତ୍ତରେ ତୁମେ କୌଣସି ବିଷୟ, ମଣିଷ କିଂବା ପରିସ୍ଥିତି ଉପରେ କିଛି ଗୋଟାଏ ମନ୍ତବ୍ୟ ଦେବାକୁ ଆରମ୍ଭ କର, ସେତେବେଳେ ତୁମେ ସମଗ୍ର ଭାବେ ମାନବୀୟ ଅଜ୍ଞାନ ଭିତରେ ରହିଥାଅ ।

ସଂକ୍ଷେପରେ କଥାଟିକୁ ଏହିପରି କୁହାଯାଇପାରେ; ଯେତେବେଳେ ଜଣେ ବୁଝିପାରେ, ସେତେବେଳେ ସେ ଆଉ ବିଚାର କରେ ନାହିଁ ଏବଂ ଯେତେବେଳେ ଜଣେ ବିଚାର କରି ବସେ, ସେତେବେଳେ ତା'ର ଅର୍ଥ ହେଲା ସେ ଜାଣି ନାହିଁ ।

### ବିଚାର କରିବା ପାଇଁ ମଣିଷ ଅସମର୍ଥ

ସମସ୍ତଙ୍କ ପାଇଁ ଏକମାତ୍ର ଯଥାର୍ଥ ମନୋଭାବ ହେଲା ଏକ ବିନୟ ଭାବ, ତୁମେ ଯାହା ଜାଣି ନାହଁ ତା' ପ୍ରତି ଏକ ନୀରବ ସମ୍ମାନଜନକ ଭାବ, ଏବଂ ଅଜ୍ଞାନ ଭିତରୁ ବାହାରି ଆସିବା ପାଇଁ ଏକ ଆନ୍ତର ଆସ୍ପୃହା । ମଣିଷଜାତିର ଅଗ୍ରଗତି ପାଇଁ ଯେତେ ସର୍ତ୍ତ ଅଛି, ତା' ଭିତରୁ ଗୋଟିଏ ସର୍ତ୍ତ ହେଲା, ଜଣେ ଯାହା ନଜାଣିଛି, ତାହା ପ୍ରତି ସମ୍ମାନବୋଧ ରଖିବା ଏବଂ ସଂପୂର୍ଣ୍ଣଭାବେ ସମ୍ମତ ହୋଇ ସେ ସ୍ୱୀକାର କରିବ ଯେ ଯେହେତୁ ସେ ଏକଥାଟି ଜାଣି ନାହିଁ, ସେଥିପାଇଁ ସେ ସମ୍ବନ୍ଧେ କିଛି ବିଚାର କରି ସେ କୌଣସି ମନ୍ତବ୍ୟ ଦେଇପାରିବ ନାହିଁ । କିନ୍ତୁ ଆମେ ଠିକ୍ ଏହାର ବିପରୀତ ଆଚରଣ କରୁ । ଯେଉଁ ବିଷୟ ସମ୍ବନ୍ଧେ ଆମର କିଛି ଜ୍ଞାନ ନାହିଁ ସେ ବିଷୟ ଉପରେ ଆମେ ଶେଷ ସିଦ୍ଧାନ୍ତ ଦେଇ ପକାଉ, ଏବଂ ଏକ ଚୂଡ଼ାନ୍ତ ନିଷ୍ପତ୍ତି ଦେଲାଭଳି କହିଥାଉ, ''ଏଇଟା ସମ୍ଭବ, ସେଇଟା ଅସମ୍ଭବ,'' ଅଥଚ ଆମେ ଯାହା ଉପରେ ଏଇ ମନ୍ତବ୍ୟ ଦେଉ, ତାହା କ'ଣ ଆମେ ଜାଣି ନଥାଉ । ଆମର ଯେଉଁ ବିଷୟରେ ଜ୍ଞାନ ନଥାଏ, ସେ ସମ୍ବନ୍ଧେ ଆମେ ସନ୍ଦେହ ରଖିଥାଉ, ତେଣୁ ସେ ସମ୍ବନ୍ଧେ ମନ୍ତବ୍ୟ ଦେଲା ବେଳେ ଆମେ ଏକ ସର୍ବଜ୍ଞର ହାମ୍‌ବଡ଼ା ଭାବଭଙ୍ଗୀ ଦେଖାଇଥାଉ ।

ଲୋକଙ୍କର ବିଶ୍ୱାସ ଯେ ସନ୍ଦେହ କରିବା ଏକ ଉଚ୍ଚତର ମାନସିକତାର ଲକ୍ଷଣ, କିନ୍ତୁ ଅସଲ କଥାଟି ହେଲା ଏଇ ଧରଣର ମନୋଭାବ ଏକ ହୀନମନ୍ୟତା ।

ସଂଶୟ ଓ ସନ୍ଦେହ ହେଲା ଜଣକର ଅଗ୍ରଗତି ପାଇଁ ଦୁଇଟି ବିରାଟ ପ୍ରତିବନ୍ଧକ; ଏ ଦୁଇଟିଯାକ ଅଜ୍ଞାନ ସଙ୍ଗେ ଏକ ଉଦ୍ଧତ ଆନୁମାନିକ ସିଦ୍ଧାନ୍ତକୁ ମିଶାଇ ଦିଅନ୍ତି ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୬୨)
## ଭୀଷଣ ପଥର ଯାତ୍ରୀ (୫)
## ମନୋଜ ଦାସ

''ରାଜନୈତିକ ନରସଂହାର ନିଷ୍ଫଳ ହୁଏ ବୋଲି ଲୋକେ କହନ୍ତି । କିନ୍ତୁ ତାହା ବାଜେ କଥା; ସ୍ୱାର୍ଥପରତା ଭିତ୍ତିକ ଔଦ୍ଧତ୍ୟର ସୀମା ଅଛି, ସ୍ୱାର୍ଥପର ଶାସକମାନଙ୍କୁ ଭୀଷଣ ଚମକ ଦେଇ ସେତକ ବୁଝାଇ ଦେବା ନିମନ୍ତେ ତାହାର ଆବଶ୍ୟକତା ରହିଛି । ଆଉ ଗୋଟିଏ ଭୁଲ୍ ଧାରଣା ରହିଛି ଯେ ଇଂଲଣ୍ଡ କଦାପି ଭୟ ପ୍ରଦର୍ଶନ ଆଗରେ ମସ୍ତକ ନତ କରେନା । ମୋର ଅଭିଜ୍ଞତା ହେଲା, ଯେତେବେଳେ ଇଂଲଣ୍ଡ ତା' ମୁହଁ ଉପରେ ଶକ୍ତ ଚାପୁଡ଼ାଟାଏ ପାଏ, ସେତେବେଳେ ଯାଇ ସେ କ୍ଷମା ମାଗେ; ତହିଁ ପୂର୍ବରୁ ନୁହେଁ ।''

(ଡବ୍ଲୁ. ଏସ୍. ବ୍ଲାଣ୍ଟଙ୍କ ପାଖକୁ ଲାଏନ୍ ଷ୍ଟିଭେନ୍‌ସ୍‌ଙ୍କର ପତ୍ର)[୧]

''ବିପ୍ଳବ ପନ୍ଥୀମାନଙ୍କ ଦୃଷ୍ଟିକୋଣରୁ ସେମାନେ ବ୍ରିଟିଶ ବିରୋଧରେ ଯୁଦ୍ଧରତ ଥିଲେ । ସେମାନେ ନିଜ କର୍ମ ନ୍ୟାଯ୍ୟ ବୋଲି ପ୍ରତିପାଦିତ କରୁଥିଲେ ଏହି ଯୁକ୍ତି ଦେଇ : ସେମାନେ ଯେଉଁ ପରିସ୍ଥିତିରେ ଅଛନ୍ତି ପ୍ରକାଶ୍ୟ ଯୁଦ୍ଧ କଲା ଭଳି ସଙ୍ଗତି ସେମାନଙ୍କର ନାହିଁ । ସଭ୍ୟ ସମାଜ ଯେଉଁ ଗରିଲା ଯୁଦ୍ଧକୁ ବରଦାସ୍ତ କରେ, ସେମାନଙ୍କ କାର୍ଯ୍ୟକଳାପ ତାହାଠୁଁ ମାତ୍ର ଗୋଟିଏ ମାତ୍ରା ପଛରେ । ବିପ୍ଳବପନ୍ଥୀମାନେ ଏ ଯୁକ୍ତି ବି ଦେଇ ପାରନ୍ତେ ଯେ, ଆଧୁନିକ ମାରଣାସ୍ତ୍ର ଓ ବୋମା ଯୋଗେ ସହର, ନଗର ଧ୍ୱଂସ କରି ହଜାର ହଜାର ଲୋକଙ୍କୁ ହତ୍ୟା କରିବା ଭଳି ଆଜି କାଲିକା ଯୁଦ୍ଧ ତୁଳନାରେ ମୁଷ୍ଟିମେୟ ହାକିମ ବା କେତୋଟି ଲୁଣ୍ଠନ ଅଧିକ ଅପରାଧମୂଳକ ନୁହେଁ ନିଶ୍ଚୟ !''

– ଆର୍. ସି. ମଜୁମଦାର[୨]

''ବଙ୍ଗ ଦେଶର ଅଧୈର୍ଯ୍ୟ ଯୁବକମାନେ ଆଦରି ନେଲେ ବ୍ୟକ୍ତିଗତ ବୀରତ୍ୱ ପ୍ରଦର୍ଶନ ଏବଂ ବିପ୍ଳବବାଦୀ ସନ୍ତ୍ରାସ । ଏ ଅଭିବ୍ୟକ୍ତିଟି ଆମେ ବ୍ୟବହାର କରୁଛୁ ଅନ୍ୟ କୌଣସି ଉପଯୁକ୍ତ ଶବ୍ଦ ଅଭାବରୁ । ସେମାନଙ୍କ ଦେଶ ପ୍ରେମର ପରାକାଷ୍ଠା ପ୍ରଦର୍ଶନ ପାଇଁ ଅନ୍ୟ କୌଣସି ପଥ ସେମାନେ ପାଉ ନଥିଲେ, ମୂଳତଃ ସେହି ସକାଶେହିଁ ସେମାନେ ଏ ପଥଟି ବାଛି ନେଇଥିଲେ ।''

– ବିପନ ଚନ୍ଦ୍ର[୩]

''ରାଜନୈତିକ ସଂସ୍କାର ଆନୟନ ନିମନ୍ତେ ହିଂସାଚାରହିଁ ତ ଇଂଲଣ୍ଡରେ ଏକମାତ୍ର ପଥ ବୋଲି ସ୍ୱୀକୃତ ।... ଅନ୍ୟ କେଉଁଥିରେ ରାଜନୀତିକ ଲୋକେ ପ୍ରଭାବିତ ହୋଇଛନ୍ତି ?''

– ଆନି ବେସାନ୍ତ[୪]

ଯେଉଁସବୁ ଅଗ୍ନିଗର୍ଭା ବିପ୍ଳବୀମାନଙ୍କ ସମ୍ପର୍କରେ ଇତିହାସ ପ୍ରାୟ ନୀରବ, ସେମାନଙ୍କ ଅନ୍ତର୍ଭୁକ୍ତ ହେଲେ ମନୋରଞ୍ଜନ ଗୁହଠାକୁରତା (୧୮୫୮-୧୯୧୯) । ବରିସାଲ ନିବାସୀ ଏହି ଯୁବକ ଅଭ୍ର ବ୍ୟବସାୟରେ ଖୁବ୍ ସାଫଲ୍ୟ ଲାଭ କରିଥା'ନ୍ତି ଏବଂ ତାଙ୍କ ଉପାର୍ଜନର ବିପୁଳ ଅଂଶ ସେ ବିପ୍ଳବୀମାନଙ୍କୁ ସାହାଯ୍ୟ କରିବାରେ ଉପଯୋଗ କରୁଥା'ନ୍ତି । ଶ୍ରୀଅରବିନ୍ଦ ତାଙ୍କୁ ନିଜର ବ୍ୟକ୍ତିଗତ ବନ୍ଧୁ ବୋଲି ଅଭିହିତ କରିଥିଲେ ।[୫]

ମନୋରଞ୍ଜନ 'ନବଶକ୍ତି' ନାମକ ଦୈନିକ ବଙ୍ଗଳା ସମ୍ବାଦପତ୍ରର ସମ୍ପାଦକ ଥିଲେ । ସର୍ବସାଧାରଣଙ୍କ ନିକଟରେ ଯେପରି ଜାତୀୟବାଦର ବାର୍ତ୍ତା ପହଞ୍ଚି ପାରିବ, ସେଥିଯୋଗୁଁ ସେ ସମ୍ବାଦପତ୍ରଟିର ମୂଲ୍ୟ ମାତ୍ର ଏକ ପଇସା (ଅର୍ଥାତ୍ ତତ୍କାଳୀନ ଗୋଟିଏ ଟଙ୍କାର ଚଉଷଠି ଭାଗରୁ ଏକ ଭାଗ) ରଖିଥିଲେ । କିନ୍ତୁ ବିଦେଶୀ ସରକାର ଦ୍ୱାରା ବାରଂବାର ନିର୍ଯାତିତ ହୋଇ ସେ କାଗଜଟି ବନ୍ଦ କରି ଦେବାକୁ ମନସ୍ଥ କଲେ । ଶ୍ରୀଅରବିନ୍ଦଙ୍କ ବିଶ୍ୱସ୍ତ ବ୍ୟକ୍ତିଗତ ସହକାରୀ ଅବିନାଶ ଭଟ୍ଟାଚାର୍ଯ୍ୟ ଲେଖିଛନ୍ତି :

''ମୁଁ ଯେତେବେଳେ ଶୁଣିଲି ଯେ ସମ୍ମାନାସ୍ପଦ ମନୋରଞ୍ଜନ ଗୁହଠାକୁରତା 'ନବଶକ୍ତି' ବନ୍ଦ କରି ଦେବାର ସିଦ୍ଧାନ୍ତ ନେଇଛନ୍ତି ସେତେବେଳେ ସେ କାଗଜଟିର ପରିଚାଳନା

ଦାୟିତ୍ୱ ମୋତେ ଦେଇ ଦିଅନ୍ତୁ ବୋଲି ତାଙ୍କୁ ସମ୍ମତ କରିବି କି ବୋଲି ଶ୍ରୀଅରବିନ୍ଦଙ୍କୁ ପଚାରିଲି । ସେ ଆନନ୍ଦରେ ଅନୁମତି ଦେଲେ ।''(୬)

ମନୋରଞ୍ଜନ ପ୍ରସ୍ତାବଟି ସ୍ୱାଗତ କଲେ ଓ ଆଶ୍ୱସ୍ତ ହେଲେ । ଏପରିକି ସେ ଅବିନାଶଙ୍କୁ କାଗଜଟି ହାତକୁ ନେବା ନିମନ୍ତେ ପ୍ରୟୋଜନୀୟ ଯଥେଷ୍ଟ ଅର୍ଥ – ପ୍ରାୟ ଚାରି ହଜାର ଟଙ୍କା ମଧ ଦେଇ ଦେଲେ । ଅବିନାଶ କାଗଜର ଦାୟିତ୍ୱ ନେଲେ ବୋଲି କାଗଜଟିରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏକ ପକ୍ଷ ବନ୍ଦ ରହି ନୂତନ ଉଦ୍ଦୀପନା ବହନ କରି କାଗଜର ନୂତନ ପ୍ରସ୍ଥ ପ୍ରକାଶ ପାଇବ ବୋଲି ପ୍ରଚାର ପତ୍ର ମଧ ବିତରିତ ହେଲା ।

ବିଡ଼ମ୍ବନା ! ସେହି ଘୋଷଣା ସମ୍ବଳିତ ସଂଖ୍ୟାଟି ହେଲା 'ନବଶକ୍ତି'ର ଶେଷ ସଂଖ୍ୟା ।

ଆଲିପୁର ମକଦ୍ଦମାର ବିପୁଳ ନଥିପତ୍ର ଭିତରୁ 'ନବଶକ୍ତି'ର ନୂତନ ବ୍ୟବସ୍ଥାର ବିବରଣୀ ସମ୍ବଳିତ ଦଲିଲ କହେ :

(୧) ନବଶକ୍ତି ଏକ ସମିତିକୁ ହସ୍ତାନ୍ତରିତ ହେବ ।

(୨) ସମିତିର ସଭ୍ୟ ସମୂହଙ୍କୁ ମନୋନୟନ କରିବେ ଶ୍ରୀଯୁକ୍ତ ଅରବିନ୍ଦ ଘୋଷ ମହାଶୟ ।

(୩) 'ନବଶକ୍ତି' ତଥା ଶକ୍ତି ମୁଦ୍ରଣାଳୟର ଯାବତୀୟ ସାଜସରଞ୍ଜାମ ଉକ୍ତ ସମିତିକୁ ହସ୍ତାନ୍ତରିତ ହେବ ।(୭)

'ନବଶକ୍ତି'ର ନବ ଅଭ୍ୟୁଦୟ ନିମନ୍ତେ ଲାଗି ପଡ଼ିଲେ ଅବିନାଶ । ଶ୍ରୀଅରବିନ୍ଦ ହେବେ ଏ କାଗଜର ସମ୍ପାଦକ । ଘୋଷିତ ସମୟରେ ଏହା ପ୍ରକାଶ ପାଇବ ବୋଲି ନିଶ୍ଚିତ ଥା'ନ୍ତି ଅବିନାଶ ଓ ତାଙ୍କ ସହକର୍ମିବୃନ୍ଦ ।

କିନ୍ତୁ ଘଟଣାପ୍ରବାହର ହେଲା କେଡ଼େ ଆକସ୍ମିକ ଦିଗ ପରିବର୍ତ୍ତନ ! ୪୮ ଗ୍ରେ ଷ୍ଟ୍ରିଟ୍‌ରେ ଅବସ୍ଥିତ ନବଶକ୍ତି କୋଠା ଥିଲା ଦୁଇ ଭାଗରେ ବିଭକ୍ତ । ରାସ୍ତା ପାଖ ଅଂଶରେ ଥିଲା ପତ୍ରିକାର କାର୍ଯ୍ୟାଳୟ ଏବଂ ପ୍ରେସ । ଦ୍ୱିତୀୟ ଅଂଶରେ ୨୩ ସ୍କଟ୍‌ଲେନରୁ ଆସି ରହିଲେ ଶ୍ରୀଅରବିନ୍ଦ; ମୃଣାଳିନୀ ଦେବୀ ଏବଂ ଭଉଣୀ ସରୋଜିନୀଙ୍କ ସହିତ ।

ଏ ପରିବର୍ତ୍ତନ ହେଲା ୧୯୦୮ ମସିହା ଏପ୍ରିଲ ୨୮ ଏବଂ ୨୯ ତାରିଖରେ । ୩୦ ତାରିଖ ସନ୍ଧ୍ୟାରେ ବିହାରର ମୁଜାଫରପୁରଠାରେ ଯାହା ଘଟିଲା, ସେଥିରେ ପରିସ୍ଥିତି ଓଲଟପାଲଟ ହୋଇଗଲା ।

ପ୍ରେସିଡ଼େନ୍‌ସି ମାଜିଷ୍ଟ୍ରେଟ ଡଗ୍‌ଲାସ୍ କିଂସ୍‌ଫୋର୍ଡ଼ ନିର୍ମମ ଦମନ ନୀତିରେ ବିଶ୍ୱାସ କରୁଥାଏ । ତା' ବିରୋଧରେ ବିପ୍ଳବ ପନ୍ଥୀମାନଙ୍କର କ୍ରୋଧ ଚରମ ସୀମାରେ ପହଞ୍ଚି ଯାଆନ୍ତେ ତାକୁ ଶେଷ କରି ଦେବାର ସିଦ୍ଧାନ୍ତ ନେଲେ ସେମାନେ । ସେ ଲକ୍ଷ୍ୟ ସାଧନ ଦିଗରେ ସେମାନେ ପ୍ରଥମେ ବେଶ୍ ମୌଳିକ ଉପାୟ ଅବଲମ୍ବନ କଲେ । ଗୋଟାଏ ପୃଥୁଳ ଗ୍ରନ୍ଥର ମଧ୍ୟାଂଶରେ ଗର୍ତ୍ତ କରି ତହିଁ ବିସ୍ଫୋରକ ପଦାର୍ଥ ରଖାଗଲା । ବହିଟି ଗୋଟାଏ ଉତ୍ତମ ଆବରଣ ଭିତରେ ସଂରକ୍ଷିତ ହେଲା ଏବଂ କେହି ଜଣେ ସେ ଗୋଟିକ କିଂସ୍‌ଫୋର୍ଡ଼ ସାହେବଙ୍କ ବଙ୍ଗଳାରେ ଦେଇ ଆସିଲା । ଆଶା ଥିଲା, ସାହେବ ସେ ଗୋଟିକ ଖୋଲିବେ ଏବଂ ଖୋଲିବା ମାତ୍ରେ ମରିବେ ।

ସାହେବ କିନ୍ତୁ ସେ ଗୋଟିକ ପରେ ଖୋଲି ଦେଖିବେ ବୋଲି ବହି ଥାକରେ ଥୋଇଦେଲେ । ପରବର୍ତ୍ତୀ ସମୟରେ ଜଣେ ଗ୍ରେପ୍ତାର ହୋଇଥିବା ବିପ୍ଳବୀ ସେ 'ବହି'ର ଭୟାବହତା କଥା କହିଦେବା ଯାଏ ତାହା ସାହେବଙ୍କ ବହି ଥାକରେହିଁ ରହିଥାଏ । ସରକାରଙ୍କ ମୁଖ୍ୟ ବିସ୍ଫୋରକ ବିଶେଷଜ୍ଞ ଜନୈକ ଏମ୍. ଉଇଲିଅମ୍‌ସ୍ ବସ୍ତୁଟିକୁ ପରୀକ୍ଷା କରି ଜଣାଇଲେ ତା'ର ମାରାତ୍ମକ ଚରିତ୍ର !(୮)

''ସରକାର କିଂସ୍‌ଫୋର୍ଡ଼ର ନିରାପତ୍ତା ନିମନ୍ତେ ଉଦ୍‌ବିଗ୍ନ ହୋଇ ତାଙ୍କୁ କଲିକତାରୁ ଦୂରରେ ନେଇ ମୁଜାଫରପୁରର ଜିଲ୍ଲା ଏବଂ ସେସନ୍‌ସ୍ ଜଜ୍ ରୂପେ ଅବସ୍ଥାପିତ କଲେ ୧୯୦୮ ମାର୍ଚ୍ଚ ୨୮ ତାରିଖରେ ।

ବିପ୍ଳବପନ୍ଥୀମାନଙ୍କର ନେତୃବର୍ଗ ସ୍ଥିର କଲେ ଯେ କିଂସ୍‌ଫୋର୍ଡ଼ର ନିଧନ ଅପରିହାର୍ଯ୍ୟ – ତାଙ୍କୁ ଯେଉଁଠାରେ ରଖାଯାଉ ନା କାହିଁକି । କର୍ମ ସାଧନ ନିମନ୍ତେ ଦୁଇଜଣ ଯୁବକ ମନୋନୀତ ହେଲେ । ସେମାନଙ୍କୁ ଆବଶ୍ୟକୀୟ ଅସ୍ତ୍ର ଯୋଗାଇ ଦିଆଗଲା ।''(୯)

ଏ ଦୁଇ ଯୁବକଙ୍କ ଭିତରୁ ପ୍ରଫୁଲ୍ଲ ଚାକି ସମ୍ପର୍କରେ ପାଠକମାନେ ପୂର୍ବରୁ ଅବହିତ ଅଛନ୍ତି । ତାଙ୍କ ଜନ୍ମ ୧୮୮୮ରେ । ସେ ରଙ୍ଗପୁରଠାରେ ସ୍ଥାପିତ ଜାତୀୟ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ଓ ସେହି ତରୁଣ ବୟସରୁ ଭାରତର ମୁକ୍ତି ସଂଗ୍ରାମ ନିମନ୍ତେ ଅନୁପ୍ରାଣିତ ହୋଇଥିଲେ । ସ୍ଥାନୀୟ ଯୁବକମାନଙ୍କୁ ସଙ୍ଗଠିତ କରି ସେ ୧୯୦୭ରେ ରଙ୍ଗପୁରଠାରେ ଅନୁଷ୍ଠିତ ଜାତୀୟବାଦୀ ସମ୍ମିଳନୀ ନିମନ୍ତେ ସ୍ୱେଚ୍ଛାସେବା ପ୍ରଦାନ କରିଥିଲେ । ସେ ବାରୀନ୍ଦ୍ର କୁମାରଙ୍କ ସହ ଗୋପନରେ ସମ୍ପର୍କ ରକ୍ଷା କରୁଥିଲେ ଏବଂ ୧୯୦୮ରେ ମାଣିକତଲା ବାଗାନ ଗୋଷ୍ଠୀରେ ଯୋଗଦାନ କଲେ ।

ମୁଜାଫରପୁର ଅଭିଯାନର ଦ୍ୱିତୀୟ ଅଭିଯାତ୍ରୀ ହେଲେ ଖୁଦୀରାମ ବୋଷ । ୧୮୮୯ରେ ମେଦିନୀପୁର ଜିଲ୍ଲା ଅନ୍ତର୍ଗତ ଏକ ପଲ୍ଲିରେ ତାଙ୍କ ଜନ୍ମ । ଶୈଶବରେ ମାତାପିତାଙ୍କୁ ହରାଇ ସେ ତାଙ୍କ ବଡ଼ ଭଉଣୀଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ । ସେ ମେଦିନୀପୁରଠାରେ ଋଷି ରାଜନାରାୟଣଙ୍କର ଜଣେ ଭ୍ରାତୃଷ୍ପୁତ୍ର ଏବଂ ବିପ୍ଳବୀ ସତ୍ୟେନ ବୋଷଙ୍କ ସଂସ୍ପର୍ଶରେ ଆସିଥା'ନ୍ତି ।

୧୯୦୬ ଫେବ୍ରୁଆରୀରେ ମେଦିନୀପୁରଠାରେ ଏକ କୃଷି ଓ ଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେଉଥାଏ । ବ୍ରିଟିଶ-ଶାସନର ତୀବ୍ର ସମାଲୋଚନା ସମ୍ବଳିତ ‘‘ସୋନାର ବାଂଲା'' ନାମକ ପୁସ୍ତିକା ବିତରଣର ଦାୟିତ୍ୱ ଖୁଦୀରାମଙ୍କ ଉପରେ ସତ୍ୟେନ ବୋଷ ନ୍ୟସ୍ତ କରିଥା'ନ୍ତି । ପୁସ୍ତିକାଟି ରାଜଦ୍ରୋହମୂଳକ ବୋଲି ଘୋଷିତ ହେଲା । ଖୁଦୀରାମଙ୍କୁ ଜବଦ କରିବା ନିମନ୍ତେ ଗଲେ ଜଣେ ସବଳ ସିପାହି । ତାଙ୍କୁ ଜଣା ନଥିଲା ଯେ ଖୁଦୀରାମ ଜଣେ କୁଶଳୀ କୁସ୍ତିବୀର ଏବଂ ଲାଠିଆଳ । ପଦଗର୍ବୀ ସିପାହି ବାଳକଟିକୁ ଟଣା ଭିଡ଼ା କରିବା ବାବଦରେ ତତ୍କ୍ଷଣାତ୍ ଭୂତଳଶାୟୀ ହେଲା । ତେବେ ଆଉ ଦୁଇ, ତିନିଜଣ ସିପାହି ଆସି ଖୁଦିରାମକୁ କାବୁ କରିବାକୁ ଚେଷ୍ଟା କରନ୍ତେ ସତ୍ୟେନ ବୋଷ ସେମାନଙ୍କୁ କହିଲେ, ‘‘ଜାଣିଛ ସେ କିଏ ? ଡେପୁଟି କଲେକ୍ଟରଙ୍କ ସୁପୁତ୍ର !'' ସତ୍ୟେନ ଥିଲେ କଲେକ୍ଟରେଟରେହିଁ ଜଣେ କିରାଣି । ଅତଏବ ତାଙ୍କ ଘୋଷଣା ପ୍ରାମାଣ୍ୟ । ସିପାହିମାନେ ସସମ୍ଭ୍ରମ ଖୁଦୀରାମଙ୍କୁ ଛାଡ଼ି ଦିଅନ୍ତେ ସେ ବିଜୁଳି ବେଗରେ ଅଦୃଶ୍ୟ ହୋଇଗଲେ ।

ତେବେ ଅଚିରେ ସ୍ଥାନୀୟ ପୁଲିସ ମୁଖ୍ୟ ଭୁଲ୍ ବୁଝିପାରି ଖୁଦୀରାମଙ୍କୁ ଗିରଫ କଲେ । ରାଜଦ୍ରୋହ ଅଭିଯୋଗରେ ତାଙ୍କର ବିଚାର ହେଲା । ଆଇନର ସେ ଧାରାରେ ତାହାହିଁ ସମ୍ଭବତଃ ପ୍ରଥମ ବିଚାର ବୋଲି ଅନେକ ତଥ୍ୟବିତ୍ ମନେ କରନ୍ତି । ସହରର ବହୁ ମାନ୍ୟଗଣ୍ୟ ଓକିଲ ଖୁଦୀରାମଙ୍କ ସପକ୍ଷରେ ଲଢ଼ିଲେ । ସେ ନାବାଳକ – ମୁଖ୍ୟତଃ ସେହି କାରଣରୁ ସେ ଖଲାସ ହୋଇଗଲେ । କିନ୍ତୁ ପୁଲିସକୁ ବାଟବଣା କରାଇଥିବା ଅଭିଯୋଗରେ ସତ୍ୟେନ ଚାକିରିରୁ ବରଖାସ୍ତ ହେଲେ ।(୧୦) ସତ୍ୟେନ ଅବଶ୍ୟ ସେ ପାଇଁ ପ୍ରସ୍ତୁତ ଥିଲେ ।

ସହରର ଯୁବକମାନେ ବାରିଷ୍ଟର କେ. ବି. ଦତ୍ତଙ୍କ ସୌଖୀନ ଘୋଡ଼ା ଗାଡ଼ିରେ ଖୁଦୀରାମଙ୍କୁ ବସାଇ ସେମାନେହିଁ ଗାଡ଼ିକୁ ଟାଣି ଓ ଠେଲି ଠେଲି ଏକ ଶୋଭାଯାତ୍ରା କଲେ । ସେତେବେଳେ ଶ୍ରୀଅରବିନ୍ଦ ମେଦିନୀପୁର ଆସିଥା'ନ୍ତି । ସମ୍ଭବତଃ ସତ୍ୟେନ ବୋଷଙ୍କ ସୌଜନ୍ୟରୁ ଖୁଦୀରାମ ତାଙ୍କୁ ସାକ୍ଷାତର ସୁଯୋଗ ପାଇଲେ ।

କିଛି ଦିନ ପରେ ଖୁଦୀରାମ ଗୁରୁତର ଅସୁସ୍ଥ ହୋଇ ପଡ଼ିଲେ । ଏମିତି ସମୟ ଆସିଲା, ଯେତେବେଳେ ତାଙ୍କ ମୃତ୍ୟୁ ସନ୍ନିକଟ ବୋଲି ସମସ୍ତେ ଧରିନେଲେ । କିନ୍ତୁ ଖୁଦୀରାମ ସେମାନଙ୍କ ମନୋଭାବ ବୁଝିପାରି କହିଲେ ଶ୍ରୀଅରବିନ୍ଦ ତାଙ୍କୁ ଆଶୀର୍ବାଦ କରିଥିବା ସ୍ଥଳେ କୌଣସି ମାମୁଲି ରୋଗବ୍ୟାଧିରେ ସେ ମରିବା ଅସମ୍ଭବ ![୧୧] ମୃତ୍ୟୁ ଯେମିତି କୌଣସି ଗୌରବଜନକ କାରଣ ମାଧ୍ୟମରେ ତାଙ୍କୁ ଭେଟିବ – ସତେ ଅବା ସେ ଏହି ସୂଚନା ଦେଉଥିଲେ ।

ମନେହୁଏ ପ୍ରଫୁଲ୍ଲ ଚାକି ଓ ଖୁଦୀରାମ ପୂର୍ବରୁ କେବେ ପରସ୍ପର ଭେଟି ନଥିଲେ । ବିପ୍ଳବପନ୍ଥୀମାନଙ୍କ କର୍ମ-ଶୈଳୀ ସେମିତି ଥିଲା : ନିଜ ଉପରେ ନ୍ୟସ୍ତ ଦାୟିତ୍ୱଟିକକ ଏକାଗ୍ର ଭାବରେ ନିର୍ବାହ କରିବା ବ୍ୟତିରେକେ ଅଧିକ କିଛି ଜାଣିବା ଅନାବଶ୍ୟକ । ଏହିଭଳି ଶୃଙ୍ଖଳା ଫଳରେହିଁ ଅସତର୍କ ମୁହୂର୍ତ୍ତରେ କିଛି ତଥ୍ୟ କେହି କହି ପକାଇ ବିପଦ ଡାକି ଆଣିବାର ସମ୍ଭାବନା ନଥିଲା ।

ନୂତନ ଦାୟିତ୍ୱ ନିର୍ବାହକାରୀ ପ୍ରଫୁଲ୍ଲ ଚାକିଙ୍କ ସାମୟିକ ନାମ ହେଲା ଦୀନେଶ ଚନ୍ଦ୍ର ରାୟ । ଏ ଦୁହିଙ୍କ ଅଭିଯାନ କାହିଁକି ବ୍ୟର୍ଥ ହେଲା, ତା'ର ବହୁ ବ୍ୟାଖ୍ୟା ରହିଛି । ତେବେ ସେସବୁ ଭିତରେ ପାର୍ଥକ୍ୟ ସବୁ ଗୌଣ । ମୁଖ୍ୟତଃ ଘଟଣାଟି ଏହିପରି ।

(ଉଦ୍ଧୃତାଂଶ କିଞ୍ଚିତ୍ ସଂକ୍ଷେପିତ ।) :

‘‘୧୯୦୮ ଏପ୍ରିଲ ତୃତୀୟ ସପ୍ତାହରେ ଲକ୍ଷ୍ୟ ପୂରଣ ନିମନ୍ତେ ଦୀନେଶ ଚନ୍ଦ୍ର ରାୟ ଏବଂ ଖୁଦୀରାମ ବୋଷ ମୁଜାଫରପୁରରେ ଉପସ୍ଥିତ ହେଲେ । ରହିଲେ ଏକ ଧର୍ମଶାଳାର ଗୋଟାଏ କକ୍ଷରେ...

କର୍ମ ନିର୍ବାହର ସୁଯୋଗ ନିମନ୍ତେ ଦୁଇ ସାହସୀ ଯୁବକ ପ୍ରାୟ ଏକ ସପ୍ତାହ ଅପେକ୍ଷା କଲେ । କିଂସ୍‌ଫୋର୍ଡ଼ ଖାଲି କଚେରି ଯିବା ବ୍ୟତିରେକେ ତା' ବଙ୍ଗଳାରୁ ଅନ୍ୟ କୁଆଡ଼େ ହେଲେ ଯାଉ ନଥାଏ । ଥରେ ସେମାନେ କଚେରିରେହିଁ କାର୍ଯ୍ୟ ସମାଧା କରିବାକୁ ମନ କରିଥିଲେ, କିନ୍ତୁ ତଦ୍ଦ୍ୱାରା ଅନେକ ସାଧାରଣ ଲୋକ ମୃତାହତ ହୋଇଥା'ନ୍ତେ ।

ଏପ୍ରିଲ ୩୦ ତାରିଖ ସନ୍ଧ୍ୟାରେ ଯୁବକ ଦ୍ୱୟ କିଂସ୍‌ଫୋର୍ଡ଼ ବଙ୍ଗଳାର ଅଦୂରବର୍ତ୍ତୀ ସାରିବଦ୍ଧ ଗଛ ତଳେ

ଅପେକ୍ଷା କଲେ । ଅନ୍ଧକାର ଘୋଟି ଆସିଲା । କିଂସ୍‌ଫୋର୍ଡ୍ ଦମ୍ପତି ଏବଂ ଜନୈକା ଶ୍ରୀମତୀ କେନେଡ଼ି ଓ ତାଙ୍କ କନ୍ୟା କ୍ଲବ୍ ଘରେ ବ୍ରିଜ୍ ଖେଳୁଥିଲେ । ରାତି ପ୍ରାୟ ୮.୩୦ରେ ସେମାନେ ଦୁଇଟି ଭିନ୍ନ ଭିନ୍ନ ଏକ୍କାରେ ଗୃହାଭିମୁଖୀ ହେଲେ । କିଂସ୍‌ଫୋର୍ଡ୍‌ଙ୍କ ବଙ୍ଗଳା କ୍ଲବ୍ ଗୃହର ଖୁବ୍ ନିକଟରେ । କେନେଡ଼ିଙ୍କର ପ୍ରାୟ ଏକ ମାଇଲ ଦୂରରେ ।

ଦୁଇଟିଯାକ ଘୋଡ଼ାଗାଡ଼ି ଦେଖିବାକୁ ସମାନ । କେନେଡ଼ି ଦ୍ୱୟଙ୍କ ଗାଡ଼ି ଟିକିଏ ଆଗରେ ଥିଲା । ସେ ଗାଡ଼ିଟି କିଂସ୍‌ଫୋର୍ଡ୍‌ଙ୍କ ବଙ୍ଗଳା ସାମନାକୁ ଆସିବାମାତ୍ରେ ଦୀନେଶ ଓ ଖୁଦୀରାମ ଆଗକୁ ଲମ୍ଫ ଦେଲେ ଏବଂ ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ଖୁଦୀରାମ ଗାଡ଼ି ଉପରକୁ ବୋମା ନିକ୍ଷେପ କଲେ ।

ବିସ୍ଫୋରଣର ଶବ୍ଦ ସାରା ସହରକୁ ଚମକାଇ ଦେଲା । କେନେଡ଼ି ଦ୍ୱୟ ଏବଂ ସହିସ ଜଣକ ହେଲେ ଗୁରୁତର ଆହତ; ଗାଡ଼ି ହେଲା ଚୂର୍ଣ୍ଣୀଭୂତ । କୁମାରୀ କେନେଡ଼ି କେତେ ମିନିଟ ଭିତରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଶ୍ରୀମତୀ କେନେଡ଼ି ଗଲେ କିଛି ସମୟ ପରେ ।[୧୨]

ସେ ଦୁହେଁ ଥିଲେ ପିଙ୍ଗଲ୍ କେନେଡ଼ି ନାମକ ଜଣେ ଓକିଲଙ୍କର ସ୍ତ୍ରୀ ଏବଂ କନ୍ୟା ।

ଦୀର୍ଘ ପଥ ଅତିକ୍ରମ କରି ସମସ୍ତିପୁରଠାରେ ଦୀନେଶ ଓରଫ ପ୍ରଫୁଲ୍ଲ ଚାକି ରେଳଗାଡ଼ିର ଯେଉଁ ଡବାକୁ ଉଠିଲେ, ତହିଁ ଭିତରେ ଆସୀନ ଥିଲେ ନନ୍ଦଲାଲ ବାନାର୍ଜୀ ନାମକ ଜଣେ ପୁଲିସ ସବ୍‌ଇନ୍‌ସ୍ପେକ୍ଟର । ଭଦ୍ରଲୋକ ଛୁଟିରେ ଥିଲେ । ସେତେବେଳକୁ ମୁଜାଫରପୁର ଘଟଣାର ସମ୍ବାଦ ଉପରେ ଚତୁର୍ଦ୍ଦିଗରେ ଉତ୍ତେଜକ ଆଲୋଚନା । କିଂସ୍‌ଫୋର୍ଡ୍ ବର୍ତ୍ତି ଯାଇଛନ୍ତି ଏବଂ ଦୁଇଜଣ ନିରୀହା ମହିଳା ମୃତ, ଏ ଦୁଃଖାବହ ସଂବାଦର ପ୍ରତିକ୍ରିୟା ପ୍ରଫୁଲ୍ଲ ଚାକିଙ୍କ ମୁଖମଣ୍ଡଳରେ ପ୍ରତିଫଳିତ ହେବା ସ୍ୱାଭାବିକ ।

ପୁଲିସ ବାବୁଙ୍କ ମନରେ ଆରମ୍ଭ ହେଲା ସନ୍ଦେହର ଉପଦ୍ରବ । ଯୁବକ ଜଣକ ସହ ଅତି ଶୁଭେଚ୍ଛୁଟିଏ ଭଳି ଆଳାପ ଆଲୋଚନା କରୁ କରୁ ତାଙ୍କ ସନ୍ଦେହ ଅମୂଳକ ନୁହେଁ ବୋଲି ସେ ବୁଝିପାରିଲେ । ପରେ ପରେ ଏକ ଷ୍ଟେସନରେ ପ୍ରଫୁଲ୍ଲ ଗାଡ଼ି ବଦଳ ନିମନ୍ତେ ଓହ୍ଲାଇଲେ । ନନ୍ଦଲାଲ ଅବିଳମ୍ବେ ସ୍ଥାନୀୟ ପୁଲିସଙ୍କ ସହାୟତାରେ ତାଙ୍କୁ ଅକ୍ତିଆର କରିବାକୁ ଚେଷ୍ଟା କଲେ । ପ୍ରଫୁଲ୍ଲ ସେମାନଙ୍କ କବଳରୁ ଖସି ଯାଇ ଦୌଡ଼ିଲେ । କିନ୍ତୁ ପ୍ଲାଟଫର୍ମ ଶେଷ ସୀମାନ୍ତରେ ପହଞ୍ଚି ସେ ବୁଝିଲେ ଯେ ପୁଲିସ ବାହିନୀ ପୁନର୍ବାର ତାଙ୍କୁ ଧରି ପକାଇବାକୁ ବିଳମ୍ବ ନାହିଁ । ସେ ପକେଟରୁ ପିସ୍ତଲ ବାହାର କରି ସେମାନଙ୍କ ଆଡ଼କୁ ଗୁଳି କଲେ । କେହି ଆହତ ହେଲେ ନାହିଁ । ଜଣେ ଓଜନଦାର ହାବିଲଦାର ତାଙ୍କ ଉପରେ କଚାଡ଼ି ପଡ଼ି ତାଙ୍କୁ ତଳେ ପକାଇଦେଇ ପିସ୍ତଲଟି ହସ୍ତଗତ କରିବାକୁ ଚେଷ୍ଟା କଲା । କିନ୍ତୁ ପ୍ରଫୁଲ୍ଲ ସେ ଲୋକଟିକୁ ଠେଲିଦେଇ ନିଜକୁ ଗୁଳି କରି ପ୍ରାଣତ୍ୟାଗ କଲେ । କୌଣସି କୌଣସି ବିବରଣୀ ଅନୁସାରେ ନନ୍ଦଲାଲ ଉଦ୍ଦେଶ୍ୟରେ ତାଙ୍କର ଶେଷ କଥାଟି ଥିଲା ଏହିପରି : ''ତୁମେ ବଙ୍ଗବାସୀଟି ? ଏ କାମ କଲ କେମିତି ?'' ସେ ଆଦର୍ଶବାଦୀ ଯୁବକଙ୍କ ଧାରଣା ଥିଲା, ବଙ୍ଗବାସୀ ମାତ୍ରେ ବିପ୍ଳବୀମାନଙ୍କ ପ୍ରତି ସହାନୁଭୂତିଶୀଳ । ତାଙ୍କ ଧାରଣା ମୋଟା ମୋଟି ଭୁଲ୍ ନଥିଲା । କିନ୍ତୁ ନନ୍ଦଲାଲଙ୍କ ପକ୍ଷରେ ନିଜ ଚାକିରିର ଉନ୍ନତି ଦିଗରେ ଏଭଳି ଏକ ସୁଯୋଗ ତ୍ୟାଗ କରିବା ଥିଲା ଅସମ୍ଭବ !

ମଇ ମାସ ୧ ତାରିଖ ଦିନ ସନ୍ଧ୍ୟା ୬ଟାରେ ଏହା ସଂଘଟିତ ହେଲା । ପୁଲିସ ପ୍ରଫୁଲ୍ଲଙ୍କ ମୁଣ୍ଡ କାଟ କରି ସ୍ପିରିଟରେ ବୁଡ଼ାଇ ରଖି ସନାକ୍ତ ନିମନ୍ତେ କଲିକତା ପ୍ରେରଣ କଲା ।

(ନନ୍ଦଲାଲ ବାନାର୍ଜୀ ତା' କୃତିତ୍ୱର ପୁରସ୍କାର ରୂପେ ପାଇଲେ ଏକହଜାର ଟଙ୍କା । କିନ୍ତୁ ମାତ୍ର ଛଅଟି ମାସ ପରେ ପ୍ରକାଶ୍ୟ ଦିବାଲୋକରେ କଲିକତାର ଏକ ରାଜପଥରେ ପ୍ରଫୁଲ୍ଲଙ୍କର ଦୁଇଜଣ ମିତ୍ର ତାଙ୍କୁ ଗୁଳି କରି ହତ୍ୟା କଲେ । ସେ ଆତତାୟୀମାନଙ୍କୁ ଅବ୍ୟାହତ ଚେଷ୍ଟା ସତ୍ତ୍ୱେ ଠାବ କରିବାରେ ଅକ୍ଷମ ହେଲେ କର୍ତ୍ତୃପକ୍ଷ ।)

(କ୍ରମଶଃ)

❑❑❑

### ତଥ୍ୟ ନିର୍ଦ୍ଦେଶିକା


୧. W. S. Blunt : Diary II; "Struggle for Freedom" (ଭାରତୀୟ ବିଦ୍ୟାଭବନ, ମୁମ୍ବାଇ) ଗ୍ରନ୍ଥରେ ଐତିହାସିକ ଆର. ସି. ମଜୁମଦାରଙ୍କ ଦ୍ୱାରା ଉଦ୍ଧୃତ ।

୨. "Struggle for Freedom" ରେ ଐତିହାସିକ ଆର. ସି. ମଜୁମଦାରଙ୍କ ମନ୍ତବ୍ୟ ।

୩. ଐତିହାସିକ ବିପନ ଚନ୍ଦ୍ର : "India's Struggle for Freedom", Penguin Books, ୧୯୮୯ ।
୪. ଆର. ସି. ମଜୁମଦାରଙ୍କ ଉପରୋକ୍ତ ଗ୍ରନ୍ଥ ଦ୍ରଷ୍ଟବ୍ୟ ।
୫. The Karmayogin, SABCL, Vol. 2
୬. ଅବିନାଶ ଭଟ୍ଟାଚାର୍ଯ୍ୟ : 'ଅରବିନ୍ଦ'; ଶ୍ରୀଅରବିନ୍ଦ ସ୍ମୃତିକଥା, (ବଙ୍ଗଳା) ସଂପାଦକ – ସୁପ୍ରିୟ ଭଟ୍ଟାଚାର୍ଯ୍ୟ; ଶ୍ରୀଅରବିନ୍ଦ ଭବନ, କଲିକତା ।
୭. Alipore Trial Exhibit No. 3-11/2; "Sri Aurobindo Archives and Research", Vol. 5, April 1981.
୮. ବ୍ରିଟିଶ ସରକାରଙ୍କ Sedition Committee Report (Rowlat-Committee Report), ୧୯୧୮, Home Deptt. Govt. of India; ହେମେନ୍ଦ୍ର କୁମାର ରାୟଙ୍କର 'ବାଂଲାୟ ବିପ୍ଲବ ପ୍ରଚେଷ୍ଟା' (ବଙ୍ଗଳା), କମଳା ବୁକ୍ ଡିପୋ, କଲିକତା ତଥା ଅନ୍ୟାନ୍ୟ ପ୍ରାମାଣ୍ୟ ଉତ୍ସ ।
୯. କାଳିଚରଣ ଘୋଷ; The Roll of Honour, ବିଦ୍ୟାଭାରତୀ, କଲିକତା ।
୧୦. ହେମଚନ୍ଦ୍ର କାନୁନ୍‌ଗୋ : "ବାଂଲାୟ ବିପ୍ଲବ୍ ପ୍ରଚେଷ୍ଟା" ଏବଂ ସୁନୀଲ ଜାନା : "ଖୁଦୀରାମେର୍ ଫାଁସି" (ବଙ୍ଗଳା) Khudiram Centenary Memorial Publications; Dey's Publishing House, Kolkata.
୧୧. ସୁନୀଲ ଜାନା; "ଖୁଦୀରାମେର ଫାଁସି" ।
୧୨. କାଳିଚରଣ ଘୋଷ; The Roll of Honour, ବିଦ୍ୟାଭାରତୀ, କଲିକତା । ❑

*The best way to express one's gratitude to the Divine is to feel simply happy.*

*23 April 1954* - The Mother

**Collected Works of The Mother – 17 Vols.**
**Rs. 2500 only** *(Till stocks last)*

**The Great Adventure – A Diary for All Times : Rs. 200 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001
E-mail : vakbooks@gmail.com, Contact Person : S. Patnaik (+91 9489063512)

ଯୋଗସମନ୍ୱୟ (୮୦)

# ଅତିମାନସ ଇନ୍ଦ୍ରିୟ ବା ସଂଜ୍ଞାନ

## (୨)

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥ-ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ଚତୁର୍ବିଂଶ ଅଧ୍ୟାୟ – ''ଅତିମାନସ ଇନ୍ଦ୍ରିୟ (ସଂଜ୍ଞାନ)''
(**The Synthesis of Yoga, Part - IV, The Yoga of Self-Perfection, Chapter - XXIV "The Supramental Sense"**ର ଅବଲମ୍ବନରେ ।]

**ପୂର୍ଣ୍ଣଚନ୍ଦ୍ର ମହାପାତ୍ର**

ଏହି ଶିରୋନାମା ସମ୍ବଳିତ ପୂର୍ବବର୍ତ୍ତୀ ପ୍ରବନ୍ଧରେ ଆମେ ଆଧୁନିକ ମଣିଷର ମନକୁ ଆକର୍ଷିତ କଲା ଭଳି ଅତିମାନସ ଇନ୍ଦ୍ରିୟଲବ୍ଧ ବହୁ ଅଦ୍ଭୁତ ସୂକ୍ଷ୍ମ ସାମର୍ଥ୍ୟ ବିଷୟରେ ଆଲୋଚନା କରିଛୁ । ଏ ପ୍ରାବନ୍ଧିକ ସ୍ୱଚକ୍ଷୁରେ ବହୁ ବନ୍ଧୁଙ୍କ ଗହଣରେ ଦେଖିଛି, ତିରୁପତିରେ ପଢୁଥିବା ତାଙ୍କ ୧୨ ବର୍ଷର ପୌତ୍ର ଶ୍ରୀମାନ୍ ଅମୃତ ଜଣେ ଶିକ୍ଷକଙ୍କଠାରୁ 'The third eye' ସମ୍ପର୍କରେ ଦଶ, ପନ୍ଦର ଦିନ ଟ୍ରେନିଂ ନେଇ ନିଜର ଚକ୍ଷୁକୁ କଳା କନାରେ ଭଲ ଭାବରେ ବାନ୍ଧି 'The Synthesis of Yoga'ରୁ ଆମେ ଯେଉଁ ପୃଷ୍ଠା ଦେଖାଇଲୁ ତାକୁ ନିର୍ଭୁଲ ଓ ସ୍ପଷ୍ଟ ଭାବେ ପଢ଼ି ପାରିଲା । ସେ ମଧ୍ୟ ଝୁଡ଼ି ଭିତରେ ଥିବା ନାନା ରଙ୍ଗର ବଲ୍ ମଧ୍ୟରୁ ଆମ କହିବା ମୁତାବକ ନିର୍ଦ୍ଦିଷ୍ଟ ରଙ୍ଗର ବଲ୍ ଆଖିବନ୍ଦ ଅବସ୍ଥାରେ ଉଠାଇ ପାରୁଥିଲା ଓ ତାସର ପଛପଟରୁ ତାସକୁ ଚିହ୍ନାଇ ପାରୁଥିଲା । ତା'ର ଏପରି ନିର୍ଭ୍ରମ ତ୍ୱରିତ ନିର୍ଦ୍ଧାରଣ କିପରି ସମ୍ଭବ ହେଲା – ସମ୍ଭବତଃ ଏହା ଇନ୍ଦ୍ରିୟଗତ ତାଲିମ ଓ ଏକାଗ୍ରତାର ଅଭ୍ୟାସ ଯୋଗୁଁ ସମ୍ଭବ ହୋଇଥିଲା । ତା'ଠାରୁ ଶୁଣିଲୁ, କିଛି କାଳ ଅଧିକ ଅଭ୍ୟାସ କଲେ କାନ୍ଥ ଆର ପଟରେ କ'ଣ ଅଛି କହି ହେବ, କିଏ ଆସୁଛନ୍ତି ଜାଣିହେବ, ଆଖି ବନ୍ଦ କରି ଭିଡ଼ ରାସ୍ତାରେ ସାଇକେଲ ଚଳାଇ ହେବ । ଏଥିରେ ତନ୍ତ୍ର, ମନ୍ତ୍ର, ଯାଦୁବିଦ୍ୟା ବା ମେସ୍‌ମାରିଜିମ୍‌ର ଗନ୍ଧ ନଥିଲା । ଏସବୁ ଆମର ପ୍ରତ୍ୟକ୍ଷ ଅନୁଭୂତି, ଯାହା ଚକ୍ଷୁର ସମ୍ମୁଖରେ ଘଟିଥିଲା । ତା'ଠାରୁ ଶୁଣିଲି ତାଙ୍କ ଶିକ୍ଷକ ୧୨ ରୁ ୧୫ ବର୍ଷ ପିଲାମାନଙ୍କୁ କେବଳ ଏପରି ତାଲିମ ଦେଉଛନ୍ତି ।

ତେବେ ଏହାକୁ ମୁଁ ଅତିମାନସିକ-ଇନ୍ଦ୍ରିୟର କାର୍ଯ୍ୟ ବୋଲି କହିପାରିବି ନାହିଁ । କିନ୍ତୁ କିଛି intuitionର କାର୍ଯ୍ୟ ବା ଅତୀନ୍ଦ୍ରିୟ ମାନସିକ ବିକାଶର କାର୍ଯ୍ୟ ବୋଲି ଅନୁମାନ କରୁଛି । ଏଠାରେ ଭାବିବାର କଥା ଆମ ଭିତରେ ଅତିମାନସର କ୍ରିୟା ସମ୍ଭବ ହେଲେ ଆମର ଅଜ୍ଞାତ ଶକ୍ତି, ସାମର୍ଥ୍ୟ ପ୍ରକାଶ ପାଇବ । ପ୍ରକୃତରେ ଆମ ମଧ୍ୟରେ ଯେତିକି ଶକ୍ତି ସାମର୍ଥ୍ୟ ପ୍ରକାଶିତ ହୋଇଛି, ତାହା ଆମ ମଧ୍ୟରେ ସଂଗୁପ୍ତ ଶକ୍ତିର ଦଶମାଂଶ ମାତ୍ର । ଇନ୍ଦ୍ରିୟମାନଙ୍କୁ ପ୍ରଶିକ୍ଷିତ କଲେ ସେମାନଙ୍କର ଅସାଧାରଣ ସାମର୍ଥ୍ୟ ପ୍ରକାଶ ପାଇବ, ଏହା 'ଶିକ୍ଷା' ପୁସ୍ତକରେ ଶ୍ରୀମା-ଶ୍ରୀଅରବିନ୍ଦ ସୂଚନା ଦେଇଛନ୍ତି । ଆଜି ଆମେ ଶିକ୍ଷା ସହିତ ଡିଗ୍ରୀ, ଡିପ୍ଲୋମା ଅର୍ଜନ ଓ ତା' ମାଧ୍ୟମରେ ଧନ, ସମ୍ମାନ, ସମ୍ଭୋଗ ଖୋଜୁଛୁ । ସମୁଦ୍ରରେ ଭାସମାନ ବରଫପର୍ବତର ସାମାନ୍ୟ ଅଂଶ ଜଳର ଉପରି ଭାଗରେ ଦୃଶ୍ୟମାନ ହେଉଥିଲେ ମଧ୍ୟ ଅଧିକାଂଶ ଭାଗ ଜଳରେ ନିମଜ୍ଜମାନ ଥାଏ । ସେହିପରି ଆମର ଅଧିକାଂଶ ଶକ୍ତି-ସାମର୍ଥ୍ୟ ଅବଚେତନା ଓ ମଗ୍ନଚେତନା ମଧ୍ୟରେ ରହିଛି । ଆମେ ଯଦି ଆମ ଅନ୍ତରରେ ସଂଗୁପ୍ତ ଶକ୍ତିମାନଙ୍କୁ ପ୍ରକାଶ କରିବାରେ ଆଗ୍ରହୀ ନହୋଇ କେବଳ ବାହ୍ୟ ଜଗତକୁ ବୈଜ୍ଞାନିକ ଦୃଷ୍ଟିରେ ଆକଳନ କରିଚାଲୁ, ବହି ପାଠକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେଉ, ଆମର ଜ୍ଞାନ ଗ୍ରହଣର ଅନ୍ୟ ମାର୍ଗକୁ ଅବହେଳା କରୁ ତେବେ ଯୋଗୀ-ଋଷିମାନେ ଯେଉଁ ସବୁ ସୂକ୍ଷ୍ମ ଶକ୍ତିମାନଙ୍କୁ ପ୍ରାପ୍ତ କରିଥିଲେ ତାହା ନିଶ୍ଚୟ ହରାଇ ବସିବା । ପାଶ୍ଚାତ୍ୟ ଶିକ୍ଷା ଆମକୁ ବୈଜ୍ଞାନିକ କରିପାରେ । କିନ୍ତୁ ତାହା ଯୋଗୀ କରିବାକୁ ଅସମର୍ଥ । କାରଣ ଆମେ ସର୍ବଦା ବହିର୍ମୁଖ ହୋଇ ରହିଛୁ, ଅନ୍ତର୍ମୁଖୀ ନୋହୁଁ । ଅନ୍ତରର ବିଶାଳ ଶକ୍ତି ଓ ଚେତନା ରାଜ୍ୟର ଚାବି ସର୍ବଦା ରହିଛି ଯୋଗ ସାଧନାରେ; ଯାହା ଦିଏ ଅନ୍ତର୍ଦୃଷ୍ଟି ଓ ଅସାଧାରଣ

ସାମର୍ଥ୍ୟ । ଶ୍ରୀଅରବିନ୍ଦ ଆମକୁ ସେହି ଅନ୍ତରର ଶକ୍ତି ଭଣ୍ଡାର ଦିଗରେ ଅଙ୍ଗୁଳି ନିର୍ଦ୍ଦେଶ କରି ଯାଇଛନ୍ତି, ଯାହାକୁ କି ଆମେ ଏଯାଏଁ ଆମର ଅସାଧ ବା ଆମ ପାଇଁ ଅନାବଶ୍ୟକ ବୋଲି ଭାବି ନେଇ ନିଜର ମନଶ୍ଚେତନାକୁ ଜାବୁଡ଼ି ଧରିଛୁ, ମୂର୍ଖ ଭାବରେ ଉଚ୍ଚତର ଚେତନା ଦିଗରେ ଅଗ୍ରଗତି କରୁ ନାହୁଁ ।

ଏତିକି ମାତ୍ର ଏ ପ୍ରବନ୍ଧର ମୁଖବନ୍ଧ ରୂପେ ଉଲ୍ଲେଖ କରି ମୂଳ ପ୍ରସଙ୍ଗକୁ ଯିବା । ଆମେ ଜାଣିବା ଆମର ଏବେକାର ଜ୍ଞାନ ଡିବିରି ବା ଲଣ୍ଠନ ଆଲୁଅ ସଦୃଶ ଏବଂ ଆମେ ଯେଉଁ ଜ୍ଞାନ ସାଧନା ବଳରେ ଅଧିକାରୀ ହୋଇପାରୁ ତାହା ସୂର୍ଯ୍ୟାଲୋକ ସମ ।

ଅଧୁନା ମନୁଷ୍ୟ ଅଛି ମନ ସ୍ତରରେ । ତାକୁ ଏହି ଭୂମିରୁ ସର୍ବୋଚ୍ଚ ଚେତନାଭୂମି ଅତିମାନସକୁ ଯିବାକୁ ହେବ । ଆମର ସତ୍ତାକୁ ଅତିମାନସ ପୁରୁଷୋତ୍ତମ ସତ୍ତାରେ ରୂପାନ୍ତରିତ କରିବାକୁ ହେବ । ସମଗ୍ର ପ୍ରକୃତି ଓ ତା'ର କ୍ରିୟା, ତା'ର ସକଳ ଅଙ୍ଗକୁ ରୂପାନ୍ତରିତ କରିବାକୁ ହେବ । ମନକୁ ଏପରି ଶୁଦ୍ଧ, ନିଷ୍କ୍ରିୟ ଓ ସ୍ଥିର କରିବାକୁ ହେବ ଯାହା ଫଳରେ ପ୍ରଥମ ସ୍ତରରେହିଁ ଏଥିରେ ଅତିମାନସ ଶକ୍ତି ସ୍ୱଚ୍ଛନ୍ଦ ଭାବେ କ୍ରିୟା କରିପାରିବ, ଏପରିକି ଏହା ଯୋଗୁଁ ମନ ଶେଷରେ ଅତିମାନସରେ ରୂପାନ୍ତରିତ ହୋଇଯିବ । ଏହା ମାଧ୍ୟମରେ ପ୍ରାଣ ମଧ୍ୟକୁ ଏପରିକି ବାହ୍ୟ ଜଗତକୁ ଅତିମାନସର ପ୍ରବାହ ସମ୍ଭବ ହେବ । ଏଣୁ ଆମ ସ୍ଥୂଳ ଶ୍ରବଣ, ଦର୍ଶନ ଓ ସ୍ପର୍ଶ ହୋଇଯିବ ଅତିମାନସିକ ଶ୍ରବଣ, ଦର୍ଶନ ଓ ସ୍ପର୍ଶ । ଆମର ଭୌତିକ ସତ୍ୟାନୁଭୂତି ସହ ବର୍ତ୍ତମାନ ଅତିଭୌତିକ ସତ୍ୟାନୁଭୂତି ସଂଯୁକ୍ତ ହୋଇଯିବ । ଫଳରେ କୌଣସି ପ୍ରକାରେ ସାମାନ୍ୟ ମିଥ୍ୟା ରହିବ ନାହିଁ, ସବୁ ଦର୍ଶନ ଓ ଶ୍ରବଣ ହେବ ସତ୍ୟ, ସରସ, ସୁନ୍ଦର ଓ ମଧୁର ।

ପୂର୍ବବର୍ତ୍ତୀ ପ୍ରବନ୍ଧରେ ଆମେ ଭାବନା ତଥା ଚେତନା ସ୍ତରରେ ରୂପାନ୍ତରର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲୁ । ଏବେ ଭୌତିକ ଇନ୍ଦ୍ରିୟମାନଙ୍କର ରୂପାନ୍ତରରେ ଅନୁରୂପ ପ୍ରଭାବ ଅନୁଭବ କରିବା । ଆମର ଦୃଷ୍ଟି ଅର୍ଜନ କରିବ ସମଗ୍ରତା । ଏହା ହେବ ଅପରୋକ୍ଷ ଓ ବ୍ୟାପକ, ବସ୍ତୁର ରୂପ କେବଳ ନୁହେଁ, ତା'ର ଅନ୍ତରାତ୍ମା, ତା' ସୃଷ୍ଟିର ଗୂଢ଼ ରହସ୍ୟ, ସବୁ ଏବେ ସ୍ପଷ୍ଟ ହୋଇଯିବ ।

ସବୁ ଈଶ୍ୱରଙ୍କ ଶକ୍ତି । 'ନାଶିବଂ ବିଦ୍ୟତେ କ୍ୱଚିତ୍' । ସବୁହିଁ ଈଶ୍ୱର । ଏବଂ ସେହି ବ୍ରହ୍ମହିଁ ସ୍ୱୟଂ ଶକ୍ତି ''ବ୍ରହ୍ମୈବ ଶକ୍ତିଃ'' (କୁଳାର୍ଣ୍ଣବ ତନ୍ତ୍ର) । ଅତିମାନସ ହେଉଛି ବ୍ରାହ୍ମୀ ଶକ୍ତି । ଈଶ୍ୱରଙ୍କ ଦିଗରେ ଆମର ଯେତେ ଅଗ୍ରଗତି ଘଟିବ, ତଦନୁସାରେ ତାଙ୍କର ଶକ୍ତି ଓ ଚେତନା ଆମ ମଧ୍ୟରେ ସେତେ ପ୍ରକାଶ ପାଇବ । ମା ଗୋଟିଏ ସ୍ଥାନରେ କହୁଛନ୍ତି ତାଙ୍କର ନାମଜପ ଦ୍ୱାରା ଚତୁର୍ବିଧ ଶକ୍ତିକୁ ନେଇ ସେ ବ୍ୟକ୍ତି ମଧ୍ୟରେ ପ୍ରକାଶିତ ହୁଅନ୍ତି । ଅବଶ୍ୟ ନିଷ୍ଠା ଓ ଭକ୍ତି ତଥା ସମର୍ପଣ ବର୍ଜିତ ବାହ୍ୟ ନାମଜପ ନିଷ୍ଫଳ ନହେଲେ ବି ତାହା ବ୍ୟକ୍ତିର ସାଧନାରେ ପରିପୂର୍ଣ୍ଣତା ଆଣି ନପାରେ; ତାହା କେବଳ ମାତ୍ର ହୋଇପାରେ ସାଧନାର ଭିତ୍ତି ପ୍ରସ୍ତୁତି ।

ଆମେ ଜାଣୁ ଜଡ଼ଠାରୁ ପରମେଶ୍ୱର ଭୂମି ଯାଏ ଚେତନାର ବହୁ ପାବଚ୍ଛ ଅଛି । ଆମେ ଯେଉଁ ଭୂମିକୁ ଆରୋହଣ କରିବା କେବଳ ସେଇ ଚେତନାର ଭୂମିକୁ ଜାଣି ପାରିବା, ଏକ ନୂତନ ଦିଗ୍‌ବଳୟ ଆମ ଆଗରେ ଖୋଲିଯିବ । ତେବେ ଏଥିପାଇଁ ଆମ ଅନ୍ତରାତ୍ମାର ଦ୍ୱାର ଉଦ୍‌ଘାଟନ କରିବା ହେଉଛି ପ୍ରଥମ ଆବଶ୍ୟକତା । ''But in fact there are immense ranges behind of which we could be aware if we opened the doors of our inner being. These ranges are there already in action and known to a subliminal self in us, and much even of our surface consciousness is directly projected from them and without our knowing it influences our subjective experience of things.'' (*The Synthesis of Yoga p. 871*)

ଏହି ନବୀନ ଅନୁଭୂତି ନୂତନ ଚେତନାର ଉନ୍ମୋଚନ ଦ୍ୱାରା ହୋଇଥାଏ । କିନ୍ତୁ ଏହା ପୂର୍ବରୁ ଆମର ଅଜ୍ଞାତ ମନୋଭାବ ରହିଥାଏ । ଏସବୁର କ୍ରିୟା ମଧ୍ୟ ଆମ ପାଇଁ ଅଜଣା ଥାଏ । ତେବେ ମଗ୍ନ-ମାନସ ଭୂମିରେ ଏହା ଜଣାଥାଏ । ଆମର ସ୍ଥୂଳ ଚେତନାରେ ଏହାର ପ୍ରଭାବ ରହିଥାଏ । କିନ୍ତୁ ଆମର ସ୍ଥୂଳ ଇନ୍ଦ୍ରିୟ ଏହା ଜାଣିବାକୁ ସେତେବେଳେ ଅକ୍ଷମ ଥାଏ ।

ଯେତେବେଳେ ଭୌତିକ ଇନ୍ଦ୍ରିୟଗୁଡ଼ିକ ଅତିମାନସିକ ଶକ୍ତିରେ ପରିଣତ ହୋଇଯିବ ସେତେବେଳେ ଅତିମାନସ ସତ୍ତାର ପ୍ରଭାବ ବଳରେ ଆମର ସ୍ଥୂଳ ଦୃଷ୍ଟି ବଦଳି ଯିବ । ଫଳରେ ପୂର୍ବେ ଦେଖୁଥିବା ବସ୍ତୁ, ବ୍ୟକ୍ତି ଓ ପୃଥିବୀକୁ ଆମେ ଭିନ୍ନ ଦୃଷ୍ଟିରେ ଦେଖିବା । ଏହି ଦୃଷ୍ଟିରେ ରହିବ ସ୍ପଷ୍ଟତା, ସମଗ୍ରତା ଓ ଅପରୋକ୍ଷତା । ବସ୍ତୁର ସମଗ୍ରତା, ତା'ର ଅନ୍ତର୍ନିହିତ ସତ୍ୟ ସବୁକିଛି ଟିକିନିଖି ଜାଣିହେବ । ପ୍ରତ୍ୟେକ ବସ୍ତୁରେ ପ୍ରକୃତି ଅଭିପ୍ରେତ ସତ୍ୟ ସ୍ପଷ୍ଟ ହୋଇଯିବ । ଏ ଦୃଷ୍ଟି ମନେହେବ

ଯେପରି ପରମ ଦିବ୍ୟ-କବି ବା କଳାକାରର ଦୃଷ୍ଟି । ଏହାକୁ କୁହାଯାଇପାରେ ସମ୍ପୂର୍ଣ୍ଣ ଦର୍ଶନ । ଏ ଦର୍ଶନରେ ରହିବ ସୀମାହୀନତା ଓ ପ୍ରଗାଢ଼ତା । ଆମ ଭୌତିକ ଚକ୍ଷୁ ସେତେବେଳେ ଲାଭ କରିବ ଚିନ୍ମୟତା । ଏଣୁ ବସ୍ତୁଟିଏ ଦେଖିଲେ ଦୃଷ୍ଟି ବାହ୍ୟ ରୂପ, ଗୁଣରେ ଅଟକି ନଯାଇ ତା'ର ଅନ୍ତର୍ନିହିତ ଆତ୍ମାର ଗୁଣ, ଶକ୍ତି, ସାମର୍ଥ୍ୟ ଓ ଉପାଦାନକୁ ଅନୁଭବ କରିପାରିବ । ଏହା ମଧ୍ୟରେ ବିଶ୍ୱାତ୍ମାର ଉଦ୍‌ଘାଟନ ମଧ୍ୟ କରି ହେବ ।

ଏଇ ଅବସ୍ଥାରେ ଆମର ଦୃଷ୍ଟିର ଏକ ସୂକ୍ଷ୍ମ ପରିବର୍ତ୍ତନ ଘଟିବ । ଏହା ଦ୍ୱାରା ଚକ୍ଷୁ ଚତୁର୍ଥ ସୀମା ବା ଆମର ଚତୁର୍ଥ ଦୃଷ୍ଟି (fourth dimension) ଦେଇ ଦେଖିବାକୁ ସମର୍ଥ ହେବ । ଏହା ଏକ ସୁନିର୍ଦ୍ଦିଷ୍ଟ ଅନ୍ତର୍ଗତତା । ଯାହା ବାହ୍ୟ ରୂପକୁ ପ୍ରେରିତ କରି ରହିଛି, ଯାହା ତା'ର ଚତୁଃପାର୍ଶ୍ୱରେ ପ୍ରସାରିତ, ତାହାକୁ ଦେଖି ହେବ । ଏହା ବସ୍ତୁର ଉଭୟ ସ୍ଥୂଳ ଓ ସୂକ୍ଷ୍ମ ରୂପକୁ ଏକ ସମୟରେ ଦେଖିପାରିବ ।

କେବଳ ଦୃଷ୍ଟି କ୍ଷେତ୍ରରେ ନୁହେଁ, ଶ୍ରୁତି ଓ ସ୍ପର୍ଶ କ୍ଷେତ୍ରରେ ବି ଏକ ରୂପାନ୍ତର ଘଟିବ । ଏହା ବି ଘଟିବ ସବୁ ଇନ୍ଦ୍ରିୟ କ୍ଷେତ୍ରରେ । ପୂର୍ବରୁ ସ୍ଥୂଳ କାନ ଯାହା ଶୁଣୁଥିଲା, ଏବେ ତା'ର ଶୁଣିବାର ସାମର୍ଥ୍ୟ ବହୁ ବିସ୍ତୃତ ହେବ । ଶବ୍ଦ ଶରୀର ମଧ୍ୟରେ ତା'ର ଗୁଣ, ଛନ୍ଦୋମୟ ଶକ୍ତି, ଏପରିକି ତା'ର ଆତ୍ମା ତଥା ତା'ର ପ୍ରକାଶର ଅଭିବ୍ୟକ୍ତି ଓ ବିଶ୍ୱମୟ ଚିଦ୍‌ଗତତା ବୁଝାଯିବ । ଆମ କର୍ଣ୍ଣ ଏବେ ଅନନ୍ତଙ୍କ ଶ୍ରବଣ ଗୋଚର ଅଭିବ୍ୟକ୍ତି ଓ ନିରବତାର ବାଣୀ ଶୁଣିପାରିବ । ଯେତେବେଳେ ଶ୍ରୁତିର ଅତିମାନସ ରୂପାନ୍ତର ଘଟିଥାଏ ସେତେବେଳେ ଆମ ନିକଟରେ ଈଶ୍ୱର ଧ୍ୱନିରୂପେ ଅବତୀର୍ଣ୍ଣ ହୋଇଉଠନ୍ତି । ସକଳ ଧ୍ୱନି ବିଶ୍ୱଗତ ଐକ୍ୟତାନର ଲୟ, ସଂଗତି ମଧ୍ୟରେ ଏକ ଛନ୍ଦ ରୂପେ ଅନୁଭୂତ ହୁଏ । ସମସ୍ତ ଇନ୍ଦ୍ରିୟ ମଧ୍ୟ ଦେଇ ଘଟିବ ବ୍ରହ୍ମସ୍ପର୍ଶର ଅମୃତାନନ୍ଦର ଆହରଣ ଓ ଆସ୍ୱାଦନ । ଅତିମାନସ ସଜ୍ଞାନରେ ସବୁକିଛି ଅନୁଭୂତ ହୁଏ ବ୍ରହ୍ମ ରୂପରେ, ପୁଣି ତା'ର ଅନୁଭୂତି ହୁଏ ବ୍ରହ୍ମ ମଧ୍ୟରେ । ଅତିମାନସ ଭୂମିରେ ତାଦାତ୍ମ୍ୟ ଜ୍ଞାନ, ବିଜ୍ଞାନ ଏବଂ ପ୍ରଜ୍ଞାନ ଘନୀଭୂତ ଓ ସାକାର ହୁଏ ପ୍ରଜ୍ଞାନରେ । ଉପନିଷଦ୍‌ରେ ଅଛି ବ୍ରହ୍ମଗନ୍ଧ, ବ୍ରହ୍ମରସ, ବ୍ରହ୍ମତେଜଃ, ବ୍ରହ୍ମସ୍ପର୍ଶର ବିଷୟ । ଏହା କଳ୍ପନା ନୁହେଁ, ରୂପକ ନୁହେଁ, ସଜ୍ଞାନର ଚିନ୍ମୟ ବୃତ୍ତି ଦ୍ୱାରା ତନ୍ମୟ, ପ୍ରତ୍ୟକ୍ଷ । ପ୍ରାକୃତ ଇନ୍ଦ୍ରିୟ ଦ୍ୱାରା ବ୍ରହ୍ମାନ୍ୱେଷଣର ପ୍ରାରମ୍ଭ ହୋଇପାରେ, କିନ୍ତୁ ଏଥିରେ କିଛି ପରିମାଣରେ ଆନନ୍ଦ, ଉଲ୍ଲାସ ମିଳିଲେ ମଧ୍ୟ ଏଠାରେ ପୂର୍ଣ୍ଣତା ନଥାଏ । କେବଳ ବାହ୍ୟ ଜଗତର ରୂପ, ରସ, ଗନ୍ଧ ଅନୁଭୂତ ହୁଏ । କିନ୍ତୁ ଶାସ୍ତ୍ର କହେ 'ସର୍ବଂ ଖଳ୍ୱିଦଂ ବ୍ରହ୍ମ' । ଏଇ ବ୍ରହ୍ମଘୋଷ ସେତେବେଳେ ସଫଳ ହୁଏ ଯେତେବେଳେ ପରମେଶ୍ୱର ବାହାରେ ଓ ସକଳଙ୍କ ଭିତରେ ଏକା ଭଳି ଅନୁଭୂତ ହୁଅନ୍ତି ।

ଅତିମାନସିକ ଭାବାନୁପ୍ରେରିତ ସ୍ପର୍ଶ ଯାବତୀୟ ବସ୍ତୁରେ ସେହି ପରମେଶ୍ୱରଙ୍କ ସ୍ପର୍ଶ ଲାଭ କରେ । ସେସବୁକୁ ପରମ ଦିବ୍ୟତା ରୂପେ ଜାଣେ । ଏହି ସ୍ପର୍ଶ ମଧ୍ୟରେ ବସ୍ତୁ ପଶ୍ଚାତରେ ଯାହା ନିହିତ ତାହା ଅନୁଭୂତ ହୁଏ । ଅନ୍ୟ ଇନ୍ଦ୍ରିୟମାନଙ୍କ କ୍ଷେତ୍ରରେ ଏହିପରି ରୂପାନ୍ତର ମଧ୍ୟ ଘଟେ ।

ଅତିମାନସ ରୂପାନ୍ତର ହେତୁ ଇନ୍ଦ୍ରିୟମାନଙ୍କର ଅନେକ ନୂତନ ସାମର୍ଥ୍ୟ ପ୍ରକାଶ ପାଏ । ଏହାର କ୍ଷେତ୍ର ମଧ୍ୟ ବହୁ ବିସ୍ତାରିତ ହୋଇଯାଏ । ଭୌତିକ ଚେତନାର ସୀମା ଏହା ଯୋଗୁଁ ଭାଙ୍ଗିଯାଏ । ଫଳରେ ବହୁ ଦୂରରେ ଅବସ୍ଥିତ ବସ୍ତୁ ଯାହାକୁ ସାଂପ୍ରତିକ, ଭୌତିକ ଇନ୍ଦ୍ରିୟମାନେ ଜାଣିବାକୁ ଅକ୍ଷମ ତାହା ଦେଖିହୁଏ, ତା'ର ପୂର୍ଣ୍ଣରୂପ ଓ ଭୌତିକ ସ୍ପର୍ଶ ଲାଭ କରିପାରେ । କାରଣ ସକଳ ଇନ୍ଦ୍ରିୟ ଦିବ୍ୟଶକ୍ତି ଦ୍ୱାରା ପରିପୂର୍ଣ୍ଣ ହୋଇଯାଏ । ପ୍ରତ୍ୟେକ ବସ୍ତୁ ମଧ୍ୟରେ ପ୍ରଗାଢ଼ ଅନୁଭୂତି ଲାଭ ହୁଏ ଏବଂ ସବୁରେ ଅନୁଭୂତ ହୁଏ ସୁସଂଗତି ଓ ବ୍ରହ୍ମାନନ୍ଦ । ଯାହାସବୁ ଇନ୍ଦ୍ରିୟମାନଙ୍କୁ କର୍କଶମୟ ଅନୁଭୂତ ହେଉଛି, କଷ୍ଟସାଧ୍ୟ ଲାଗୁଛି, ସେଠାରେ ଅନୁଭୂତ ହୁଏ ବିଶ୍ୱସ୍ପନ୍ଦନର ମଧୁର ଛନ୍ଦୋମୟତା । ସବୁ ସୃଜନ ପଶ୍ଚାତରେ ଥିବା ସ୍ରଷ୍ଟାର ଉଦ୍ଦେଶ୍ୟ ଏବେ ସ୍ପଷ୍ଟ ହୋଇଯାଏ ।

ଆମେ ସର୍ବଦା ଆମ ସ୍ଥୂଳ ଇନ୍ଦ୍ରିୟ ଅନୁଭବର ସୀମା ବାହାରେ ଥିବା ବସ୍ତୁକୁ ଅନୁମାନ ବା କଳ୍ପନା ବୋଲି କହିଥାଉ । ଆମର ଅନ୍ତର୍ଗତ ସତ୍ତାଗୁଡ଼ିକର ଦ୍ୱାରକୁ ଉନ୍ମୋଚନ କରି ଦେଲେ ଆମେ ସେବିଷୟରେ କେବଳ ଜ୍ଞାନବାନ୍ ହୋଇପାରିବା । କିନ୍ତୁ ଶରୀରସ୍ଥ ମନ, ଯାହାର ଜ୍ଞାନର ଆହରଣରେ ସ୍ଥୂଳ ଇନ୍ଦ୍ରିୟମାନେ ଅବଲମ୍ବନ ମାତ୍ର ହୋଇଯା'ନ୍ତି, ଯେତେବେଳେ ସେ ପ୍ରାଣିକ ବୋଧ୍ ଓ ପ୍ରାଣିକ ଇନ୍ଦ୍ରିୟଶକ୍ତି ଲାଭ କରେ ସେତେବେଳେ ସେ ଶରୀର ସାଧନ ନିର୍ଭର ହୁଏ ନାହିଁ । ଶାରୀରିକ ସାଧନଗୁଡ଼ିକ ତା' ପାଇଁ ଗୌଣ ମାଧ୍ୟମ ହୋଇଯାଆନ୍ତି, ଅତିମାନସ ରୂପାନ୍ତର ଫଳରେ ପ୍ରାକୃତ ଦେହ ଚେତନାର ସଙ୍କୋଚ ଭାଙ୍ଗିଯିବାରୁ ଏହା ସମ୍ଭବ ହୁଏ । କାରଣ ଏହି ଶରୀର ହୋଇଯାଏ ବ୍ରହ୍ମାନୁଭବ ଦ୍ୱାରା ''ଆକାଶଶରୀରମ୍'' । ବ୍ରହ୍ମାଣ୍ଡ ବର୍ତ୍ତମାନ ପିଣ୍ଡ ମଧ୍ୟରେ

ପ୍ରକଟିତ ଓ ପିଣ୍ଡ ବିକୀର୍ଣ୍ଣ ହୁଏ ବ୍ରହ୍ମାଣ୍ଡରେ, ତଦ୍ଦ୍ୱାରା ପ୍ରକାଶ ପାଏ ସର୍ବାତ୍ମଭାବ । ସେତେବେଳେ ସକଳ ବସ୍ତୁରେ, ଘଟଣା ଓ ବସ୍ତୁମାନଙ୍କ ମଧ୍ୟରେ ଚେତନାମୟ ବିଶ୍ୱପ୍ରାଣଶକ୍ତିର କ୍ରିୟାନୁଭବ ଆମର ସମ୍ଭବ ହୁଏ । ଜୀବନ ହୁଏ ବିଶ୍ୱମୟ ପରମ ପ୍ରାଣର ଏକ ଅନୁ-ରୂପାନ୍ତର । ଏଠାରେ ପ୍ରତ୍ୟେକଟି ରୂପ ଓ ଘଟଣା ଶକ୍ତିଚୟର ଏକ ପରିଣାମ ଓ ମୂର୍ତ୍ତ ଆକାର ଭାବରେହିଁ ଅନୁଭବ ହୁଏ ।

ଅତିମାନସ ଚେତନା ଯେତେବେଳେ ଭୌତିକ ସତ୍ତାର ସର୍ବ ଆବରଣ ଛିନ୍ନ କରିଦିଏ ସେତେବେଳେ ବ୍ୟକ୍ତି କେବଳ ଭୌତିକ ଶରୀର ମଧ୍ୟରେ ବାସ କରେ ନାହିଁ, ସେ ମଧ୍ୟ ପ୍ରାଣର ଶରୀରରେ ବାସ କରି ପାରେ । ଶରୀରସ୍ଥ ଶକ୍ତିଗୁଡ଼ିକର ସହାୟତା ପାଇଁ ପ୍ରାଣର ଜାଗୃତ ଚେତନାରୁ ଶକ୍ତି ସେତେବେଳେ ଆହୃତ ହୋଇପାରେ । ପ୍ରାଣର ଏହି ଅନ୍ତଃ ପ୍ରବାହ ଦ୍ୱାରା ସ୍ୱାସ୍ଥ୍ୟ ଓ ରୋଗର ଅବସ୍ଥା ଓ କାରଣ ସହ ସଂଯୁକ୍ତି ଘଟେ । ସ୍ୱାସ୍ଥ୍ୟର ବିକାଶରେ ଏଥିଯୋଗୁଁ ସହାୟତା ମିଳେ । ଏହି ଅନ୍ତଃ ପ୍ରବାହ ଆମର ପ୍ରାଣିକ ଶକ୍ତି ବୃଦ୍ଧିରେ ମଧ୍ୟ ସହାୟତା ହୋଇଥାଏ । କେବଳ ଏତିକି ନୁହେଁ, ବ୍ୟକ୍ତି ଅନ୍ୟମାନଙ୍କର ପ୍ରାଣ-ସମ୍ବେଗମୟ ପରିବେଶକୁ ଅନୁଭବ କରିବା ସହ ସେମାନଙ୍କ ସହ ପ୍ରାଣିକ ଆଦାନ ପ୍ରଦାନରେ ସମର୍ଥ ହୋଇପାରେ । ପୂର୍ବେ ବ୍ୟକ୍ତି ପାଇଁ ଯେଉଁ ଯେଉଁ ବ୍ୟାପାର ଅସ୍ପଷ୍ଟ ଥିଲା, ପ୍ରାଣିକ ଭୂମିରେ ପ୍ରବେଶ କରି ସେ ତାହା ସ୍ପଷ୍ଟ ରୂପେ ଜାଣିପାରେ । ପ୍ରାଣ ହୋଇ ଉଠେ ଆତ୍ମାର ସ୍ୱଶକ୍ତି । ଏହା ମାଧ୍ୟମରେ ଆତ୍ମା ସୂକ୍ଷ୍ମ ଓ ସ୍ଥୂଳ ପଦାର୍ଥ ଉପରେ କ୍ରିୟାଶୀଳ ହୋଇପାରେ, ଆତ୍ମା ଏହା ଯୋଗୁଁ ଜଡ଼ ଜଗତ୍ ମଧ୍ୟରେ ସ୍ୱାଭାବିକ ଭାବେ ରୂପ ଗଠନରେ ସଫଳ ହୋଇଯାଏ ।

ଯେତେବେଳେ ଏହାର ପରିଣାମସ୍ୱରୂପ ବ୍ୟକ୍ତି ତା'ର ଜୀବନର ସମୟକାଳ ମଧ୍ୟରେ ପ୍ରାଣିକ ସୀମାକୁ ଅତିକ୍ରମ କରି ବିଶ୍ୱଗତ ପ୍ରାଣଶକ୍ତି ମଧ୍ୟରେ ବାସ କରେ ସେତେବେଳେ ବିଶ୍ୱ-ଶକ୍ତିର ମହାସାଗରକୁ ସେ ଅନୁଭବ କରେ ଅନ୍ତରଙ୍ଗ ଭାବେ । ସେ ହୋଇ ଉଠେ ଏହି ମହାଶକ୍ତିର ଅବିଭକ୍ତ କେନ୍ଦ୍ର । ଏପରି ସ୍ଥିତିରେ ଚେତନାମୟ ପରମାଶକ୍ତି ପରମଙ୍କ ଦିବ୍ୟତା ସହ ନିଜକୁ ଚିତ୍‌ଶକ୍ତିରୂପେ ପ୍ରକଟ କରିଦିଅନ୍ତି । ଯିଏ ବିଶ୍ୱଗତ ଆତ୍ମସତ୍ତା ଥିଲା ସେ ବର୍ତ୍ତମାନ ବିଶ୍ୱାତୀତ ଆତ୍ମସତ୍ତାରେ ପରିଣତ ହୋଇଯାଏ । କାରଣ ପରମ ଆତ୍ମସତ୍ତା ଓ ପରମ ପୁରୁଷଙ୍କର ଏହା ଶକ୍ତିମତ୍ତା ରୂପେ ପ୍ରକଟିତ ।

ତଥାପି ଯେତେବେଳ ଯାଏ ମନୋମୟ ସ୍ତରଟି ଥିବ ସେତେବେଳ ଯାଏ ବ୍ୟକ୍ତିର ଅନୁଭବ ପ୍ରାଣଗତ ଭୂମିମାନଙ୍କୁ ଅତିକ୍ରମ କରିପାରିବ ନାହିଁ । ବିସ୍ତାରିତ ଇନ୍ଦ୍ରିୟାନୁଭବ ଓ ଜ୍ଞାନ ମଧ୍ୟରେ ମଧ୍ୟ ସ୍ପଷ୍ଟତା ନଥିବ । ମାତ୍ର ଯେତେବେଳେ ପ୍ରାଣର ଅତିମାନସିକ ରୂପାନ୍ତର ଘଟିବ ସେତେବେଳେ ପ୍ରାଣିକ ଶକ୍ତି ପଛରେ ଥିବା ଆଧ୍ୟାତ୍ମିକ ଭାବର ଉଦ୍‌ଘାଟନ ଘଟିବ । ସବୁ ଅସ୍ପଷ୍ଟତା ଦୂର ହୋଇଯିବ ।

ଆମର ସେହି ସମୟରେ ପ୍ରାଣିକ ଚେତନାର ଅତିମାନସିକ ରୂପାନ୍ତର ଘଟେ, ଯେଉଁ ସମୟରେ ଆମେ ଆଉ ସ୍ଥୂଳ ଶରୀର ମଧ୍ୟରେ ଆବଦ୍ଧ ହୋଇ ରହି ନଥାଉ । ଆମେ ତାକୁ ଭେଦ କରି ପ୍ରାଣମୟ ଶରୀରରେ ମଧ୍ୟ ବାସ କରିପାରୁ । ଶରୀର ଓ ପ୍ରାଣ ମଧ୍ୟରେ ଥିବା ଆଚ୍ଛାଦନ ଏବେ ଛିନ୍ନ ହୋଇଯାଏ । ଆମ ଚତୁଃପାର୍ଶ୍ୱରେ ଥିବା ବ୍ୟକ୍ତି ଓ ସମାଜରୁ ଯେଉଁ ସ୍ପନ୍ଦନ ଆସେ ଆମେ ତାକୁ ଏବେ ସ୍ପଷ୍ଟରୂପେ ଜାଣିପାରୁ । କାରଣ ଏବେ ଆମ ବିଶ୍ୱଭାବାପନ୍ନ ବ୍ୟକ୍ତିତ୍ୱ ପରମ ପୁରୁଷଙ୍କର ଏକ ସାଧନ । ବିଶ୍ୱପ୍ରକୃତି, ସକଳ ବସ୍ତୁ, ସକଳ ବ୍ୟକ୍ତିଙ୍କ ସହ ଆମେ ହୋଇଯାଇଛୁ ଏକାତ୍ମ । ଶାରୀରିକ ଶକ୍ତି ସହ ପ୍ରାଣିକ ଶକ୍ତି ସମ୍ପର୍କରେ ଆମେ ଏବେ ପୂର୍ଣ୍ଣ ସଚେତନ ହୋଇପାରୁ । ଅନୁଭବ କରୁ ସେଇ ପ୍ରାଣିକ ଶକ୍ତିକୁ ଯାହାକି ଶରୀରରେ ପରିବ୍ୟାପ୍ତ ହୋଇଯାଇଛି । ଆତ୍ମା ସୂକ୍ଷ୍ମ ଓ ସ୍ଥୂଳ ପଦାର୍ଥ ଉପରେ ପ୍ରାଣଶକ୍ତି ମାଧ୍ୟମରେ ଘନିଷ୍ଠ ରୂପେ କାର୍ଯ୍ୟ କରିପାରେ । ଆମେ ସୂକ୍ଷ୍ମ ଓ କାରଣ ଶରୀରରେ ବର୍ତ୍ତମାନ ବାସ କରିପାରୁ ।

ଏବେ ଜୀବନର ସକଳ ସୀମା ଅତିକ୍ରାନ୍ତ କରି ଆମେ ବ୍ୟକ୍ତିଗତ ନୁହେଁ ବିଶ୍ୱଗତ ପ୍ରାଣଶକ୍ତିରେ ଜୀବନ ଅତିବାହିତ କରୁ, ଆମେ ହୋଇଉଠୁ ବିଶ୍ୱପ୍ରାଣର ବାହନ । "...we live no longer with a personal life force, or not with that ordinarily, but in and by the universal life energy."

(*The Synthesis of Yoga p. 873*)

ଆମ ଭିତରେ ତାହାରି ପ୍ରବାହ ପ୍ରକାଶ ପାଏ । ବର୍ତ୍ତମାନ ଆମ ପ୍ରାଣଶକ୍ତି କେବଳ ଏକ ମହାସମୁଦ୍ର ନୁହେଁ ମାତ୍ର ଚେତନାମୟ ବିଶ୍ୱଗତ ପରମ ଶକ୍ତିର ଏକ ପ୍ରାଣିକ ମାର୍ଗ । ଏହା ଫଳରେ ଆମେ ପ୍ରାଣର ଭୂମିରେ ଅନ୍ୟ ସମସ୍ତଙ୍କ ସହ ଏକାତ୍ମ ବୋଲି ଅନୁଭବ କରିଥାଉ । ଅନ୍ୟମାନଙ୍କ ସହ

ଚେତନାଗତ ଆଦାନପ୍ରଦାନ ସମ୍ଭବ ମଧ୍ୟ ହୋଇଥାଏ । ଅନ୍ୟମାନଙ୍କ ପ୍ରାଣକୁ ଆମେ ଆପଣାର ପ୍ରାଣ ବୋଲି ଅନୁଭବ କରୁ । "We are aware of their life as of our own or, at the least, of the touch and pressure and communicated movements of our life being on them and theirs upon us."

(*The Synthesis of Yoga p. 873*)

ଆମ ଭିତରେ ଥିବା ପ୍ରାଣଗତ ବୋଧଶକ୍ତି ଏତେ ଶକ୍ତିଶାଳୀ ଓ ପ୍ରଗାଢ଼ ହୁଏ ଯେ ପ୍ରାଣମୟ ଜଗତର ସକଳ ସ୍ପନ୍ଦନକୁ ଆପଣାର ପ୍ରାଣିକ ତଥା ଅତିପ୍ରାଣିକ, ଭୌତିକ ତଥା ଅତିଭୌତିକ ଭୂମିରେ ଆମେ ବହନ କରିପାରୁ, ଅନୁଭବ କରିପାରୁ । ଏହି ରୂପେ ଅତିମାନସ ସକଳ କ୍ଷେତ୍ରକୁ ଗ୍ରହଣ କରିନିଏ ଏବଂ ଏଗୁଡ଼ିକୁ ଆଲୋକିତ, ଆନନ୍ଦବିହ୍ୱଳ ଓ ସୌଷମ୍ୟଯୁକ୍ତ କରେ । ଏବେ ଏସବୁ କ୍ଷେତ୍ର ପ୍ରମାଦହୀନ । ଏବେ ସ୍ଥୂଳ ଇନ୍ଦ୍ରିୟମାନେ ସ୍ଥୂଳ ଜଗତର ସକଳ ରୂପାୟନରେ ତଥା ସମ୍ବେଦନ ସମ୍ପର୍କରେ ଜ୍ଞାନ ଲାଭ କରିପାରନ୍ତି ଏବଂ ଆମ ଆତ୍ମ-ଅଭିବ୍ୟକ୍ତିର ହୋଇପାରନ୍ତି ସେମାନେ ସାଧନ ।

ସଂଜ୍ଞାନର ପ୍ରଭାବରେ ପ୍ରାକୃତ ପଶୁଚେତନାର ଘଟେ ବିପୁଳ ରୂପାନ୍ତର । ତା' ସ୍ଥାନପୂରଣ କରେ ପରମକରୁଣା, ପରମପ୍ରେମ । ଅତିମାନସ ଏଠାରେ ପୂର୍ଣ୍ଣଭାବରେ ପ୍ରକଟିତ । ଏଇ ବ୍ୟକ୍ତିରୂପ ଏବେ ବିଶ୍ୱରୂପ ହୁଏ । – ''ଅନେକବାହୂଦରବକ୍ତ୍ରନେତ୍ର'' । ଏଇ ଦେହ ସର୍ବଦେବଙ୍କ ସ୍ଥାନ ''ଦେବାଃ ସର୍ବେ ତଥା ଭୂତବିଶେଷସଂଘା'' । ପ୍ରତି ଜୀବ ଏକ ଜୀବଘନର କୋଷଭୂତ । ଏଠାରେ 'ମୁଁ' ସେଇ ପରମ 'ମୁଁ'ର ସ୍ଫୁଲିଙ୍ଗ ବୋଲି ଅନୁଭୂତ ହୁଏ । ବ୍ୟକ୍ତି, ବିଶ୍ୱ, ବିଶ୍ୱାତୀତ ବା ବିଶ୍ୱୋତ୍ତୀର୍ଣ୍ଣ, ବିଶ୍ୱାତ୍ମକ ଓ ବ୍ୟକ୍ତି ସକଳ ଏଠାରେ ଯୁଗପତ୍ ପ୍ରକଟିତ ହୁଅନ୍ତି । ମୁଁ ସବୁ ଏବଂ ସବୁ ମଧ୍ୟରେ ମୁଁ ଆନନ୍ଦରେ ଉଲ୍ଲସିତ, ଉଦ୍ଭାସିତ । ଏଇ ଦେହରେ ତନ୍ତ୍ରିତ ବିଶ୍ୱାନନ୍ଦର ବୀଣା ଝଙ୍କାର । କୁଳାର୍ଣ୍ଣବ ତନ୍ତ୍ର କହନ୍ତି, ''ଆନନ୍ଦୋ ବ୍ରହ୍ମଣୋ ରୂପଂ ତଚ୍ଚ ଦେହେ ବ୍ୟବସ୍ଥିତମ୍ ।'' ସେହି ପରମ ଆନନ୍ଦ ଏବେ ବିକୀର୍ଣ୍ଣ । ଶ୍ରୀଅରବିନ୍ଦଙ୍କ 'Transformation' ବା 'ରୂପାନ୍ତର' କବିତାରେ ଆମେ ପାଉ ଏହାର ମର୍ମ ।

''ଜୀବନ୍ତ ଆନନ୍ଦ-ଯନ୍ତ୍ର ତନୁ ମୋର ପରମ ପ୍ରଭୁର
ଅମୃତ ଆନନ୍ଦେ ଦୀପ୍ତ, ତପନ ଯେ ଆତ୍ମା ଅଟେ ମୋର ।''

(କବିତା ମଞ୍ଜରୀ - ଏହି ଲେଖକର)

❑❑❑

## ୨୦୧୮ ବର୍ଷସୂଚୀ (Calendar)ରେ ପରିବେଷିତ ବାଣୀ



She was the single self of all these selves,
She was in them and they were all in her.

ସେ*ହିଁ ଏ ସତ୍ତା ସମୂହର ଏକକ ସତ୍ତା,
ସେ ଥିଲେ ସେମାନଙ୍କ ମଧ୍ୟେ ବିରାଜିତା ଏବଂ ସେମାନେ
ସମସ୍ତେ ଥିଲେ ତାଙ୍କ ମଧ୍ୟେ ।

* ସାବିତ୍ରୀ

# ବିବର୍ତ୍ତନରେ ଯୁଗ-ସନ୍ଧି

## (୩)

## ନଳିନୀକାନ୍ତ ଗୁପ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

ଆହୁରି ବି ପ୍ରଶ୍ନ ରହିଛି, ଆହୁରି ବି ରହସ୍ୟ ରହିଛି । କୁହାଯାଏ ଚେତନା ସୁପ୍ତ, ଗୁପ୍ତ ଓ ଲୁପ୍ତ ପ୍ରାୟ ହୋଇ ସତ୍ତାର ଅତଳରେ ରହିଛି, ସେଠାରୁ ଧୀରେ ଧୀରେ, କ୍ରମେ କ୍ରମେ ଜାଗିଉଠି ଆସିବାକୁ ଲାଗେ, ତା'ପରେ ଆତ୍ମୋନ୍ମୀଳନ, ଆତ୍ମପ୍ରକାଶର ସ୍ତରେ ସ୍ତରେ ପରିସ୍ଫୁଟ ହୋଇଉଠେ । ପ୍ରଶ୍ନ ଉଠୁଛି – ଏଇ ଚେତନାଟି ଆସିଲା କେଉଁଠୁ ? ଆଉ ଉର୍ଦ୍ଧ୍ୱାୟିତ ହୋଇ ବା ଉପରକୁ ଉଠି ଚାଲିବାର ପ୍ରେରଣା କିପରି ଓ କେଉଁଠୁ ପାଇଲା ? ରହସ୍ୟ ହେଲା ଏଇୟା ଯେ, ଚେତନା ସର୍ବଦାହିଁ ଏକ ଉର୍ଦ୍ଧ୍ୱର ଜିନିଷ । ତା'ର ସ୍ୱରୂପ ରହିଛି ଏକ ପରମପଦରେ । ଏଇ ପରମପଦ, ଏଇ ଉର୍ଦ୍ଧ୍ୱତନ ସ୍ତରରୁ ଚେତନା କ୍ରମଶଃ ନିମ୍ନାଭିମୁଖୀ ହୋଇଛି, ନିଜକୁ ଆବୃତ କରି ବା ଢାଙ୍କିକରି ଘୋଡ଼େଇ ରଖିଛି । ଆଉ ଯେତେବେଳେ ସେଇ ଚେତନା ନିଜକୁ ସମ୍ପୂର୍ଣ୍ଣରୂପେ ଆବୃତ କରି ଦେଇଛି ସେତେବେଳେ ତା'ର ନାମହିଁ ଜଡ଼ । ତା'ହେଲେ କଥାଟା ହେଲା ଏଇୟା, 'ବିବର୍ତ୍ତନ' ଯେଉଁ ଯେଉଁ କ୍ରମ ଧରି ଉଠି ଚାଲିଛି ଠିକ୍ ସେହି ସେହି କ୍ରମ ଧରିହିଁ ଏକ 'ନିବର୍ତ୍ତନ' ବା ଅବତରଣ ତା' ପୂର୍ବରୁ ରହିଛି । ଚେତନାର ସ୍ୱାଭାବିକ ଅବସ୍ଥା, ତା'ର ସ୍ୱରୂପ ହେଲା ପୂର୍ଣ୍ଣତମ ଚେତନା, ଯାହାକୁ କୁହାଯାଇପାରେ ଅତିଚେତନା (କାରଣ, ମନୁଷ୍ୟର ସାଧାରଣ ଚେତନାକୁ ତାହା ଅତିକ୍ରମ କରି ରହିଛି) । ଏହି ଚେତନା ନିମ୍ନାଭିମୁଖୀ ହୋଇଛି – ଏକ ବିଚିତ୍ର ବହୁମୁଖୀ ସୃଷ୍ଟି ନିମିତ୍ତ । ଏହାହିଁ ଋଗ୍‌ବେଦର ''ନୀଚୀନାଃ ସ୍ଥୁଃ'' ବା 'ଗୀତା' ଓ 'ଉପନିଷଦ୍'ର 'ଅବାକ୍‌ଶାଖମ୍' ବା 'ଅଧଃଶାଖଃ' । ଏଇ ନିମ୍ନଗାମୀ ପଥରେ ଚେତନା ନିଜକୁ ଖଣ୍ଡିତ, ସଂକୀର୍ଣ୍ଣ ଓ ଆଚ୍ଛନ୍ନ କରିଚାଲିଛି – ଅତିଚେତନା ଯେତେବେଳେ ମାନସତତ୍ତ୍ୱରେ ପରିଣତ ହୋଇଛି, ସେତେବେଳେ ସୃଷ୍ଟି ହୋଇଛି ମନୋମୟ ଜଗତ୍; ମନୋମୟ ତତ୍ତ୍ୱରୁ ଚେତନା ଯେତେବେଳେ ଆହୁରି ଆତ୍ମବିସ୍ମୃତ ରଜୋ-ତାମସ ହୋଇଛି ସେତେବେଳେ ସେ ପ୍ରାଣତତ୍ତ୍ୱରେ ପରିଣତ ହୋଇଛି ଓ ପ୍ରାଣମୟ ଜଗତ୍ ସୃଷ୍ଟି କରିଛି । ତା'ପରେ ପୁଣି ଯେଉଁଠି ଚେତନା ନିଜକୁ ପୂରାପୂରି ହଜାଇ ଦେଇଛି, ସେଠାରେ ପୂର୍ଣ୍ଣ ତାମସ ହୋଇଛି ଜଡ଼ର – ଜଡ଼ତତ୍ତ୍ୱର ଓ ଜଡ଼ଜଗତର ଉଦ୍ଭବ ହୋଇଛି । ଏଏ ତ ଗଲା ଚେତନାର ''ନିବର୍ତ୍ତନ''ର ବା କ୍ରମସଙ୍କୋଚନର ଧାରା – ତା'ପରେ ''ବିବର୍ତ୍ତନ''ର କ୍ରମବିକାଶର ଧାରା । ଚେତନା ଏହି ପ୍ରକାରେ ଉର୍ଦ୍ଧ୍ୱରୁ ନିମ୍ନକୁ ଉତରି ଆସିଛି ବୋଲି ପୁଣି ତାକୁ ନିମ୍ନରୁ ଉର୍ଦ୍ଧ୍ୱକୁ ଉଠିବାକୁ ପଡ଼ିଛି ।

ଉପରୁ ଚେତନା ତଳକୁ ଯେପରି ଓହ୍ଲାଇ ଆସିଛି ସେ ଧାରାଟି ହେଲା ପ୍ରଚ୍ଛନ୍ନ, ତାହା ଯେମିତି ପଛରେ ରହିଛି, ଅନ୍ତରାଳରେ, ଏକ ଅନ୍ତର୍ଲୋକରେ – ଜଡ଼ବସ୍ତୁ ଯେତେବେଳେ ପ୍ରକାଶ ପାଇଲା ଏବଂ ଜଡ଼ ଜଗତ୍ ଯେତେବେଳେ ବିବର୍ତ୍ତିତ ହୋଇଚାଲିଲା ସେତେବେଳେ ତା'ର ଲକ୍ଷ୍ୟ ଓ ପ୍ରୟାସ ହେଲା ପଛରେ ପ୍ରଚ୍ଛନ୍ନଭାବେ ଯେଉଁ ତତ୍ତ୍ୱ ରହିଛି ତାକୁ କ୍ରମଶଃ ବାହାରେ ଜାଗ୍ରତ୍ କରି ପ୍ରକଟ କରିବା – ପ୍ରଥମେ ଜଡ଼ ମଧ୍ୟରେ, ଜଡ଼କୁ ପ୍ରତିଷ୍ଠା କରି, ତା'ପରେ ସେଇ ଜଡ଼କୁ ମୂଳ ବୁନିଆଦ ବା ଭିତ୍ତି କରି ଗୋଟିଏ ପରେ ଗୋଟିଏ ତତ୍ତ୍ୱକୁ ବାହାରେ ପ୍ରକଟ କରି ସେଇ ଜଡ଼ ଉପରେହିଁ ପ୍ରତିଷ୍ଠିତ କରିବା ଓ ସଜ୍ଜିତ କରି ରଖିବା । ଅନ୍ୟ କଥାରେ, ନିବର୍ତ୍ତନରେ ପୃଥକ୍ ପୃଥକ୍ ତତ୍ତ୍ୱର ଅବରୋହ ସୃଷ୍ଟି ହୋଇଥିଲା; ବିବର୍ତ୍ତନର ପଦ୍ଧତି ହେଲା ସେହି ସେହି ତତ୍ତ୍ୱରେ – ବିପରୀତ ଦିଗରୁ, ପୁନରାୟ ଆରୋହଣ ତ ନିଶ୍ଚୟ, ଅଧିକନ୍ତୁ ଯେତେ ବିବିଧତାରେ ଆରୋହଣ କରି ହେବ, ସବୁଗୁଡ଼ିକରେ ଏକ ସଙ୍ଗେ ଅଧିଷ୍ଠିତ ରହି ଏବଂ ଉର୍ଦ୍ଧ୍ୱତମର ଧର୍ମରେ ନିମ୍ନସ୍ତରର ଧର୍ମଗୁଡ଼ିକୁ ନିୟନ୍ତ୍ରଣ କରି ରୂପାନ୍ତରିତ କରିବା ।

ନିବର୍ତ୍ତନର ଧାରାରେ ଯେଉଁସବୁ ସ୍ତର ବା ତତ୍ତ୍ୱ ସୃଷ୍ଟି ହୋଇଥିଲା, ବିବର୍ତ୍ତନର ଧାରାରେ ସେଗୁଡ଼ିକର କ୍ରିୟା ଏବେ ଆମେ ବୁଝିପାରିବା । ନିମ୍ନ ଚେତନାର ଚାପରେ ଜଡ଼ ଉର୍ଦ୍ଧ୍ୱମୁଖୀ ହୋଇଉଠିଛି; ପ୍ରାଣ ଆଡ଼କୁ (ଅନ୍ୟ କୌଣସି ଆଡ଼କୁ ନୁହେଁ), ତା'ର କାରଣ ପ୍ରାଣତତ୍ତ୍ୱ ପୂର୍ବରୁହିଁ ଜଡ଼ ଉପରେ ରହିଛି, ଏବଂ ଜଡ଼ ମଧ୍ୟରେ ଉତରି ଆସି ପ୍ରକଟ ହେବାକୁ ସଚେଷ୍ଟ । ସେହି ପ୍ରକାରରେ ପ୍ରାଣ ଯେତେବେଳେ ପ୍ରକଟ ହୋଇ ନିମ୍ନମୁଖୀ

ହେଲା, ସେ ଜଡ଼କୁ ଅଧିକାର କଲା, ତା'ର ଗତି ହେଲା ମନ ଆଡ଼କୁ ଉଠିବାକୁ, କାରଣ ପ୍ରାଣ ଉପରେ ମନ ଆଗରୁହିଁ ରହିଛି, ସେହିଁ ମନ ମଧ୍ୟରେ ଉତରି ଆସିବାକୁ, ପ୍ରକଟ ହେବାକୁ ଚାହେଁ। ସୁତରାଂ ବିବର୍ତ୍ତନଗତ ରୂପାନ୍ତରର ପ୍ରଣାଳୀଟି ହେଲା ଏଇୟା ଯେ, ଗୋଟାଏ ଦିଗରେ ନିମ୍ନରୁ ଚାପ ବା ଊର୍ଦ୍ଧ୍ୱପ୍ରବେଗ ଫଳରେ ବସ୍ତୁଗୁଡ଼ିକ ବଦଳି ବଦଳି ଚାଲିଛନ୍ତି, ଆଉ ଅନ୍ୟ ଦିଗରେ ପୂରାପୂରି ରୂପାନ୍ତର, ଏକ ବିପର୍ଯ୍ୟୟ ଘଟିଛି ସେତେବେଳେ, ଯେତେବେଳେ ଉପରୁ ଏକ ତତ୍ତ୍ୱ ଉତରି ସେଇ ଊର୍ଦ୍ଧ୍ୱାୟିତ ବସ୍ତୁକୁ ଆଶ୍ରୟ କରିଛି। ଲକ୍ଷ୍ୟ କରିବାର କଥା, ନିମ୍ନର ଚାପରେ ବସ୍ତୁ ଯେତେବେଳେ ବଦଳେ ତାହା ଘଟେ ଧୀରେ ଧୀରେ, ଧାରାବାହିକଭାବେ, କିନ୍ତୁ ଯେଉଁ ମୁହୂର୍ତ୍ତରେ ଉପରୁ କିଛି ଅବତରି ଆସେ ସେତେବେଳେ ଧାରାବାହିକତା କଟିଯାଏ, ଆଉ ଯାହା ପ୍ରକାଶିତ ହୁଏ ତା'କୁ ବୈଜ୍ଞାନିକଙ୍କ ଭାଷାରେ କୁହାଯାଏ ''ପ୍ରକୃତିର ଉଲ୍ଲଙ୍ଘନ''।

ବିବର୍ତ୍ତନର ଯୁଗସନ୍ଧିରେ ଯେଉଁ ଫାଙ୍କ ଦେଖାଯାଏ ତାହା ଅନିବାର୍ଯ୍ୟ ଓ ସ୍ୱାଭାବିକ। କାରଣ ବିବର୍ତ୍ତନର କ୍ରମ-ପରିବର୍ତ୍ତନ ମଧ୍ୟରେ ରହିଛି ଏକ ଅବତରଣ – ଏଇଥିପାଇଁ ହୁଏ ହଠାତ୍ ପରିବର୍ତ୍ତନ। ପ୍ରକୃତିର ଯେଉଁ ଅର୍ଜିତ ରୂପ, ଧର୍ମ ତା'ର ଅଦଳବଦଳ ନାନା ପ୍ରକାରେ ହୋଇଥାଏ, ତା'ର ଅନ୍ତରର ପ୍ରବେଗ ଫଳରେ ପ୍ରକୃତି ଯେତେବେଳେ ନୂତନ ପର୍ଯ୍ୟାୟର ରୂପ, ନୂତନ ପର୍ଯ୍ୟାୟର ଧର୍ମ ଅର୍ଜନ କରେ ସେତେବେଳେ ତା' ମଧ୍ୟରେ ଅବତୀର୍ଣ୍ଣ ହୁଏ ଊର୍ଦ୍ଧ୍ୱତର – ନୂତନ ରୂପର ଓ ନୂତନ ଧର୍ମର – ଏକ ଲୋକ।

ଅବଶ୍ୟ ଆଧ୍ୟାତ୍ମିକ ସୂକ୍ଷ୍ମଦୃଷ୍ଟିରେ ଦେଖାଯାଏ ଯେ ନିମ୍ନରୁ ଯେପରି ଏକ ଅବିରଳ ପ୍ରଚେଷ୍ଟା ଚାଲିଛି ଊର୍ଦ୍ଧ୍ୱମୁଖୀ ପରିବର୍ତ୍ତନ ପାଇଁ, ସେହିପରି ଊର୍ଦ୍ଧ୍ୱରୁ ପ୍ରତିନିୟତ ଉତରି ଆସୁଛି ଏକ ଚାପ, ଏକ ଆଭାସ, ଏକ ପ୍ରଭାବ। ଋଗ୍‌ବେଦୀୟ ଋଷି ଏଇ ଗୁହ୍ୟ ସତ୍ୟ ପ୍ରତି ଲକ୍ଷ୍ୟ କରି ବୋଧହୁଏ କହିଛନ୍ତି : ''ଅବଃ ପରେ ପର ଏନାବରେଣ'' ଅର୍ଥାତ୍ ନିମ୍ନ ଧରି ରହିଛି ଊର୍ଦ୍ଧ୍ୱକୁ ଆଉ ଊର୍ଦ୍ଧ୍ୱ ଧରି ଅଛି ନିମ୍ନକୁ। ତେବେ ଉପରର ଏକ ବସ୍ତୁ-ତତ୍ତ୍ୱ ଯେତେବେଳେ ନିଜ ସ୍ୱରୂପରେ ଉତରି ଆସେ, ଅବତୀର୍ଣ୍ଣ ହୁଏ, ସେତେବେଳେହିଁ ବିବର୍ତ୍ତନରେ ଘଟେ ଏକ ଯୁଗାନ୍ତର ଓ କ୍ରମାନ୍ତର।

ଅଧ୍ୟାତ୍ମ ଦ୍ରଷ୍ଟାମାନେ କହିଛନ୍ତି ଯେ ବର୍ତ୍ତମାନର ଜଗତ୍, ଏଇ ପୃଥିବୀ ଏକ ଯୁଗସନ୍ଧିରେ ଉପସ୍ଥିତ ହୋଇଛି। ମନୋମୟ ପୁରୁଷ ମନୁଷ୍ୟ ମଧ୍ୟରେ ପୂର୍ଣ୍ଣତା ଲାଭ କରିଛି, ମନର ଶିଖରରେ ମନୁଷ୍ୟ ଉପନୀତ ହୋଇଛି। ତା'ର ଆଗ୍ରହ, ଆସ୍ପୃହା ସର୍ବଦା ଊର୍ଦ୍ଧ୍ୱତର, ବୃହତ୍ତର କିଛି ଲାଗି ପ୍ରସାରିତ। ତେଣୁ ବର୍ତ୍ତମାନ ସମୟ ଆସିଛି, ମନର ଊର୍ଦ୍ଧ୍ୱରେ ରହିଛି ଯେଉଁ ଅତିମାନସ-ତତ୍ତ୍ୱ, ତା'ରହିଁ ଅବତରଣ ଏଥର ହେବ ମନୁଷ୍ୟର ରୂପାନ୍ତର ଫଳରେ ବା ଅନ୍ୟ ଉପାୟରେ ଏବଂ ପୃଥିବୀରେ ଦେଖା ଦେବ ମନୁଷ୍ୟ ଅପେକ୍ଷା ଏକ ପୂର୍ଣ୍ଣତର ଜୀବ ଅତିମାନସ ବା ଚିନ୍ମୟ ଜୀବ।

(ସମାପ୍ତ)

[ମୂଳ ବଙ୍ଗଳା ରଚନାବଳୀ, ସପ୍ତମ ଖଣ୍ଡରୁ ଭାଷାନ୍ତରିତ]

ଭାଷାନ୍ତର : ରାମଚନ୍ଦ୍ର ପାଣି

❑❑❑

ଚେତନାକୁ ଜାଗରିତ ରଖିବା ନିମନ୍ତେ ତୁମେ ପ୍ରତ୍ୟେକ ଦିନ କିଛି ସମୟ ଏକାଗ୍ରତା ଏବଂ ଶ୍ରୀମାଙ୍କୁ ସ୍ମରଣ ଏବଂ ଆମ ସହ ତୁମର ସଂଯୋଗରକ୍ଷା ନିମନ୍ତେ ନିର୍ଦ୍ଦିଷ୍ଟ ରଖିବା ପ୍ରୟୋଜନ।

– ଶ୍ରୀଅରବିନ୍ଦ

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୬୦)

**ଲାଲା ଲଜପତ ରାୟଙ୍କର ଆଗମନ :**

**୫ ଜାନୁଆରୀ ୧୯୨୫**

ଲାଲା ଲଜପତ ରାୟଙ୍କ ସହିତ ଡଃ. ନିହାଲ ଚାନ୍ଦ, କୃଷ୍ଣ ଦାସ ଏବଂ ପୁରୁଷୋତ୍ତମ ଦାସ ଟଣ୍ଡନ୍ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବାକୁ ଆସିଲେ । ସମସ୍ତେ ଉପର ମହଲାର ବାରଣ୍ଡାରେ ଅପେକ୍ଷା କଲେ, କେବଳ ଲଜପତ ରାୟଙ୍କୁ ଶ୍ରୀଅରବିନ୍ଦ ଏକାନ୍ତରେ କଥାବାର୍ତ୍ତା କରିବା ସକାଶେ ଭିତରକୁ ଡାକି ନେଲେ । ପ୍ରାୟ ୪୫ ମିନିଟ ପରେ ଦୁହେଁ ବାହାରକୁ ଆସି ଅନ୍ୟ ସମସ୍ତଙ୍କ ସହିତ ଆସନ ଗ୍ରହଣ କଲେ । ଏକାନ୍ତରେ କଥାବାର୍ତ୍ତା ପରେ ଦୁହିଙ୍କ ମୁଖମଣ୍ଡଳରୁ ସ୍ପଷ୍ଟ ପ୍ରତୀୟମାନ ହେଉଥିଲା ଯେମିତି ଆଲୋଚିତ ବିଭିନ୍ନ ବିଷୟରେ ଦୁହେଁ ବେଶ୍ ଏକମତ ।

**ଶ୍ରୀଅରବିନ୍ଦ** : ଏଲାହାବାଦରେ କେମିତି କାମ ଚାଲିଛି ?

**ପୁରୁଷୋତ୍ତମ** : ଆମେ ମହାତ୍ମାଜିଙ୍କ କାର୍ଯ୍ୟକ୍ରମକୁ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା ଚଳାଇଛୁ ।

**ଲଜପତ** : ଆପଣ କ'ଣ ସତରେ ସେସବୁକୁ କାର୍ଯ୍ୟରେ ପରିଣତ କରିବାକୁ ଚାହୁଁଛନ୍ତି ? (ଶ୍ରୀଅରବିନ୍ଦଙ୍କୁ) ସେମାନେ ସ୍ଥାନୀୟ ଲୋକମାନଙ୍କୁ ନିଜ କରାୟତ୍ତରେ ରଖିବାକୁ ଚେଷ୍ଟା କରୁଛନ୍ତି ।

**ପୁରୁଷୋତ୍ତମ** : ମୁଁ ନିଜେ ସେହି କାର୍ଯ୍ୟକ୍ରମର ସପକ୍ଷରେ ନୁହେଁ, କାରଣ ଏହା ଅବଶେଷରେ ଆମମାନଙ୍କ ଭିତରେ କ୍ଷମତା-ଲୋଭ ସକାଶେ ପ୍ରବଳ ପ୍ରବୃତ୍ତି ଉଦ୍ରେକ କରିବ ଆଉ ତା' ପରେ ପରେ ବ୍ୟକ୍ତିଗତ ମତଭେଦ ଏବଂ ଯାବତୀୟ ଈର୍ଷାପରାୟଣତା ମଧ୍ୟ ଏଥିରେ ଧୀରେ ଧୀରେ ଅନୁପ୍ରବେଶ କରିବ । ଏପରି କ୍ଷେତ୍ରରେ ଆମର କାର୍ଯ୍ୟକ୍ରମ ପ୍ରତି ଲୋକମାନଙ୍କର ରହିଥିବା ମହତ୍ ପ୍ରତ୍ୟାଶା ଓ ବିଶ୍ୱାସକୁ ଆମେ କେବେହେଲେ ଉଚିତ ବୋଲି ସାବ୍ୟସ୍ତ କରିପାରିବା ନାହିଁ ।

**ଲଜପତ** : ଜନସାଧାରଣ ଆପଣମାନଙ୍କୁ ଆଗାମୀ ସୁବର୍ଣ୍ଣଯୁଗର ଉପଯୁକ୍ତ ପଥପ୍ରଦର୍ଶକ ରୂପେ ବିଶ୍ୱାସ କରନ୍ତି ।

**ଶ୍ରୀଅରବିନ୍ଦ** : କିନ୍ତୁ ଆପଣମାନେ ସେମାନଙ୍କୁ କାହିଁକି ଏପରି ମହତ୍ ଆଶାୟୀ ରୂପେ ଗଢ଼ି ତୋଳୁଛନ୍ତି ?

**ଲଜପତ** : ଗଣତାନ୍ତ୍ରିକ ଯୁଗରେ ଆପଣଙ୍କୁ ଏମିତି ହେବାକୁହିଁ ହେବ ।

**ଶ୍ରୀଅରବିନ୍ଦ** : କାହିଁକି ?

**ଲଜପତ** : ଯଦି ଆପଣ ଜନସାଧାରଣରେ କୌଣସି କାର୍ଯ୍ୟକ୍ରମକୁ ନିର୍ଦ୍ଧାରଣ କରିବାର ବା ପରିଚାଳନା କରିବାର ସଦସ୍ୟବୃନ୍ଦଙ୍କ ଭିତରୁ ଜଣେ ହେବାକୁ ଚାହାନ୍ତି, ତେବେ ଆପଣଙ୍କୁ ଚିତ୍ତାକର୍ଷକ ବା ଉଚ୍ଚାଭିଳାଷପୂର୍ଣ୍ଣ ଭବିଷ୍ୟତ୍ ସାଫଲ୍ୟର ସୂଚନା ଦେଉଥିବା ପ୍ରତିଶ୍ରୁତିସବୁ ପ୍ରସ୍ତୁତ କରିବାକୁ ହେବ; ଏହା ତ ହେଉଛି ଗଣତନ୍ତ୍ରର ଧାରା ବା ସ୍ୱଭାବ !

**ଶ୍ରୀଅରବିନ୍ଦ** : ତା'ହେଲେ ଗଣତନ୍ତ୍ରର ଆବଶ୍ୟକତା କ'ଣ ? ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି-ସାମର୍ଥ୍ୟ ବା କ୍ଷମତା-ଲୋଭ ସକାଶେ ପ୍ରବଳ ଆକାଂକ୍ଷା ତ ସବୁବେଳେ ରହିଥିବ । କ୍ଷମତା-ଲାଭ ସକାଶେ ଯାବତୀୟ ସାମାଜିକ ପ୍ରତିଷ୍ଠା ବା ପଦାଧିକାରକୁ ପ୍ରତିରୋଧ କରି ତ ଆପଣ ସେସବୁକୁ ଅତିକ୍ରମ କରିପାରିବେ ନାହିଁ ।

ଆମର କର୍ମିବୃନ୍ଦ ଏ ବିଷୟରେ ଅଭ୍ୟସ୍ତ ହୋଇଉଠିବା ଉଚିତ ଯେ ସେମାନେ ନିଶ୍ଚିତ ରୂପେ ଶିକ୍ଷା କରିବେ କେବଳ ଦେଶ ପାଇଁହିଁ କିପରି କ୍ଷମତାରେ ରହିବାକୁ ହେବ । ସ୍ୱାର୍ଥାନ୍ୱେଷୀ କ୍ଷମତାଲାଭ ସକାଶେ ନୁହେଁ । ଯେତେବେଳେ ତୁମେ 'ସ୍ୱରାଜ' ପାଇବ, ଏହି ବାଧାଟି ଅସୀମ ଭାବରେ ବଳବତ୍ତର ହୋଇ ଉଠିବ । ଏପରିକି ଇଉରୋପରେ ମଧ୍ୟ ଏହିସବୁ ବାଧା ରହିଛି । ସେ ଦୃଷ୍ଟିରୁ ଦେଖିଲେ ସେମାନଙ୍କ ଓ ଆମମାନଙ୍କ ଭିତରେ କୌଣସି ତଫାତ ନାହିଁ, ଏକେବାରେ ସମଧର୍ମୀ; କେବଳ ସେମାନଙ୍କର ରହିଛି ଶୃଙ୍ଖଳା-ଜ୍ଞାନ ଯାହାକି ଆମମାନଙ୍କର ଏକାନ୍ତ ଅଭାବ । ଏବଂ ସେମାନଙ୍କର ରହିଛି ତୀବ୍ର ଉତ୍ସାହପ୍ରଦ

ଜାତୀୟ ସମ୍ମାନ ପ୍ରତି ଯଥାର୍ଥ ମନୋଭାବ, ଯାହାକି ଆମମାନଙ୍କର ନାହିଁ ।

**ପୁରୁଷୋତ୍ତମ** : ଏହି ବ୍ୟାପାରରେ ଇଉରୋପୀୟ-ମାନେ ଆମଠୁ ବରିଷ୍ଠ ।

**ଶ୍ରୀଅରବିନ୍ଦ** : ଏହିସବୁ ଦୁର୍ବଳତାକୁ ଆପଣମାନେ କୌଣସି ପ୍ରକାରେ ନିବାରଣ କରିପାରିବେ ନାହିଁ କି ପ୍ରତିରୋଧ କରିପାରିବେ ନାହିଁ । ଯାହା ଆବଶ୍ୟକ ତା' ହେଉଛି ଆମର ସ୍ୱଦେଶପ୍ରେମୀଙ୍କ ମଧ୍ୟରେ ସେହି ଶୃଙ୍ଖଳା-ଜ୍ଞାନ ଏବଂ ଜାତୀୟ ସମ୍ମାନ ପ୍ରତି ତୀବ୍ର ଉତ୍ସାହପୂର୍ଣ୍ଣ ମନୋଭାବକୁ ସମାହିତ ଓ ସମୃଦ୍ଧ କରିବାକୁ ହେବ ।

ପ୍ରସଙ୍ଗକ୍ରମେ, ଆପଣମାନେ 'ଚରଖା' କାର୍ଯ୍ୟକ୍ରମକୁ କେମିତି ପସନ୍ଦ କରନ୍ତି ?

**ପୁରୁଷୋତ୍ତମ** : ମୁଁ ନିଜେ ଏହାକୁ ବେଶ୍ ପସନ୍ଦ କରେ । ଉତ୍ତର ପ୍ରଦେଶରେ ଏହାର ବହୁଳ ପ୍ରଚଳନ ସକାଶେ ଅନେକ ଉଦ୍ୟମ ଚଳାଇଛି ।

**ଶ୍ରୀଅରବିନ୍ଦ** : ମୁଁ ବୁଝିପାରୁ ନାହିଁ ଏହି କାର୍ଯ୍ୟକ୍ରମଟି କେମିତି 'ସ୍ୱରାଜ' ଆଣି ଦେବ ?

**ପୁରୁଷୋତ୍ତମ** : ଉପସ୍ଥିତ ପରିସ୍ଥିତିରେ ଏହାଠୁ ଅଧିକ ଉତ୍କୃଷ୍ଟ କାର୍ଯ୍ୟକ୍ରମ କିଛି ନଥିବାରୁ ଏହା ଲୋକମାନଙ୍କୁ ଶୃଙ୍ଖଳା-ଜ୍ଞାନ ଶିଖାଇବ ଏବଂ ଦେଶ ପାଇଁ ନିଃସ୍ୱାର୍ଥପର ଭାବରେ କିଛି କରିବାରେ ସେମାନଙ୍କୁ ନିୟୋଜିତ କରାଇବ । ସଙ୍ଗଠିତ ରାଜନୈତିକ ଗୋଷ୍ଠୀରେ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ସାମୂହିକ ଭାବରେ ସମାନ କାର୍ଯ୍ୟ କରିବାର ଏକ ଧାରଣା ବା ବିଶ୍ୱାସ ଜନ୍ମାଇବ ।

**ଶ୍ରୀଅରବିନ୍ଦ** : 'ଚରଖା'ର ନିଜସ୍ୱ ପ୍ରାଧାନ୍ୟ ବା ଗୁରୁତ୍ୱ ରହିଛି, କିନ୍ତୁ ଏହା 'ସ୍ୱରାଜ' ଆଣିପାରିବ ନାହିଁ ।

**ପୁରୁଷୋତ୍ତମ** : ଅରଟରେ ସୂତା ବୁଣା କାର୍ଯ୍ୟ 'ସ୍ୱରାଜ' ଆଣିପାରେ ଯଦି ଜଣେ ଏହି କର୍ମର ପଶ୍ଚାତରେ ଥିବା ଏହାର ଅନ୍ତର୍ନିହିତ 'ଭାବ'କୁ ଉପଲବ୍ଧି କରେ ।

**ଶ୍ରୀଅରବିନ୍ଦ** : ମୁଁ ଦୁଃଖର ସହିତ ଏହା କହିପାରେ ଯେ ଆପଣ ମୋଠାରୁ ସେହି 'ଭାବ' ପାଇପାରିବେ ନାହିଁ; ଆଉ 'ଚରଖା'ରେ ହେଉଥିବା କାମଟିକୁ ଆପଣ ମୋ ପାଖରୁ ଆଦାୟ କରିପାରିବେ ଯଦି ଜଣେ ପ୍ରହରୀ ମୋ ପାଖରେ ବସାଇଥିବେ !

(ହାସ୍ୟ)

**ଶିଷ୍ୟ** : କିନ୍ତୁ କେବଳ 'ଚରଖା' କାର୍ଯ୍ୟକ୍ରମ କାହିଁକି ? ଯନ୍ତ୍ରଚାଳିତ ତେଲ କଳ କାହିଁକି ନୁହେଁ ? ଏହା ବି ତ ଏକ ସାମୂହିକ କାର୍ଯ୍ୟକ୍ରମ ।

**ପୁରୁଷୋତ୍ତମ** : ହଁ, ମୁଁ ଏକଥା ବି ଜାଣେ ଯେ ଆମ ଦେଶରେ 'ଚରଖା' କାର୍ଯ୍ୟ ଚାଲୁ ରହିଥିବା ବେଳେ ବି ଦେଶ ତା'ର ସ୍ୱାଧୀନତା ହରାଇଥିଲା । କିନ୍ତୁ ଉପସ୍ଥିତ ପରିସ୍ଥିତିରେ ଅନ୍ୟ କୌଣସି କାର୍ଯ୍ୟକ୍ରମ ଆମ ଆଖି ଆଗରେ ନାହିଁ, ତେଣୁ ଆମେ ଏହି କାର୍ଯ୍ୟକ୍ରମଟିକୁ ଅନୁସରଣ କରୁଛୁ ।

**ଶ୍ରୀଅରବିନ୍ଦ** : ବର୍ତ୍ତମାନ ପରିସ୍ଥିତିରେ ଆମ ସକାଶେ ଯାହା ଅତ୍ୟାବଶ୍ୟକ, ସେଇଟି କୌଣସି ବାହ୍ୟ କାର୍ଯ୍ୟକ୍ରମ ନୁହେଁ, — ଯେପରି ଅରଟରେ ସୂତା କଟା — କିନ୍ତୁ ଶୃଙ୍ଖଳାଜ୍ଞାନ ଏବଂ ଜାତୀୟ ସମ୍ମାନ, ଶ୍ରଦ୍ଧା ଓ ଭକ୍ତି ।

**ଲଜପତ** : ଆପଣ ଠିକ୍ କହିଛନ୍ତି; ଏବେ ଆମର ଯାହା ଅଭାବ ରହିଛି, ସେଇଟି ହେଉଛି ଉପସ୍ଥିତ ମିଶ୍ରିତ ସ୍ୱାର୍ଥାନ୍ୱେଷୀ ଅହଂ-ପ୍ରବୃତ୍ତିର ନାନା ବିରୋଧୀ ମତ ବା ନୀତିର ପରିବେଷ୍ଟନୀ ମଧ୍ୟରେ ବିଶେଷ ମନୋନିବେଶକାରୀ, ଗଭୀରଭାବେ ସଂଶ୍ଳିଷ୍ଟ ଏକ ସାର୍ବଜନୀନ ହିତାନ୍ୱେଷୀ ଆଗ୍ରହ ଓ ପ୍ରବୃତ୍ତିର ଅଭାବ ।

(Evening Talks, p. 54 - 56)

*

ଏବେ ଲଜପତ ରାୟଙ୍କ ସମ୍ବନ୍ଧେ ପଦେ-ଅଧେ : ଅମୃତଙ୍କ ଉକ୍ତିରେ : ''୧୯୦୫ ମସିହା, ଯେତେବେଳେ ଭାରତର ସର୍ବତ୍ର ଗଗନ-ପବନ 'ସ୍ୱରାଜ', 'ବିଦେଶୀ ଶାସନ', 'ଦାସତ୍ୱ' ଆଉ 'ଅମାନୁଷିକ ଅତ୍ୟାଚାର' ଆଦିରେ ତୀବ୍ର ଭାବରେ ସ୍ପନ୍ଦିତ ହୋଇ ଉଠୁଥିଲା, ସେତେବେଳେ ଦେଶର ଆବାଳବୃଦ୍ଧବନିତାଙ୍କ ମୁଖରେ ପ୍ରାୟ ଚାରି ଜଣ ବିଶିଷ୍ଟ ବ୍ୟକ୍ତିଙ୍କର ନାମ ଶୁଣିବାକୁ ମିଳୁଥିଲା — ଲାଲା ଲଜପତ ରାୟ, ବାଳ ଗଙ୍ଗାଧର ତିଳକ, ବିପିନ ଚନ୍ଦ୍ର ପାଲ (ଲାଲ-ବାଲ-ପାଲ୍) ଏବଂ ଶ୍ରୀଅରବିନ୍ଦ ।''

'ପଞ୍ଜାବ କେଶରୀ' ଲଜପତ ରାୟ (୧୮୬୫-୧୯୨୮)ଙ୍କର ଅନ୍ତିମ ଅନବଦ୍ୟ ଦେଶାତ୍ମବୋଧ ସମ୍ବନ୍ଧେ ପଦେ-ଅଧେ :

ସେଦିନ ଥିଲା ୩୦ ଅକ୍‌ଟୋବର ୧୯୨୮ । 'ସାଇମନ୍ କମିସନ'ର ପ୍ରଚାରକ-ଟ୍ରେନ ଲାହୋର ଷ୍ଟେସନରେ ପହଞ୍ଚିବାର

ଥିଲା । ଏହି 'କମିସନ'ର ତୀବ୍ର ପ୍ରତିରୋଧ କରି ଲଜପତ ରାୟ ବିପୁଳ ସଂଖ୍ୟାରେ ଏକ ଗଣ-ଶୋଭାଯାତ୍ରାର ଅଧିନାୟକତ୍ୱ କରି ଲାହୋର ରେଳ ଷ୍ଟେସନ ସାମନାରେ ଧାରଣା ଦେଲେ । ଏହି ଶୋଭାଯାତ୍ରାଟି ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ଏକେବାରେ ଶାନ୍ତ । କିନ୍ତୁ ଷ୍ଟେସନରେ ପହଞ୍ଚିବା ମାତ୍ରେ ସୁସଜ୍ଜିତ ପୁଲିସ ନୃଶଂସ ଭାବରେ ସେମାନଙ୍କ ଉପରେ ଲାଠିଚାଳନା କରି ମର୍ମଘାତୀ ଦୈହିକ ଆକ୍ରମଣରେ ଝାମ୍ପ ଦେଲେ । ସେମାନଙ୍କର ଏହି ଅମାନୁଷିକ ବର୍ବରୋଚିତ ଉଚ୍ଛୃଙ୍ଖଳ ଏବଂ କହିବାକୁ ଗଲେ ଏକେବାରେ ଅନର୍ଥକ ଓ ଉଦ୍ଦେଶ୍ୟହୀନ କ୍ରିୟାକଳାପଟି ଯେମିତି ଇଚ୍ଛାକୃତଭାବେ ଲାଲାଜିଙ୍କ ଉପରେହିଁ କେନ୍ଦ୍ରୀଭୂତ ହୋଇଥିଲା । ତାଙ୍କର ଶାରୀରିକ କ୍ଷତସବୁ ଏତେ ଗୁରୁତର ନଥିଲା, କିନ୍ତୁ ସମ୍ମାନନୀୟ ବରେଣ୍ୟ ଦେଶପ୍ରେମୀ ଦେଶବାସୀଙ୍କ ଉପରେ ଅର୍ଥାତ୍ ନିଜ ମାତୃଭୂମି ଉପରେ ଏମିତି ଆକ୍ରମଣରେ ଗଭୀରଭାବେ ସେମାନେ ଅପମାନିତ ହୋଇ ଉଠିଥିଲେ ।

ସେହିଦିନ ସନ୍ଧ୍ୟାରେ ଲାହୋରରେ ଆୟୋଜିତ ଏକ ସାଧାରଣ ସଭାରେ ଲାଲାଜି କହିଥିଲେ : ''ମୁଁ ଏହି ସଭାମଞ୍ଚ ଉପରେ ଦଣ୍ଡାୟମାନ ହୋଇ କହିବାକୁ ଚାହେଁ ଯେ ଆଜି ଉପରଓଳି ଆମମାନଙ୍କ ଉପରେ ହୋଇଥିବା ପ୍ରତିଟି ଆକସ୍ମିକ ଅମାନୁଷିକ ଆକ୍ରମଣ ହେଉଛି ବ୍ରିଟିଶ ସାମ୍ରାଜ୍ୟର ସର୍ବନାଶର କାରଣ (a nail in the coffin of the British Empire) । ଯେଉଁମାନେ ସେହି ଆକ୍ରମଣର ସ୍ୱରୂପ ଆଖି ଆଗରେ ଦେଖିଛନ୍ତି, ସେମାନେ କେବେହେଲେ ସେ ଦୃଶ୍ୟକୁ ଜୀବନରେ ଭୁଲି ପାରିବେ ନାହିଁ । ଏହା ଆମର ମର୍ମସ୍ଥଳକୁ ଭେଦ କରିଛି । ଆମମାନଙ୍କ ପ୍ରତି ହୋଇଥିବା କାପୁରୁଷୋଚିତ ଏହି ନିଷ୍ଠୁର ଆକ୍ରମଣର ପ୍ରତିଶୋଧ ଆମେ ନିଶ୍ଚିତରୂପେ ନେବୁ, ହିଂସାତ୍ମକ ଭାବେ ପ୍ରତି-ଆକ୍ରମଣ କରି ନୁହେଁ କିନ୍ତୁ ଆମର ସ୍ୱାଧୀନତା ଲାଭ କରି । ଆଜି ମୁଁ ସରକାରଙ୍କୁ ସତର୍କ କରାଇ ଦେଇ କହୁଛି ଯେ ଦେଶରେ ଯଦି ଏକ ହିଂସାତ୍ମକ ବିପ୍ଳବର ସୃଷ୍ଟି ହୁଏ, ତେବେ ଏହାର ଉତ୍ତର-ଦାୟିତ୍ୱ ସେହିସବୁ ଉଚ୍ଚପଦସ୍ଥ ଅଫିସରମାନଙ୍କ ଉପରେହିଁ ନ୍ୟସ୍ତ ରହିବ, ଯେଉଁମାନେ ଆଜି ଉପରଓଳି ଆମମାନଙ୍କ ଉପରେ ବର୍ବରୋଚିତ ଦୁର୍ବ୍ୟବହାର କରିଛନ୍ତି । ଆମର ଜାତୀୟଧର୍ମୀ ମତ ବା ବିଶ୍ୱାସ ତଥାପି ଅପରିବର୍ତ୍ତିତ ରହିଛି ଓ ରହିଥିବ ଏବଂ ଏଥି ନିମିତ୍ତ ଆମେ ଶପଥ ନେଇଛୁ ଏକ ଶାନ୍ତିପୂର୍ଣ୍ଣ ଅହିଂସା ଆନ୍ଦୋଳନ କରିବୁ । କିନ୍ତୁ ଯଦି ଉଚ୍ଚପଦସ୍ଥ ସରକାରୀ ଭୃତ୍ୟଗଣ ଦେଶବାସୀଙ୍କ ପ୍ରତି ଏହି ସମାନ ଧରଣର ବର୍ବରୋଚିତ ଘୃଣ୍ୟ ବ୍ୟବହାର ଚାଲୁରଖନ୍ତି, ତେବେ ମୁଁ କେବେ ବି ବିସ୍ମିତ ହେବି ନାହିଁ ଯଦି ଆମର ଯୁବଗୋଷ୍ଠୀ ଆମ ଆୟତ୍ତରୁ ବହିର୍ଭୂତ ହୋଇ ଦେଶକୁ ସ୍ୱାଧୀନ କରିବା ଉଦ୍ଦେଶ୍ୟରେ ମନଇଚ୍ଛା ମାର୍ଗ ଅନୁସରଣ କରନ୍ତି । ମୁଁ ଜାଣେନି ସେହି ପରିସ୍ଥିତିକୁ ଦେଖିବା ସକାଶେ ମୁଁ ହୁଏତ ବଞ୍ଚି ନଥିବି । କିନ୍ତୁ ଏକଥା ନିଶ୍ଚିତ ଯେ ମୁଁ ଥାଏ ବା ନଥାଏ, ଯଦି ସରକାରଙ୍କ ଦ୍ୱାରା ସେହି ପରିସ୍ଥିତିକୁ ସେମାନଙ୍କ ଉପରେ ବଳପୂର୍ବକ ଆରୋପ କରାଯାଏ, ତେବେ ପଶ୍ଚାତରେ ସେମାନଙ୍କର ବିପ୍ଳବରେ ନିଶ୍ଚିତରୂପେ ମୋର ଶୁଭକାମନା ରହିଥିବ ।'' (The Tribune, 2 Nov. 1928)

୧୭ ନଭେମ୍ବର, ୧୯୨୮ରେ ତୀବ୍ର ଅନୁଶୋଚନାରେ ଲାଲାଜିଙ୍କର ଦେହାବସାନ ଘଟିଥିଲା । ୧୯୩୦ର ପ୍ରାରମ୍ଭରୁ ସମଗ୍ର ଦେଶରେ ଅସହଯୋଗ ଆନ୍ଦୋଳନର ସୂତ୍ରପାତ ହେଲା । ପଞ୍ଜାବରେ କିନ୍ତୁ ଅପ୍ରତ୍ୟାଶିତ ଭାବରେ ବୈପ୍ଳବିକ ଆନ୍ଦୋଳନର ସୂତ୍ରପାତ ହେଲା । ଯୁବ-ବିପ୍ଳବୀ ଭଗତ୍ ସିଂ ପୁଲିସର ସହକାରୀ ସୁପରିନ୍‌ଟେଣ୍ଡେଣ୍ଟ୍ ସୌଣ୍ଡାରସ୍‌ଙ୍କୁ, ଯିଏକି ପୂର୍ବବର୍ଣ୍ଣିତ ଲାଲାଜିଙ୍କ ସମେତ ଅନ୍ୟମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାରର ପୁରୋଭାଗରେ ଦଣ୍ଡାୟମାନ ଥିଲେ, ତାଙ୍କୁ ଗୁଳିମାରି ଦେଶର ସହିଦ ହୋଇଥିଲେ ।

*

ଏକଥା ସତ ଯେ ଲାଲାଜି ଜୀବନର ଶେଷ ଆଡ଼କୁ ବେଳେ ବେଳେ ତୀବ୍ର ନୈରାଶ୍ୟବାଦର ଶିକାର ହୋଇ ଉଠୁଥିଲେ । ସେତେବେଳେ ସେ ନିଜକୁ ନିଃସଙ୍ଗ ଓ ଦୁଃଖୀ ମନେ କରୁଥିଲେ ଏବଂ ଏହିସବୁ ମୁହୂର୍ତ୍ତରେ ଭଗବାନଙ୍କ ଉପରେ ବିଶ୍ୱାସ ମଧ୍ୟ ହରାଇ ବସୁଥିଲେ । ତାଙ୍କର ଏହି ଧରଣର ନୈରାଶ୍ୟଭାବ, ସଂଶୟ, ଅବିଶ୍ୱାସ ଏବଂ ଅବସାଦଗ୍ରସ୍ତ ଅବସ୍ଥାର ପ୍ରତିଫଳନ ଘଟିଛି ଜି. ଡ଼ି. ବିର୍ଲାଙ୍କୁ ୧୨ ଜୁଲାଇ ୧୯୨୮ରେ ଲିଖିତ ଏକ ପତ୍ରରେ । ସେହି ପତ୍ରରେ ସେ ଗୋଟିଏ ବାକ୍ୟ ବ୍ୟବହାର କରିଛନ୍ତି : 'ମୁଁ କର୍ମ କରେ କାହିଁକି ନା ସଂସାରରେ ରହିଲେ ମୋତେ କର୍ମ କରିବାକୁହିଁ ହେବ ।' (I act simply because I can't help doing action) ।

ଉପରୋକ୍ତ ମାନସିକ ଅବସ୍ଥାରେ ଲାଲାଜିଙ୍କ ସକାଶେ ଏକମାତ୍ର ନିଶ୍ଚିତ ଓ ନିର୍ଭରଯୋଗ୍ୟ ଆଶ୍ରୟ ଥିଲା କର୍ମ, କେବଳ

କର୍ମରେ ସେ ଝାମ୍ପ ଦେଉ ନଥିଲେ, କର୍ମର ତୋଫାନ ମଧ୍ୟରେ ସେ ପୁରୋଭାଗରେ ଅଗ୍ରଣୀ ବୀର ହୋଇଉଠୁଥିଲେ । (ଆମର ଦୃଢ଼ ବିଶ୍ୱାସ ୫ ଜାନୁଆରୀ ୧୯୨୫ରେ ଶ୍ରୀଅରବିନ୍ଦଙ୍କୁ ଭେଟିବା ପରଠାରୁ ଲାଲାଜିଙ୍କ ଜୀବନରେ ଏକ ପରିବର୍ତ୍ତନ ଘଟିଥିଲା ।)

**୬ ଫେବ୍ରୁଆରୀ ୧୯୩୯**

୬ ଫେବ୍ରୁଆରୀ ୧୯୩୯ର 'ସାନ୍ଧ୍ୟ-ବୈଠକ'ରେ ଲଜପତ ରାୟଙ୍କର ବି. ଡ଼ି. ବିର୍ଲାଙ୍କୁ ଲିଖିତ ପତ୍ରରେ ଉଲ୍ଲେଖ କରାଯାଇଥିବା କେତୋଟି ପ୍ରଧାନ କଥା ଉପରେ ଆଲୋଚନା ଆରମ୍ଭ ହୋଇଥିଲା ।

**ଶିଷ୍ୟ-୧** : ଲଜପତ ରାୟଙ୍କର ଚିଠିର ବ୍ୟାଖ୍ୟାଗୁଡ଼ିକରୁ ମନେ ହେଉଛି ଯେ ସେ ପରବର୍ତ୍ତୀ କାଳରେ 'ମାୟାବାଦୀ' ହୋଇଉଠିଛନ୍ତି, ଯଦିଓ ସେ ସମଗ୍ର ଜୀବନବ୍ୟାପୀ ସେସବୁର ତୀବ୍ର ପ୍ରତିରୋଧ କରି ଆସିଛନ୍ତି । ସିଏ ତ ଆର୍ଯ୍ୟ ସମାଜର ଜଣେ ପ୍ରଖ୍ୟାତ ଅଗ୍ରଣୀ ନେତା ଏବଂ ଏକେଶ୍ୱରବାଦୀ ଥିଲେ ।

**ଶିଷ୍ୟ-୨** : ତାଙ୍କର ଏହି ବିପରୀତ ମନୋଭାବର ଯଥାର୍ଥ ବ୍ୟାଖ୍ୟା ବା କୈଫିୟତ୍ କ'ଣ ହୋଇପାରେ ?

**ଶ୍ରୀଅରବିନ୍ଦ** : ଯଦି ଜୀବନରେ କାହାରି ବିଫଳତାର ଏକ ମନୋଭାବ ଉଦ୍ରେକ ହୋଇଥାଏ, ତେବେ ଏହା ସାଧାରଣତଃ 'ତାମସିକ ବୈରାଗ୍ୟ' । ଅଧିକାଂଶ ବ୍ୟକ୍ତି ଯେତେବେଳେ 'ସଫଳତା' ଅର୍ଜନ କରିବା ଉଦ୍ଦେଶ୍ୟରେ କର୍ମ କରି ଅକୃତକାର୍ଯ୍ୟ ହୁଅନ୍ତି, ସେତେବେଳେ ସେମାନଙ୍କ ଭିତରେ ଏହି ପ୍ରକାର ନୈରାଶ୍ୟଭାବ ଆସିଥାଏ, ବିଫଳତା ଏବଂ ନୈରାଶ୍ୟ ଭାବହିଁ ବ୍ୟକ୍ତି ମଧ୍ୟରେ ବୈରାଗ୍ୟ ଭାବ ଆଣିଥାଏ, ଯାହାକୁ କୁହାଯାଏ 'ଶ୍ମଶାନ ବୈରାଗ୍ୟ' । ଏହା ହେଉଛି ପାର୍ଥିବ-ବିରକ୍ତିର ଏକ ସାମୟିକ ଅବସ୍ଥା (ଜଗତ୍ ମାୟା) ।

କିନ୍ତୁ ଲଜପତ ରାୟଙ୍କ କ୍ଷେତ୍ରରେ, ଏହା ବୋଧହୁଏ ସାତ୍ତ୍ୱିକ ବିରକ୍ତି । ଏହି ଅବସ୍ଥାରେ ମନରେ ଯେଉଁ ଧରଣର ଚିନ୍ତା ଆସେ, ମନେହୁଏ ସବୁକିଛି ଅସ୍ଥାୟୀ ଏବଂ ସେତେବେଳେ କର୍ମ କରିବାର ଯେଉଁ ପୂର୍ବଧାରା ବା ପୂର୍ବ-ଉଦ୍ଦେଶ୍ୟ ଥିଲା ସେସବୁ ଆଉ ପର୍ଯ୍ୟାପ୍ତ ହୁଏ ନାହିଁ । ଏହା ହୁଏତ ତାଙ୍କର ଜୀବନବ୍ୟାପୀ କର୍ମର ଧାରାରେ ଯେଉଁ ଆଧ୍ୟାତ୍ମିକ ଉନ୍ନତି ହୋଇଥିଲା, ତା'ରି ପ୍ରଭାବରୁ ଏପରି ହୋଇଛି । ଏହି ସ୍ଥିତିରେ ବ୍ୟକ୍ତିର ମନହିଁ ଜଗତର ସବୁକିଛି ଜାଣିବାକୁ ଚାହେଁ । ଗୌତମ ବୁଦ୍ଧ ମଣିଷର ଦୁଃଖଦୁର୍ଦ୍ଦଶା ଦେଖି ନିଜକୁ ପ୍ରଶ୍ନ କରିଥିଲେ, 'ଏହି ଦୁଃଖଦୁର୍ଦ୍ଦଶା କାହିଁକି ?' ଏବଂ ପରବର୍ତ୍ତୀ ପ୍ରଶ୍ନ ଥିଲା, 'ଏଥିରୁ କେମିତି ଉଦ୍ଧାର ପାଇହେବ ?' ପବିତ୍ର ସାତ୍ତ୍ୱିକ ବୈରାଗ୍ୟ ହେଉଛି ଯେତେବେଳେ ଜଣେ ନିଜର ପ୍ରତିଟି ବ୍ୟକ୍ତିଗତ ଗତିବିଧିକୁ, ନିଜର କ୍ରିୟାକଳାପ ଓ ଚିନ୍ତାରାଜି ସବୁକୁ ତୁଚ୍ଛ ବା ଆପେକ୍ଷିକ ଭାବରେ ଗୁରୁତ୍ୱହୀନ ବୋଲି ଉପଲବ୍ଧି କରେ ଏବଂ ଯେତେବେଳେ ତା' ସମ୍ମୁଖରେ ସସାଗରା ପୃଥିବୀ, ଅନନ୍ତକାଳ ଓ ଅସୀମ ମହାକାଶ ପରିବ୍ୟାପ୍ତ ହୋଇଥିବାର ଉପଲବ୍ଧି କରେ ଏବଂ ଅନୁଭବ କରିବାକୁ ଲାଗେ ଯେ ମଣିଷକୃତ ଯାବତୀୟ କର୍ମ କିଛି ବି ନୁହେଁ, ଶୂନ୍ୟ ।...

ଶିଷ୍ୟ : କିନ୍ତୁ ଲଜପତ ରାୟ ଯିଏକି ଆର୍ଯ୍ୟସମାଜବାଦୀ ହିସାବରେ ବେଶ୍ ଗଣ୍ୟମାନ୍ୟ ବ୍ୟକ୍ତି, ତେଣୁ ତାଙ୍କର ଆସ୍ତିକ ହେବା ତ ସ୍ୱାଭାବିକ, କିନ୍ତୁ ତାଙ୍କର ଉପରୋକ୍ତ ଚିଠିରେ ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧେ ସେ କିପରି ସନ୍ଦେହୀ ହୋଇ ଉଠିଛନ୍ତି ?

ଶ୍ରୀଅରବିନ୍ଦ : କିଛି ଯାଏ ଆସେ ନାହିଁ । ଏହାର କେବଳ ଗୋଟିଏ ଅର୍ଥ ଯେ ସେ ଜଗତରେ ଭଗବାନଙ୍କ କର୍ମର ଧାରା ସମ୍ବନ୍ଧେ ଏବଂ ଏହି ସଂସାରର ପ୍ରକୃତ ସ୍ୱରୂପ ସମ୍ବନ୍ଧରେ ଜାଣିବାକୁ ଚାହିଁଛନ୍ତି ।

(Evening Talks, p. 166 - 67)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ତୁମର ସକଳ ହୃଦୟ ଦେଇ ଯଥାଶକ୍ତି ତୁମେ ନିଜର କାର୍ଯ୍ୟ କର; ମୋର ସାହାଯ୍ୟ ଓ ଅଜସ୍ର ଆଶୀର୍ବାଦ ତୁମ ଲାଗି ସବୁବେଳେହିଁ ରହିଥିବ ।

— ଶ୍ରୀମା

# ନାରୀ

## ମାଧବ ପଣ୍ଡିତ

ଗୋଟିଏ ସିଂହ ଏବଂ ତା'ର ସାଥୀ (mate) ଯାଉଛନ୍ତି – ଗୋଟିଏ କାନ୍ଥ ଉପରେ ଉଜ୍ଜ୍ୱଳ ଛବି ଦେଖି ସେମାନେ ନୀରବରେ ଅଟକିଗଲେ – ଛବିଟିରେ ଗୋଟିଏ ମନୁଷ୍ୟ ସିଂହ ଉପରେ ଆରୋହଣ କରିଥିଲା – ଏହାକୁ ନିରୀକ୍ଷଣ କରି ସିଂହୀ କହିଲା – ''ଦେଖ, ଗୋଟିଏ ମନୁଷ୍ୟ ସିଂହ ଉପରେ ବସିଥିବାର ଦେଖାଯାଉଛି !'' ''ଠିକ୍ ଅଛି'', ସିଂହ ଉତ୍ତର ଦେଇ କହିଲା – ''ଏହି ଛବିଟି ମନୁଷ୍ୟ ଦ୍ୱାରା ଅଙ୍କିତ, ମୁଁ ଯଦି ଏହାକୁ ଆଙ୍କିଥା'ନ୍ତି ତା'ହେଲେ ମନୁଷ୍ୟ ଉପରେ ସିଂହଟି ବସିଥା'ନ୍ତା ।''

ପୁରୁଷ ନାରୀ ଅପେକ୍ଷା ବଡ଼ ବୋଲି ଯେତେବେଳେ କୁହାଯାଏ ସେତେବେଳେ ଏହି ଗପଟି ସ୍ମରଣ କରାଇଦେବା ଉଚିତ । କିନ୍ତୁ ଏହା ସେପରି ହୋଇଯାଇଛି; ଏପରିକି କେତେକ ଧର୍ମଗ୍ରନ୍ଥରେ ପୁରୁଷର ପ୍ରାଧାନ୍ୟ ଏବଂ ଗୁରୁତ୍ୱ ଉପସ୍ଥାପନ ପାଇଁ ଉଦାହରଣମାନ ଦିଆଯାଇଛି । ଏହା ସତ୍ୟ ଏବଂ କେତେକ ପୁରାତନ ପରମ୍ପରାରେ ଗ୍ରହଣ କରାଯାଇଛି ଯେ, ଯେତେବେଳେ ପରମ ପୂର୍ଣ୍ଣବ୍ରହ୍ମ ଆତ୍ମପ୍ରକାଶ ପାଇଁ ଇଚ୍ଛା କଲେ, ସେତେବେଳେ ପ୍ରଥମ ସ୍ତର ଥିଲା ଏକ ସୃଜନଶୀଳ ଚେତନାର ନିଃସରଣ । ବର୍ତ୍ତମାନ ଏହି ପୂର୍ଣ୍ଣବ୍ରହ୍ମକୁ ପୁରୁଷ ଓ ନିକ୍ଷିପ୍ତ ସୃଜନଶୀଳ ଚେତନାକୁ ନାରୀ ରୂପେ ଏବଂ ପ୍ରଥମଟିକୁ ଉଚ୍ଚ ଓ ଦ୍ୱିତୀୟଟିକୁ ନୀଚ ବୋଲି ଧରାଗଲା । ମା କୌତୁକପୂର୍ଣ୍ଣ ଭାବେ ମତ ଦିଅନ୍ତି ଯେ – ଏହା ଜଣା ନାହିଁ ଯେ ପରମଙ୍କ ଅନୁଭୂତିକୁ ଏପରି ନିର୍ଦ୍ଧାରଣ ଓ ଗଠନ କରିବା ନିମନ୍ତେ ଉପଯୁକ୍ତ ମାନବିକ ବିଚାର ପ୍ରୟୋଗ କରାଯାଇଛି ନା ପରମଙ୍କ ଇଚ୍ଛାନୁସାରେ ଏହି ମାନବିକ ପାର୍ଥକ୍ୟ ସୃଷ୍ଟି ହୋଇଛି । ଏହା ଯେପରି ହେଉନା କାହିଁକି, ତନ୍ତ୍ରରେ ଏକ ପରମ୍ପରା ଅଛି; ପୂର୍ଣ୍ଣବ୍ରହ୍ମ ଲିଙ୍ଗହୀନ; ସେ କେବଳ ଏହା (It) । ଏହାକୁ ପରାସମ୍ବିତ୍, ପରମ ଚେତନା କୁହାଯାଏ । ଏହି ସମ୍ବିତ୍ ଯେତେବେଳେ ପ୍ରକାଶ ନିମିତ୍ତ ଇଚ୍ଛା କଲେ ସେ ନିଜକୁ ଶିବ ଓ ଶକ୍ତି ରୂପେ ଦୁଇ ଭାଗରେ ବିଭକ୍ତ କଲେ । ପୁରୁଷ (He) ଏବଂ ନାରୀ (She); ଉଭୟ ଏକହିଁ ସତ୍ତା । ଉଭୟ ସ୍ଥିତିରେ ସମାନ ଏବଂ ଉଭୟହିଁ ସୃଷ୍ଟିର ପିତା । ଆମର ଭାବିବା ଉଚିତ ଯେ ଏହା ଉଚ୍ଚତମ ଅଧ୍ୟାତ୍ମ ଅଭିଜ୍ଞତାର ଉତ୍ତର ଦିଏ ଯେଉଁଥିରେ ଲିଙ୍ଗଗତ କୌଣସି ପାର୍ଥକ୍ୟ ନାହିଁ କିଂବା ଏହି ଭିତ୍ତି ଉପରେ ପ୍ରତିଷ୍ଠିତ କୌଣସି ଉଚ୍ଚ ନୀଚ ଆସନ ନାହିଁ ।

ବର୍ଷ ବର୍ଷ ଧରି ପୁରୁଷ ନାରୀ ଉପରେ ନିଜର ପ୍ରାଧାନ୍ୟ ବଜାୟ ରଖିଛି ଏବଂ ତାକୁ ଶାସନ କରିବାକୁ, ଆଦେଶ ପାଳନ କରିବାକୁ ଚିତ୍କାର କରୁଛି । ନାରୀ ଖୋଲା ଭାବରେ ବା ପ୍ରଚ୍ଛନ୍ନ ଭାବରେ ଏଇଥିରେ ବାଧା ଦେଇଛି ଏବଂ ବିପ୍ଳବ କରିଛି । ତେଣୁ ଯେଉଁ ନିରନ୍ତର ବିରୋଧ ଲାଗି ରହିଛି ତାହା ମଣିଷ ମଣିଷ ମଧ୍ୟରେ ଏତେ ପରିମାଣରେ ସଂଘର୍ଷ ଓ ଅସଦିଚ୍ଛାର ମୂଳ ଉତ୍ସ ହୋଇ ପଡ଼ିଛି । ନାରୀ ପୁରୁଷ ସହିତ ପୂର୍ଣ୍ଣ ସମାନତା ଚାହିଁଛି । ଯଦିଓ ଆଧୁନିକ ମନ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇ ଆସିଥିବା ପାରମ୍ପରିକ ନାରୀପୁରୁଷ ସମ୍ବନ୍ଧୀୟ ଅବସ୍ଥାକୁ ପରିବର୍ତ୍ତନ କରିବାର ଆବଶ୍ୟକତା ଅନୁଭବ କରୁଛି ତଥାପି ମଧ୍ୟ ଏହା ବିରୋଧରେ କେତେକ ସ୍ୱର ଶାରୀରିକ ତଥା ଏହିପରି କେତେକ ଦୃଷ୍ଟିକୋଣରୁ ଉଠୁଛି । ସେମାନେ କହନ୍ତି – ପୁରୁଷ ଗୁଣ ଓ ଯୋଗ୍ୟତାରେ ପ୍ରକୃତି ଦ୍ୱାରା ଶକ୍ତିଶାଳୀ, ଏହା ସେମାନଙ୍କୁ ନାରୀଠାରୁ ଉଚ୍ଚତର ପ୍ରାଣୀ ବୋଲି ଚିହ୍ନିତ କରୁଛି ଏବଂ ନାରୀ ତା'ର ଶାରୀରିକ ଓ ଜୀବନକ୍ଷେତ୍ରରେ ଭୂମିକା ଦୃଷ୍ଟିରୁ ପୁରୁଷଠାରୁ ନିକୃଷ୍ଟ ।

ସତ କହିବାକୁ ଗଲେ ମା'ଙ୍କ ମତରେ ଘଟଣାଟି ସମ୍ପୂର୍ଣ୍ଣ ଭିନ୍ନ । ଏମାନଙ୍କ ମଧ୍ୟରୁ କେହି ପ୍ରଭୁ ନୁହନ୍ତି କି କେହି ମୁକ୍ତ ନୁହନ୍ତି । ଉଭୟ ଦାସ । ଉଭୟ ପୁରୁଷ ଓ ନାରୀ ସେମାନଙ୍କର ପାରସ୍ପରିକ ଦାସତ୍ୱରେ ସମାନ । ସେମାନଙ୍କ ଆଧିପତ୍ୟର ପରିଧି ମଧ୍ୟରେ ଉଭୟେ ସମାନଭାବରେ ଅତ୍ୟାଚାରୀ ପ୍ରଭୁ । ନାରୀ ପୁରୁଷର ଶକ୍ତି, ସାହାଯ୍ୟ, ସୁରକ୍ଷା, ନିରାପତ୍ତା ଏବଂ ନିଜର ମାତୃତ୍ୱର ପ୍ରବୃତ୍ତି ଚରିତାର୍ଥ ପାଇଁ ପୁରୁଷ ଉପରେ ନିର୍ଭର କରେ । ପୁରୁଷ ନାରୀ ଉପରେ ନିର୍ଭର କରେ ନିଜର ଅଧିକାର ଭାବ, କର୍ତ୍ତୃତ୍ୱ, ଯୌନବାସନା ଚରିତାର୍ଥ ଏବଂ ଗୃହର ସାମାନ୍ୟ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ । କାମନା, ଆସକ୍ତି, ନିର୍ଭରଶୀଳତା ହେଲା ଶୃଙ୍ଖଳ ଯାହା ଜଣକୁ ଅନ୍ୟଠାରେ ବାନ୍ଧି ରଖେ । ଯେତେବେଳେ କେହି ଜଣେ ଏହି ନିର୍ଭରତା ଓ ଦାସତ୍ୱକୁ ଭାଙ୍ଗି ବାହାରକୁ

ଆସିପାରିବ ସେତେବେଳେ ସେ ମୁକ୍ତ ହୋଇପାରିବ । ତଥାପି ମଧ୍ୟ ପୁରୁଷ ଓ ନାରୀ ଏହି ଦାସତ୍ୱ ବହନ କରି ଚାଲିଛନ୍ତି । ଉଚ୍ଚ, ନୀଚ ଭାବନା କେବଳ ଏକ ଭ୍ରମ ମାତ୍ର ।

ପୁନଶ୍ଚ ପୂରାପୂରି ପୁରୁଷତ୍ୱ ଓ ପୂରାପୂରି ନାରୀତ୍ୱ ବୋଲି କୌଣସି ଜିନିଷ ନାହିଁ । ସମସ୍ତ ନାରୀମାନଙ୍କର କିଛି ପୁରୁଷ ଗୁଣ ଓ ସମସ୍ତ ପୁରୁଷମାନଙ୍କର ବି କିଛି ନାରୀର ଗୁଣ ରହିଛି । ଶାରୀରିକ ପାର୍ଥକ୍ୟ ବ୍ୟତୀତ ଅନ୍ୟ କୌଣସି ମୌଳିକ ପାର୍ଥକ୍ୟ ନାହିଁ । ଉଭୟ ସମାନ ସମ୍ଭାବନାର ସହ ସମାନ ଭାବରେ ବିବର୍ତ୍ତିତ ।

ତଥାପି ଗୋଟିଏ ଆକାରରେ ହେଉ ବା ଅନ୍ୟ ଆକାରରେ ହେଉ ଦ୍ୱନ୍ଦ୍ୱ ଲାଗି ରହିଛି । ମା'ଙ୍କ ମତରେ ଏଥିରୁ ମୁକ୍ତ ହେବାର ପଥ ହେଉଛି ଉଭୟେ ସେମାନଙ୍କର ସାଧାରଣ ମୂଳ ଉତ୍ସ ଭଗବାନଙ୍କ ପ୍ରତି ଦୃଷ୍ଟିପାତ କରିବା ଉଚିତ । କେହି ଥରେ ମାତ୍ର ଉଚ୍ଚତର ଚେତନାରେ ଜାଗ୍ରତ୍ ହେଲେ ଓ ସେଥିରେ ବାସ କଲେ ଏହା ପରିଷ୍କାର ଦେଖା ଯାଇଛି ଏବଂ ଅନୁଭୂତ ହୋଇଛି ଯେ, ଗୋଟିଏ ଚେତନା ଗୋଟିଏ ଜାତି (Species)ରେ ନିଜକୁ ଅଭିବ୍ୟକ୍ତ କରିଛି । ତାହା ହେଲା ମନୁଷ୍ୟଜାତି ଏବଂ ଲିଙ୍ଗ ଉଚ୍ଚ ନୀଚ ଭେଦର ଭିତ୍ତିଭୂମି ନୁହେଁ; କେବଳ ଏକ କ୍ରିୟାତ୍ମକ ଉଦ୍ଦେଶ୍ୟ ନିମନ୍ତେ ଏକ ପାର୍ଥକ୍ୟ । ତଥାପି ମଧ୍ୟ ଏହି ଆକୃତିକୁ ବିବର୍ତ୍ତନଶୀଳ ସୃଷ୍ଟିର ଉଚ୍ଚତର ଅବସ୍ଥାରେ ଏକ ସ୍ଥାୟୀ ଉପାଦାନ ରୂପେ ଗ୍ରହଣ କରିବା ଦରକାର ନାହିଁ । ବର୍ତ୍ତମାନର ବିବର୍ତ୍ତନରେ ଆସୁଥିବା ନୂତନ ମାନବଜାତି ଏହି ସମ୍ଭାବନା ଧାରଣ କରିଛି ଯେ ପ୍ରଜନନ ପାଇଁ ଏକ ସାହାଯ୍ୟକାରୀ ରୂପେ ଲିଙ୍ଗକୁ ବାଦ୍ ଦିଆଯିବ ଏବଂ ଏହାର ଭୂମିକା ସମ୍ପୂର୍ଣ୍ଣ ବଦଳିଯିବ ।

('The Mother of Love' ପୁସ୍ତକର ପ୍ରଥମ ଭାଗରେ ଥିବା 'Women' ବିଷୟଟିର ଅନୁବାଦ କରିଛନ୍ତି ପରୀକ୍ଷିତ ଜେନା ।) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

**ନୂତନ ବିକ୍ରମ-ବେତାଳ କାହାଣୀ :**

# ଅଭିନବ ନେତ୍ରମେଧ ଯଜ୍ଞ

ନିଶାର୍ଦ୍ଧ । ଆକାଶ ଗାଢ଼ ମେଘାଚ୍ଛନ୍ନ । ବିଦ୍ୟୁତ୍ ଚମକିବା ସଙ୍ଗେ ସଙ୍ଗେ ବଜ୍ର ଧ୍ୱନିରେ ପ୍ରକମ୍ପିତ ହେଉଥାଏ ସେ ନିର୍ଜନ ମୁଲକ ।

ବିଜୁଳି ଆଲୁଅରେ ଝଟକି ଉଠୁଥା'ନ୍ତି ଶ୍ମଶାନଯାକ ବିକ୍ଷିପ୍ତ ନରକଙ୍କାଳମାନ । ଆଖ ପାଖର ବଣବୁଦା ଭିତରୁ ଶୁଭୁଥାଏ କେତେ କିସମର ପଶୁଙ୍କ ରଡ଼ି । ତୁହାକୁ ତୁହା ହିମ ପବନ ଯେପରିକି ଅସ୍ଥିମଜ୍ଜା ଥରାଇଦେବ !

କିନ୍ତୁ ସେହି ଦୁର୍ଯୋଗମୟ ରାତିରେ ନିର୍ଭୀକ ରାଜା ବିକ୍ରମ ବୃକ୍ଷାରୋହଣ କରି ତାନ୍ତ୍ରିକର ନିର୍ଦ୍ଦେଶ ଅନୁସାରେ ଏକ ଉଚ୍ଚ ଶାଖାରୁ ମୃତ ଦେହଟିକୁ ଉତାରି ଆଣିଲେ । ତେବେ ତାକୁ କାନ୍ଧରେ ପକାଇ ସେ ଆଗକୁ ପାଦ ବଢ଼ାଇବା କ୍ଷଣି ସେ ଦେହସ୍ଥିତ ବେତାଳ କହିଲା, ''ହେ ରାଜନ୍ ! ଗୋଟାଏ ଘଟଣା ଶୁଣାଉଛି । ମନ ଦେଇ ଶୁଣ । ଶ୍ରମଭାର ଲାଘବ ହେବ ।''

ରାଜାଙ୍କ ମୌନତାକୁ ସମ୍ମତି ବୋଲି ଧରି ନେଇ ବେତାଳ ଗପିଲା :

ବହୁ ବର୍ଷ ତଳର କଥା । ମଲ୍ଲିନଗରୀ ନାମକ ସମୃଦ୍ଧ ରାଜ୍ୟରେ ରାଜୁତି କରୁଥିଲେ ଶ୍ରେୟଦତ୍ତ ନାମକ ଜଣେ ସୁଦକ୍ଷ ରାଜା । ତାଙ୍କୁ ଖାଲି ସୁଦକ୍ଷ କହିବା ଯଥେଷ୍ଟ ହେବ ନାହିଁ । ସେ ଥିଲେ ଜଣେ ରାଜର୍ଷି ପ୍ରତିମ ଶାସକ । ନୀତିସମ୍ମତ ଶାସନରେ ଯେପରି ତିଳେ ମଧ ବ୍ୟତିକ୍ରମ ନହେବ, ସେ ଦିଗରେ ସେ ଥିଲେ ସଦା ସତର୍କ । ତାଙ୍କର କୌଣସି ବିଳାସପୂର୍ଣ୍ଣ ଅଭ୍ୟାସ ନଥିଲା । ଗୁଣୀ ଅଥଚ ଅଭାବଗ୍ରସ୍ତ ଗୃହସ୍ଥମାନଙ୍କୁ ସେ ଯେପରି ସେମାନଙ୍କ କୃଷି କର୍ମ ଅଥବା ବ୍ୟବସାୟରେ ଉନ୍ନତି ସକାଶେ ଅକୃପଣ ସାହାଯ୍ୟ ଦେଉଥିଲେ, ମେଧାବୀ ଶିଳ୍ପୀ, କବି ଓ ଗବେଷକମାନଙ୍କୁ ସେହିପରି ପୃଷ୍ଠପୋଷକତା ପ୍ରଦାନ କରୁଥିଲେ ।

ତେବେ ତାଙ୍କ ଶୁଭେଚ୍ଛୁ ଓ ବନ୍ଧୁମାନେ ରାଜା ନିଃସନ୍ତାନ ଥିବା ଯୋଗୁଁ ଦୁଃଖ ପ୍ରକାଶ କରୁଥିଲେ । ରାଜା କିନ୍ତୁ ହସି ହସି କହୁଥା'ନ୍ତି, ''ମୋ ପୁଅଟିଏ ଯେ ନିଶ୍ଚିତ ଭାବେ ଜଣେ ସଜ୍ଜନ ହେବ, ସୁଶାସକ ହେବ, ସେ ପ୍ରତିଶ୍ରୁତି କେହି ଦେଇ ପାରିବେ କି ? ମୋ ମନ୍ତ୍ରିମଣ୍ଡଳ ଏବଂ ଅମାତ୍ୟବର୍ଗଙ୍କ ପୁତ୍ରମାନଙ୍କ ଭିତରେ ନିଶ୍ଚୟ କେହି କେହି ବୁଦ୍ଧିମାନ୍ ଓ ବିବେକୀ ତରୁଣ ଥିବେ । ସେମାନଙ୍କ ଭିତରୁ ଜଣକୁ ସିଂହାସନରେ ବସାଇବାରେ ସମସ୍ୟା କ'ଣ ? ମୁଁ ନିଜେ ସଜ୍ଞାନରେ କିଛି ଅନ୍ୟାୟ କରି ନାହିଁ କିଂବା କରିବି ନାହିଁ, ମୋର ଏତକ ଆତ୍ମବିଶ୍ୱାସ ରହିଛି । କିନ୍ତୁ ମୋ ପୁଅ ଥିଲେ ସେ ଗୋଟିକ ମୋହରି ଭଳି ସଜାଗ ଓ ସତର୍କ ରହିବ ବୋଲି କେହି ଭବିଷ୍ୟତ୍ ବାଣୀ କରିପାରନ୍ତେ ନାହିଁ । ମୋ ରକ୍ତ ଜଣକ ଧମନୀରେ ପ୍ରବାହିତ ହୋଇପାରେ, କିନ୍ତୁ ମୋ ଚେତନା ଯାଇ ତା' ଚେତନାର ସ୍ଥାନ ଅଧିକାର କରିପାରିବ କି ?''

ରାଜାଙ୍କର ଏଭଳି ଯୁକ୍ତିରେ ସମସ୍ତେ ନୀରବ ରହି ଯାଉଥିଲେ ।

ରାଜା ବାର୍ଦ୍ଧକ୍ୟରେ ଉପନୀତ ହେଲେ । ଜଣେ ସନ୍ଥଙ୍କୁ ସେ ଗୁରୁର ମର୍ଯ୍ୟାଦା ଦେଉଥା'ନ୍ତି । ଦିନେ ରାଜା ସେହି ଗୁରୁ ସ୍ଥାନୀୟ ସନ୍ଥଙ୍କୁ ଏକାନ୍ତରେ କହିଲେ, ''ମହାଭାଗ ! ମୁଁ କାହାକୁ ହେଲେ ମୋର ଉତ୍ତରାଧିକାରୀ ରୂପେ ମନୋନୀତ କରିବାର ସମୟ ସମାଗତ ।''

''ଯଥାର୍ଥ କଥା ।'' ସନ୍ଥ କହିଲେ ।

''ମହାଭାଗ ! ମୋ ଜ୍ଞାତିକୁଟୁମ୍ବ ତଥା ମନ୍ତ୍ରୀ ଏବଂ ଅମାତ୍ୟ ବର୍ଗଙ୍କର କୋଡ଼ିଏ, ପଚିଶ ସରିକି ତରୁଣ ପୁତ୍ରମାନଙ୍କୁ ବାରଂବାର ଏକତ୍ର କରି ସେମାନଙ୍କ ସହ ଆଳାପ ଆଲୋଚନା, ପ୍ରଶ୍ନୋତ୍ତର କରି ଆସୁଛି । ସେମାନଙ୍କ ଜ୍ଞାନ, ବୁଦ୍ଧି, ଆଚରଣ – ଏସବୁ ପର୍ଯ୍ୟବେକ୍ଷଣ କରୁଛି । ସେମାନଙ୍କ ଭିତରୁ ଚାରିଜଣ ମୋତେ ବେଶ୍ ଉପଯୁକ୍ତ ମନେ ହେଉଛନ୍ତି । ସବୁ ଗୁଣରେ ସେମାନେ ଊଣା ଅଧିକ ସମାନ । ସେ ଚାରି ତରୁଣଙ୍କର ଆଉ କେଉଁ ଗୁଣର ପରୀକ୍ଷା ନେଇ ମୁଁ ଜଣକୁ ମୋ ଉତ୍ତରାଧିକାରୀ ମନୋନୀତ କରିବି, ତାହାହିଁ ପ୍ରଶ୍ନ ।'' ରାଜା ତାଙ୍କ ସମସ୍ୟା ଉପସ୍ଥାପନ କଲେ ।

ସନ୍ଥ ଟିକିଏ ଧ୍ୟାନସ୍ଥ ରହି ରାଜାଙ୍କୁ ଗୁଣଟି କହି ଦେଲେ ଏବଂ କେଉଁ ରୀତିରେ ପରୀକ୍ଷା କରି କିଏ ଉତ୍ତୀର୍ଣ୍ଣ ହେଲା ବୋଲି ସିଦ୍ଧାନ୍ତ ନିଆଯିବ, ତାହା ବତାଇ ଦେଲେ ।

ରାଜାଙ୍କ ବଦନ ଉଜ୍ଜ୍ୱଳ ଦିଶିଲା ।

ପରଦିନ ସେ ଏକମାତ୍ର ସନ୍ଥଙ୍କ ଉପସ୍ଥିତିରେ ଉପରୋକ୍ତ ଚାରି ଯୁବକ – ଗୌତମ, ସୁଶାନ୍ତ, ଶ୍ରୀଦେବ ଏବଂ ମହେନ୍ଦ୍ରଙ୍କୁ ଡକାଇ କହିଲେ, ''ମୋର ଆୟୁ ଶେଷ ହୋଇ ଆସୁଛି । ତେବେ ମୋତେ ଅପେକ୍ଷାକୃତ ଦୀର୍ଘାୟୁ କରିବା ନିମନ୍ତେ ସନ୍ଥ ମହାଭାଗ ଗୋଟାଏ ଅଭିନବ ଯଜ୍ଞ ଅନୁଷ୍ଠିତ କରିବାର ପ୍ରସ୍ତାବ ରଖୁଛନ୍ତି । ସେ ଅନୁଷ୍ଠାନର ନାମ ନେତ୍ରମେଧ ଯଜ୍ଞ । ମୋତେ ଅତୀବ ଶ୍ରଦ୍ଧା କରୁଥିବେ ଏବଂ ମୋ'ଠାରୁ କିଛି ପ୍ରତ୍ୟାଶା ନଥିବ, ସେଭଳି ଜଣେ ଯୁବକ ଆପଣାର ବେନି ନୟନ ସ୍ୱତଃସ୍ଫୂର୍ତ୍ତ ଭାବେ ତ୍ୟାଗ କରିବା ଚାହି । ତାହାହିଁ ହେବ ଯଜ୍ଞରେ ମୁଖ୍ୟ ଆହୁତି । ଯୁବକ ଜଣକ ଅନ୍ଧ ହେବ; ପୁଣି ତା'ର ଜୀବନ ମଧ୍ୟ ଯାଇପାରେ । ତୁମେ ଚାରିଜଣ ଚାରି ଦିଗକୁ ଯାଅ । ସୁସ୍ଥ ସବଳ ଯୁବକମାନଙ୍କୁ ଭେଟି ଏ ଚାହିଦା କଥା କହିବ । କାହାକୁ ପ୍ରବର୍ତ୍ତାଇବ ନାହିଁ । ଶୁଣିବାମାତ୍ରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଯିଏ ବିନା ସର୍ତ୍ତରେ ତୁରନ୍ତ ଏଭଳି ତ୍ୟାଗ ପାଇଁ ବାହାରି ପଡ଼ିବ, ତାକୁ ସ୍ୱାଗତ କରି ନେଇ ଆସିବ ।''

ରାଜା ଚାରି ଯୁବକଙ୍କୁ ତିନି ଦିନ ସମୟ ଦେଲେ । କିଏ କେଉଁ ଦିଗକୁ ଯିବେ ତାହା ସ୍ଥିର କରି ଦେଲେ । ଚତୁର୍ଥ ଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ସେମାନେ ନଅର ଅଭ୍ୟନ୍ତରସ୍ଥ ଦେବ ମନ୍ଦିରରେ ରାଜା ଓ ସନ୍ଥଙ୍କୁ ଭେଟିବେ, ରହିଲା ଏହି ସର୍ତ୍ତ । ହୁଏତ ତତ୍‌କ୍ଷଣାତ୍ ଯଜ୍ଞ ଅନୁଷ୍ଠିତ ହେବ । ଯୁବକମାନେ ସନ୍ଥ ଓ ରାଜାଙ୍କୁ ପ୍ରଣାମ କରି ବିଦାୟ ନେଲେ ।

ଚତୁର୍ଥ ଦିନ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁହିଁ ମନ୍ଦିର ପ୍ରାଙ୍ଗଣରେ କେବଳ ଗୌତମଙ୍କୁ ଛାଡ଼ି ଅନ୍ୟ ତିନି ଯୁବକ ଉପନୀତ ହେଲେ । ସେମାନେ ବିମର୍ଷ ଭାବରେ ଯାହା କହିଲେ, ତା'ର ସାରାଂଶ ହେଲା, ଶୁଣିବାମାତ୍ରେ ସ୍ୱତଃସ୍ଫୂର୍ତ୍ତଭାବେ ସେଭଳି ତ୍ୟାଗ କରିବାକୁ କେହି ଆଗଭର ହେଲେ ନାହିଁ । ଅବଶ୍ୟ ବେଶ୍ କେତେ ଜଣ ସେମାନଙ୍କ ପରିବାର ସକାଶେ ରାଜଦତ୍ତ ଯଥେଷ୍ଟ ସମ୍ବଳ ଛାଡ଼ି ଯାଇପାରିଲେ ଅନ୍ଧ ହେବାକୁ ବା ଜୀବନ ବିପନ୍ନ କରିବାକୁ ପ୍ରସ୍ତୁତ ବୋଲି ଜଣାଇଥିଲେ । କେହି କେହି କୌଣସି ସର୍ତ୍ତ ନରଖିଲେ ମଧ୍ୟ କିଛି ସମୟ ଚିନ୍ତା କରି କୁଣ୍ଠିତ ଭାବରେ ତ୍ୟାଗ ପାଇଁ ଆଗଭର ହେଲେ ।

''ଗୌତମ କାହାନ୍ତି ?'' ରାଜା ଇତସ୍ତତଃ ଅନାଇ ପ୍ରଶ୍ନ କଲେ ।

ତିନି ଯୁବକଙ୍କ ମଧ୍ୟରୁ ଜଣେ କହିଲେ, ''ଏକତ୍ର ସଭିଏଁ ଆସିବୁ ବୋଲି ଆମେ ବି ତାଙ୍କ ଘରକୁ ଯାଇଥିଲୁ । କିନ୍ତୁ...''

ଯୁବକଟି ବାକ୍ୟ ସମ୍ପୂର୍ଣ୍ଣ ନକରିବାରୁ ରାଜା ସ୍ୱଗତୋକ୍ତି କଲା ଭଳି କହିଲେ, ''ସେ ତ ପୂର୍ବ ଦିଗକୁ ଯାଇଥିବା କଥା ।''

''ମହାରାଜ ! ତାଙ୍କ ଘର ଅବଶ୍ୟ ନଅରର ପୂର୍ବ ଦିଗରେ । କିନ୍ତୁ ଆମେ ଯାହା ସନ୍ଧାନ କରି ଜାଣିଲୁ, ସେ ଗତ ତିନିଦିନ ଯାକ କୌଣସି ପୂଜାର୍ଚ୍ଚନାରେ ବ୍ୟସ୍ତ । ଘରୁ ମୋଟେ ପାଦ କାଢ଼ି ନାହାନ୍ତି ! ଅବଶ୍ୟ ମହାରାଜ କୌତୂହଳୀ ବୋଲି ଏକଥା ଜଣାଇଲି । ତାଙ୍କ ଆଚରଣ ଉପରେ ମନ୍ତବ୍ୟ ଦେବା ଆମର ଅନଧିକାର ଚର୍ଚ୍ଚା !'' ଆଉ ଜଣେ ଯୁବକ କହିଲେ ।

ତାଙ୍କ ବକ୍ତବ୍ୟ ଶେଷ ହେବା ବେଳକୁ ସଦ୍ୟ ସ୍ନାନ ସମାପନ କରି ପାଟବସ୍ତ୍ର ପରିଧାନ କରିଥିବା ଗୌତମ ଆସି ପହଞ୍ଚି ସନ୍ଥ ଏବଂ ରାଜାଙ୍କୁ ପ୍ରଣାମ କଲେ ଓ କହିଲେ, ''ପ୍ରସ୍ତୁତ !''

ରାଜା ସନ୍ଥଙ୍କ ଆଡ଼େ ଅନାଇଲେ । ସନ୍ଥ ଗୌତମ ଶିରରେ ହାତ ରଖି ରାଜାଙ୍କୁ କିଛି ଇଙ୍ଗିତ ଦିଅନ୍ତେ ରାଜା କହିଲେ, ''ଯଥାଶୀଘ୍ର ପ୍ରସ୍ତୁତ ହୁଅ – ଯୁବରାଜ ସୁଲଭ ଦାୟିତ୍ୱ ବହନ କରିବା ନିମନ୍ତେ ।''

ଅନ୍ୟ ତିନି ଯୁବକଙ୍କୁ ଶୁଭେଚ୍ଛା ଜଣାଇ ରାଜା କହିଲେ, ''ତୁମେମାନେ ମଧ୍ୟ ରାଜ୍ୟର ଭିନ୍ନ ଭିନ୍ନ ଗୁରୁ ଦାୟିତ୍ୱ ବହନ କରିବାକୁ ପ୍ରସ୍ତୁତ ରୁହ ।''

ଘଟଣାଟିର ବର୍ଣ୍ଣନା ଏହିଠାରେ ଶେଷ କରି ବେତାଳ ପ୍ରଶ୍ନ କଲା, ''ରାଜନ୍ ! କେଉଁ ଗୁଣ ଗୋଟିକ ଭିତ୍ତିରେ ଆପଣାର ଉତ୍ତରାଧିକାରୀ ମନୋନୟନ ନିମନ୍ତେ ସନ୍ଥ ରାଜାଙ୍କୁ ପରାମର୍ଶ ଦେଇଥିଲେ ? କାହିଁକି ? ଗୌତମ ଘରୁ ଗୋଡ଼ ନକାଢ଼ି ମଧ୍ୟ କିପରି ଯୁବରାଜ ଆସନ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଗଲା ? ପାରିଲେ ମୋ ପ୍ରଶ୍ନ ଦୁଇଟିର ଉତ୍ତର ଦିଅ । ଉତ୍ତର ଜାଣିଥିବା ସତ୍ତ୍ୱେ ନୀରବ ରହିଲେ ତୁମ ଶିର ହେବ ସ୍କନ୍ଧଚ୍ୟୁତ !''

ମୁହୂର୍ତ୍ତେ ମଧ୍ୟ ବିଳମ୍ବ ନକରି ରାଜା ବିକ୍ରମ ଉତ୍ତର ଦେଲେ, ''ସନ୍ଥ-ନିରୂପିତ ଗୁଣଟି ହେଲା ରାଜାଙ୍କ ପ୍ରତି ନିବିଡ଼ ଶ୍ରଦ୍ଧା ଭାବ, ଅର୍ଥାତ୍ ରାଜାଙ୍କ ସଦ୍‌ଗୁଣସବୁ ପ୍ରତି ଆକର୍ଷଣ । ସେସବୁ ଗୁଣ ପ୍ରତି ଜଣେ ନିବିଡ଼ ଭାବେ ଶ୍ରଦ୍ଧାଶୀଳ ହୋଇଥିବା ଯୋଗୁଁହିଁ ସେ ରାଜାଙ୍କ ଦୀର୍ଘ ଜୀବନ ସକାଶେ ନିଜେ ଯେକୌଣସି ତ୍ୟାଗ କରିବାକୁ ପ୍ରସ୍ତୁତ ହେବ । ସେଭଳି ଯୁବକଟିଏ ଯଦି ନିଜେ ରାଜା ହୁଏ, ତେବେ ସେହିସବୁ ଗୁଣ ବଜାୟ ରଖିବ । ସେହିଭଳି ଯୁବକହିଁ ହେବ ରାଜାଙ୍କ ଉପଯୁକ୍ତ ଉତ୍ତରାଧିକାରୀ ।

‘‘ଗୌତମ ସନ୍ଥ-ନିର୍ଦ୍ଧାରିତ ସର୍ତ୍ତ ଶୁଣିବା ମୁହୂର୍ତ୍ତରେହିଁ ସ୍ୱତଃସ୍ଫୂର୍ତ୍ତଭାବେ ନିଜ ନେତ୍ର ଯୁଗଳ ଆହୁତି ଦେବାକୁ ପ୍ରସ୍ତୁତ ହୋଇ ଯାଇଥିଲେ । ତେଣୁ ସେ କାହାକୁ ଖୋଜିବାକୁ ଯିବାର ପ୍ରୟୋଜନ କ’ଣ ? ଅନ୍ୟ ତିନି ଯୁବକଙ୍କ ମୁଣ୍ଡକୁ କିନ୍ତୁ ଏକଥା ଜୁଟି ନଥିଲା । ଅର୍ଥାତ୍ ରାଜାଙ୍କ ପ୍ରତି ସେମାନଙ୍କର ବିପୁଳ ଶ୍ରଦ୍ଧା ଥିଲେ ମଧ୍ୟ ଗୌତମଙ୍କଠାରୁ ତାହାର ମାତ୍ରା ଥିଲା ଯଥେଷ୍ଟ ନ୍ୟୁନ । କିନ୍ତୁ ଗୁଣଗ୍ରାହୀ ରାଜା ସେମାନଙ୍କ ଯୋଗ୍ୟତା ଠଉରାଇଥିବା ଯୋଗୁଁ ଗୁରୁ ଦାୟିତ୍ୱ ବହନ କଲାଭଳି ପଦମାନଙ୍କରେ ସେମାନଙ୍କୁ ବସାଇବାକୁ ସିଦ୍ଧାନ୍ତ କଲେ । ତେବେ ତାଙ୍କ ସଚ୍ଚା ଉତ୍ତରାଧିକାରୀ ହେବାର ଯୋଗ୍ୟତା କେବଳ ମାତ୍ର ମହତ୍ ଶ୍ରଦ୍ଧାଶୀଳ ଗୌତମରହିଁ ଥିଲା ।’’

ରାଜାଙ୍କ ମୌନ ଭଙ୍ଗ ହେବାମାତ୍ରେ ବେତାଳ ଯାଇ ପୁନର୍ବାର ସେ ବୃକ୍ଷ ଡାଳରେ ଝୁଲି ପଡ଼ିଲା ।

(ଭିତ୍ତି : ସୁପ୍ରାଚୀନ ଉପକଥା;
ନବ ରୂପାୟନ : ଦେବପ୍ରିୟ)

❑❑❑

# ଶବ୍ଦମାନଙ୍କର ଇଚ୍ଛା

## ହରପ୍ରିୟା ସାହୁ

ଶବ୍ଦମାନେ ଆଉ ଚାହୁଁ ନାହାନ୍ତି
କବିର କଲମରୁ କବିତା ହୋଇ
ନିଜକୁ ଚିହ୍ନିବାକୁ....
କିଏ ବା ପଢୁଛି କବିତା
କିଏ ବା ଶୁଣୁଛି ତା’ର ଅନ୍ତଃସ୍ୱର,
ଅନୁଭବ କରୁଛି ଶବ୍ଦମାନଙ୍କର
ଦମ୍ଭିଲା ପଣକୁ ।

ସତରେ ସେମାନେ ଚାହାନ୍ତି
ପ୍ରେମର ଫୁଲକଢ଼ି ହୋଇ
ସଭିଙ୍କ ହୃଦୟରେ ଫୁଟି ଉଠିବାକୁ ॥

ସେମାନେ ଇଚ୍ଛା କରନ୍ତି
କବିର ଚିନ୍ତନରେ ରହୁ
ଏଭଳି ପରିକଳ୍ପନା ।
ଯାହା ବଦଳାଇ ଦେବ
ମଣିଷର କାମନାକୁ
ପ୍ରାର୍ଥନାର ବିନୀତ ମୁଦ୍ରାରେ ।



ଅହଂରୂପୀ ପାହାଡ଼କୁ
ତରଳାଇ ଦେବ ଶୀତଳ ଝରଣାରେ
ଦୁର୍ବଳତାକୁ ଏକ ଅମୋଘ ସାମର୍ଥ୍ୟରେ,
ଆଉ ସଙ୍କଟମାନଙ୍କୁ ସୁବର୍ଣ୍ଣ ସୁଯୋଗରେ ॥

ନିର୍ଯ୍ୟାତନାର ମରୁଭୂମିରେ
କାକ୍‌ଟସ ପରି ଲାଗୁଥିବା
ଜୀବନମାନଙ୍କ ମୁହଁରେ ଭରିଦେବ
କୃଷ୍ଣଚୂଡ଼ାର ହସ ।

ଛଳନା ଓ ସନ୍ଦେହର ବୁଢ଼ିଆଣୀ ଜାଲରେ
ଛନ୍ଦି ହୋଇଯାଉଥିବା ମଣିଷମାନଙ୍କୁ
ଦେଖାଇବ ପ୍ରେମମିଶ୍ରିତ ଚେତନା
କିପରି ଛାଏଁ ଛାଏଁ ଗଢ଼ିପାରେ
ଅପରା ଜଗତରେ ଏକ
ସୌରଦୀପ୍ତ ପଥ ॥ ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୫)


## ମହେନ୍ଦ୍ର ନାଥ ସ୍ୱାଇଁ


### ମୁଠାଏ ଧୂଳିକଣା :

ଶିଳ୍ପୀ, କଳାକାର ଆଦି ଚିତ୍ରକାରମାନଙ୍କ ଭିତରେ ସେମାନଙ୍କର କଳାକୃତିକୁ ନେଇ ଏକ ସ୍ୱତନ୍ତ୍ର ଅଭିମାନ ପରିଲକ୍ଷିତ ହୋଇଥାଏ । ସେହି ଅଭିମାନଟିକୁ ଆମେ ଗ୍ରହଣୀୟ ଅଭିମାନ ବୋଲି କହିପାରିବା । କାରଣ ଏତାଦୃଶ ଅଭିମାନ ସେମାନଙ୍କୁ ସେମାନଙ୍କର କଳାକୃତି ପାଇଁ ଏକ ସ୍ୱତନ୍ତ୍ର, ଅଭେଦ୍ୟ ଏବଂ ଅଦ୍ୱିତୀୟ ବ୍ୟକ୍ତିତ୍ୱ ପ୍ରଦାନ କରିଥାଏ । କଳାର ଚିରାଚରିତ ଗତିଶୀଳତାରେ ବ୍ୟତିକ୍ରମ ଆଣିବା ଏବଂ ଏକ ସ୍ୱତନ୍ତ୍ର ନୂତନ, ସର୍ବଜନାଦୃତ କଳାକୃତି ସୃଷ୍ଟି କରିବା ନିମନ୍ତେ ସେମାନେ ସେମାନଙ୍କର ସାମାଜିକ ଏବଂ ପାରିବାରିକ ଜୀବନରେ ମଧ୍ୟ ବ୍ୟତିକ୍ରମ ଆଣିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ଅଧିକାଂଶ ଶିଳ୍ପୀ, କଳାକାରମାନଙ୍କୁ ଲକ୍ଷ୍ୟକଲେ ମନେ ହେବ ଯେପରି ସେମାନେ ଜୀବନର ଗତିଛନ୍ଦକୁ ଭାଙ୍ଗି ଦେବା ନିମନ୍ତେ ବଦ୍ଧ ପରିକର । କିନ୍ତୁ ସାଧାରଣ ଲୋକଟିଏ ଏହି ମନୋଭାବକୁ ଗ୍ରହଣ କରିବା ପାଇଁ କଷ୍ଟ ଅନୁଭବ କରିଥାଏ ।

ସମାଜରେ ପ୍ରତିଷ୍ଠିତ ଚିରାଚରିତ ପ୍ରଥାରୁ ଦୂରେଇଯିବା, ପ୍ରତିବନ୍ଧକକୁ ଭାଙ୍ଗିଦେବା ଓ ନୂତନ ଧାରାଟିଏ ସୃଷ୍ଟିକରିବା ଏକ ପ୍ରତିଭା ହୋଇପାରେ, କିନ୍ତୁ ଏହା ସର୍ବଜନାଦୃତ ନ ହୋଇପାରେ । ମାନବସମାଜକୁ ପରିବର୍ତ୍ତନ କରିବାର କ୍ଷିପ୍ରତର ପଥଟି ହେଲା, ନିଜକୁ ପରିବର୍ତ୍ତିତ କରିବା । ଗୋଟିଏ ଶିଳ୍ପୀ କ'ଣ ସମର୍ପିତ ହୋଇପାରେ ? ଏହା ଦ୍ୱାରା ତା'ର କାରିଗରି କଳା କ'ଣ ହ୍ରାସ ହୋଇଯିବ ନାହିଁ ? ବର୍ତ୍ତମାନ ସମୟରେ ମଧ୍ୟ କଳାକାର, ଶିଳ୍ପୀ ଓ ଚିତ୍ରକରମାନେ ଏହି ନିୟମକୁ ମାନିଚଳନ୍ତି । ସୁତରାଂ କଳାକାରଟିଏ ପ୍ରଚଳିତ ପ୍ରଥାରେ ବ୍ୟତିକ୍ରମ ସୃଷ୍ଟି କଲାବେଳେ ନିଜେ ଠିକ୍ କରୁଛି ବୋଲି ମାନି ନେଇଥାଏ ଏବଂ ଏକ ନୂତନ ଅଦ୍ଭୁତ ସ୍ୱାଧୀନତାର ଅନ୍ୱେଷଣ କରୁଥାଏ । କିନ୍ତୁ ଦିବ୍ୟଜନନୀ ଶ୍ରୀମା ଏ ବିଷୟରେ ଏକ ସ୍ୱଷ୍ଟ ଅଭିମତ ପ୍ରକାଶ କରିଛନ୍ତି । ତାହା ହେଲା – ସ୍ୱାଧୀନତାର ଅର୍ଥ ହେଲା କେହି ତୁମକୁ ଭଲ ପାଇବେ ନାହିଁ । ସୁତରାଂ ନୂତନ ଧାରଣାଟି ପରିଷ୍କାର ଭାବେ ଫୁଟି ଉଠିଛି । କଳା ହେଲା ଚଲାପଥ, ବିଶ୍ୱପ୍ରେମ ହେଲା ଲକ୍ଷ୍ୟ ସ୍ଥଳ । କବିତା ହେଉଛି କଳାର ସର୍ବୋତ୍ତମ ରୂପ, କିନ୍ତୁ ବିଶ୍ୱ-ପ୍ରେମ କବିତାଠାରୁ ଅଧିକ ମହନୀୟ ।

ଦିବ୍ୟଜନନୀ ଶ୍ରୀମା'ଙ୍କର ପ୍ରାର୍ଥନାଗୁଡ଼ିକ ଜୀବନ-କଳାର ଅନ୍ୱେଷଣକୁ ଉନ୍ମୋଚିତ କରିଅଛି । ପୁନଶ୍ଚ ଏମାନେ ଏକ ଦୃଢ଼ ପ୍ରତିବଦ୍ଧତା ଏବଂ ଏକମୁଖୀ ପ୍ରେମର ପ୍ରବାହ ଯାହା ମାନବିକ ସ୍ତରରେ ଘଟୁଥିବା ଯୁବ-ଚପଳତାକୁ ସର୍ବଦା ନାସ୍ତି କରୁଥାଏ – ତାହା ମାନସିକ ହେଉ ବା ଶାରୀରିକ ହେଉ । ଶ୍ରୀମା'ଙ୍କର ଦିନଲିପି ହେଉଛି ଦିବ୍ୟ-ପ୍ରେମର ଏକ ନିଦର୍ଶନ । ଏହା ଏକ ସର୍ବୋତ୍ତମ କଳାକାରଙ୍କର କଳା ଓ ଜୀବନ ସମନ୍ୱୟର ଅନ୍ୱେଷଣକୁ ଉଦ୍‌ଘୋଷଣା କରୁଛି । ଏଠାରେ ଅବିମିଶ୍ରିତ ନିତ୍ୟ-ଦିବ୍ୟପ୍ରେମ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

ଶ୍ରୀମା ହେଉଛନ୍ତି ଜଣେ ଅସାଧାରଣ ଶକ୍ତି ସମ୍ପନ୍ନା ଶିଳ୍ପୀ – ଚିତ୍ରଶିଳ୍ପୀ, କଥାକାର ଏବଂ ସଙ୍ଗୀତଜ୍ଞ । ତଥାପି ସେ ଏହି ସକଳ ଚାରୁ ଏବଂ କାରୁକଳାକୁ ପରମ ପ୍ରଭୁଙ୍କ ପାଦତଳେ ଉତ୍ସର୍ଗ କରି ଦେଇଛନ୍ତି । ଶ୍ରୀମା'ଙ୍କ ପ୍ରାର୍ଥନାଗୁଡ଼ିକ ସିଧାସଳଖ – ସେଥିରେ କୌଣସି ପ୍ରକାର ଦ୍ୱନ୍ଦ୍ୱାତ୍ମକ ଭାବ ନାହିଁ ବା ଦ୍ୱୈତାର୍ଥବୋଧକ ଶବ୍ଦ ନାହିଁ । ଦିବ୍ୟଜନନୀ କେତେବେଳେ ଅତ୍ୟନ୍ତ ସରଳ ଭାବରେ ଦୁଇହାତ ପ୍ରସାରିତ କରି ଆମମାନଙ୍କୁ କୋଳରେ ଧରି ପରମ ପ୍ରଭୁଙ୍କ ପାଖକୁ ନେଇଯାଉଛନ୍ତି ତ ଆଉ କେତେବେଳେ ପ୍ରାର୍ଥନା ମଧ୍ୟରେ ଅନେକ ଅନୁପମ ଉପମା, ଚିତ୍ରକଳା ଓ ଅଳଙ୍କାରମାନ ଖଞ୍ଜିଦେଇ ତାକୁ ଋଦ୍ଧିମନ୍ତ କରି ଦେଇଛନ୍ତି । ଉଦାହରଣ ସ୍ୱରୂପ – ଜାନୁଆରୀ ୨୪, ୧୯୧୪ ପ୍ରାର୍ଥନାଟିକୁ ପାଠ କରିବା –

''O THOU who art the sole reality of our being, O sublime Master of love, Redeemer of life, let me have no longer any other consciousness than of Thee at every instant and in each being. When I do not live

solely with Thy life, I agonise, I sink slowly towards extinction; for Thou art my only reason for existence, my one goal, my single support. I am like a timid bird not yet sure of its wings and hesitating to take its flight; let me soar to reach definitive identity with Thee.''

''ହେ ପରମ ପ୍ରଭୁ ! ଆପଣହିଁ ଆମମାନଙ୍କର ଏକମାତ୍ର ବାସ୍ତବ ସତ୍ୟ, ପ୍ରେରଣା ପ୍ରଦାନକାରୀ ପ୍ରେମର ପ୍ରଭୁ, ଜୀବନର ତ୍ରାଣକର୍ତ୍ତା, ମୋତେ ଏପରି କରନ୍ତୁ ଯେପରି ପ୍ରତି ମୁହୂର୍ତ୍ତରେ ଏବଂ ପ୍ରତ୍ୟେକ ବସ୍ତୁ ଭିତରେ ଆପଣଙ୍କ ଚେତନା ବ୍ୟତୀତ ଅନ୍ୟ କୌଣସି ଚେତନାକୁ ଗ୍ରହଣ କରି ନପାରେ । ମୁଁ ଯେତେବେଳେ ଐକାନ୍ତିକ ଭାବରେ ଆପଣଙ୍କ ଜୀବନ ଭିତରେ ବାସ କରି ନପାରେ, ସେତେବେଳେ ମୁଁ ଦୁଃଖରେ ଜର୍ଜରିତ ହୋଇଯାଏ, ଧୀରେ ଧୀରେ ମୁଁ ପରିସମାପ୍ତି ଅଭିମୁଖେ ପାଦ ବଢ଼ାଏ, ଡୁବିଯାଏ; କାରଣ ଆପଣହିଁ ମୋ ସ୍ଥିତିର ଏକମାତ୍ର କାରଣ, ମୋର ଏକମାତ୍ର ଲକ୍ଷ୍ୟସ୍ଥଳ, ମୋର ଏକମାତ୍ର ଆଶ୍ରୟ । ମୁଁ ଭୟକାତର ପକ୍ଷୀଟିଏ, ଯେକି ନିଜ ଡେଣା ଉପରେ ଏପର୍ଯ୍ୟନ୍ତ ପୂରାପୂରି ଭରସା କରି ପାରି ନାହିଁ ଏବଂ ଉଡ଼ାଣ ଭରିବା ପାଇଁ ଇତସ୍ତତଃ ହେଉଛି – ଆଗକୁ ପଛକୁ ଚିନ୍ତା କରୁଛି; ହେ ପ୍ରଭୋ ! ମୋତେ ଅନୁମତି ଦିଅନ୍ତୁ ମୁଁ ଯେପରି ବହୁ ଉପରକୁ ଉଡ଼ିଯାଏ ଏବଂ ସର୍ବଶେଷରେ ଆପଣଙ୍କ ସହିତ ଏକୀଭୂତ ହୋଇଯାଏ ।''

ଉକ୍ତ ପ୍ରାର୍ଥନାରେ ଶ୍ରୀମା ''Sole Reality'' ଏବଂ ''Redeemer of life'' ଏହି ଖଣ୍ଡବାକ୍ୟ ଦ୍ୱୟକୁ ବ୍ୟବହାର କରି ସେଥିରେ ସମର୍ପଣର ଏକ ଚମତ୍କାର ସ୍ରୋତ ପ୍ରବାହିତ କରାଇଛନ୍ତି । ଭଗବାନଙ୍କ ନିକଟକୁ ମା ଯେତେ ଯେତେ ବିନମ୍ର ଏବଂ ସମ୍ଭ୍ରାନ୍ତ ନିବେଦନ ବାଢ଼ି ଦେଉଛନ୍ତି ସେ ସମସ୍ତକୁ ପ୍ରଭୁ ଶତ ପ୍ରତିଶତ ଗ୍ରହଣ କରିଛନ୍ତି ଏବଂ ଶତ ପ୍ରତିଶତ ଉତ୍ତର ବି ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀମା ଓ ପରମ ପ୍ରଭୁଙ୍କ ଭିତରେ ଅବୁଝାମଣା କେଉଁଠୁ ଆସିବ ? ମା ଏଠାରେ ଉକ୍ତ ଶବ୍ଦଟିକୁ ପରମପ୍ରଭୁ ଓ ତାଙ୍କ ମଧ୍ୟରେ ଜୀବନ ମୂଲ୍ୟବୋଧର ଆଦାନ ପ୍ରଦାନ ତଥା ମୁକ୍ତ ହେବା ବା ଖୋଲିଯିବା ଅର୍ଥରେ ବ୍ୟବହାର କରିଛନ୍ତି । ଏହି ଭାବଟି ହେଉଛି ଏକ ଆଧ୍ୟାତ୍ମିକ କଳା । ଏହାହିଁ ପ୍ରକୃତ ସମ୍ଭ୍ରାନ୍ତ ଭାବ । ପ୍ରଭୁଙ୍କ ପାଖରେ ବିନୀତ ଭାବରେ ମସ୍ତକ ଅବନତ ପୂର୍ବକ ସମର୍ପିତ ହୋଇଗଲେ କଳାକାରଟିଏ ମଧ୍ୟ ନିଜର ଅହଂକାରକୁ ଭୁଲିଯାଏ ଏବଂ ନମ୍ରତାର ଶୁଭ୍ର-ଉଷ୍ମତା ମଧ୍ୟରେ ତରଳି ଯାଏ । ଆଶ୍ରମର ବରିଷ୍ଠ ସାଧକ ଅମଳ କିରଣ (କେ. ଡ଼ି. ସେଠ୍ନା) ଯେ କି ରହସ୍ୟବାଦୀ କବି (Mystic Poet)ମାନଙ୍କ ମଧ୍ୟରେ ଅନ୍ୟତମ, ତାଙ୍କର ନିଜସ୍ୱ ଶୈଳୀରେ ବିନମ୍ରତାର ସହ ମା'ଙ୍କ ପାଖରେ ନିବେଦନ କରୁଛନ୍ତି, ''Mother make me your nothing''–(ମା ଗୋ ମୋତେ କିଛି ବି କର ନାହିଁ ); ତାଙ୍କର ଏହି ଉକ୍ତି ହେଉଛି ଏକ ପ୍ରକୃତ ସମ୍ଭ୍ରାନ୍ତୀୟ-ଆଧ୍ୟାତ୍ମିକ-କଳା । (real aristocracy of spiritual art)

ଉକ୍ତ ପ୍ରାର୍ଥନାର ଶେଷ ଭାଗରେ ଶ୍ରୀମା ନିଜକୁ ଏକ ନିରୀହ ପକ୍ଷୀ ସହିତ ତୁଳନା କରିଛନ୍ତି ଯେ କି ନିଜର ଡେଣା ଉପରେ ସନ୍ଦିହାନ । ଫଳରେ ବହୁ ଦୂରକୁ ଉଡ଼ିବା ପାଇଁ ସାହସ କରିପାରୁ ନାହିଁ । କେବଳ ଆଗ ପଛର ସମ୍ଭାବନାକୁ ନେଇ ଚିନ୍ତା କରୁଛି । ମା ସାଧାରଣ ମଣିଷଟିଏ ହୋଇ ମଣିଷର ନିଜ ଭିତରେ ଥିବା ଅବିଶ୍ୱାସ ଓ ଦ୍ୱିଧା ବୋଧକୁ ନିଜର କରି ନେଇଛନ୍ତି ଓ ପରମ ପ୍ରଭୁଙ୍କ ପାଦତଳେ ତାହା ଢାଳି ଦେଇ ପ୍ରାର୍ଥନା କରିଛନ୍ତି । ''ପ୍ରଭୁ ଆପଣ ଚାହିଁଲେ ମୁଁ ନିଶ୍ଚିତ ଭାବରେ ଉପରକୁ ଉଡ଼ିଯିବି ଏବଂ ଆପଣଙ୍କ ପାଖରେ ପହଞ୍ଚିଯିବି ଓ ଆପଣଙ୍କ ଶରୀରରେ ଲୀନ ହୋଇଯିବି ।''

ଦିବ୍ୟଜନନୀ ଶ୍ରୀମା ଧରାପୃଷ୍ଠରେ ଅବତାର ରୂପେ ଜନ୍ମ ନେଇ ଥିଲେ ବି ସାଧାରଣ ମାନବୀଟିଏ ଭଳି ଆଚରଣ କରିଛନ୍ତି । ସେଥିପାଇଁ ମନୁଷ୍ୟର ସକଳ ପ୍ରକାର ଅକ୍ଷମତାକୁ ସ୍ୱୟଂ ଗ୍ରହଣ କରି ନେଇଛନ୍ତି । ଏହି ସମସ୍ତ ଭାବକୁ ମା ଜାନୁଆରୀ ୫, ୧୯୧୪ ପ୍ରାର୍ଥନାରେ ପ୍ରକାଶ କରିଛନ୍ତି, ତାହା ଏହିପରି –

"FOR a long while I have been sitting with this notebook before me, unable to make up my mind to write, so much is all within me mediocre, worthless, insipid, hopelessly commonplace. Not a single thought in my head, not a single feeling in my heart, a complete indifference to everything and an insurmountable dullness."

''ଅନେକ ସମୟ ଧରି ମୋ ସମ୍ମୁଖରେ ଏହି ଖାତା

ଖଣ୍ଡିକ ଖୋଲି ବସି ରହିଛି । ଲେଖିବା ପାଇଁ ମନକୁ ସ୍ଥିର କରିପାରୁ ନାହିଁ, ମୋ ଭିତରେ ବହୁତ କିଛି ଜିନିଷ ରହିଯାଇଛି, ସେଗୁଡ଼ିକ ହେଲା – ସାଧାରଣ ମଧ୍ୟମ ଧରଣର ଚିନ୍ତା, ଯାହା ମୂଲ୍ୟହୀନ, ନୀରସ ଏବଂ ଆଶାହୀନ ଭାବ – ଏଗୁଡ଼ିକ ଅତି ସାଧାରଣ, ମୋ ମୁଣ୍ଡ ଭିତରେ ଗୋଟିଏ ବି ଚିନ୍ତା ଉଦ୍ରେକ ହେଉ ନାହିଁ, ହୃଦୟ ଭିତରେ ଗୋଟିଏ ବି ଅନୁଭବ ଉଙ୍କି ମାରୁ ନାହିଁ । ସବୁ କଥା ପ୍ରତି ଏକ ସମ୍ପୂର୍ଣ୍ଣ ଖାପଛଡ଼ା ଭାବ ଏବଂ ଅନତିକ୍ରମ୍ୟ ନିସ୍ତେଜତା ।''

ଉକ୍ତ ପ୍ରାର୍ଥନାଟିରେ ଶ୍ରୀମା ଯାହା ଅନୁଶୀଳନ କରିଛନ୍ତି ନିଜ ଭିତରେ, ସେସବୁ ଆମମାନଙ୍କର ଅନ୍ତରର କଥା । ଯେହେତୁ ଶ୍ରୀମା ଆମମାନଙ୍କର ଦାୟିତ୍ୱ ନେଇଛନ୍ତି ସେଥିପାଇଁ ଆମର ଯେତେ ଅବିଗୁଣ, କାତରତା, ଦୋ ଦୋ ପାଞ୍ଚ ଭାବ ସମସ୍ତଙ୍କୁ ନିଜର ବୋଲି କହି ପ୍ରଭୁଙ୍କୁ ପ୍ରାର୍ଥନା କରିଛନ୍ତି । ତାଙ୍କ ସ୍ୱରରେ ଭାବପ୍ରବଣତାର ଏତେ ଟିକିଏ ବାସନା ବି ନାହିଁ । ମାତ୍ର ସ୍ୱରରେ ଏବଂ ଭାବଭଙ୍ଗୀରେ ଜୀବନର ଉଚ୍ଚତର ନିୟମଗୁଡ଼ିକର ପରିପ୍ରକାଶ ନିମନ୍ତେ ଆମର ଅକ୍ଷମତାକୁ ନିଜର କରି ନେଇଛନ୍ତି । ଏହା ତାଙ୍କର ଦିବ୍ୟମହିମାକୁ ପ୍ରକାଶ କରୁଛି ।

ଶ୍ରୀମା କହୁଛନ୍ତି ''How can such a state be of any use?'' ଏହି ପ୍ରକାର ଅବସ୍ଥାଟି କ'ଣ କିଛି କାମରେ ଲାଗିପାରିବ ?

ଏହା ଏକ ଯନ୍ତ୍ରଣାଦାୟକ ପ୍ରଶ୍ନ । ଏହାର ଉତ୍ତର ଶ୍ରୀମା ଜାନୁଆରୀ ୫, ୧୯୧୪ ପ୍ରାର୍ଥନାଟିରେ ପ୍ରଦାନ କରିଛନ୍ତି – ତାହା ହେଲା – *''I am a veritable zero in the world.''* ''ଏହି ଜଗତରେ ମୁଁ ପ୍ରକୃତରେ ଶୂନଟିଏ ।'' ଏହି ଉକ୍ତିଟି ଶ୍ରୀମା'ଙ୍କର ଭାବପ୍ରବଣାତ୍ମକ ପ୍ରତିଫଳନ ନୁହେଁ – ଏହା ପ୍ରାର୍ଥନାଟିର ଦ୍ୱିତୀୟ ଭାଗରେ ପ୍ରକାଶିତ ହୋଇଛି । ଶ୍ରୀମା ଜଣାଇଛନ୍ତି ଯେ ଯନ୍ତ୍ର ଗୁରୁତ୍ୱପୂର୍ଣ୍ଣ ନୁହେଁ । ଗୁରୁତ୍ୱପୂର୍ଣ୍ଣ ହେଉଛି ପରମପ୍ରଭୁଙ୍କ କାର୍ଯ୍ୟ ।

ପ୍ରାର୍ଥନାର ଶେଷ ଅନୁଚ୍ଛେଦରେ ବିନମ୍ର ଭାବ ଚରମ ସୀମାକୁ ସ୍ପର୍ଶ କରିଛି ଯେତେବେଳେ ଶ୍ରୀମା ନିଜକୁ ''only a handful of dust.'' ''କେବଳ ମୁଠାଏ ଧୂଳିକଣା'' ବୋଲି କହିଛନ୍ତି । ଶ୍ରୀମା କହୁଛନ୍ତି ଏକଥା ସତ୍ୟ ଯେ ସବୁ କଥା ଠିକ୍-ଠାକ୍ ଚାଲିଛି, ମୋର ବ୍ୟସ୍ତ ହେବାର କିଛି କାରଣ ନାହିଁ । ପ୍ରଭୁ ତାଙ୍କ କାର୍ଯ୍ୟ କରି ଚାଲିଛନ୍ତି ।

"From the depths to the outermost surface, all this, my being, is only a handful of dust; it is but natural that it should be scattered on the winds and leave no trace behind..."

''ଅନ୍ତରର ଗଭୀରତମ ପ୍ରଦେଶରୁ ଉପରି ଭାଗର ବାହ୍ୟ ସୀମାର ଶେଷ ପର୍ଯ୍ୟନ୍ତ ମୋର ଏହି ସତ୍ତା, କେବଳ ମୁଠାଏ ଧୂଳିକଣା'' ମାତ୍ର; ଏହାହିଁ ପ୍ରାକୃତିକ ଭାବେ ସତ୍ୟ, କାରଣ ଏହି ଧୂଳି ମୁଠାଟିକୁ ପବନରେ ବିଚ୍ଛୁରିତ କରିଦେବା ଉଚିତ, ଯେପରି ପରେ ତାକୁ ଖୋଜି ବାହାର କରିବା ନିମନ୍ତେ କିଛି ସୂଚନା ବା ଚିହ୍ନ ଛାଡ଼ି ଯାଇ ନଥିବ ।''

ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନିବେଦିତ ଜଣାଣଟି ସ୍ମୃତି ପଟରେ ଉଙ୍କିମାରେ, ତାହା ହେଲା –

ଜଗନ୍ନାଥ ହେ ! କିଛି ମାଗୁ ନାହିଁ ତୋତେ
ଧନ ମାଗୁ ନାହିଁ, ଜନ ମାଗୁ ନାହିଁ,
ମାଗୁଛି ଶରଧା ବାଲିରୁ ହାତେ...

ଉକ୍ତ ଜଣାଣଟି ଭକ୍ତ କବି ସାଲବେଗଙ୍କ ଦ୍ୱାରା ସପ୍ତଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ରଚିତ । କବି ପ୍ରଭୁଙ୍କ ସମ୍ମୁଖରେ ଯୋଡ଼ହସ୍ତ ହୋଇ ଅଳି କରୁଛନ୍ତି, ''ମଣିମା, ମୁଁ ଧନ ମାଗୁ ନାହିଁ, ଜନ ମାଗୁ ନାହିଁ, ମୋର ସେସବୁ କି କାମରେ ଅବା ଲାଗିବ ? ଆପଣ ଯେଉଁ ଶରଧା ନଈର ବାଲିରେ ଲୀଳାଖେଳା କରୁଛନ୍ତି, ରଥାରୂଢ଼ ହୋଇ ରଥ ଚକକୁ ଯେଉଁ ବାଲି ଉପରେ ଗଡ଼ାଉଛନ୍ତି, ତାହା ତ ଅତି ପବିତ୍ର, ମୋତେ ସେଇଥିରୁ ମୁଠାଏ ଦିଅନ୍ତୁ ।'' ଏହାହିଁ ପ୍ରଭୁଙ୍କ ପାଖରେ କିଛି ନହେବା ପାଇଁ ପ୍ରାର୍ଥନା । ମୁଠାଏ ପବିତ୍ର ବାଲିରେ ସନ୍ତୁଷ୍ଟ ହୋଇଯିବାର ସୂଚନା ।

ମା'ଙ୍କର ଉକ୍ତି ''a handful of dust'' ହେଉଛି ଏକ ଅଦ୍ଭୁତ ଚିତ୍ରକଳ୍ପ ଯାହାର ଅନ୍ତର୍ନିହିତ ତତ୍ତ୍ୱ ହେଲା, ''ବାୟୁମଣ୍ଡଳରେ ମିଳାଇଯିବା ବା ଅନ୍ତର୍ଦ୍ଧାନ ହୋଇଯିବା ।'' ଏହାହିଁ ବିନମ୍ରତା ଓ ସମର୍ପଣର ଚରମ ଅବସ୍ଥା ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on The Prayers and Meditations : Goutam Ghosal

# ଆଦର୍ଶ ମାତାପିତା

## (୧୪)

## ଶ୍ରୀମା

ତୁମେମାନେ ସ୍ୱାଧୀନତାକୁ କଦାପି ସ୍ୱେଚ୍ଛାଚାରିତା ସହିତ ଏବଂ ସ୍ୱ-ଇଚ୍ଛାକୁ ମନ୍ଦ ଆଚରଣ ସହିତ ଏକାଠି ଗୋଳାଇ ମିଶାଇ ଦେବ ନାହିଁ : ତୁମର ଚିନ୍ତାସକଳ ହେବା ଆବଶ୍ୟକ ଶୁଦ୍ଧ ଓ ପବିତ୍ର ଏବଂ ତୁମର ଆସ୍ପୃହା ହେବା ଆବଶ୍ୟକ ତୀବ୍ର ଓ ପ୍ରଗାଢ଼ ।

(Do not mistake liberty for license and freedom for bad manners: the thoughts must be pure and the aspiration ardent.)

*26 February 1965*

*

ମୁଁ ସବୁବେଳେ ଉତ୍ତମ ବ୍ୟବହାରର ଆବଶ୍ୟକତା ଉପରେ ଜୋର୍ ଦିଏ ।

(Edn. Booklet, part - III, P. 22)

**ପଥ ପ୍ରଦର୍ଶକ :**

ସୁତରାଂ ଯେଉଁମାନେ ଜାଣନ୍ତି; ଶିକ୍ଷକ, ତାଲିମକାରୀମାନେ ବା ଅନ୍ୟମାନେ, ସେମାନଙ୍କର ଉଦ୍ଦେଶ୍ୟ ତଥା ଏକମାତ୍ର କାମ ହେଲା ସେମାନେ ତୁମମାନଙ୍କୁ ସମସ୍ତ ଖବର ଅନ୍ତର ଦେଇ ପାରିବେ, ତୁମକୁ ସାହାଯ୍ୟ କରି ପାରିବେ । ଯେତେବେଳେ କୌଣସି ବିଷୟ ତୁମକୁ ବହୁତ କଷ୍ଟବୋଧ ହେବ ସେତେବେଳେ ତୁମେ ତାକୁ ସେମାନଙ୍କ ଆଗରେ ଉପସ୍ଥାପିତ କରିବ ଏବଂ ସେମାନେ ସେମାନଙ୍କ ବ୍ୟକ୍ତିଗତ ଅଭିଜ୍ଞତା ବଳରେ ତୁମକୁ କହି ଦେଇ ପାରିବେ, ''ନା, ଏଇଟା ଏମିତି ନୁହେଁ, କି ସେମିତି ନୁହେଁ, କି ତୁମେ ସେଇଟିକୁ କର ବା ଏଇଟିକୁ କରିବାକୁ ଚେଷ୍ଟା କର'' ଇତ୍ୟାଦି । ତା'ପରେ ସେମାନେ ତୁମକୁ କୌଣସି ତତ୍ତ୍ୱ, ନୀତି ବା ପୁରାତନ ନିୟମ ବା ଅଳ୍ପ ବହୁତ ଦୁରୂହ ଜ୍ଞାନକୁ ଗ୍ରହଣ କରିବାକୁ ବାଧ୍ୟ କରିବେ ନାହିଁ, ସେମାନେ କେବଳ ଥିବେ ତୁମକୁ କୌଣସି ସୂଚନା ଦେବା ପାଇଁ, ଏପରି କି ସମ୍ପୂର୍ଣ୍ଣ ସ୍ଥୂଳ ଜଗତରୁ ଆରମ୍ଭ କରି ପୂରା ଆଧ୍ୟାତ୍ମିକ ଜଗତ୍ ସମ୍ବନ୍ଧରେ ସୂଚନା ଦେବା ପାଇଁ; ଯାହାକୁ ଯାହା ଜଣାଥିବ, ସେମାନେ ନିଜ ନିଜ ସାମର୍ଥ୍ୟ ଅନୁସାରେ ତୁମମାନଙ୍କୁ ସେହି ବିଷୟରେ ଖବର ଦେବା ପାଇଁ ସେମାନେ ସବୁବେଳେ ତୁମମାନଙ୍କ ଲାଗି ଉପସ୍ଥିତ ରହି ଥିବେ ।

(Edn. Booklet, part - III, P. 15)

**ପ୍ରଜ୍ଞା :**

ମୋର ପ୍ରିୟ ଶିଶୁ,

ଜ୍ଞାନ ଯେକୌଣସି ମାଧ୍ୟମରେ ଆସୁ ନା କାହିଁକି ତାକୁ ଆହରଣ କରିବା ପାଇଁ ପ୍ରସ୍ତୁତ ରହିବା ହେଉଛି ପ୍ରକୃତ ପ୍ରଜ୍ଞା । ଯଦି ସବୁବେଳେ ଆମେ ଅଧିକରୁ ଅଧିକ ଜାଣିବା ପାଇଁ ଆଗ୍ରହୀ ଥିବା ତେବେ ଆମେ ଏପରି କି ଗୋଟାଏ ଫୁଲରୁ, ଗୋଟାଏ ପ୍ରାଣୀଠାରୁ, ଗୋଟିଏ ଶିଶୁଠାରୁ ଅନେକ କଥା ଶିକ୍ଷା କରିପାରିବା । କାରଣ ଏସୃଷ୍ଟିରେ ମାତ୍ର ଜଣେହିଁ ପରମ ଗୁରୁ ବା ପରମ ଶିକ୍ଷକ ଅଛନ୍ତି – ସେ ହେଉଛନ୍ତି ସ୍ୱୟଂ ଭଗବାନ୍ ଏବଂ ସେ ନିଜେହିଁ ପ୍ରତ୍ୟେକ ବସ୍ତୁରେ ନିଜକୁ ଅଭିବ୍ୟକ୍ତ କରୁଛନ୍ତି ।

(Cent. Vol-12, P. 129)

*

*ପ୍ରଶ୍ନ : 'ର' ଆଜି ଶ୍ରେଣୀକୁ ଆସି ନଥିଲା ଏବଂ ପରେ ମୁଁ ଜାଣିବାକୁ ପାଇଲି ଯେ ସେ ମୋ ଶ୍ରେଣୀକୁ ନ ଆସିବା ପାଇଁ ଆପଣଙ୍କଠାରୁ ଅନୁମତି ପାଇଛି ଏବଂ ସେସମୟରେ ସେ କାଠକାମ କରୁଛି ।*

**ଶ୍ରୀମା** : ସେ ମୋତେ ଆସି କହିଲା ଯେ ପାଠପଢ଼ା ଅପେକ୍ଷା ହାତ କାମ କରିବାକୁ ସେ ବହୁତ ଭଲପାଏ । ମୁଁ ଭାବିଲି ତା' ପ୍ରବୃତ୍ତି ଅନୁସାରେ ସେ ଠିକ୍ କଥାହିଁ କହୁଛି ଏବଂ ତା'ର ପସନ୍ଦ, ତା' ପ୍ରକୃତି ଲାଗି ଅତି ଚମତ୍କାର ହେବ । ତେଣୁ ତାକୁ ମୁଁ ଏପରି କରିବାକୁ ଅନୁମତି ଦେଲି ।

(Cent. Vol - 12, P. 186)

ସ୍କୁଲରେ ହେଉ, ଶ୍ରେଣୀରେ ହେଉ, ଖେଳପଡ଼ିଆରେ ହେଉ, ରାସ୍ତାରେ ହେଉ ବା ଘରେ ହେଉ (ତାହା ତୁମ ନିଜ ଘର ହୋଇଥାଉ ବା ବୋର୍ଡ଼ିଂ ହୋଇଥାଉ) ଯେକୌଣସି ଜାଗା ହୋଇଥାଉ ପଛକେ କଳିଗୋଳ କରିବା ବା ମାଡ଼ ମରାମରି ହେବା, ତାହା ସମ୍ପୂର୍ଣ୍ଣ ଭାବରେ ନିଷେଧ ।

ସର୍ବତ୍ର ଏବଂ ସବୁ ଜାଗାରେ ପିଲାମାନେ ନିଜ ନିଜ ଭିତରେ ମାଡ଼ଗୋଳ କରିବା, ମାରଧର ହେବା ସମ୍ପୂର୍ଣ୍ଣ ଭାବରେ ନିଷେଧ, କାରଣ ପ୍ରତ୍ୟେକ ଥର ଯେତେବେଳେ ଗୋଟିଏ ଶିଶୁ ଅନ୍ୟ ଗୋଟିଏ ଶିଶୁକୁ ଆଘାତ କରେ ସେତେବେଳେ ବାସ୍ତବରେ ସେ ତା' ନିଜର ଆତ୍ମାକୁହିଁ ଆଘାତ କରିଥାଏ ।

(Cent. Vol. - 12, P. 156)

**ପିଲାମାନଙ୍କ ଲାଗି ପଦେ :**

୧. ତୁମେ ଯଦି ନିଜେ ତୁମକୁ କେହି ଉପହାସ କରୁ ବୋଲି ନଚାହଁ ତେବେ ତୁମେ କେବେ ବି କାହାକୁ ଉପହାସ କର ନାହିଁ ।

୨. ତୁମେ ଯଦି ଅନ୍ୟମାନଙ୍କଠାରୁ ସମ୍ମାନ ଚାହଁ ତେବେ ତୁମେ ଅନ୍ୟମାନଙ୍କୁ ସମ୍ମାନଜନକ ବ୍ୟବହାର କର ।

୩. ଅନ୍ୟମାନେ ସମସ୍ତେ ତୁମକୁ ଭଲ ପାଆନ୍ତୁ ବୋଲି ଯଦି ତୁମେ ଚାହଁ ତେବେ ତୁମେ ଅନ୍ୟମାନଙ୍କୁ ପ୍ରେମପୂର୍ଣ୍ଣ ବ୍ୟବହାର କର ।

(Cent. Vol-12, P. 157)

ଶ୍ରେଣୀରେ ଗଣ୍ଡଗୋଳ କରିବା ଏକ ସ୍ୱାର୍ଥପର ମୂର୍ଖତା ଛଡ଼ା ଆଉ କିଛି ନୁହେଁ ।

ତୁମେ ଯଦି ଶାନ୍ତ ଭାବରେ ଓ ଯଥାର୍ଥ ମନୋଭାବର ସହ ଶ୍ରେଣୀକୁ ଆସିବାକୁ ନଚାହଁ ତେବେ ଶ୍ରେଣୀକୁ ଆଦୌ ନଆସିବାଟା ବରଂ ବହୁତ ଭଲ ହେବ ।

(Cent. Vol. - 12, P. 157)

**ପିଲାମାନେ ସବୁବେଳେ ଆବୃତ୍ତି କରିବେ :**

ଆମେ ପରିବାର ପାଇଁ, ପଦମର୍ଯ୍ୟାଦା ପାଇଁ, ଭଲ ପଇସା ରୋଜଗାର ପାଇଁ, ଡିପ୍ଲୋମା ପାଇବା ପାଇଁ ପାଠ ପଢୁ ନାହୁଁ ।

ଆମେ ପାଠ ପଢୁଛୁ ଜ୍ଞାନାର୍ଜନ ଲାଗି, ଜାଣିବା ଲାଗି, ସଂସାରକୁ ବୁଝିବା ଲାଗି ଏବଂ ପାଠପଢ଼ାରୁ ଯେଉଁ ଆନନ୍ଦ ମିଳେ ସେହି ଆନନ୍ଦ ପାଇବା ଲାଗି ।

(Cent. Vol. - 12, P. 202)

*

ତୁ ତୋ ବାପାଙ୍କୁ ଦେଖିବା ପାଇଁ ଯାଇପାରୁ – କିନ୍ତୁ ମୁଁ ଚାହେଁ ତୁ ସ୍କୁଲ ବନ୍ଦ ହେଲେ ଯିବା ଉଚିତ, ଅର୍ଥାତ୍ ଡିସେମ୍ବର ୨ ତାରିଖ ପରେ । ଏବଂ ସ୍କୁଲ ଖୋଲିବା ପୂର୍ବରୁ ଅର୍ଥାତ୍ ଜାନୁଆରୀ ପହିଲା ପୂର୍ବରୁ ତୁ ଯେପରି ଫେରି ଆସୁ – ଫଳରେ ଯେପରି ପଢ଼ାରେ କୌଣସି କ୍ଷତି ନଘଟେ ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

(Cent. Vol. - 13, P. 142)

*

ଅନ୍ୟମାନେ ଯାହାସବୁ କରିଛନ୍ତି ତା'ର ପୁନରାବୃତ୍ତି କରିବା ପାଇଁ ଆମେ ଏଠାରେ ନାହୁଁ, ଏକ ନୂତନ ଚେତନା ଓ ନୂତନ ଜୀବନର ପ୍ରକାଶ ପାଇଁ ନିଜକୁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଆମେ ଏଠାରେ ରହିଛୁ । ସେଥିପାଇଁ ହେ ଛାତ୍ରଗଣ, ମୁଁ ତୁମମାନଙ୍କୁ କହୁଛି ଓ ଅନ୍ୟ ଯେଉଁମାନେ କିଛି ଶିଖିବାକୁ ଚାହୁଁଛନ୍ତି ତାଙ୍କୁ ମଧ୍ୟ କହୁଛି, ଅଧିକ ଜାଣ, ଆହୁରି ଭଲଭାବରେ ଜାଣ ଯାହାଫଳରେ କି ତୁମେ ସେହି ନୂତନ ଶକ୍ତି ଆଡ଼କୁ ଉନ୍ମୁଖ ହୋଇ ପାରିବ ଓ ସେହି ଶକ୍ତିକୁ ସ୍କୁଲରେ ପ୍ରକାଶ କରି କାର୍ଯ୍ୟକାରୀ କରାଇ ପାରିବ । ଏହିକଥା ଭୁଲିଯାଅ ନାହିଁ ଯେ ତାହାହିଁ କେବଳ ଆମର କାର୍ଯ୍ୟକ୍ରମ । ଯଦି ତୁମର ଏଠାରେ ରହିବାର ଯଥାର୍ଥ କାରଣ ବିଷୟରେ ବୁଝିବାକୁ ଚାହଁ ତେବେ ତୁମକୁ ପ୍ରଥମେ ନିଶ୍ଚିତ ଭାବରେ ଜାଣି ରଖିବାକୁ ହେବ ଯେ ଆମର ଲକ୍ଷ୍ୟ ହେବ ଏ ପୃଥିବୀରେ ଦିବ୍ୟ-ଇଚ୍ଛାର ପ୍ରକାଶ ପାଇଁ ନିଜକୁ ଯଥାସମ୍ଭବ ଏକ ଯୋଗ୍ୟ ଯନ୍ତ୍ରଭାବେ ଗଢ଼ି ତୋଳିବା ଏବଂ ଯଦି ସେହି ଯନ୍ତ୍ରଟି ସ୍ୱୟଂସମ୍ପୂର୍ଣ୍ଣ ହେବାକୁ ଚାହଁ ତେବେ ତୁମ ନିଜକୁ ଅନୁଶୀଳନ କରିବାକୁ ହେବ, ଶିକ୍ଷା ଦେବାକୁ ହେବ ଓ ତାଲିମ ଦେବାକୁ ହେବ । ଏହାକୁ ଖଣ୍ଡେ ପଡ଼ିଆ ଜମି ବା ଖଣ୍ଡେ ଅଚଞ୍ଚା ପଥର ପରି ଛାଡ଼ିଦେବାକୁ ହେବ ନାହିଁ । ଖଣ୍ଡେ ହୀରାକୁ କାଟି ଏକ ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ରୂପ ଦେଲେ ତା'ର ଅସଲ ସୌନ୍ଦର୍ଯ୍ୟ ପ୍ରକାଶିତ ହୁଏ । ତୁମ ପାଇଁ ତାହା

ମଧ୍ୟ ପ୍ରଯୁଜ୍ୟ । ତୁମର ସ୍ଥୂଳସତ୍ତା ଅତିମାନସ ସତ୍ୟ ପ୍ରକାଶ କରୁ ଏହା ତୁମେ ଯେତେବେଳେ ଚାହଁ ସେତେବେଳେ ତୁମକୁ ନିଶ୍ଚିତ ଭାବରେ ପ୍ରସ୍ତୁତ ହେବାକୁ ହେବ ଓ ନିଜକୁ ଶୁଦ୍ଧ କରିବାକୁ ହେବ । ତୁମର ଯାହା ଅଭାବ ରହିଛି ତାହାକୁ ପୂରଣ କରିବାକୁ ହେବ । ତୁମର ଯାହା ଅଛି ତାକୁ ଅଧିକ ପୂର୍ଣ୍ଣାଙ୍ଗ କରିବାକୁ ହେବ । ସେଇଥି ଯୋଗୁଁ ମୋର ପ୍ରିୟ ଶିଶୁମାନେ, ତୁମେ କ୍ଲାସକୁ ଆସ, ତୁମେ ବଡ଼ ପିଲା ହୁଅ ବା ସାନ ପିଲା ହୁଅ ସେଥିରେ କିଛି ଯାଏ ଆସେ ନାହିଁ, କାରଣ ଜଣେ ଯେକୌଣସି ବୟସରେ ବି ଜ୍ଞାନାର୍ଜନ କରିପାରିବ । ତେଣୁ ତୁମମାନଙ୍କୁ ତୁମ କ୍ଲାସକୁ ଯିବାକୁହିଁ ପଡ଼ିବ, ଶିକ୍ଷା କରିବାକୁହିଁ ପଡ଼ିବ ।

**ଜୀବନ କ୍ଷେତ୍ରର ଅଗ୍ରଗତି :**

ଯାହାହେଉ କଦବା କ୍ୱଚିତ୍ ଯେତେବେଳେ ତୁମେ ଭଲ ଅବସ୍ଥାରେ ନଥାଅ ସେତେବେଳେ ଏପରି ବି କହିଥାଅ, 'ବର୍ତ୍ତମାନ ପ୍ରକୃତରେ ଭାରି ଖରାପ ଲାଗିବ' । ହଁ, ଏପରିକି ହୋଇପାରେ ଯେ, ଯେଉଁ ଶିକ୍ଷକ ତୁମର କ୍ଲାସ ନେବାକୁ ଯାଉଥିବେ ତାଙ୍କୁ ହୁଏତ ତୁମ ମନ ଖୁସି କରିବାର ଉପାୟଟି ମୋଟେ ଜଣା ନଥିବ । ସେ ଜଣେ ଭଲ ଶିକ୍ଷକ ହୋଇଥାଇ ପାରନ୍ତି, ମାତ୍ର ତଥାପି ତୁମର ମନ ଖୁସି କରି ରଖିବା ଲାଗି ସେ ସମ୍ପୂର୍ଣ୍ଣ ଅସମର୍ଥ ହୋଇପାରନ୍ତି । କାରଣ ସେପରି କରିବା ଆଦୌ ସହଜ ନୁହେଁ : ଏପରି ଗୋଟିଏ ଗୋଟିଏ ଦିନ ବି ଆସି ପହଞ୍ଚେ ଯେତେବେଳେ ଆଦୌ ଭଲ ଲାଗେ ନାହିଁ । ଉଭୟ ତୁମ ଲାଗି ଏବଂ ଶିକ୍ଷକଙ୍କ ଲାଗି ଏପରି ଦିନ ବି ଆସି ପହଞ୍ଚେ ଯେତେବେଳେ କି ସ୍କୁଲରେ ଆଦୌ ମନ ଲାଗେ ନାହିଁ । ତେବେ ସୁଦ୍ଧା ତୁମେ ତୁମ କ୍ଲାସକୁ ଯାଅ, କାରଣ ତାହାହିଁ ତୁମର କର୍ତ୍ତବ୍ୟ । କାରଣ ତୁମେ ଯଦି ତୁମର ଖିଆଲ ଅନୁସାରେ ଚଳ ଏବଂ ତୁମ ନିଜ ଉପରେ କୌଣସି ନିୟନ୍ତ୍ରଣ ନରଖ ତେବେ ତୁମର ଖିଆଲଗୁଡ଼ାକହିଁ ତୁମର ତ୍ରୁଟି ଧରି ତୁମକୁ ଚଳାଇବେ । ତେଣୁ ତୁମମାନଙ୍କୁ କ୍ଲାସକୁ ଯିବାକୁ ହେବ । ମାତ୍ର ସେଠାକୁ ଯାଇ 'ବର୍ତ୍ତମାନ' ପ୍ରକୃତରେ ଭାରି ବିରକ୍ତିକର ଲାଗିବ, ମୁଁ ଭଲକରି ଜାଣିଛି ଯେ ସେଠାରେ ମୋଟେ କିଛି ହେଲେ ଭଲ ଲାଗିବ ନାହିଁ ବୋଲି ନଭାବି ତୁମେ ନିଜକୁ ବରଂ ଏପରି କହିବ, ଜୀବନରେ ଏପରି କୌଣସି ଗୋଟିଏ ମୁହୂର୍ତ୍ତ ବା ଗୋଟିଏ ବି ପରିସ୍ଥିତି ନାହିଁ, ଯାହାକୁ କି ନିଜର ଅଗ୍ରଗତି ଲାଗି ଏକ ସୁଯୋଗ ରୂପେ ବ୍ୟବହାର କରାଯାଇ ନପାରିବ । ତେଣୁ ଆଜି ମୋତେ କେଉଁ ଅଗ୍ରଗତିଟିକୁ କରିବାକୁ ହେବ ? ବର୍ତ୍ତମାନ ଯେଉଁ ବିଷୟରେ କ୍ଲାସ ହେବାକୁ ଯାଉଛି, ସେହି ବିଷୟଟି ମୋତେ ମୋଟେ ଭଲ ଲାଗେ ନାହିଁ । ମାତ୍ର ବୋଧହୁଏ ଏପରି ହେଉଛି କାରଣ, ମୋ ନିଜ ଭିତରେ କିଛି ଗୋଟାଏ ଅଭାବ ରହିଛି; ବୋଧହୁଏ ମୋ ମସ୍ତିଷ୍କର କୌଣସି ଗୋଟିଏ ଭାଗର କୋଷଗୁଡ଼ିକ ଟିକେ ଦୁର୍ବଳ ଅଛନ୍ତି ଏବଂ ବୋଧହୁଏ ସେହି କାରଣରୁ ବିଷୟଟିରେ ମୋର କୌଣସି ଆଗ୍ରହ ହେଉ ନାହିଁ । ଯଦି ସେହି କଥାଟି ସତ ହୋଇଥାଏ, ତେବେ ମୁଁ ନିଶ୍ଚୟ କ୍ଲାସକୁ ଯିବି, ଭଲଭାବରେ ମନ ଦେଇ ଶୁଣିବି, ଏକାଗ୍ର ହେବି ଏବଂ ମୋର ଏ ବିଷୟ ପ୍ରତି ଥିବା ବିରୋଧ ଭାବକୁ ମନରୁ ପୂରା ପୋଛି ଫିଙ୍ଗି ଦେବି । ବୁଝିବା ସକାଶେ ଉଦ୍ୟମ କରି ନାହିଁ ବୋଲି ମୋତେ ସବୁକିଛି ଏପରି ନୀରସ ଓ ବିରକ୍ତିକର ଲାଗୁଛି, ଅଗ୍ରଗତି କରିବା ପାଇଁ ମୋର ପ୍ରକୃତ ଇଚ୍ଛା ନାହିଁ ବୋଲି ମୁଁ କୌଣସିଥିରୁ ଆନନ୍ଦ ପାଇ ପାରୁ ନାହିଁ । ଯେତେବେଳେ ଅଗ୍ରଗତି ବନ୍ଦ ହୋଇଯାଏ ସେତେବେଳେ ସବୁକିଛି ବିରକ୍ତିକର ହୋଇପଡ଼େ । କି ପିଲା କି ବୁଢ଼ା ସମସ୍ତଙ୍କ କ୍ଷେତ୍ରରେ ଏହିପରି ଘଟିଥାଏ । କାରଣ କେବଳ ଅଗ୍ରଗତି କରିବା ଉଦ୍ଦେଶ୍ୟରେହିଁ ଆମେ ପୃଥିବୀକୁ ଆସିଛୁ । ସେହି ଅଗ୍ରଗତି ନହେଲେ ଆମର ଜୀବନ ପ୍ରକୃତରେ କେଡ଼େ ଦୁର୍ବିଷହ ହୋଇ ନପଡ଼ିବ ! ଜୀବନଟା ଭାରି ନୀରସପୂର୍ଣ୍ଣ ହୋଇଯାଏ, ଅଧିକାଂଶ ସମୟରେ ଏଥିରୁ ଆନନ୍ଦ ମିଳେ ନାହିଁ । ଜୀବନକୁ ମୋଟେ ସୁନ୍ଦର ବୋଲି କୁହାଯାଇ ପାରିବ ନାହିଁ । ମାତ୍ର ଯଦି ତୁମେ ସେହି ଜୀବନକୁ ଅଗ୍ରଗତିର ଏକ କ୍ଷେତ୍ର ରୂପେ ଗ୍ରହଣ କରି ପାରିବ, ତେବେ ସବୁକିଛି ନିଶ୍ଚୟ ବଦଳି ଯିବ; ସବୁକିଛି ଆଗ୍ରହୋଦ୍ଦୀପକ ହୋଇ ପାରିବ । ଏବଂ ତା'ପରେ ବିରକ୍ତ ହେବା ଲାଗି ଆଉ କୌଣସି ଅବସର ବି ନଥିବ । ଏହାପରେ ଯଦି ତୁମ ଶିକ୍ଷକ ତୁମକୁ କେବେ କୌଣସି ସମୟରେ ନୀରସ ବୋଧ ହେବେ ତେବେ ସେତେବେଳେ କିଛି ନକରି, ନିଜ ସମୟ ନଷ୍ଟ ନକରି, ସେ କାହିଁକି ତୁମକୁ ଏପରି ନୀରସ ବୋଧ ହେଉଛନ୍ତି ସେକଥା ବୁଝିବା ଲାଗି ତୁମେ ଚେଷ୍ଟା କର । ତେବେ ତୁମର ଯଦି ନିରୀକ୍ଷଣ କରି ଦେଖିବା ଲାଗି ସାମର୍ଥ୍ୟ ଥିବ ଏବଂ ତୁମେ ଯଦି ତାହାକୁ ବୁଝିବା ଲାଗି ଉଦ୍ୟମ କରୁଥିବ ତେବେ ତୁମେ ଅବିଳମ୍ବେ ଏହି କଥାଟି ଦେଖିବାକୁ ପାଇବ ଯେ ସତେ ଯେପରି ଏକ ଅଲୌକିକ ଘଟଣା ଘଟି ଯାଇଛି ଏବଂ ତୁମକୁ ଆଉ ଆଦୌ ନୀରସ ବା ବିରକ୍ତି ବୋଧ ହେଉ ନାହିଁ ।

**ନୀରସତା ବୋଧରୁ ଶିକ୍ଷା :**

ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଏହି ଉପାୟଟି ଭଲ କାମ ଦେଇଥାଏ । ବେଳେବେଳେ କେତେକ ପରିସ୍ଥିତିରେ ସବୁକିଛି ତୁମକୁ ଭାରି ନୀରସ, ନିରର୍ଥକ ଓ ବିରକ୍ତିକର ବୋଧହୁଏ । ତାହାର ଅର୍ଥ ହେଉଛି – ପରିସ୍ଥିତି ଯେଉଁ ଭଳି ନୀରସ, ତୁମେ ନିଜେ ମଧ୍ୟ ସେହିପରି ନୀରସ; ଏବଂ ତୁମେ ଯେ ଅଗ୍ରଗତି କରୁ ନାହଁ ଏହା ତାହାର ଏକ ସ୍ପଷ୍ଟ ପ୍ରମାଣ । କେବଳ ନୀରସତା ବୋଧର ଗୋଟାଏ ମାତ୍ର ସ୍ପନ୍ଦନ ତୁମ ଉପର ଦେଇ ଚାଲିଯାଏ ଏବଂ ତାହାହିଁ ହେଉଛି ଜୀବନ ସ୍ୱାଦର ଏକେବାରେ ବିପରୀତ ବସ୍ତୁ । ଏହିପରି ସମୟରେ ତୁମେ ଟିକେ ଚେଷ୍ଟା କରିପାର ଏବଂ ନିଜକୁ କହିପାର : ‘‘ଏହି ନୀରସତା ବୋଧରୁ ଏହି ପ୍ରମାଣ ମିଳୁଛି ଯେ ମୋତେ କିଛି ଗୋଟାଏ ଶିକ୍ଷା କରିବାକୁ ହେବ, କିଛି ଗୋଟାଏ ଅଗ୍ରଗତି କରିବାକୁ ହେବ, ଜଡ଼ତା ବା ତାମସିକତା ଉପରେ ମୋତେ ବିଜୟ ହାସଲ କରିବାକୁ ହେବ, କିଂବା କୌଣସି ଦୁର୍ବଳତାକୁ ଅତିକ୍ରମ କରିବାକୁ ହେବ । ନୀରସତା ବୋଧକୁ ଆବଦ୍ଧ ଚେତନାର ଲକ୍ଷଣ ବୋଲି ବୁଝିବାକୁ ହେବ । ଏବଂ ତୁମେ ଯଦି ଏହାର ସମାଧାନ ତୁମ ନିଜ ଭିତରୁ ଖୋଜି ବାହାର କରିବାକୁ ଆରମ୍ଭ କରିବ ତେବେ ତୁମେ ଦେଖିବ ତାହା ସେହି ମୁହୂର୍ତ୍ତରୁହିଁ ଅନ୍ତର୍ହିତ ହୋଇଯାଉଛି । ଅଧିକାଂଶ ଲୋକ ଯେତେବେଳେ ଭାରି ଖରାପ ବୋଧ ଅନୁଭବ କରନ୍ତି ସେତେବେଳେ ସେମାନେ ପରିଶ୍ରମ କରି ଗୋଟିଏ ପାଦ ଅଗ୍ରଗତି କରିବା ପରିବର୍ତ୍ତେ ଗୋଟିଏ ପାଦ ତଳକୁ ଖସି ଆସନ୍ତି । ଏପରିକି ସେମାନେ ସେମାନଙ୍କ ଚେତନାର ଆହୁରି ତଳକୁ ଖସି ପଡ଼ନ୍ତି ଏବଂ ସମସ୍ତ ପ୍ରକାର ନିର୍ବୋଧ କର୍ମ କରି ବସନ୍ତି । ନିଜକୁ ଖୁସି କରେଇବା ଆଶାରେ ସମସ୍ତ ପ୍ରକାର ନିର୍ବୋଧ କର୍ମ କରି ବସନ୍ତି । ସେଇଥି ଯୋଗୁଁ ମଣିଷ ମଦ୍ୟପ ସାଜେ, ତା’ର ସ୍ୱାସ୍ଥ୍ୟକୁ ଜଳାଞ୍ଜଳି ଦିଏ, ବୁଦ୍ଧିକୁ ବିନାଶ କରେ ... ।

ଏହିପରି ଭାବେ ଆମ ଜୀବନର ସାନ ବଡ଼ ସମସ୍ତ ଘଟଣା ଅଗ୍ରଗତି ସକାଶେ ଆମ ଲାଗି ଗୋଟିଏ ଗୋଟିଏ ସୁଯୋଗରେ ପରିଣତ ହୋଇପାରିବ । ଏପରିକି ଯେଉଁସବୁ ଟିକି ଟିକି କଥାକୁ ଆମେ ମୂଲ୍ୟହୀନ ବୋଲି ମନେ କରୁ, ଆମେ ଯଦି ସେସବୁରୁ କିପରି ଲାଭବାନ୍ ହେବାକୁ ହୁଏ ତାହା ଜାଣିଥାଉ ତେବେ ସେସବୁ ବି ଆମକୁ ସତ୍ୟୋଦ୍‌ଘାଟନ ଅଭିମୁଖରେ ପରିଚାଳିତ କରି ନେବେ । ଯେତେବେଳେ ତୁମେ ଏପରି କୌଣସି କାର୍ଯ୍ୟ କରୁଥିବ ଯେଉଁଥିରେ କି ତୁମର ସମସ୍ତ ଏକାଗ୍ରତା ଆବଶ୍ୟକ ହେଉ ନଥିବ ସେତେବେଳେ ତୁମେ ତାହାକୁ ନିଜର ପର୍ଯ୍ୟବେକ୍ଷଣ ଶକ୍ତି ବଢ଼ାଇବାର ସୁଯୋଗ ରୂପେ ବ୍ୟବହାର କରି ପାରିବ । ଏବଂ ତେବେ ତୁମେ ଦେଖିବାକୁ ପାଇବ ଯେ ଅନେକ ନୂଆ ନୂଆ ଆଗ୍ରହଦାୟକ କଥାସବୁ ତୁମେ ଆବିଷ୍କାର କରି ପାରୁଛ ।

(Bulletin Nov. 1953)

(ସମାପ୍ତ) ❑

## ଏକ ପ୍ରାତଃ ପ୍ରାର୍ଥନା

ହେ ପରମା ଦିବ୍ୟ ଜନନି ! ଏପରି କର ଯେପରି ଆଜି ଦିନଟି ଆମ ପାଇଁ ବହନ କରି ଆଣେ ତୁମ ଇଚ୍ଛା ନିକଟରେ ଏକ ପୂର୍ଣ୍ଣତର ନିବେଦନ, ତୁମରି କର୍ମରେ ପରିପୂର୍ଣ୍ଣତର ଆତ୍ମଦାନ, ଏକ ସମଗ୍ରତର ଆତ୍ମ-ବିସ୍ମରଣ, ଏକ ବୃହତ୍ତର ଜ୍ୟୋତିର୍ମୟତା, ଏକ ଶୁଦ୍ଧତର ପ୍ରେମ । ଏପରି କର ଯେପରି ତୁମ ସହ ନିତ୍ୟ-ବର୍ଦ୍ଧମାନ ଗଭୀରରୁ ଗଭୀରତର, ଅବିଚ୍ଛିନ୍ନରୁ ଅବିଚ୍ଛିନ୍ନତର, ପୂର୍ଣ୍ଣାଙ୍ଗରୁ ପୂର୍ଣ୍ଣାଙ୍ଗତର ସଂଯୋଗ ମଧ୍ୟରେ ଆମେ ତୁମ ସହ ଅଧିକରୁ ଅଧିକ ନିବିଡ଼ ଭାବରେ ନିରନ୍ତର ମିଳିତ ହୋଇପାରୁ ଏବଂ ତୁମର ଯୋଗ୍ୟ ସେବକରେ ପରିଣତ ହୋଇପାରୁ । ଦୂର କର ଆମ ଭିତରୁ ସକଳ ଅହମିକା, ସକଳ ତୁଚ୍ଛ ଦର୍ପ, ଲୋଭ ଓ ଅନ୍ଧକାର, ଆମେ ସମସ୍ତେ ଯେପରି ତୁମରି ଦିବ୍ୟପ୍ରେମରେ ପ୍ରଜ୍ୱଳିତ ହୋଇଉଠୁ, ଜଗତରେ ଆମକୁ ପରିଣତ କର ତୁମର ଆଲୋକ ବର୍ତ୍ତିକାରେ ।

– ଶ୍ରୀମା

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୫)

## ରାକ୍ଷସୀ ଭୟଙ୍କରୀ

## ମନୋଜ ଦାସ

[**କାହାଣୀ ଏ ଯାବତ୍ :** ମଥୁରାର ଦାନବ ରାଜା କଂସ ଉଦ୍ଦେଶ୍ୟରେ ହୋଇଥିଲା ଦୈବବାଣୀ – ତା' ସମ୍ପର୍କୀୟା ଭଉଣୀ ଦେବକୀର ଅଷ୍ଟମ ଗର୍ଭଜାତ ସନ୍ତାନ ହେବ ତା'ର ନିଧନକାରୀ । ସେ ଦେବକୀ ଏବଂ ତାଙ୍କ ସ୍ୱାମୀ ବସୁଦେବଙ୍କୁ ବନ୍ଦୀ କଲା । ଏକ ପରେ ଏକ ସେମାନଙ୍କ ସନ୍ତାନଙ୍କୁ ସେ ଜନ୍ମ ପରେ ହତ୍ୟା କରି ଚାଲିଲା । କିନ୍ତୁ ଅଷ୍ଟମ ସନ୍ତାନ ଜନ୍ମ ହେବା ମାତ୍ରେ ନିଶାର୍ଦ୍ଧରେ ବସୁଦେବ ତା'କୁ ନେଇ ଯମୁନା ସେପାରି ନନ୍ଦରାଜାଙ୍କ ପ୍ରାସାଦରେ ତାଙ୍କ ପତ୍ନୀ ଯଶୋଦାଙ୍କ କୋଳରେ ଥୋଇ ଦେଇ ସଦ୍ୟଜାତ କନ୍ୟାକୁ ଉଠାଇ ନେଇ ଆସି ଦେବକୀଙ୍କ କୋଳରେ ଥୋଇ ଦେଲେ । ପ୍ରଭାତରେ କଂସ ଶିଶୁଟିକୁ ପଥରରେ ଛେଚିବା ସକାଶେ ଶୂନ୍ୟକୁ ତୋଳିବା ମାତ୍ରେ ସେ ଖସି ଯାଇ ଆକାଶରେ ଉଲ୍କା ଭଳି ଉଭେଇଗଲା । ପୁନଶ୍ଚ ଶୁଭିଲା ଚେତାବନୀ ''ତୋ ନିଧନକାରୀ ତୋ ଆୟତ୍ତ ବାହାରେ !'' ତା'ପରେ...]

ସାରା ରାତି ସେ ମୁଲକ ବ୍ୟାପୀ ହୋଇଥିଲା ପ୍ରବଳ ଝଡ଼ଝଞ୍ଜା । ପ୍ରଭାତ ବେଳକୁ ବାତାବରଣ ଥିଲା ନିସ୍ତବ୍ଧ । କିନ୍ତୁ କଂସ ରାଜାର ନଅର ଭିତରେ ସେ ନିସ୍ତବ୍ଧତା ସହ ମିଶି ରହିଥିଲା ବିମର୍ଷତା ଏବଂ ଆତଙ୍କ ।

ଏକ ପ୍ରକାର ଶୂନ୍ୟ ଦୃଷ୍ଟିରେ କଂସ ଅନେଇ ରହିଥାଏ ଆକାଶ ଆଡ଼େ । ସତେ ଯେପରି ସେ ଯାଏ ତା' ପାଇଁ ସେ ଭୟାବହ ଦୈବବାଣୀ ମେଘମାଳା ଭିତରେ ପ୍ରତିଧ୍ୱନିତ ହେଉଥାଏ ! କ୍ରମେ ମେଘସବୁ ପତଳା ହୋଇ ଆସିଲେ । ମଥୁରା ନଗରୀକୁ ଉଦ୍ଭାସିତ କଲା ଏକ ସ୍ୱଚ୍ଛ ସତେଜ ପ୍ରଭାତ । ପଥପ୍ରାନ୍ତର ଗଛଲତା ଏବଂ ଉଦ୍ୟାନମାନଙ୍କ ଭିତରୁ ଶୁଭିଲା ପକ୍ଷୀମାନଙ୍କ ବିବିଧ ବିଚିତ୍ର କଣ୍ଠସ୍ୱର । ନଅର ଭିତରେ ଭାଟମାନେ କଂସର ସ୍ତୁତିଗାନ ଆରମ୍ଭ କରିବା ମାତ୍ରେ କଂସର ଗୋଟାଏ ଧମକରେ ସେମାନେ ନୀରବ ହୋଇଗଲେ ।

ସୂର୍ଯ୍ୟକିରଣ ଆସି ଝଲସାଇ ଦେଲା ନଅର ଭିତରର ସେହି ପଥର ଖଣ୍ଡିକୁ – ଯାହା ଉପରେ କଚାଡ଼ି ଦେବକୀଙ୍କର ଏକ ପରେ ଏକ ସନ୍ତାନଙ୍କୁ ହତ୍ୟା କରୁଥିଲା କଂସ ।

ହଠାତ୍ କଂସ ଆଖିକୁ ସେ ପଥର ଖଣ୍ଡିକ ଭୟଙ୍କର ଦେଖାଗଲା । ତାହାହିଁ ତା'ର ନାହିଁ ନଥିବା ନିର୍ମମତାର ସାକ୍ଷୀ । ନିଜକୁ ସେ ପ୍ରଶ୍ନ କରୁଥାଏ : ଶିଶୁଗୁଡ଼ିକୁ ହତ୍ୟା କରି ସେ ନିଜର କେଉଁ ହିତଟି ସାଧନ କଲା ? ନିଜ ପାପର ତାଲିକାକୁ ସେ ଦୀର୍ଘ କରି ଚାଲିଥିଲା ସିନା ! ଜଣେ ଗୁପ୍ତଚର କୌଣସି ସନ୍ନ୍ୟାସୀଙ୍କଠୁଁ ଶୁଣି ଆସି ତାକୁ କହୁଥିଲା, ସେ ଶିଶୁଗୁଡ଼ିକ ବିଷ୍ଣୁଭକ୍ତମାନଙ୍କ ଆତ୍ମା । ଦୁରାତ୍ମା କଂସର ବିନାଶକୁ ତ୍ୱରାନ୍ୱିତ କରିବା ସକାଶେ ସେମାନେ ଜନ୍ମଗ୍ରହଣ କରିଥିଲେ ।

ଆଉ କେହି କେହି କୁଆଡ଼େ କହୁଥିଲେ, ଦୈବବାଣୀ ଯୋଗୁଁ କଂସ ଯଦି ନିଜେ କିପରି ନିରାପଦ ରହିବ ସେହି ଚିନ୍ତାରେ ଘାରି ହେଉ ନଥା'ନ୍ତା, ତେବେ ସାରା ପ୍ରଜାକୁଳ ଉପରେ ଅତ୍ୟାଚାର କରିବାରେ ଏବଂ ପାଖପଡ଼ୋଶୀ ରାଜ୍ୟମାନଙ୍କୁ ଆକ୍ରମଣ କରିବାରେ ସେ ସମୟ ବ୍ୟୟ କରିଥା'ନ୍ତା । ଅତଏବ ଯାହା ହେଲା, ତାହା ରାଜ୍ୟର ମଙ୍ଗଳ ପାଇଁ ହେଲା !

କ୍ରମେ ସୂର୍ଯ୍ୟାଲୋକ ହୋଇ ଉଠୁଥିଲା ଉଜ୍ଜ୍ୱଳ । କିନ୍ତୁ କଂସ ଆଗରେ ଯେମିତି ଛାଇ ରହିଥିଲା ବିକଟ ଅନ୍ଧକାର । ସେହି ଅନ୍ଧକାର ଭିତରୁ ଫୁଟି ଉଠୁଥିଲା ଦେବକୀଙ୍କ ଅଶ୍ରୁସଜଳ ମୁହଁ । ସେ ଧୀରେ ଧୀରେ ଦେବକୀଙ୍କ କାରାକକ୍ଷ ଆଡ଼େ ଅଗ୍ରସର ହେଲା ।

ଦେବକୀ ସେଯାଏ ଚେତା ହରାଇ ପଡ଼ିଥିଲେ । ପାଖରେ ବସି ବସୁଦେବ ତାଙ୍କ ମୁହଁରେ ପାଣି ସିଞ୍ଚୁଥିଲେ ।

''କଂସ, ତୁମେ ଆମଠୁଁ ଆଉ କ'ଣ ଚାହୁଁଛ ? ଦିନେ ତୁମେ ଦେବକୀକୁ ହତ୍ୟା କରିବାକୁ ବସିଥିଲ । ମୁଁ ତୁମକୁ ରୋକିଥିଲି । କିନ୍ତୁ ଜୀବନ ପ୍ରତି ଆମର ଆଜି ଆଉ ତିଳେ ମଧ

ଆକର୍ଷଣ ନାହିଁ । ଆମ ଦୁହିଙ୍କୁ ବି ଶେଷ କରି ଦିଅନ୍ତ ନାହିଁ ? ଦାରୁଣ ଦୁଃଖରୁ ଆମେ ନିଷ୍କୃତି ପାଆନ୍ତୁ ।'' କଂସ ଉପରେ ଦୃଷ୍ଟି ସ୍ଥିର ରଖି ପ୍ରଶ୍ନ କଲେ ବସୁଦେବ ।

''ଭାଇ ବସୁଦେବ ! ମୁଁ ତୁମ ଦୁହିଙ୍କୁ ମୁକ୍ତି ଦେବାକୁ ଆସିଛି । ମୁଁ ତୁମ ପ୍ରତି ବଡ଼ ନିର୍ମମ ଆଚରଣ କରିଛି ବୋଲି ମାନୁଛି । ଦୁଷ୍ଟ ଦେବତାମାନଙ୍କ ଯୋଗୁଁ ଏମିତି ହେଲା । କିନ୍ତୁ କେତେ ଦିନ ସେମାନେ ମୋ ସହ ବିବାଦ କରି ବର୍ତ୍ତି ରହିବେ ? ମୁଁ ସେମାନଙ୍କୁ ଦେଖିନେବି ।'' କହିଲା କଂସ ।

ଦେବକୀ ଏବଂ ବସୁଦେବଙ୍କୁ ସେମାନଙ୍କ ବାସଭବନକୁ ପଠାଇବାର ବ୍ୟବସ୍ଥା କରି ସାରି କଂସ ତା' ବିଶ୍ୱସ୍ତ ମନ୍ତ୍ରୀମାନଙ୍କର ବୈଠକ ଡକାଇଲା ।

ଜଣେ ମନ୍ତ୍ରୀ କହିଲେ, ''ମହାରାଜ, ଦେବତାମାନେ ଯଦି ଆପଣଙ୍କୁ ଭିନ୍ନ ଭିନ୍ନ ବାଟରେ ଭୟ ଦେଖାଉଛନ୍ତି, ତା'ର କାରଣ ଆପଣଙ୍କ ସହ ମୁହାଁମୁହିଁ ହେବାର ସାହସ ସେମାନଙ୍କର ନାହିଁ । ସେଭଳି ଦଳେ ଭୀରୁଙ୍କୁ ଆମର ଡରିବାର କ'ଣ ଅଛି ?''

''ଥରେ ଆପଣଙ୍କ ଆକ୍ରମଣରେ ଛାନିଆ ହୋଇ କେମିତି କେତେ ଜଣ ଦେବତା ପ୍ରାଣ ମୂର୍ଚ୍ଛା ଦୌଡ଼ି ପଳାଇଥିଲେ, ମୁଁ ସେକଥା କଦାପି ଭୁଲି ପାରିବି ନାହିଁ ।'' ହସି ହସି ମନ୍ତବ୍ୟ ଦେଲେ ଆଉ ଜଣେ ମନ୍ତ୍ରୀ ।

ଦେବତାମାନଙ୍କ ଭୀରୁତା ସମ୍ପର୍କରେ ଆହୁରି କେତେ ଜଣ ମନ୍ତ୍ରୀ ଭିନ୍ନ ଭିନ୍ନ ମନ୍ତବ୍ୟ ଦେବା ଅନ୍ତେ ସଭିଏଁ ଉଚ୍ଚ କଣ୍ଠରେ ହସିଲେ । ସେହି ହସ ଭିତରେ କଂସର ବିମର୍ଷଭାବ ଦୂର ହୋଇଗଲା । ତା' ମୁହଁରେ ଫୁଟି ଉଠିଲା ସଗର୍ବ ସ୍ମିତହସ ।

କିନ୍ତୁ ଜଣେ ପ୍ରବୀଣ ମନ୍ତ୍ରୀ ଚୁପ୍‌ଚାପ୍ ବସିଥା'ନ୍ତି । ଅନ୍ୟମାନେ ହସରୁ ବିରତ ହୁଅନ୍ତେ ସେ କହିଲେ, ''ମୁଁ ଦେବତାମାନଙ୍କ ଶତ୍ରୁତାକୁ ନେଇ ଚିନ୍ତିତ ନୁହେଁ । କିନ୍ତୁ କେହି କେହି ଋଷି ଯାହା କହୁଥିବାର ମୁଁ ଶୁଣୁଛି, ତାହାହିଁ ମୋତେ ବିବ୍ରତ କରୁଛି ।''

''କ'ଣ ସେ କଥା ?'' ଗମ୍ଭୀର କଣ୍ଠରେ ପ୍ରଶ୍ନ କଲା କଂସ ।

''ଅସୁର ଏବଂ ରାକ୍ଷସମାନଙ୍କୁ ଦମନ କରିବା ନିମନ୍ତେ ସ୍ୱୟଂ ବିଷ୍ଣୁ କୁଆଡ଼େ ଅବତାର ନେଇଛନ୍ତି । ଅସୀମ ତାଙ୍କ ପରାକ୍ରମ । ତାଙ୍କୁ ପରାଜିତ କରିବାର ଚେଷ୍ଟା ବାଲି ମୁଠିଏ ଲେଖାଏଁ ଫୋପାଡ଼ି ସମୁଦ୍ର ଜୁଆରକୁ ରୋକିବାର ଚେଷ୍ଟା ଭଳି ବିଫଳ ହେବ ।''

ତାଙ୍କ ଚେତାବନୀ କିଛି ସମୟ ସକାଶେ ସମସ୍ତଙ୍କୁ ସ୍ତବ୍ଧ କରି ଦେଲା । ତା'ପରେ ହଠାତ୍ କଂସ ବାହୁସ୍ଫୋଟ ମାରି ଉଚ୍ଚ କଣ୍ଠରେ କହିଲା, ''ତାହା ବୋଲି କ'ଣ ମୁଁ ବିଷ୍ଣୁଙ୍କର ଶରଣ ପଶିବି ? ଅସମ୍ଭବ । ତାଙ୍କ ଯୋଜନା କିପରି ବିଫଳ ହେବ, ସେ ଦିଗରେ ମୋତେ ନେବାକୁ ହେବ ସତର୍କ ପଦକ୍ଷେପ । ସେ ଦିଗରେ କ'ଣ କରାଯାଇପାରେ, ପାରିଲେ କୁହନ୍ତୁ ।''

''ଋଷିମାନେ ଗୁଜବ ରଚନାରେ ବେଶ୍ ପାରଙ୍ଗମ ଦେଖୁଛି !'' ମନ୍ତବ୍ୟ ଦେଲା ଜଣେ ଚାଟୁକାର ।

ସମସ୍ତେ ଚିନ୍ତିତ ଭାବରେ କିଛି ସମୟ ବସି ରହିବା ଅନ୍ତେ ଜଣେ ମନ୍ତ୍ରୀ କହିଲେ, ''ଯଦି ବିଷ୍ଣୁ ଅବତାର ନେଇଥିବେ, ତେବେ ସେ ତ କେଉଁଠି ହେଲେ ସଦ୍ୟ ଜନ୍ମ ହୋଇଥିବେ ?''

''ଠିକ୍ ।'' ତାଙ୍କ ଅନୁମାନକୁ ସମର୍ଥନ ଜଣାଇଲା କଂସ ।

''ତେବେ ଆଉ ସମସ୍ୟା କ'ଣ ? ବର୍ଷକ ଭିତରେ ଆମ ରାଜ୍ୟରେ ତଥା ଆଖପାଖ ରାଜ୍ୟରେ ଜନ୍ମିଥିବା ସବୁ ଶିଶୁଙ୍କୁ ମାରି ପକାଇଲେ ଗଲା !''

''ବାଃ, ଚମତ୍କାର ପ୍ରସ୍ତାବ !'' କଂସ ଏହା କହି ନିଜ ବେକରୁ ମୂଲ୍ୟବାନ୍ ରତ୍ନହାର ଖୋଲି ନେଇ ସେ ମନ୍ତ୍ରୀ ଗୋଟିଙ୍କୁ ଅଳଙ୍କୃତ କଲା । ଅନ୍ୟ ମନ୍ତ୍ରୀମାନେ ବି ସେ ପୁରସ୍କୃତ ସହକର୍ମୀଟି ଆଡ଼େ ଈର୍ଷାଭରା ଦୃଷ୍ଟିରେ ଅନାଇ ଏ ପ୍ରସ୍ତାବକୁ ଉତ୍ସାହ ଭରେ ସ୍ୱାଗତ କଲେ ।

ଅବିଳମ୍ବେ କଂସ ସବୁଠାରୁ ଦୁଷ୍ଟ, ଚତୁର ଏବଂ ନୃଶଂସ ଦୈତ୍ୟଦାନବ ଓ ରାକ୍ଷସ-ରାକ୍ଷସୀମାନଙ୍କୁ ତଲବ କଲା । ସେମାନଙ୍କୁ ଗୋପନ କକ୍ଷରେ ବସାଇ ଶୁଣାଇଲା ତା'ର ସିଦ୍ଧାନ୍ତ : ''ମଥୁରା ତଥା ଆଖପାଖ ରାଜ୍ୟରେ ବର୍ଷକ ଭିତରେ ଯେତେ ଶିଶୁ ଜନ୍ମ ନେଇଛନ୍ତି, ସମସ୍ତେ ବିନଷ୍ଟ ହେବା ଚାହି । କେମିତି ଏ କାମ ତୁଲାଇବ, ସେଇଟା ନିର୍ଭର କରେ ତୁମମାନଙ୍କ ବିଦ୍ୟାବୁଦ୍ଧି ଉପରେ ।''

ରାକ୍ଷସ-ରାକ୍ଷସୀ ଓ ଦୈତ୍ୟଦାନବମାନେ ଖୁସି ହୋଇ ବିଚିତ୍ର ଓ ବିକୃତ ଧ୍ୱନିମାନ ଦେଲେ । ଜଳନ୍ତା କୋଇଲା ଭଳି ଦେଖାଗଲା ସେମାନଙ୍କ ଆଖି ।

ଦାନବଟିଏ କହିଲା, ''ମହାରାଜ ! ଆମ ପାଇଁ ଏହାଠୁଁ ବଳି ଆହ୍ଲାଦମୟ କାମ ଆଉ କ'ଣ ହୋଇପାରେ ? ଆପଣଙ୍କୁ ପ୍ରଣାମ ! ମୋର ତ ନାଚିବାକୁ ମନ ହେଉଛି !''

''ଆଜ୍ଞା, ବହୁ ଦିନ ହେଲା ଆମେ ମନମତାଣିଆ କାମ

କିଛି ପାଇ ନଥିଲୁ । ଧନ୍ୟବାଦ ଆପଣଙ୍କୁ, ଧନ୍ୟବାଦ !'' କହିଲା ଦାନବୀଟିଏ ।

ଜଣେ ବୟସ୍କ ରାକ୍ଷସ କହିଲା, ''ହେ ପ୍ରଭୁ ! ଯେବେଠୁଁ ଆପଣ ଦେବକୀଙ୍କ ସନ୍ତାନମାନଙ୍କୁ କଚାଡ଼ି ମାରିବାକୁ ଆରମ୍ଭ କଲେଣି, ସେବେଠୁଁ ମୋର ମନେ ହୋଇଛି ସେଇଟା ଗୋଟାଏ ଅତ୍ୟନ୍ତ ମଉଜିଆ ଖେଳ ହୋଇଥିବ ପରା ! ଆପଣଙ୍କୁ ଅନୁସରଣ ଏବଂ ଅନୁକରଣ କରିବା ନିମନ୍ତେ ଆମେ ଆକୁଳ ବିକଳ ହେଉଥିଲୁ ! ଆପଣଙ୍କର କେଡ଼େ ଦୟା ଆମ ପ୍ରତି !''

''ରାତିରେ ମୁଁ ବନି ଯିବି ଗୋଟାଏ ଶୃଗାଳ । ପ୍ରଭାତ ବେଳକୁ ହେଟା । ତା' ଦ୍ୱାରା କୁଡ଼ିଆମାନଙ୍କ ଭିତରୁ ଶିଶୁମାନଙ୍କୁ ଓଟାରି ଆଣିବାରେ ବେଶ୍ ସୁବିଧା ହେବ ।'' କହିଲା ଏକ ଦାନବୀ ।

''ମୁଁ ଯୋଡ଼ିଏ କୁନି କୁନି ପିଶାଚ ପୋଷିଛି । ସେମାନଙ୍କୁ ମୁଁ ଘରଟିମାନ ଭିତରକୁ ଗଳାଇ ଦେବି । ସେମାନେ ଶିଶୁର ଶେଷ ରକ୍ତକଣା ନପିଇବା ଯାଏ ଫେରିବେ ନାହିଁ ।'' ଜଣାଇଲା ଜଣେ ପ୍ରଭାବଶାଳୀ ରାକ୍ଷସ ।

''ହାଃ ହାଃ'' – ହସିଲା କେହି ଜଣେ । ସମସ୍ତଙ୍କ ଆଖି ଗଲା ତା' ଉପରକୁ । ସେ ଜଣେ ଜଣାଶୁଣା ରାକ୍ଷସୀ । ନାମଟି ତା'ର ପୁତନା । ମଣିଷଙ୍କୁ କଲବଲ କରିବାର କଳାକୌଶଳରେ ତାକୁ କେହି ବଳି ଯାଉ ନଥିଲେ ।

''ହସିଲ କି ପାଇଁ ଆମ ଅଲିଅଳ ଭଉଣୀ ସୁନ୍ଦରୀ ?'' ପଚାରିଲେ ଅନ୍ୟମାନେ ।

''ତୁମେମାନେ କେହି କିନ୍ତୁ ସମ୍ଭ୍ରାନ୍ତ ନାଗରିକମାନଙ୍କ ଘରକୁ, ସାମନ୍ତମାନଙ୍କ ଅଟ୍ଟାଳିକାକୁ ପ୍ରବେଶ କରିପାରିବ କି ?'' ସେ ପ୍ରଶ୍ନ କଲା ।

କଂସର ମୁହଁରେ ଉକୁଟି ଉଠିଲା ଉତ୍ସାହର ଆଲୁଅ । ''ଆରେ ପୁତନା ! ମୁଁ ଜାଣେ ତୋର କରାମତି । ତୋ' କଳ-ବଳ-କୌଶଳ ଉପରେ ମୋର ଗଭୀର ବିଶ୍ୱାସ ।'' ସେ ପୁତନାକୁ ଦେଲା ବଧେଇ ।

''ଜାଣେ । ମୁଁ କଥା ଦେଉଛି, ଯାହା କେହି ନପାରିବେ, ମୁଁ ତାହାହିଁ କରି ଦେଖାଇ ଦେବି । ମୋ ବକ୍ଷରେ ମୁଁ ସଞ୍ଚିଛି ଭୟାବହ ବିଷ । ତହିଁରୁ ବିନ୍ଦୁଏ ପିଇଲେହିଁ ଶିଶୁଟିଏ କାହିଁକି ଦୈତ୍ୟ-ଦାନବ ମଧ୍ୟ ଟଳି ପଡ଼ିବେ ।'' ପୁତନା ପୁନର୍ବାର ହସିଲା ।

''ଆଃ, କି ସୁସ୍ୱାଦୁ ଅମୃତ ବାଣୀ ଶୁଣାଇଲୁ ମୋ ସ୍ନେହର ଭଉଣି !'' ବଧେଇ ଦେଲା କଂସ ଏବଂ ପୁତନାର ହାସ୍ୟ-ଧ୍ୱନିକୁ ସେ ଦଶଗୁଣ ପ୍ରଚଣ୍ଡ କରି ଦେଲା ନିଜ କଣ୍ଠ ଯୋଗେ ।

*

ଯମୁନା ସେପାରି ଗୋପପୁରରେ ସେଦିନ ଲାଗିଥାଏ ଉତ୍ସବ । ସଭିଙ୍କ ପ୍ରିୟ ନନ୍ଦରାଜାଙ୍କର ପୁତ୍ରଲାଭ ହୋଇଛି । ପୁରୁଷମାନେ ଗାଁ ଦାଣ୍ଡରେ ତୋରଣମାନ ତୋଳୁଥା'ନ୍ତି; ନାଟକ ଓ ଗୀତବାଦ୍ୟର ବ୍ୟବସ୍ଥା କରୁଥା'ନ୍ତି । ସ୍ତ୍ରୀଲୋକମାନେ ପୁଷ୍ପମାଲ୍ୟ, ପୁଷ୍ପଗୁଚ୍ଛ, କସ୍ତୁରୀ, ଗୋରୋଚନା ଇତ୍ୟାଦି ଧରି ରାଣୀ ଯଶୋଦାଙ୍କୁ ଅଭିନନ୍ଦନ ଜଣାଉଥା'ନ୍ତି ।

ଅନ୍ତଃପୁର ଭିତରେ ନାରୀ ସମାବେଶ କ୍ରମେ ପତଳା ହୋଇ ଆସିବା ବେଳକୁ ପ୍ରବେଶ କଲେ ଜଣେ ଡଉଲ ଡାଉଲ, ନାନାଦି ଅଳଙ୍କାର ଭୂଷିତା ସୁନ୍ଦରୀ ମହିଳା । ଯଶୋଦାଙ୍କ ପରିଚାରିକାମାନେ ତାଙ୍କୁ ସ୍ୱାଗତ କଲେ । ସେମାନଙ୍କ ଧାରଣା ହେଲା ଅନ୍ୟମାନଙ୍କ ଭଳି ସେ ମଧ୍ୟ ରାଣୀଙ୍କୁ ଶଙ୍ଖୋଳିବାକୁ ଆସିଛନ୍ତି ।

''ରାଣି ! ଏ ହତଭାଗିନୀ ବଡ଼ ବିକଳ ହୋଇ ଆସିଛି ଆପଣଙ୍କ ସନ୍ତାନକୁ ଥରେ ଦେଖି ନେବା ପାଇଁ । ମୁଁ ଏବେ ହରାଇଛି ମୋ ନିଜ ସଦ୍ୟଜାତ ଶିଶୁଟିକୁ ।'' ସେ ଆଗନ୍ତୁକା ବିନୟଭରେ ଜଣାଇଲା ।

''ବଡ଼ ଦୁଃଖର କଥା ଭଉଣି ! ତୁମେ କେଉଁଠି ଥାଅ ? କେବେ ତ ବୋଧହୁଏ ତୁମକୁ ଦେଖି ନାହିଁ !'' ଯଶୋଦା ନିଜ ଶୟନ କକ୍ଷରୁ ବାହାରି ଆସି କହିଲେ ।

''ମଥୁରାରେ ମୋ ନିବାସ । ମୁଁ ନଗରୀ ଭିତରୁ ବିଶେଷ ବାହାରି ପାରେ ନାହିଁ । କେତେ ଶୁଣିଛି ଆପଣଙ୍କ ରୂପ, ଗୁଣର ପ୍ରଶଂସା । ଆପଣଙ୍କ ସନ୍ତାନଟିକୁ ଥରେ ଦେଖି ନେବାର ଆଗ୍ରହ ପ୍ରବଳ ହୁଅନ୍ତେ ଚାଲି ଆସିଲି ।'' କହିଲା ଆଗନ୍ତୁକା ।

ଯଶୋଦା ତାକୁ ନିଜ କକ୍ଷକୁ ନେଇଗଲେ । ଦୋଳିରେ ଶୋଇଥିଲା ନବଜାତ ଶିଶୁ । ଆଗନ୍ତୁକା ଚମକି ପଡ଼ିଲା । ଏଡ଼େ ଜ୍ୟୋତିଷ୍ମାନ୍, ଏଡ଼େ ଅପରୂପ ସୁନ୍ଦର ହୋଇପାରେ ଗୋଟାଏ ମାନବ ଶିଶୁ ? ପୂର୍ବରୁ ବି ଅବଶ୍ୟ ସେ ଶିଶୁଟିକୁ ଦେଖି ଅନେକେ ଚମକି ଥିଲେ – କିନ୍ତୁ ସେ ଚମକରେ ଥିଲା ବିସ୍ମୟ ସହ ଆନନ୍ଦ । ଆଗନ୍ତୁକା ଚମକିବା ସଙ୍ଗେ ସଙ୍ଗେ ତା' ଆଖିରେ ଝଲସି ଉଠିଲା ଏକ ପୈଶାଚିକ ତଡ଼ିତ୍ । ଅବଶ୍ୟ ତାହା କେହି ଲକ୍ଷ୍ୟ କଲେ ନାହିଁ ।

କିଛି ସମୟ ଶିଶୁଟି ଉପରେ ନୟନ ନିବଦ୍ଧ ରଖି ସେ ବଡ଼ ନିରୀହ କଣ୍ଠରେ ଯଶୋଦାଙ୍କୁ ନେହୁରା ହେଲା ଭଳି କହିଲା, ‘‘ରାଣୀ ମା ! ସଦ୍ୟ ସନ୍ତାନ ହରାଇବାର ଦୁଃଖ ଆପଣ ବୁଝୁଥିବେ । ମୋ ଭିତରେ ପ୍ରବଳ ବାସନା – ଥରେ ଏ ଶିଶୁକୁ କୋଳକୁ ନିଅନ୍ତି, ଥରେ ସ୍ତନ୍ୟପାନ କରାନ୍ତି ! ହେବ କି ମୋର ସେ ସୌଭାଗ୍ୟ ?’’

‘‘ତୁମ ଆବେଗ ମୁଁ ବୁଝୁଛି ଭଉଣି ! ଏ ଶିଶୁକୁ ତୁମେ ତୁମରି ସନ୍ତାନ ଭଳି ଦେଖ । ତୁମ ମମତା ଏହା ପ୍ରତି ଆଶିଷ ହେଉ । ସେ ହେଉ ସୁସ୍ଥ, ସବଳ !’’ କହିଲେ ଯଶୋଦା ।

ସେତେବେଳକୁ ଆଗନ୍ତୁକା ଶିଶୁକୁ ଉଠାଇ ନେଇ ସ୍ତନ୍ୟପାନ କରାଇବାକୁ ଆରମ୍ଭ କରି ସାରିଥାଏ ।

‘‘ଶିଶୁ ସୁସ୍ଥ, ସବଳ ହେବା କଥା କହୁଛ ? ଇଏତ ବେଶ୍ ସବଳ । ବାପ୍‌ରେ ! ଇଏତ ଅତ୍ୟନ୍ତ ସବଳ; ଆରେ ବାବା, ଭୀଷଣ ସବଳ !’’ ଆଗନ୍ତୁକାର କଣ୍ଠରେ କ୍ରମେ ପ୍ରକାଶ ପାଉଥାଏ ବିସ୍ମୟ ଏବଂ ଆତଙ୍କ ।

ଯଶୋଦା ଏବଂ ଉପସ୍ଥିତ ନାରୀମାନେ ହସୁଥା’ନ୍ତି । ସେମାନଙ୍କ ଧାରଣା, ଆଗନ୍ତୁକା ଥଟ୍ଟା କରୁଛି ।

‘‘ଥାଉ, ଥାଉ, ସେତିକି, ସେତିକି !’’ ହଠାତ୍ ଚିତ୍କାର କଲା ସେ ଅପରିଚିତା । ଶିଶୁକୁ ସେ ନିଜ ବକ୍ଷରୁ ମୁକୁଳାଇବାର ଚେଷ୍ଟା କରୁଥାଏ । ପାରୁ ନଥାଏ । ନିଜ ମୁହଁଟି କ୍ରମେ ବିକୃତ ହେଉଥାଏ; ଆଖି ପଲକରେ ସେ ଦିଶିଲା ଭୟଙ୍କର ।

ରାଣୀ ଏବଂ ପରିଚାରିକାମାନେ ଶିଶୁକୁ କୋଳେଇ ଆଣିବାକୁ ଚେଷ୍ଟା କଲେ । କିନ୍ତୁ ଆଶ୍ଚର୍ଯ୍ୟ ପରେ ଆଶ୍ଚର୍ଯ୍ୟ ! ଆଗନ୍ତୁକାର ଆକାର ବଢ଼ି ବଢ଼ି ଚାଲିଥାଏ । ତା’ ବକ୍ଷରୁ ଓହଳି ଥିବା ଶିଶୁ ପର୍ଯ୍ୟନ୍ତ କାହାରି ହାତ ଗଲା ନାହିଁ ।

ଚାହୁଁ ଚାହୁଁ ଆଗନ୍ତୁକା ଦେଖାଗଲା ପାହାଡ଼ ପ୍ରାୟେ । ତା’ ଗୋଡ଼ ଏବଂ ହାତ ବିଶାଳ ଶାଳ ଗଛର ଗଣ୍ଡି ଭଳି ମନେ ହେଉଥାଏ । ଏକ ମର୍ମାନ୍ତିକ ଚିତ୍କାର ଛାଡ଼ି ସେ ପିଠି ତଳକୁ କରି କଚାଡ଼ି ପଡ଼ିଲା । ଧୂଳିସାତ୍ ହେଲା ତା’ ଚାପରେ ପ୍ରାସାଦ ପ୍ରାକାରର ଏକାଂଶ; ଯେଉଁ ଖମ୍ଭକୁ ସେ ବାହୁ ଛନ୍ଦି ଧରି ପକାଇଥିଲା, ସେ ଗୋଟିକ ଚୁର୍‌ମାର୍ ହୋଇଗଲା ।

ପ୍ରାସାଦରେ ଯିଏ ଯେଉଁଠି ଥିଲେ ଦୌଡ଼ି ଆସିଲେ । ଆଖ ପାଖର ଲୋକେ ମଧ୍ୟ । ଆଗନ୍ତୁକାର ଭୟଙ୍କର ମୁଖ ମଣ୍ଡଳ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ଅନେକେ ଭୟ ଏବଂ ଘୃଣାରେ ଚିତ୍କାର କରି ଉଠିଲେ ।

ରାଣୀ ଯଶୋଦା ମୂର୍ଚ୍ଛା ଯାଇଥିଲେ । ପରିଚାରିକାମାନେ ସେ ଆଗନ୍ତୁକାର ଛାତି ଉପରକୁ ଚଢ଼ି ଶିଶୁକୁ ଉଠାଇ ଆଣିଲେ ।

‘‘ହେ ଭଗବାନ୍ ! ଏ ରାକ୍ଷସୀ ଏଠାକୁ ଆସିବାର ହେତୁ କ’ଣ ?’’ ନନ୍ଦ ବିସ୍ମୟ ଭରେ ଅନ୍ୟମାନଙ୍କୁ ପ୍ରଶ୍ନଟି କଲେ ।

‘‘ଆରେ, ଆରେ, ଇଏତ ପୁତନା !’’ ମଥୁରାକୁ ଯିବା ଆସିବା କରୁଥିବା ଜଣେ ଗୋପପୁରବାସୀ ତାକୁ ଚିହ୍ନିଲେ । ସେତେବେଳକୁ ପୁତନାର ଶରୀର ତା’ର ସବୁଦିନିଆ ରୂପକୁ ଫେରି ଆସିଥାଏ ।

‘‘ନିଶ୍ଚେ ତା’ ବିଷ କ୍ଷୀର ପିଆଇ ଶିଶୁଟିକୁ ମାରି ଦେବାହିଁ ଥିଲା ତା’ର ଉଦ୍ଦେଶ୍ୟ । ସେଥିରେ ସେ ଓସ୍ତାଦ । କିନ୍ତୁ ଆମର ଏ ଶିଶୁହିଁ ଶୋଷି ନେଲା ତା’ର ପ୍ରାଣ ।’’ କହିଲେ ଜଣେ ଜ୍ଞାନୀ ଗୋପବାସୀ ।

ଆରମ୍ଭ ହେଲା ଦିବ୍ୟଶିଶୁର ଘଟଣା-ବହୁଳ ଜୀବନ ।

(କ୍ରମଶଃ)

❑❑❑

ପୃଥିବୀ ଇତିହାସରେ ଏପରି ସନ୍ଧିକ୍ଷଣସବୁ ଆସେ ଯେତେବେଳେ ହଜାର ହଜାର ବର୍ଷ ଧରି ରହି ଆସିଥିବା ବସ୍ତୁସକଳକୁ ଅଭିବ୍ୟକ୍ତି ଲାଭ କରିବାକୁ ଯାଉଥିବା ବସ୍ତୁସକଳଙ୍କ ଲାଗି ବାଟ ଛାଡ଼ି ଦେବାକୁ ହୋଇଥାଏ ।... ଆମେ ପୃଥିବୀ ଇତିହାସର ଠିକ୍ ସେଇ ସନ୍ଧିକ୍ଷଣରେ ଆସି ପହଞ୍ଚିଛୁ । ଠିକ୍ ଯେପରି ବିଶ୍ୱ ପ୍ରକୃତି ପୃଥିବୀପୃଷ୍ଠରେ ଏକ ମନୋମୟ ଜୀବ, ମଣିଷ, ସୃଷ୍ଟି କରି ସାରିଛି, ସେହିପରି ମଧ୍ୟ ଏହି ମାନସିକତା ମଧ୍ୟରେ ଏକ ଅତିମାନସ ଚେତନା ଓ ବ୍ୟକ୍ତିତ୍ୱ ଜନ୍ମଦେବା ଲାଗି ଏକ କେନ୍ଦ୍ରୀଭୂତ କ୍ରିୟା ଚାଲିଛି ।

– ଶ୍ରୀମା

# ସ୍ୱଚ୍ଛତା ମଧ୍ୟରେହିଁ ଈଶ୍ୱରଙ୍କ ନିବାସ

## (୧)

## ସୂର୍ଯ୍ୟକାନ୍ତି ମହାନ୍ତି

ପରିଚ୍ଛନ୍ନତାର ଅନ୍ୟ ନାମ ଐଶ୍ୱରିକତା । ଏହା ଆଧ୍ୟାତ୍ମିକତା ଓ ପବିତ୍ରତାର ପ୍ରତୀକ । ସର୍ବଦା ସବୁକିଛିକୁ ପରିଷ୍କାର ପରିଚ୍ଛନ୍ନ କରି ରଖିବାକୁ ପୁଣ୍ୟ କାର୍ଯ୍ୟ କୁହାଯାଏ । ଯୁଗ ଯୁଗ ଧରି ଏକଥାର ଉପଯୋଗିତା ରହି ଆସିଛି । ଏହି କାମ ହିନ୍ଦୁ, ଇହୁଦୀ ଓ ବେବିଲୋନୀୟମାନଙ୍କର ଧାର୍ମିକ କାର୍ଯ୍ୟର ଅଂଶ ବିଶେଷ ମଧ୍ୟ ।

ପରିଷ୍କାର କଥା କହିଲେ ସାଧାରଣତଃ ରାସ୍ତାଘାଟ ଓ ପୋଷାକର ପରିଚ୍ଛନ୍ନତାକୁ ବୁଝାଯାଏ । ଏହା ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବିଜ୍ଞାନ ସହିତ ଜଡ଼ିତ । ସଂକ୍ରାମକ ରୋଗ ଜୀବାଣୁରୁ ମୁକ୍ତ ହୋଇ ସୁସ୍ଥ ଭାବରେ ବଞ୍ଚିବା ନିଶ୍ଚିତ ଭାବରେ ପରିଚ୍ଛନ୍ନତା ଉପରେ ନିର୍ଭର କରେ । ଏହା ମଣିଷର ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ କରିଥାଏ ଏବଂ ସକାରାତ୍ମକ ଚିନ୍ତାଧାରାର ଉଦ୍ରେକ କରିବା ସଙ୍ଗେ ସଙ୍ଗେ ସୁସ୍ଥ ମାନବଜାତି ମଧ୍ୟ ନିର୍ମାଣ କରେ ।

ଉତ୍ତମ ପୋଷାକ ଓ ପରିଷ୍କାର ଶରୀର ପ୍ରଦର୍ଶିତ କରିଥାଏ ରୁଚିସମ୍ପନ୍ନ, ଉନ୍ନତ ବ୍ୟକ୍ତିତ୍ୱ ଓ ଉତ୍କୃଷ୍ଟ ଚିନ୍ତାଧାରା । ସାଧାରଣତଃ ପୂଜା-ଆରାଧନା, ଆଧ୍ୟାତ୍ମିକ ପୁସ୍ତକ ପଠନ, ଖାଦ୍ୟ ଗ୍ରହଣ ଏପରିକି ମନ୍ଦିର କିଂବା ରୋଷେଇଶାଳକୁ ପ୍ରବେଶ କରିବା ପୂର୍ବରୁ ହସ୍ତ-ପଦ ପ୍ରକ୍ଷାଳନ ଆମ ସଂସ୍କୃତିର ଏକ ଅଂଶ ବିଶେଷ ହୋଇ ରହିଆସିଛି । ପବିତ୍ର ଅନୁଷ୍ଠାନମାନଙ୍କରେ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଆଯାଏ । ହାତ ଧୁଆର ବିଶେଷତ୍ୱ ଦୃଷ୍ଟିରୁ ଆଜିକାଲି ପ୍ରତି ବର୍ଷ ଅକ୍ଟୋବର ୧୫ ତାରିଖକୁ 'ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ' ଭାବରେ ପାଳନ କରାଯାଉଛି ।

ଯିଏ ପ୍ରତିଦିନ ସ୍ନାନ ନକରେ, ଅପରିଷ୍କାର ପୋଷାକ ପରିଧାନ କରେ, ସାଧାରଣତଃ ସେ ନିଜ ଉପରୁ ଆସ୍ଥା ହରାଇବା ପରି ଅନୁଭବ କରେ । ତା' ସହିତ ସେ ହରାଏ ସାମାଜିକ ସମ୍ମାନ, ଆତ୍ମ-ସମ୍ମାନ ଓ ଶାରୀରିକ ସୁସ୍ଥତା । ବ୍ୟକ୍ତିଗତ ପରିଚ୍ଛନ୍ନତା ସୁସ୍ଥତା ଦିଗରେ ରକ୍ଷା କବଚ ଭଳି କାମ କରେ ।

ଭାରତର କିଛି ଲୋକ ନାନାଦି ଧର୍ମୋପଦେଶ ପ୍ରଚାର ମାଧ୍ୟମରେ ଅପରିଷ୍କାର ରହିବାକୁ ଠିକ୍ ବୋଲି ପ୍ରମାଣିତ କରନ୍ତି । ପୁରାତନ ଯୁଗରେ ସନ୍ନ୍ୟାସୀ, ତପସ୍ୱୀ, ବାବାଜି, ଭିକ୍ଷୁ, ଫକିର ଆଦି ନିଜ ଶରୀର ଓ ପୋଷାକ ପରିଚ୍ଛଦକୁ ଅପରିଷ୍କାର ଅବସ୍ଥାରେ ରଖିବାକୁ ପବିତ୍ର ବୋଲି ବିବେଚନା କରୁଥିଲେ । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଭଗିନୀ ନିବେଦିତା କଲିକତାର ବିଭିନ୍ନ ଗଳି-କନ୍ଦିରେ ବୁଲି ବୁଲି ରାସ୍ତା ପରିଷ୍କାର କରୁଥିଲେ । ଅନେକ ସମୟରେ ଏପରି ହେଉଥିଲା ଯେ ରାସ୍ତା ସଫା କରିବା ସମୟରେ ଘରର ଲୋକେ ଅଳିଆ ଆଣି ତାଙ୍କ ସମ୍ମୁଖରେ ଫୋପାଡ଼ି ଦେଉଥିଲେ । ରାସ୍ତାଘାଟକୁ ଅଳିଆ କରିବାରେ ଲୋକମାନଙ୍କର ଏପରି ଅଭ୍ୟାସ ହୋଇଯାଇଛି ଯେ ଆଜି 'ସ୍ୱଚ୍ଛ ଭାରତ ଅଭିଯାନ' ସତ୍ତ୍ୱେ ବି ଲୋକମାନେ ରାସ୍ତାକୁ ବହୁ ଭାବରେ ଅପରିଷ୍କାର କରୁଛନ୍ତି । ପୂର୍ବରୁ ଭାରତରେ ଦେଖା ଯାଉଥିଲା ଯେ ଯେଉଁମାନେ ପରିଷ୍କାର, ପରିଚ୍ଛନ୍ନ ରହୁଥିଲେ, ସମାଜରେ ତାଙ୍କର ସମ୍ମାନ ଥିବା ବେଳେ ପରିବେଶକୁ ପରିଷ୍କାର କରୁଥିବା ଲୋକମାନେ ନିମ୍ନବର୍ଗର ବା ଅସ୍ପୃଶ୍ୟ ବ୍ୟକ୍ତିଭାବେ ପରିଗଣିତ ହେଉଥିଲେ । ଏହି କାରଣରୁ ଭାରତ ଏପର୍ଯ୍ୟନ୍ତ ଅପରିଷ୍କାର ହୋଇ ରହିଛି । ମାତ୍ର ଯେତେବେଳେ ଭାରତର ଶାସକ ଝାଡ଼ୁ ଧରି ସର୍ବ ସମକ୍ଷରେ ରାଜରାସ୍ତା ସଫା କରିବାରେ ଲାଗିଲେ ସେତେବେଳେ ସମ୍ମାନାସ୍ପଦ ଲୋକମାନେ ମଧ୍ୟ ଏ କାମ କରିବାକୁ ଆରମ୍ଭ କରି ଦେଲେ ।

ତେବେ କୌତୂହଳର ବିଷୟ ଏହି ଯେ ଭାରତୀୟମାନେ ପାଶ୍ଚାତ୍ୟ ସଭ୍ୟତାକୁ ବହୁ ଭାବରେ ଅନୁକରଣ କରୁଥିଲେ ମଧ୍ୟ ସେମାନଙ୍କର ପରିଷ୍କାର ପରିଚ୍ଛନ୍ନତା କଥାକୁ ଗ୍ରହଣ କରୁ ନାହାନ୍ତି । ଏପରିକି ଆଧୁନିକ ଯୁଗର ଉଚ୍ଚ ଶିକ୍ଷିତମାନେ ପାନ, ଗୁଟ୍‌କା ଆଦି ଖାଇ ସରକାରୀ କାର୍ଯ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନମାନଙ୍କରେ ଛେପ ପକାଇ ଅତ୍ୟନ୍ତ ଅପରିଷ୍କାର କରୁଛନ୍ତି । ପୁଣି ସେସବୁ ଅଖାଦ୍ୟ ଖାଇବା ଉଚିତ ବୋଲି ବି ମନେ କରୁଛନ୍ତି । ତେବେ ଏକ ସୁସମ୍ବାଦ ଏହିକି ଯେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ତାଙ୍କ ନିଜ ରାଜ୍ୟରେ କଠୋର ଆଇନ କରି ସର୍ବସାଧାରଣ ସ୍ଥାନମାନଙ୍କରେ ପାନ, ଗୁଟ୍‌କା, ଦୋକ୍ତା ଆଦି ଖାଇବା ଓ ଛେପ ପକାଇବା ବନ୍ଦ କରିଛନ୍ତି ।

ମହାତ୍ମାଗାନ୍ଧିଙ୍କର ସ୍ୱପ୍ନର ଭାରତ ଥିଲା ସ୍ୱଚ୍ଛ ଭାରତ । ଏହାକୁ ରୂପରେଖ ଦେବା ପାଇଁ ସରକାର ଏକ ଯୋଜନା ତିଆରି କଲେ । ଭାରତର ରାଷ୍ଟ୍ରପତି ୨୦୧୪ ମସିହା ଜନ୍ ୯ ତାରିଖ ଦିନ ପାର୍ଲିଆମେଣ୍ଟର ସଂଯୁକ୍ତ ଅଧିବେଶନରେ 'ସ୍ୱଚ୍ଛ ଭାରତ' ଶୀର୍ଷକ ଏକ ବିଷୟ ବସ୍ତୁ ଉପରେ ଗୁରୁତ୍ୱପୂର୍ଣ୍ଣ ଭାଷଣ ଦେଇ କହିଥିଲେ, ''ଆମେ ଶୌଚାଳୟ ନଥିବା ଗୃହର ଅମର୍ଯ୍ୟାଦା ସହ୍ୟ କରି ପାରିବା ନାହିଁ ଏବଂ ସାର୍ବଜନୀନ ସ୍ଥାନରେ ପଡ଼ିଥିବା କୁଢ଼ କୁଢ଼ ମଇଳାର ଅପମାନଜନିତ ସ୍ଥିତିକୁ କଦାପି ସହ୍ୟ କରିପାରିବା ନାହିଁ । ସୁସ୍ଥତାର ବାତାବରଣ ନିମିତ୍ତ ଦେଶବ୍ୟାପୀ ଆବର୍ଜନା ନିଷ୍କାସନ ଓ ସ୍ୱାସ୍ଥ୍ୟରକ୍ଷା ଉଦ୍ଦେଶ୍ୟରେ 'ସ୍ୱଚ୍ଛ ଭାରତ ମିଶନ' ନାମକ ଯୋଜନା ଆରମ୍ଭ ହେବ । ଏହି ଯୋଜନା ଗାନ୍ଧିଙ୍କର ୨୦୧୯ରେ ପାଳିତ ହେବାକୁ ଥିବା ୧୫୦ତମ ଜନ୍ମଜୟନ୍ତୀ ଉପଲକ୍ଷେ ତାଙ୍କ ପ୍ରତି ହେବ ଶ୍ରଦ୍ଧାଞ୍ଜଳି ।''

ଏଣୁ ଅକ୍ଟୋବର ୨ ତାରିଖ, ୨୦୧୪ରେ 'ସ୍ୱଚ୍ଛ ଭାରତ ମିଶନ' ନାମକ ଏକ ଜନ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ସ୍ୱଚ୍ଛ ଭାରତ ନିର୍ମାଣ କରିବା । ଏହି ଅବସରରେ ପ୍ରଧାନ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ଯେ ଏହା ସମ୍ପନ୍ନ କରିବାକୁ ପ୍ରତ୍ୟେକ ଭାରତୀୟ ବର୍ଷକୁ ୧୦୦ ଘଣ୍ଟା ବା ପ୍ରତି ସପ୍ତାହରେ ଅନ୍ତତଃ ୨ ଘଣ୍ଟା ସମୟ ବିନିଯୋଗ କରିବା ବାଞ୍ଛନୀୟ । ସର୍ବସାଧାରଣ ସ୍ଥାନମାନଙ୍କରେ ଶୌଚ ନକରି ପାଇଖାନାର ବ୍ୟବହାର କରିବା, ନଦୀ ତଥା ଜଳାଶୟ ପ୍ରଭୃତିର ପରିଷ୍କରଣ ପ୍ରତି ସଚେତନ ହେବା, ବାୟୁ ଓ ଶବ୍ଦ ପ୍ରଦୂଷଣରୁ ମୁକ୍ତି ତଥା ଉଦ୍ଭିଦ ଜଗତ୍ ଓ ପ୍ରାଣୀ ଜଗତର ଉପଯୁକ୍ତ ସୁରକ୍ଷା ଏହି ମିଶନର ଅନ୍ତର୍ଭୁକ୍ତ । ବର୍ତ୍ତମାନ ଏହା ଜନ ଆନ୍ଦୋଳନରେ ପରିଣତ ହୋଇଛି । ଭାରତକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ବହୁ ସଂଖ୍ୟକ ଲୋକ ଶପଥ ବି ନେଇଛନ୍ତି । ବାସ୍ତବରେ ଭାରତର ଅଧିକାଂଶ ଜନ- ସାଧାରଣ 'ସ୍ୱଚ୍ଛତା ମଧ୍ୟରେହିଁ ଈଶ୍ୱରଙ୍କ ନିବାସ' – ଏହି କାଳଜୟୀ ବାର୍ତ୍ତାକୁ ପ୍ରଚାର, ପ୍ରସାର ଓ କାର୍ଯ୍ୟକାରୀ କରିବାରେ ଲାଗି ପଡ଼ିଛନ୍ତି ।

ନଦୀ ଜଳକୁ ଏପର୍ଯ୍ୟନ୍ତ ମାନବସମାଜ ଅତ୍ୟନ୍ତ ଅପରିଷ୍କାର କରି ରଖିଛି । ନର୍ମଦା ନଦୀର ରକ୍ଷଣାବେକ୍ଷଣ ପାଇଁ 'ନର୍ମଦା ବଚାଓ' ନାମରେ ଏକ ସାମାଜିକ ଆନ୍ଦୋଳନ ଆରମ୍ଭ ହୋଇଥିଲା ଶ୍ରୀମତୀ ମେଧା ପାଟେକର ଓ ବାବା ଆମ୍‌ତେଙ୍କ ନେତୃତ୍ୱରେ । ଏହାର ସ୍ଲୋଗାନ ଥିଲା 'ନର୍ମଦା ବଚାଓ, ମାନବ ବଚାଓ' । ଏହି ଆନ୍ଦୋଳନ ୧୯୯୧ ମସିହାରେ 'The Right Livelihood Award' ଲାଭ କରିଥିଲା । ଏବେ ବି ଏହି ଆନ୍ଦୋଳନର କାର୍ଯ୍ୟ ଚାଲୁ ରହିଛି ।

ସେହିପରି ଉତ୍ତର ପ୍ରଦେଶ ଓ ବିହାର ରାଜ୍ୟରେ 'ଗଙ୍ଗା ବଚାଓ' ଆନ୍ଦୋଳନକୁ ବହୁ ସାଧୁସନ୍ଥ, ସାମାଜିକ କର୍ମୀ ଏବଂ 'ଜାତୀୟ ମହିଳା ସଂଘ' ସମର୍ଥନ କରୁଛନ୍ତି । ଏହି ଗଙ୍ଗା ନଦୀ ଉପରେ ପ୍ରାୟ ୫୦୦ ନିୟୁତ ଲୋକ ନିର୍ଭରଶୀଳ ଏବଂ ଏହା ୨୯ଟି ସହର ମଧ୍ୟ ଦେଇ ପ୍ରବାହିତ । ଏହାର ଜଳ ଅତ୍ୟନ୍ତ ଶୁଦ୍ଧ ଓ ପବିତ୍ର ହୋଇଥିବା ସତ୍ତ୍ୱେ ଅସଂଖ୍ୟ ରାସାୟନିକ କାରଖାନା, ଚମଡ଼ା କାରଖାନା, ବୟନ କାରଖାନା, ମଦ କାରଖାନା, କଂସେଇଖାନା, ଚିକିତ୍ସାଳୟର ବିଷାକ୍ତ ଆବର୍ଜନା ଆଦି ଜଳରେ ମିଶି ଜଳକୁ ଅତ୍ୟନ୍ତ ନିକୃଷ୍ଟ ଭାବରେ ଦୂଷିତ କରି ଚାଲିଛି ।

ସ୍ୱଚ୍ଛତା ସମ୍ବନ୍ଧରେ ସଚେତନତା ପ୍ରତ୍ୟେକ ଭାରତୀୟ ପାଇଁ ଏକ ଛୋଟ ପଦକ୍ଷେପ ହୋଇପାରେ, ମାତ୍ର ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ଏହା ଏକ ବିରାଟ ଲମ୍ଫ ନିଶ୍ଚୟ । ଏଥିପାଇଁ ଆବଶ୍ୟକ ଶୈଶବରୁ ସ୍ୱଚ୍ଛତା ବିଷୟରେ ଶିକ୍ଷା ଗ୍ରହଣ କରିବା । କାରଣ, ଶିଶୁର ଚରିତ୍ର ଓ ବ୍ୟକ୍ତିତ୍ୱ ପରିବାରର ଓ ପରିବେଶ ଦ୍ୱାରା ପ୍ରଭାବିତ ହୋଇଥାଏ । ସେହିପରି ବିଦ୍ୟାଳୟ, ସମାଜ, ଚତୁଃପାର୍ଶ୍ୱର ପରିବେଶରୁ ସେ ଏହି କାମ ସ୍ୱତଃ ଶିକ୍ଷା କରିଥାଏ । ଆଗେ ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ବିଷୟରେ ପାଠ୍ୟକ୍ରମ ନଥିଲେ ବି ବର୍ତ୍ତମାନ ଏହା କାର୍ଯ୍ୟକାରୀ ହେବାକୁ ଆରମ୍ଭ କରିଛି ।

ସ୍ୱଚ୍ଛତା ବିଷୟରେ କେତେକ ସୁସମ୍ବାଦ ଦୃଷ୍ଟିକୁ ଆସେ । "Discover India Magazine" ଦ୍ୱାରା ୨୦୦୩ ମସିହାରେ ସମଗ୍ର ଏସିଆ ମହାଦେଶରେ ଭାରତର ମେଘାଳୟ ରାଜ୍ୟର ମାଓଲିନୋଙ୍ଗ (Mawlynnong) ନାମକ ଏକ ଛୋଟ ଗ୍ରାମ ସ୍ୱଚ୍ଛତମ ଗ୍ରାମ ଭାବରେ ପୁରସ୍କୃତ ହୋଇଛି । ଏଠାରେ ବାଉଁଶ ନିର୍ମିତ ଟୋକେଇରେ ଆବର୍ଜନା ସଂଗ୍ରହ କରାଯାଇ ଏକ ଖାତରେ ପକାଯାଏ, ଯାହା ପରେ ସାରରେ ପରିଣତ ହୁଏ । ଏଠାରେ ଧୂମପାନ ଓ ପ୍ଲାଷ୍ଟିକର ବ୍ୟବହାର ନିଷିଦ୍ଧ କରାଯାଇଛି ଏବଂ ବର୍ଷା ଜଳକୁ କୃଷି କାର୍ଯ୍ୟରେ ବିନିଯୋଗ କରିବା ପାଇଁ ଉତ୍ସାହିତ କରାଯାଏ ।

ପୁନଶ୍ଚ 'Quality Council of India' (QCI)ର ସର୍ବେକ୍ଷଣ ଅନୁଯାୟୀ ପୃଥିବୀର ସ୍ୱଚ୍ଛତମ ଦେଶ ହେଉଛି ସ୍ୱିଜରଲାଣ୍ଡ, ଭାରତର ସ୍ୱଚ୍ଛତମ ସହର ହେଉଛି ମଧ୍ୟପ୍ରଦେଶର

ଇନ୍ଦୋର ଏବଂ ଓଡ଼ିଶାର (ସମ୍ଭବତଃ ଭାରତର) ସ୍ୱଚ୍ଛତମ ଓ ଆଦର୍ଶଗ୍ରାମ (Smart Village) ହେଉଛି କଟକ ଜିଲ୍ଲାର କଲରାବାଙ୍କ ଗ୍ରାମ । ଏଠାରେ ୧୦୦ ଶଯ୍ୟା ବିଶିଷ୍ଟ ପ୍ରାଥମିକ ଚିକିତ୍ସାଳୟ, ୱାଇ-ଫାଇ ସେବା, ହାଇସ୍କୁଲ, ସାର୍ବଜନୀନ ପାଠାଗାର ଓ ପଠନାଗାର, ରାସ୍ତାରେ ସି. ସି. କ୍ୟାମେରା, ପାନୀୟ ଜଳର ବ୍ୟବସ୍ଥା, ଲକର ଓ ଏ. ଟି. ଏମ୍ ସହ ଜାତୀୟକରଣ ବ୍ୟାଙ୍କ, ପୋଲିସ କେନ୍ଦ୍ର, ଗ୍ରାମ୍ୟ ସମିତି, ଯୁବ ପରିଷଦ, ମହିଳା ସମିତି, ରାସ୍ତାରେ ଏଲ. ଇ. ଡି. ଆଲୋକ ବ୍ୟବସ୍ଥା, ଅତିଥି ଗୃହ, ଲକ୍ଷ୍ମୀଙ୍କ ମନ୍ଦିର ଆଦି ବହୁ ବ୍ୟବସ୍ଥା ଉପଲବ୍ଧ ।

ଆହୁରି ମଧ୍ୟ 'ପରିଷ୍କାର ବିଶ୍ୱ' କଥାଟିକୁ ପୃଥିବୀପୃଷ୍ଠର ସମସ୍ତ ଲୋକ ବୁଝିବା ଦରକାର । ଏହି ବିଶ୍ୱକୁ ରକ୍ଷା କରି ମଣିଷର ବାସୋପଯୋଗୀ ସ୍ଥାନ କରିବାକୁ ହେବ । ଜଳ ପ୍ରଦୂଷଣ, ବିଶ୍ୱରେ ଜନସଂଖ୍ୟାର ଅହେତୁକ ବୃଦ୍ଧି, ବିଶ୍ୱବ୍ୟାପୀ ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି, ବନ୍ୟ ପଶୁପକ୍ଷୀଙ୍କ କ୍ରମାଗତ ବିଲୁପ୍ତି – ଏ ସବୁରୁ ପୃଥିବୀକୁ ରକ୍ଷା କରିବା ମନୁଷ୍ୟର ପରମ କର୍ତ୍ତବ୍ୟ । ଏଥିନିମିତ୍ତ ଜାତିସଂଘ ଦ୍ୱାରା ୧୯୭୨ ମସିହା ଜୁନ୍ ୫ ତାରିଖ ଦିନ ସୃଷ୍ଟି ହୋଇଥିଲା 'ବିଶ୍ୱ ପରିବେଶ ଦିବସ' । ସେହି ବର୍ଷଠାରୁ ଏପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ଏହା ପାଳିତ ହୋଇ ଆସୁଛି । ଏଥିରେ ଅଂଶ ଗ୍ରହଣ କରୁଛନ୍ତି ୧୪୩ଟି ଦେଶ । ଏଥିରେ ଆଲୋଚନାର ବିଷୟ ବସ୍ତୁ ପ୍ରତ୍ୟେକ ବର୍ଷ ଭିନ୍ନ ଭିନ୍ନ ହୋଇଥାଏ । ୧୯୭୨ ମସିହାରେ ଅନୁଷ୍ଠିତ ପ୍ରଥମ ବର୍ଷର ବିଷୟ ବସ୍ତୁ ଥିଲା 'Only one Earth' । ୧୯୮୭ ମସିହାଠାରୁ ପ୍ରତି ବର୍ଷ ପୃଥିବୀର ବିଭିନ୍ନ ଦେଶରେ ଏହା ପାଳିତ ହୋଇ ଆସୁଛି । (ଯେପରି ଅଲମ୍ପିକ୍ସ ପ୍ରତି ଚାରି ବର୍ଷରେ ଥରେ ଅଲଗା ଅଲଗା ଦେଶରେ କରାଯାଇଥାଏ ।) ୨୦୧୭ ମସିହାରେ ଏହା କାନାଡ଼ାରେ ପାଳିତ ହୋଇଛି । ଏହାର ବିଷୟ ବସ୍ତୁ ହେଉଛି "Connecting People to Nature – in the city and on the land, from poles to the equator." ଏହିପରି ଭାବରେ ବିଶ୍ୱକୁ ପ୍ରଦୂଷଣରୁ ରକ୍ଷା କରି ଏକ ସ୍ୱଚ୍ଛ ବିଶ୍ୱ ସୃଷ୍ଟି କରିବା ପାଇଁ ଜନସଚେତନତା ସୃଷ୍ଟି କରାଯାଉଛି । ଅଧୁନା ବିଜ୍ଞାପନ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କବିତା ଆବୃତ୍ତି, ବିଭିନ୍ନ ଆଲୋଚନାଚକ୍ର, ପ୍ରାମାଣିକ ଚଳଚ୍ଚିତ୍ର ଆଦି ମାଧ୍ୟମରେ ଜନ ସଚେତନତା ଆଣିବା ପାଇଁ ପ୍ରୟାସ କରାଯାଉଛି । ସ୍ୱଚ୍ଛତା କାର୍ଯ୍ୟକ୍ରମ କେବେ ବି ବାଧ୍ୟବାଧକତାର କାର୍ଯ୍ୟ ନୁହେଁ । ଅନ୍ୟ ପକ୍ଷରେ ଏହା ଏକ ଅତ୍ୟାବଶ୍ୟକୀୟ ସ୍ୱୟଂ-ପ୍ରେରିତ ପ୍ରକ୍ରିୟା ହେବା ବାଞ୍ଛନୀୟ ।

ଯେପରି ସଦ୍‌ଗୁଣର ପରିପ୍ରକାଶ ପାଇଁ ଆଲୋକ ସତ୍ୟ ଏବଂ ଅନ୍ଧକାର, ଅଜ୍ଞତା ଓ ଦୁର୍ଭାଗ୍ୟର ପ୍ରତୀକ, ସେହିପରି ପରିଚ୍ଛନ୍ନତା ନୈତିକ ପବିତ୍ରତାର ଏବଂ ଅପରିଷ୍କାର ନୈତିକ ଭ୍ରଷ୍ଟାଚାରର ସଙ୍କେତ ।

(କ୍ରମଶଃ)

❑❑❑

... ଯଦି ଆମେ ଚାହୁଁ ଯେ ଏହି ଜୀବନ ଆମକୁ ଦେଉଥିବା ଅଧିକାଂଶ ସୁଯୋଗକୁ ଗ୍ରହଣ କରିବା ଲାଗି, ଯଦି ଆମେ ଚାହୁଁ ଯେ ଯେଉଁ ଆହ୍ୱାନ ଆମେ ଗ୍ରହଣ କରିଛୁ ଓ ଯେଉଁ ଲକ୍ଷ୍ୟର ଆଭାସ ପାଇଛୁ ତାହା ଲାଭ କରିବାକୁ, ଖାଲି ସେ ଦିଗରେ ସାମାନ୍ୟ ଟିକେ ଅଗ୍ରଗତି କରିବାକୁ ନୁହେଁ, ତେବେ ଏହା ଏକାନ୍ତ ଆବଶ୍ୟକ ଯେ ଆମର ଏକ ପରିପୂର୍ଣ୍ଣ ଆତ୍ମଦାନ ରହିବା ଉଚିତ । ଯୋଗ ସାଧନାରେ ସଫଳତାର ଚାବିକାଠି ରହିଛି ଜୀବନରେ ଅନୁସରଣ କରିବାକୁ ରହିଥିବା ଲକ୍ଷ୍ୟଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ ବୋଲି ବିବେଚନା ନ କରିବା, କିନ୍ତୁ ଏହାହିଁ ଜୀବନର ଏକମାତ୍ର ତଥା ଏକାନ୍ତ ଲକ୍ଷ୍ୟ ଓ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶମାତ୍ର ନୁହେଁ ବରଂ ଏହାହିଁ ସମଗ୍ର ଜୀବନ ବୋଲି ବିବେଚନା କରିବା ।

– ଶ୍ରୀଅରବିନ୍ଦ

# ବିଜନତା ସବୁକିଛି

(**ଶ୍ରୀଅରବିନ୍ଦଙ୍କ** ରଚିତ **'Silence is all'** କବିତାର ଅନୁବାଦ)

(୧)

ସେମାନେ ତ କହିଥା'ନ୍ତି –
ସେହି ମୁନି, ଋଷି, ତପଚାରୀମାନେ,
ବିଜନତା ସବୁକିଛି ବୋଲି ।
ବିଜନତା ଯୁଗାବ୍ଦୀର ନୀରବ ଦର୍ଶକ ।
ବିଜନ ଗ୍ରନ୍ଥର ମହାଜାଗତିକ ସେହି ପୃଷ୍ଠାରେ ପୃଷ୍ଠାରେ –
ଗ୍ରନ୍ଥକାର ଲେଖିଛି ସେ ମହାଜାଗତିକ ଭାଷା ଅମର ଅକ୍ଷରେ,
ତପଚାରିଗଣ କହିଥା'ନ୍ତି ବିଜନତା ସବୁକିଛି ବୋଲି ॥୧॥

(୨)

ହେ ବାଚକ, ଶବ୍ଦ ତେବେ କ'ଣ ହୋଇପାରେ ?
ହେ ଭାବୁକ, କଳ୍ପନାର ପରିଭାଷା କ'ଣ ହୋଇପାରେ ?
କଳ୍ପନା ଆତ୍ମାର ନିଶା ଓ ଶବ୍ଦ ତା'ର ଚିନ୍ମୟ ତରଙ୍ଗ,
ଜୀବନ ଭୋଜିର ସ୍ଥଳ ତପଚାରୀ ଆତ୍ମା ପିପାସୁ ତାହାର ॥୨॥



(୩)

ହେ ମାନବ, ନିଶା ତେବେ କ'ଣ ହୋଇପାରେ ?
ଜ୍ଞାନର ଦ୍ୱାରରେ ବସି ମୁଁ ଜଣେ ନିଶାସକ୍ତ ଯୋଗୀ
କଳ୍ପନାର ପରପାରେ ଦିବ୍ୟାଲୋକ-ଚିରନ୍ତନ ଶବ୍ଦକୁ ମୁଁ
କରିଛି ପ୍ରତୀକ୍ଷା ଦୀର୍ଘକାଳ ଧରି –
ବୃଥାରେ ବସିଛି ମୁଁ ଅବ୍ୟକ୍ତ ସେ ଜ୍ଞାନର ଦୁଆରେ ॥୩॥

(୪)

ହେ ଅନ୍ୱେଷୀ, ସେ ଶବ୍ଦ ଝରୁଛି ବୋଲି କିପରି ବା ତୁମେ ପାର ଜାଣି ?
ସେ ଆଲୋକ ସ୍ରୋତ ଯେବେ ଆସେ
ତାହା କିପରି ବା ଜାଣ ?
ପରମଙ୍କ ସେହି ଶବ୍ଦ ମୋ ଅନ୍ତର ଅଭ୍ୟନ୍ତରୁ ଶୁଣି –
ମୁଁ ବିନମ୍ର, ଜ୍ଞାନ ଲାଭ କରେ ।
ମୁହିଁ ସେ ପାଦପ, ଯିଏ –
ସେହି ଦିବ୍ୟ-ଆଲୋକକୁ ଆହାର ରୂପରେ ନିଏ ଏବଂ
ଶବ୍ଦମୟ ଅମିୟକୁ ପାନ କରିଥାଏ ॥

ଅନୁବାଦ : ଗଣେଶ ପ୍ରସାଦ କରଶର୍ମା ❑

# କଥାଟିଏ

## ଉଦାର

ଆମେମାନେ ଶ୍ରୀମା'ଙ୍କ ସହ ନାନ୍‌ତାଇ ପ୍ରାସାଦ (Nanteuil house)ରେ ଟେବୁଲ ଟେନିସ ଖେଳୁଥିଲୁ । ଶ୍ରୀମା'ଙ୍କଠାରୁ ଶୁଣିଥିବା କଥାଟିଏ ଏହିପରି । ଶ୍ରୀମା ଅନ୍ୟ ସବୁ ସ୍ଥାନକୁ ମଧ୍ୟ ଯାଇ ଟେବୁଲ ଟେନିସ ଖେଳୁଥିଲେ, କିନ୍ତୁ ଅଧିକାଂଶ ସମୟରେ ଏହି ପ୍ରାସାଦରେହିଁ ଖେଳୁଥିଲେ । ସାଧାରଣତଃ ଆମେ ଯେତେବେଳେ ଶ୍ରୀମା'ଙ୍କ ସହ ଖେଳିବାକୁ ସୁଯୋଗ ପାଉ, ଜାଣିଶୁଣି ବଲଟିକୁ ଏପରି ଫେରାଇଥାଉ ଯେ, ଯେପରି ସେ ବଲଟିକୁ ସୁବିଧାରେ ପାଇ ଅନାୟାସରେ ଆମ ନିକଟକୁ ପଠାଇ ପାରିବେ । ଏପରି ପଠାଇବା ପାଇଁ ବଲ ଉପରେ ଆମର ବିଶେଷ ଆୟତ୍ତ ଥିବା ଦରକାର ଏବଂ ଶ୍ରୀମା ଦିନେ ପ୍ରକାଶ କରି କହିଲେ ଯେ, ଆମ ପ୍ରଶିକ୍ଷଣ ନିମିତ୍ତ ଏହି ମନୋଭାବର ଉଚିତ ମୂଲ୍ୟ ରହିଛି ।

ସେହି ଅବସରରେ ସେ ସୂଚାଇ ଥିଲେ ଯେ, ଏହି ଖେଳଟି ଚୀନାମାନେ ଉଦ୍ଭାବନ କରିଥିଲେ ଏବଂ ନାମ ଦେଇଥିଲେ 'ପିଙ୍ଗ୍‌ପାଙ୍ଗ୍' । ଏହା ଏକ ଉତ୍ତମ ଖେଳ ଏବଂ ସାଧାରଣତଃ ମାଣ୍ଡାରିନ୍‌ମାନେ ଏହା ଖେଳନ୍ତି । ସେମାନେ କିପରି ସୁନ୍ଦର ଅଙ୍ଗଭଙ୍ଗୀ ସହ ଖେଳନ୍ତି, ଶ୍ରୀମା ତାହା ଆମକୁ ପ୍ରଦର୍ଶନ କରି ଦେଖାଇ ଥିଲେ । ପ୍ରଥମେ ଗୋଟିଏ ପଟର ମାଣ୍ଡାରିନ୍ ବଲଟିକୁ ଏପରି ଭାବେ ଅପର ପଟକୁ ନିକ୍ଷେପ କରୁଥିଲେ ଯେ, ଯେପରି ଅନ୍ୟ ପଟର ମାଣ୍ଡାରିନ୍ ସହଜରେ ତାକୁ ଫେରାଇ ପାରୁଥିଲେ । ଏହାକୁ 'ପିଙ୍ଗ୍' କୁହାଯାଏ । ଅପର ପଟର ଗ୍ରହୀତା ତାକୁ ସସମ୍ମାନେ ଗ୍ରହଣ କରି ଠିକ୍ ସେହି ଭାବରେ ପୂର୍ବପଟକୁ ପଠାଇ ଦେଉଥିଲେ । ଏହାହିଁ 'ପାଙ୍ଗ୍' । ତା'ପରେ ପ୍ରଥମ ବ୍ୟକ୍ତି ସେହି କାର୍ଯ୍ୟର ପୁନରାବୃତ୍ତି କରୁଥିଲେ ଏବଂ ଏପରି ଭାବେ ଖେଳଟି ଲାଗି ରହୁଥିଲା । ଏହା ଏକ ସମ୍ଭ୍ରାନ୍ତ ଜାତୀୟ ଖେଳ ଏବଂ ଅତି ସଂସ୍କୃତିସମ୍ପନ୍ନ ଐତିହ୍ୟ ଏହାର ରହିଛି । ପାଶ୍ଚାତ୍ୟ କ୍ରୀଡ଼ାପଦ୍ଧତିରେ ଅପର ପକ୍ଷକୁ ପରାଜିତ କରିବାର ଯେଉଁ ତତ୍ତ୍ୱ ରହିଛି, ଏହା ତା'ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ବିପରୀତ ।

ପାଶ୍ଚାତ୍ୟବାସୀମାନଙ୍କଠାରୁ ସାଧାରଣତଃ ଚୀନାମାନଙ୍କର କାର୍ଯ୍ୟ ପଦ୍ଧତିରେ ଭିନ୍ନତା ଲକ୍ଷ୍ୟ କରାଯାଏ । ଶ୍ରୀମା ଥରେ ଏକ ଦୃଷ୍ଟାନ୍ତ ଦେଇ କହିଥିଲେ, ପରିବାରର ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ଥିବାଯାଏ, ପରିବାରର ଚିକିତ୍ସକଙ୍କୁ ସେମାନେ ମାସିକ ଶୁଳ୍କ ଦିଅନ୍ତି । କିନ୍ତୁ ପରିବାରର କେହି ଯଦି ଅସୁସ୍ଥ ରହନ୍ତି, ତାହା ହେଲେ ମାସିକ ଶୁଳ୍କ ବନ୍ଦ କରି ଦିଆଯାଏ । ତଦ୍ଦ୍ୱାରା ପରିବାରର ସମସ୍ତ ବ୍ୟକ୍ତିଙ୍କୁ ସୁସ୍ଥ ରଖିବା ପାଇଁ ସର୍ବଦା ଚିକିତ୍ସକ ମହାଶୟ ତତ୍ପର ରହନ୍ତି । କିନ୍ତୁ ଆମ ସମାଜରେ ଲୋକମାନଙ୍କର ସ୍ୱାସ୍ଥ୍ୟ ଭଲ ଥିବା ସମୟ ଅପେକ୍ଷା ଅସୁସ୍ଥ ଥିବା ସମୟରେହିଁ ଚିକିତ୍ସକମାନେ ଅଧିକ ଉପାର୍ଜନ କରନ୍ତି; ଅବଶ୍ୟ ଏପରି କହିବା ଅନ୍ୟାୟ ହେବ ।

ଅବଶ୍ୟ, ସେ ଯୁଗର ଚାଇନା ପ୍ରତି ଏ ବିବରଣୀ ପ୍ରଯୁଜ୍ୟ । ଇତ୍ୟବସରରେ ନଦୀଧାରରେ ବହୁ ଜଳ ପ୍ରବାହିତ ହେଲାଣି ।

(*Sri Aurobindo's Action*, April, 1974ରୁ ଅନୂଦିତ)

ଅନୁବାଦ : ଶ୍ରୀ ପଞ୍ଚାନନ ପାତ୍ର

❑❑❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୪୪)

## ସାହାନା ଦେବୀ

**ସାହାନା :** ମା ମୋର, ଶ୍ରୀଅରବିନ୍ଦଙ୍କର ପତ୍ରାଦି ବନ୍ଦ ହୋଇଯିବ ଶୁଣି ପ୍ରଥମେ ଖୁବ୍ କଷ୍ଟ ଲାଗିଲା ଏହି ଭାବନାରେ ଯେ ଏଥର ଶ୍ରୀଅରବିନ୍ଦଙ୍କ ସ୍ପର୍ଶ ପାଇବାରୁ ମୁଁ ବଞ୍ଚିତ ହେବି । କିନ୍ତୁ ଆଶ୍ଚର୍ଯ୍ୟର କଥା ଏହା ସଙ୍ଗେ ସଙ୍ଗେ ପୁଣି ମନେ ହେଲା – କି ପ୍ରକାରର ସ୍ୱାର୍ଥପର ମୁଁ ! ଏବଂ ତତ୍‌କ୍ଷଣାତ୍ ମନକୁ ମନ ଅନ୍ୟ ଏକ ପ୍ରକାର ଅନୁଭବ ହେବାକୁ ଆରମ୍ଭ କଲା ଏବଂ ବାସ୍ତବରେ ଆନନ୍ଦ ମଧ୍ୟ ଲାଗିଲା ଏକଥା ଭାବି ଯେ – ଶ୍ରୀଅରବିନ୍ଦ ଅନ୍ତତଃ ଏଥର ଟିକିଏ ବିଶ୍ରାମ ପାଇବେ ! ମା ଗୋ, ତାଙ୍କୁ ଏତେ ବର୍ଷ ଧରି ନିୟମିତ ଚିଠି ଲେଖି ତୁମମାନଙ୍କର ଯେପରି ଅତି ନିକଟବର୍ତ୍ତୀ ହୋଇ ଯାଇଥିଲି । କିନ୍ତୁ ତାହା ସଙ୍ଗେ ସଙ୍ଗେ ଖୁବ୍ ଭଲ କରି ବୁଝିବାକୁ ସକ୍ଷମ ହେଲି ଯେ ତୁମମାନଙ୍କ ସହ ମୋର ଆହୁରି ଆନ୍ତର ଘନିଷ୍ଠତା ସ୍ଥାପନ କରିବାକୁ ହେବ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଚିଠିପତ୍ରାଦି ଏବଂ ଖାତାରେ ଲିଖିତ ପତ୍ରାଦି ବନ୍ଦ କରା ଯିବ ନାହିଁ – ତେବେ ମୋତେ ପ୍ରାୟ ସପ୍ତାହରେ ଗୋଟିଏ ଦିନ (ରବିବାର) ବିଶ୍ରାମ ନେବାକୁ ହେବ । ଚିଠିର ପରିମାଣ ଏତେ ପ୍ରଚୁର ଭାବେ ବଢ଼ି ଉଠୁଛି ଯେ ସେସବୁ ନିମନ୍ତେ ମୋର ସାରାରାତି ଏବଂ ଦିନର ମଧ୍ୟ ଅନେକ ସମୟ ଦେବାକୁ ହୁଏ – ଏହା ବ୍ୟତୀତ ଶ୍ରୀମା ମଧ୍ୟ ତାଙ୍କର ସାରାଦିନର ବିଭିନ୍ନ କାର୍ଯ୍ୟକ୍ରମ ସହିତ ରାତ୍ରିର ବେଶୀ ଭାଗ ସମୟ ଏହି କାର୍ଯ୍ୟରେ ବିନିଯୋଗ କରିଥା'ନ୍ତି । ଏହି କାରଣରୁହିଁ ସକାଳ ''ପ୍ରଣାମ''କୁ ଯିବାକୁ ତାଙ୍କର କ୍ରମଶଃ ବିଳମ୍ବ ହୋଇ ଯାଉଛି କାରଣ ଆମେ ସକାଳ ୭:୫୦ ପୂର୍ବରୁ ସବୁ କାମ ଶେଷ କରି ପାରୁନା । ତଥାପି ମଧ୍ୟ ଅନେକ କାର୍ଯ୍ୟ ବାକୀ ପଡ଼ି ପଛେଇ ଯାଉଛି ଏବଂ କ୍ରମଶଃ ଗଦା ହୋଇ ଯାଉଛି ଏବଂ ତା' ମଧ୍ୟରେ ଅନେକ କିଛି ଥାଏ ଯାହା ଗୁରୁତ୍ୱପୂର୍ଣ୍ଣ ଅଥଚ ତାହା ମଧ୍ୟ ବନ୍ଦ କରିବାକୁ ହୁଏ । ତେଣୁ କାର୍ଯ୍ୟରେ କିଛିଟା ଲାଘବ ହେବା ଆବଶ୍ୟକ । ଯଦି ସବୁ ସାଧକମାନେ ଅଧିକ ବିଚକ୍ଷଣ ହୋଇ ଥାଆନ୍ତେ ତାହାହେଲେ ଭଲ ହୁଅନ୍ତା । ତେବେ ତୁମ ସମ୍ବନ୍ଧରେ ଏହା ଲାଗୁ ହେବ ନାହିଁ କାରଣ ତୁମେ ସର୍ବଦା ସମସ୍ତ କିଛିକୁ ଏକ ସୀମା ମଧ୍ୟରେ ରଖିଥାଅ ।

(୧୯.୧୨.୩୩)

**ସାହାନା :** ମା, ମୁଁ ଭାବୁଛି ତୁମମାନଙ୍କୁ ନିୟମିତ ଚିଠି ଲେଖିବା ବନ୍ଦ କରି ଦେବି । ମୁଁ କ'ଣ ତାହା କରିପାରେ ? ଯେତେବେଳେ ଆବଶ୍ୟକ ମନେ ହେବ କେବଳ ସେତିକିବେଳେ ମୁଁ ଲେଖିବି : କୌଣସି ବାଧା ଦେଖାଦେଲେ କିଂବା କୌଣସି କାର୍ଯ୍ୟ ନିମନ୍ତେ ଅନୁମତି ନେବାକୁ ହେଲେ, ଅବା ମୋର ସାଧନା ସମ୍ବନ୍ଧରେ ପ୍ରଶ୍ନ ଥିଲେ ଲେଖିବି, ତା' ନହେଲେ ମୁଁ ଆଦୌ ଚାହେଁ ନାହିଁ ଶ୍ରୀଅରବିନ୍ଦଙ୍କର ଏଇ ଭାବରେ ସମୟ ନଷ୍ଟ କରିବାକୁ । ବଡ଼ କଷ୍ଟ ଲାଗୁଛି ମା, ତୁମମାନଙ୍କ ପାଇଁ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ମୋର ମନେ ହୁଏନା ତୁମେ ଯେଉଁ ଭାବରେ କହୁଛ ସେଇ ଭାବେ ବନ୍ଦ କରିବା ତୁମ ପକ୍ଷରେ ଭଲ ହେବ । ତୁମେ ଏକାକୀ ବନ୍ଦ କରି ଦେଲେ ଖୁବ୍ ଗୋଟାଏ ବେଶୀ ତଫାତ ହେବ ନାହିଁ, ଏବଂ ତା' ଛଡ଼ା ତୁମ ଖାତା ଏଇ ଗଦାଗଦା ଚିଠି ମଧ୍ୟରେ ଆସେ ନା । ତୁମେ ଅନ୍ତତଃ ଦିନେ ଛଡ଼ା ଦିନେ ଏବଂ ବିଶେଷ ଦରକାର ବେଳେ ଅନ୍ୟାନ୍ୟ ଦିନରେ ମଧ୍ୟ ଲେଖିପାର । କିନ୍ତୁ ମୁଁ ତୁମଠାରୁ ପ୍ରତିଦିନ ଅଳ୍ପ କେତେ ଧାଡ଼ି ଲେଖା ପାଇଲେ ବେଶୀ ଖୁସି ହେବି ।

(୨୦.୧୨.୩୩)

**ସାହାନା :** କରୁଣାମୟୀ ମା ମୋର, ଯେତେଦିନ ପର୍ଯ୍ୟନ୍ତ ତୁମେ ବିଶ୍ରାମ ନେବାକୁ କହିବ, ମୁଁ ନିଶ୍ଚୟ ବିଶ୍ରାମ ନେବି । ସତରେ ମା, ଭାବିଲେ ମୋତେ ଏତେ କଷ୍ଟ ହେଉଛି ଯେ ଏମିତି ତୁମକୁ କେତେ ପ୍ରକାର କାର୍ଯ୍ୟ କରିବାକୁ ହୁଏ । ତା' ଉପରେ ମୁଁ କେବଳ ମୋର ଅସାବଧାନତା ଏବଂ ଅବହେଳା ଯୋଗୁଁ ତୁମର କାମ ଅନେକ ବଢ଼ାଇ ଦିଏ ଏବଂ ଏଇଭାବେ ମୋ ନିଜର ଶାରୀରିକ ଅସୁସ୍ଥତାକୁ ବହୁଦିନ ଧରି ପୋଷି ରଖିଥାଏ ଶୀଘ୍ର ସୁସ୍ଥ ହେବା ବଦଳରେ । ଯା'ହେଉ ଏବେଠାରୁ ମୁଁ କୌଣସି କାର୍ଯ୍ୟ ନକରି ଚୁପ୍‌ଚାପ୍ ବସି ରହିବି । ଅତଏବ ତୁମେ ମା, ଦୟାକରି ଖୋଲାଖୋଲି ଭାବେ ମୋର

*(ଅବଶିଷ୍ଟାଂଶ ପୃଷ୍ଠା ୪୯ରେ ଦେଖନ୍ତୁ)*

# ଗଙ୍ଗାଧର

## (୮)

'ସୁବୁ ହାଉସ୍' । ବର୍ତ୍ତମାନ ଆଶ୍ରମର 'କେଶ କାଟିବା ବିଭାଗ'କୁ ପ୍ରବେଶ କଲେ ସାମନାରେ ଦଣ୍ଡାୟମାନ ଦୁଇ ମହଲା ବିଶିଷ୍ଟ ପ୍ରଶସ୍ତ କୋଠାଟି ଥିଲା 'ସୁବୁ ହାଉସ୍' । ଗଙ୍ଗାଧର ରହୁଥିଲେ ତଳ ମହଲାର ଠିକ୍ ମଝି ଘରେ । ଏବେ ଯେଉଁଠି ଅଶୋକ-ଦା' ରହୁଛନ୍ତି । ପ୍ରକାଶ ଥାଉ କି ଶ୍ରୀମା ପଣ୍ଡିଚେରୀକୁ ଶେଷ ଥର ଆଗମନ କରିବା ପରେ ଏହି 'ସୁବୁ ହାଉସ୍'ର ଉପର ମହଲାର ଦକ୍ଷିଣ-ପୂର୍ବ କକ୍ଷରେ କିଛି ମାସ ରହିଥିଲେ; ବର୍ତ୍ତମାନ ବିଜୟଲକ୍ଷ୍ମୀ-ଦି ରହୁଛନ୍ତି ।

ଯାହାହେଉ, ଗଙ୍ଗାଧରଙ୍କ କର୍ମକ୍ଷେତ୍ର ତ 'ସାନିଟାରୀ ଡିପାର୍ଟମେଣ୍ଟ'ରେ ଥିଲା । କିନ୍ତୁ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ କାମଦାମ କରିବାକୁ ଏକେବାରେ ଅକ୍ଷମ ହୋଇ ଉଠିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ କୁନୁମା ତାଙ୍କୁ ଜୋର୍ ଦେଇ କହିଲେ ଯେ ସେ ଘରେ ବିଶ୍ରାମ ନେବେ । ଚାକରଟି ତାଙ୍କର ଦେଖାଶୁଣା କରିବ । ଗଙ୍ଗାଧରଙ୍କ ଉକ୍ତିରେ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅର୍ଥ ମା'ଙ୍କ ନିର୍ଦ୍ଦେଶ । ନୀରବରେ ସେ ତାକୁ ଗ୍ରହଣ କଲେ । କିନ୍ତୁ ଘର ଭିତରେ ସବୁ ସମୟରେ କରିବେ କ'ଣ ? ଏହା ତାଙ୍କର ଘର ଭିତରେ ବନ୍ଦି ହୋଇ ରହିବାର ପ୍ରାରମ୍ଭିକ ଅବସ୍ଥା ସଦୃଶ ! ମୁହୂର୍ତ୍ତକ ସକାଶେ ତାଙ୍କ ମନକୁ ଆସିଲା, 'ଯଦି କିଛି ସଙ୍ଗୀତ ଶୁଣି ପାରନ୍ତି, ତେବେ... ।' ବାସ୍, ଚିନ୍ତାର ଏକ ଝଲକ ମାତ୍ର ଆସି କୁଆଡ଼େ ଉଭେଇ ଗଲା । ଏହା ଉଭେଇ ଗଲା ତାଙ୍କଠୁ ସତ; କିନ୍ତୁ ଆବିର୍ଭୂତ ହେଲା ଅନ୍ୟତ୍ର !

ଗଙ୍ଗାଧରଙ୍କ ଉକ୍ତିରେ : ''ଦେଖ, ଦିବ୍ୟଜନନୀ ଜାଣିଲେ ଯେ ଗଙ୍ଗାଧରର ଗୋଟିଏ ରେଡ଼ିଓ ଦରକାର । ତେଣୁ ସେ ଜଣେ ଭେଲ୍ଲାକାରା (ଶ୍ୱେତାଙ୍ଗ ପୁରୁଷ)ଙ୍କୁ ମାଧମ କରି ମୋ ପାଖକୁ ରେଡ଼ିଓଟିଏ ପଠାଇ ଦେଲେ । ନହେଲେ, ତୁମେମାନେ ମୋତେ କୁହ, ଏହି ଭେଲ୍ଲାକାରା କେମିତି ଜାଣିଲେ ଯେ ମୋର ଗୋଟିଏ ରେଡ଼ିଓ ଦରକାର ! ମୁଁ ତ କାହାରିକୁ ଏକଥା ବିନ୍ଦୁ ମାତ୍ର କହି ନାହିଁ ।''

ଅପ୍ରତ୍ୟାଶିତ ଭାବରେ ଜଣେ ଇଉରୋପୀୟ (ଶ୍ୱେତାଙ୍ଗ) ଭଦ୍ରଲୋକ ଗଙ୍ଗାଧରଙ୍କ ଘରେ ଉଭା ହୋଇ ତାଙ୍କ ହାତରେ ନୂତନ ରେଡ଼ିଓଟିଏ ଧରାଇ ଦେଇ ଘରୁ ବାହାରି ଆସିଲେ । କହିବା ବାହୁଲ୍ୟ, ଘରୁ ବାହାରି ଆସିବା ପରେ ତାଙ୍କୁ କେହି ଜଣେ ହେଲେ ବି ଦେଖି ନଥିଲେ; ଅପ୍ରତ୍ୟାଶିତ ଭାବରେ କୁଆଡ଼େ ଅନ୍ତର୍ଦ୍ଧାନ !

ଗଙ୍ଗାଧର ରେଡ଼ିଓ ବଜାଇ ପ୍ରାୟ ନିତି ସଙ୍ଗୀତ ଶୁଣୁଥିଲେ । ରେଡ଼ିଓଟିକୁ ସମୁଚିତ ଭାବରେ ବ୍ୟବହାର କରିବାରେ ସେ ଅନଭ୍ୟସ୍ତ ଥିଲେ ସତ, କିନ୍ତୁ ଅଧିକ ଅଭ୍ୟସ୍ତ ଥିଲେ ନିଜର ପ୍ରତିଟି ସତ୍ତା (ମନ, ପ୍ରାଣ, ଶରୀର ତଥା ଆନ୍ତର ପୁରୁଷ)କୁ ବ୍ୟବହାର କରିବାରେ । 'ଚିତ୍ତବୃତ୍ତି ନିରୋଧ' ଆଦି କଠିନ ସଂଯମକୁ ଅନାୟାସରେ ସେ ନିଜର ଆୟତ୍ତରେ ଆଣି ପାରୁଥିଲେ । ଆମମାନଙ୍କ ଭିତରୁ କେତେ ଜଣ ଏମିତି କରିପାରିବେ ?

ଗଙ୍ଗାଧର ସିନା ନିଜ କର୍ମକ୍ଷେତ୍ରରେ ଅକର୍ମା ହୋଇ ଘରେ ବସି ରହିଲେ, କିନ୍ତୁ କେବଳ ସେହି ନିର୍ଦ୍ଦିଷ୍ଟ କର୍ମ କ୍ଷେତ୍ରଟିରେହିଁ ସେ ବର୍ଷ ବର୍ଷ ଧରି କାମ କରୁ ନଥିଲେ । ତାଙ୍କର କର୍ମ କ୍ଷେତ୍ରଟି ସେତିକିରେ ଆବଦ୍ଧ ନଥିଲା । କର୍ମରତ ଥିଲା ବେଳେ ବା ଅକର୍ମା ହୋଇ ଉଠିବା ପରେ ସେ ନିତ୍ୟ ଅବଗାହନ କରୁଥିଲେ ଅନ୍ୟଲୋକରେ, ଚେତନାର ଅନ୍ୟ ସ୍ତରରେ, ଯେଉଁଠି କି ସେ ସଦାବେଳେ ସକ୍ରିୟ ଥିଲେ; ସେଠାରେ ସେ କ'ଣ ସବୁ କରୁଥିଲେ ବା କେଉଁ ସ୍ତରରୁ ସେସବୁ କରୁଥିଲେ, ସେ ସମ୍ବନ୍ଧରେ ବେଶୀ କିଛି କୁହାଯାଇ ପାରିବ ନାହିଁ । କେବଳ ଗୀତାର ଦୁଇଟି ଶ୍ଳୋକ କଥା ସ୍ମରଣରେ ଆସେ, ହୁଏତ ତାଙ୍କ ପ୍ରତି ପ୍ରଯୁଜ୍ୟ, ଯାହାକୁ ଶ୍ରୀଅରବିନ୍ଦଙ୍କ ଉକ୍ତିରେ, 'ସର୍ବଗୁହ୍ୟତମ ପରମ ବକ୍ତବ୍ୟ' –

''ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ୟାଜି ମାଂ ନମସ୍କୁରୁ ।
ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ॥
ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥''

(ଗୀତା, ୧୮, ୬୫-୬୬)

ଅର୍ଥାତ୍, ପୂର୍ଣ୍ଣ ଆତ୍ମ-ସମର୍ପଣ ଭାବ ।

ଶାରୀରିକ ଭାବରେ ଘର ଭିତରେ ଆବଦ୍ଧ ରହି ସେ କେଉଁ ଲୋକରେ ଅବଗାହନ କରୁଥିଲେ ତା'ର କିଞ୍ଚିତ୍ ଆଭାସ

ଆମେ ପାଇ ପାରିବୁ । ପ୍ରଥମତଃ ମା'ଙ୍କ ଉକ୍ତିରେ : 'ଗଙ୍ଗାଧର ସବୁବେଳେ ମୋ ଚେତନାରେହିଁ ରହିଛି ।'

ନିମ୍ନ ପ୍ରଦତ୍ତ ତାଙ୍କର ଦୁଇଟି ଅଭିଜ୍ଞତା ବା ସୂକ୍ଷ୍ମ ଦର୍ଶନ ହୁଏତ ତାଙ୍କର କର୍ମଭୂମି ସମ୍ବନ୍ଧେ କିଞ୍ଚିତ୍ ଆଲୋକପାତ କରିପାରେ ବା ଅନ୍ତତଃପକ୍ଷେ ଆମକୁ ତା'ର ଏକ ଆଭାସ ଦେବ ଏବଂ ସେଇ ଅଭିଜ୍ଞତାଟିର ଗଭୀର ତଥ୍ୟ ସମ୍ବନ୍ଧେ କିଞ୍ଚିତ୍ ଭାବିବାକୁ ମଧ୍ୟ ସୁଯୋଗ ଦେବ ।

ଗଙ୍ଗାଧର ନିଜ ଘରେ ଏମିତି ବସିଥା'ନ୍ତି । ହଠାତ୍ ଆଳସ୍ୟ ଭାବରେ ନିଜକୁ ନିଜେ କହି ଉଠିଲେ, ''ଆଚ୍ଛା, ଏଇ ଅତିମାନସଟି କ'ଣ ? ମୁଁ ତ ଏ ସମ୍ବନ୍ଧେ କିଛି ବି ଜାଣି ପାରିଲି ନାହିଁ, କିଛି ବୁଝି ବି ପାରିଲି ନାହିଁ ! ଏ ସମ୍ବନ୍ଧେ କୌଣସି ଧାରଣା ବି ମୋର ନାହିଁ । ସତରେ ଏଇଟି କ'ଣ ? ତା'ପରେ ଅଚାନକ ମୁଁ ଦେଖିଲି, ମୋର ଚତୁଃପାର୍ଶ୍ୱର ପରିବେଶ ସୁବର୍ଣ୍ଣ ଆଲୋକରେ ଭରପୂର । ଏପରିକି ମୁଁ ଯେତେବେଳେ ସୁରେଇରୁ ଗିଲାସକୁ ପାଣି ଢାଳିଲି, ଦେଖିଲି ତରଳ ସୁନା ସେଥିରୁ ଢାଳି ହୋଇ ଆସୁଛି ।...''

ଉପରୋକ୍ତ ଅନୁଭୂତିଟି ଥିଲା ପରବର୍ତ୍ତୀ କାଳରେ ତାଙ୍କର ଆହୁରି ଅଧିକ ଉନ୍ନତ ଓ ଉର୍ଦ୍ଧ୍ୱତର ଅନୁଭୂତିସବୁର ପୂର୍ବାଭାସ ମାତ୍ର ।

ଅନ୍ୟ ଏକ ବାସ୍ତବ ବା ଅନୁଭବସାପେକ୍ଷ ଅନୁଭୂତି ସମ୍ବନ୍ଧରେ ତାଙ୍କରି ଉକ୍ତିରୁ : ''୧୩ ମାର୍ଚ୍ଚ ୧୯୮୧, ରାତି ୨ଟା । ମୁଁ ସାଧାରଣତଃ ଏହି ସମୟରେ ଘରେ ଧ୍ୟାନସ୍ଥ ହେଉଥିଲି । ସେଦିନ ସେଇ ଧ୍ୟାନସ୍ଥ ଅବସ୍ଥାରେ ମୋର ମହାମନ୍ତ୍ର, 'ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟ' ଅପ୍ରତିହତ ଭାବରେ ମୋ ଅନ୍ତରରେ ଅବିରତ ଆବୃତ୍ତି ହେବାକୁ ଲାଗିଲା । ଏକ ପ୍ରବଳ ଆସ୍ପୃହା ଏବଂ ତୀବ୍ର ଆରାଧନାରେ ମୋର ସମଗ୍ର ସତ୍ତା ସ୍ପନ୍ଦିତ ହୋଇ ଉଠିଲା । ପ୍ରାୟ ଘଣ୍ଟାକରୁ ଅଧିକ ସମୟ ଧରି ମୁଁ ଗଭୀର ଧ୍ୟାନରେ ବୁଡିଗଲି । ମୋର ମନ ନିସ୍ତରଙ୍ଗ ସାଗର ସଦୃଶ ଏକେବାରେ ସ୍ଥିର ହୋଇ ଉଠିଲା ।

''ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ, ସମଗ୍ର ସୃଷ୍ଟିକୁ ଶାନ୍ତିର ମହାସାଗର ସମ୍ପୂର୍ଣ୍ଣ ରୂପେ ପରିବ୍ୟାପ୍ତ କରିଥିଲା ଏବଂ ସେହି ଭୂମା ଶାନ୍ତିର ଗର୍ଭରୁ ଅବିରତ ସୂକ୍ଷ୍ମ ଭାବରେ ପ୍ରତିଧ୍ୱନିତ ହେଉଥିଲା ମନ୍ଦ ମଧୁର 'ଓଁକାର ଧ୍ୱନି'; ଧୀରେ ଧୀରେ ଏହି ମନ୍ଦ୍ରିତ ଧ୍ୱନି ସମଗ୍ର ପୃଥିବୀରେ ବ୍ୟାପ୍ତ ହୋଇ ଉଠିଲା । ଏବଂ ଏଥି ସହିତ ସର୍ବତ୍ର ସୁବର୍ଣ୍ଣ ଆଲୋକର ପରିପ୍ଲାବନ ଘଟିଲା । ମୋର ଅନ୍ତରତମ ଗୁହାରେ ବିରାଜିତ ସେଇ ନିଶ୍ଚଳ ନିରବତା ସ୍ୱର୍ଗାଭିମୁଖୀ ହୋଇ ଏକ ଜ୍ୱଳନ୍ତ ଅଗ୍ନି ଶିଖାରେ ରୂପାୟିତ ହୋଇଥିବାର ଦେଖିଲି ।...

''ସୂର୍ଯ୍ୟଙ୍କ ଆଗମନରେ ପଦ୍ମ ଯେମିତି ତା'ର ପାଖୁଡ଼ା ଖୋଲେ, ଠିକ୍ ସେମିତି ମୋ ସୂକ୍ଷ୍ମ ଶରୀରର ସମସ୍ତ ଚକ୍ର ଧୀରେ ଧୀରେ ସେହି ଉର୍ଦ୍ଧ୍ୱରୁ ଅବତରି ଆସୁଥିବା ସୁବର୍ଣ୍ଣ ଆଲୋକର ସ୍ପର୍ଶରେ ଖୋଲି ହୋଇଗଲା ଏବଂ ସେହି ଆଲୋକରେ ପରିପ୍ଲାବିତ ହୋଇ ଉଠିଲା । ମସ୍ତିଷ୍କର ଉର୍ଦ୍ଧ୍ୱରେ ସ୍ଥିତ ପୂର୍ଣ୍ଣ ପ୍ରସ୍ଫୁଟିତ ସହସ୍ରଦଳ ପଦ୍ମରୁ ଅମରତ୍ୱର ବିନ୍ଦୁ ବିନ୍ଦୁ ଅମୃତ ନିମ୍ନ ଚକ୍ରସବୁକୁ ଝରିବାକୁ ଲାଗିଲା ଏବଂ ଏକ ବାସ୍ତବ ଅନୁଭୂତି ହେଲା ଯେମିତି ମସ୍ତିଷ୍କର ଶୀର୍ଷ ସହସ୍ରାରରେ ଥିବା ପ୍ରଧାନ ବାଧାଟି ସମ୍ପୂର୍ଣ୍ଣ ରୂପେ ଅନ୍ତର୍ହିତ ହୋଇଯାଇଛି ଏବଂ ପର ମୁହୂର୍ତ୍ତରେହିଁ ଉର୍ଦ୍ଧ୍ୱସ୍ଥ ସୁବର୍ଣ୍ଣ ଆଲୋକ ସମଗ୍ର ସତ୍ତାରେ ପରିପ୍ଲାବିତ ହେବାକୁ ଲାଗିଲା; ସର୍ବତ୍ର ସେହି ଆଲୋକ ବ୍ୟତୀତ ଆଉ କିଛି ନଥିଲା ।... ତା'ପରେ ଦିବ୍ୟ-ଆଲୋକ, ଦିବ୍ୟ-ଆନନ୍ଦ ଓ ସେହି ମନ୍ଦ୍ରିତ ମନ୍ଦମଧୁର ଓଁକାର ଧ୍ୱନି, ଯାହାକି ପ୍ରଥମେ କ୍ଷୀଣ, ଅଭ୍ରାନ୍ତ ଓ ପୃଥକ୍ ଭାବରେ ମନ୍ଦ୍ରିତ ହେଉଥିଲା, ଏବେ ସବୁକିଛି ଏକାକାର ହୋଇ ଏକ ହୃଦୟସ୍ପର୍ଶୀ ପ୍ରଗାଢ଼ ଦିବ୍ୟ-ଚେତନା ହୋଇ ଉଠିଲା ।

''ସୁବର୍ଣ୍ଣ ଆଲୋକ ଧୀରେ ଧୀରେ ପାର୍ଥିବ ଚେତନାର ନିମ୍ନ ସ୍ତରକୁ ଅବତରି ଆସି ଘନକୃଷ୍ଣ ନିଶ୍ଚେତନାର ଅନ୍ଧକାର ଗର୍ଭରେ ପ୍ରବେଶ କଲା ଏବଂ ସମଗ୍ର ପରିବେଶଟିକୁ ଦିବ୍ୟ-ଆଲୋକମୟ କରି ଦେଲା । ନିଶ୍ଚେତନ ଅଂଶଟି ରୂପାନ୍ତରିତ ହୋଇ ଉଠିଲା ।... ପରକ୍ଷଣରେ ସମଗ୍ର ଦୃଶ୍ୟଟିରେ ଏକ ପରିବର୍ତ୍ତନ ଘଟିଲା । ସୂକ୍ଷ୍ମ ଦର୍ଶନରେ ପ୍ରତିଭାତ ହୋଇ ଉଠିଲା ଦିବ୍ୟ-ସୁବର୍ଣ୍ଣ ଜ୍ୟୋତିଃର କରୁଣାମୟ ପ୍ରତିଭୂ ଶ୍ରୀଅରବିନ୍ଦଙ୍କର ଅପରୂପ ପ୍ରତିମୂର୍ତ୍ତି ଏବଂ ତାଙ୍କର ଶ୍ରୀତନୁରୁ ନିଃସୃତ ହେଉଥିଲା ଦିବ୍ୟକୃପା, ଦିବ୍ୟପ୍ରେମ ଓ ସୁବର୍ଣ୍ଣ ଦିବ୍ୟ-ଆଲୋକ । ତା'ପରେ ଦିବ୍ୟ-ଆଲୋକ ଓ ଦିବ୍ୟ-ଆନନ୍ଦ ବିକୀର୍ଣ୍ଣ କରି ଆମ ଦିବ୍ୟଜନନୀ ତାଙ୍କର ଅପରୂପ ଦିବ୍ୟ-ସୁଷମା ଓ ସୌନ୍ଦର୍ଯ୍ୟରେ ଆବିର୍ଭୂତା ହେଲେ ।

''ଠିକ୍ ପରେ ପରେ ଶ୍ରୀଅରବିନ୍ଦଙ୍କ ମଧ୍ୟରେ ଦିବ୍ୟଜନନୀ ବିଲୀନ ହୋଇଗଲେ । ତା'ପରେ ଶ୍ରୀଅରବିନ୍ଦ ମଧ୍ୟ ସୂକ୍ଷ୍ମ ଦର୍ଶନରୁ ଅନ୍ତର୍ହିତ ହୋଇଉଠିଲେ ଏବଂ ସତ୍-ଚିତ୍-ଆନନ୍ଦର ପରମୋଚ୍ଚ ନିଶ୍ଚଳ ନିରବ ଦିବ୍ୟ-ଭୂମା ଚେତନା

ସମଗ୍ର ପରିବେଶରେ ପରିବ୍ୟାପ୍ତ ହୋଇ ଉଠିଲା । ମୋର ସମଗ୍ର ସ୍ନାୟୁତନ୍ତ୍ରୀ ତଥା ଶରୀରର ପ୍ରତିଟି ରନ୍ଧ୍ରରେ ଦିବ୍ୟ-ଆନନ୍ଦର ଏକ ତୀବ୍ର ବିଦ୍ୟୁତ୍ ତରଙ୍ଗ ପ୍ରବାହିତ ହେଲା ।...''

(‘Mother India’, ଅଗଷ୍ଟ ୧୯୮୧, ପୃ. ୪୪୯ - ୫୦)

ଗଙ୍ଗାଧରଙ୍କର ଉପରୋକ୍ତ ସୂକ୍ଷ୍ମ ଦର୍ଶନର ବର୍ଣ୍ଣନାକୁ ଆମ ନିଜ ଧାରାରେ ପାଠକମାନଙ୍କ ସମ୍ମୁଖରେ ପରିପ୍ରକାଶ କରିଛୁ ମାତ୍ର । କିନ୍ତୁ ଗଙ୍ଗାଧର ଯେଉଁସବୁ ହୃଦୟସ୍ପର୍ଶୀ ଗହନ କଥାକୁ ତାଙ୍କ ନିଜସ୍ୱ ଧାରାରେ ଅନାୟାସରେ ବ୍ୟକ୍ତ କରି ପାରୁଥିଲେ, ସେସବୁ ‘ଦିବ୍ୟଜୀବନ’ ଗ୍ରନ୍ଥ ଉପରେ ଅତ୍ୟନ୍ତ ମାର୍ଜିତ ଓ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣଗୁଡ଼ିକ ଅପେକ୍ଷା ଅଧିକ ଉଲ୍ଲେଖଯୋଗ୍ୟ ଭାବରେ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରତୀୟମାନ ହେଉଥିଲା । ବିଶେଷ କରି ସେ କଥା କହିବା ବେଳେ ବା କିଛି ବର୍ଣ୍ଣନା କରିବା ବେଳେ ବା ସାକ୍ଷାତ୍‌କାରୀଙ୍କର ପ୍ରଶ୍ନର ଉତ୍ତର ଦେଉଥିବା ବେଳେ ଅପ୍ରତ୍ୟାଶିତ ଭାବରେ ଯାହା ଦେଖା ଯାଉଥିଲା, ସେଇଟି ଥିଲା ତାଙ୍କର ମନୋଭାବ – ଅସାଧାରଣ, ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ତାଙ୍କର ଅତୁଟ ବିଶ୍ୱାସ, ଭରସା ଏବଂ ସର୍ବୋପରି ତାଙ୍କର ଶିଶୁସୁଲଭ ଚରମ ସରଳତାରେ ଭରପୂର ବାକ୍-ଶକ୍ତି । କେତେ ବା ସେ ଇଂରାଜୀ ଜାଣିଥିଲେ ! ନିମ୍ନରେ ତାଙ୍କରି ଇଂରାଜୀରୁ ପଦେ-ଅଧେ ପାଠ କରାଯାଇ ପାରେ :

ତତ୍‌କାଳୀନ ଆଶ୍ରମର ଅନ୍ତେବାସିଗଣଙ୍କର ଆଚାର-ବ୍ୟବହାର, ଚାଲିଚଳନ ଏବଂ ଆଶ୍ରମର ପରିବେଶ ସମ୍ବନ୍ଧେ ଜଣେ ଦର୍ଶନାର୍ଥୀଙ୍କର ପ୍ରଶ୍ନର ଉତ୍ତରରେ ଗଙ୍ଗାଧର ଏହି ମର୍ମରେ କହିଥିଲେ :

["You enter in Godavari, very holy river, bath and that, one get beautiful shells or gems and another get mud only, what is there ?"]

ଏହାର ମୁକ୍ତ ଅନୁବାଦ ଏହିପରି : ଜଣେ ଗୋଦାବରୀ ନଦୀରେ ପ୍ରବେଶ କଲା, ଖୁବ୍ ପବିତ୍ର ସେ ନଦୀ । ସ୍ନାନ ପରେ ଜଣେ କିଛି ସୁନ୍ଦର ଶାମୁକା ପାଇଲା, ଆଉ ଜଣେ ପାଇଲା ବହୁମୂଲ୍ୟ ମୁକ୍ତା ଏବଂ ଆଉ କିଏ ବା ପାଇଲା କେବଳ କର୍ଦ୍ଦମ, କ'ଣ ବା ପ୍ରକୃତରେ ଥିଲା ସେ ପୂତ ପବିତ୍ର ନଦୀରେ ?

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

---

*(ପୃଷ୍ଠା ୪୬ର ଅବଶିଷ୍ଟାଂଶ)*

କେଉଁଠି କିଛି ଆପତ୍ତିଜନକ ବ୍ୟବହାର ଦେଖିଲେ ଜଣାଇ ଦିଅ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମର ଯେଉଁପ୍ରକାର ଅସୁସ୍ଥତା ହୋଇଥିଲା, ତା'ପରେ ଶରୀର ଅନେକ ଦିନ ପର୍ଯ୍ୟନ୍ତ ଦୁର୍ବଳ ରହେ ବିଶେଷ କରି ଯେଉଁ ସ୍ଥାନରେ ଅସୁସ୍ଥତା ସ୍ପର୍ଶ କରିଥିଲା ଏବଂ ସେଥିପାଇଁ ତା'ପରଠାରୁ କିଛି ଦିନ ପର୍ଯ୍ୟନ୍ତ ଖୁବ୍ ସାବଧାନରେ ରହିବା ଆବଶ୍ୟକ । ଏଠିକାର ପାଣି ପାଗ ଏହିସବୁ ଅସୁସ୍ଥତା ନିମନ୍ତେ ଆଦୌ ହିତକର ନୁହେଁ ଏବଂ ସହଜରେ ଥଣ୍ଡା ଲାଗି ଯାଇପାରେ । ମୋର ମନେ ହୁଏନା ଏହାର ଆରୋଗ୍ୟ ଲାଗି ଅନ୍ୟ କିଛି ପ୍ରତିକାର ଅଛି ବୋଲି; ଏହା ହେଉଛି ଶାରୀରିକ ସଂଗ୍ରାମ ଯାହାର ଫଳାଫଳ ହେଉଛି ଏଇ ସବୁ ଅସୁସ୍ଥତା । ଏଇଟାହିଁ କାରଣ ଥିଲା ଯାହା ଲାଗି ଆମେ ତୁମକୁ ବାରଂବାର ଏତେ ଆଗ୍ରହର ସହ କିଛିଦିନ ସାବଧାନ ରହିବାକୁ କହୁଥିଲୁ ।

(୨୧.୧.୩୪)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

# ଆମ ଶରୀର

## (୨)

**ଭୋଳେଶ୍ୱର ଭୂୟାଁ**

### ଶରୀର ଏକ ଆଧାର

ଆଧାର ଅର୍ଥ ପାତ୍ର । ପାତ୍ରରେ ଆମେ ଯେପରି ବିଭିନ୍ନ ବସ୍ତୁ ଭରି ରଖିଥାଉ ସେହିପରି ଶରୀର ରୂପକ ପାତ୍ରରେ ପ୍ରକୃତି ଏହି ବିଶ୍ୱବ୍ରହ୍ମାଣ୍ଡରୁ ବିଭିନ୍ନ ବସ୍ତୁ ସଂଗ୍ରହ କରି ଏହାକୁ ଗଢ଼ିଥାଏ । କେବଳ ସ୍ଥୂଳ ବସ୍ତୁ ନୁହେଁ ବହୁ ପ୍ରକାରର ସୂକ୍ଷ୍ମ ବସ୍ତୁ ମଧ୍ୟ ଏହା ଭିତରେ ରଖାଯାଇଥାଏ । ଶାସ୍ତ୍ର-ପୁରାଣରେ କୁହାଯାଇଛି – ଏହି ଶରୀର ପଞ୍ଚ ମହାଭୂତରୁ ତିଆରି ହୋଇଛି । ଏହି ପାଞ୍ଚଟି ଜଡ଼ ବସ୍ତୁ ହେଲା – 'କ୍ଷିତ୍ୟାପତେଜମରୁତବ୍ୟୋମ' ଆର୍ଥାତ୍ କ୍ଷିତି ଅର୍ଥ ମାଟି, ଅପ୍ ଅର୍ଥ ଜଳ, ତେଜଃ ଅର୍ଥ ଶକ୍ତି ବା ଅଗ୍ନି, ମରୁତ ଅର୍ଥ ପବନ ଓ ବ୍ୟୋମ ଅର୍ଥ ଆକାଶ ବା ଶୂନ୍ୟ । ଏହିସବୁ ଜଡ଼ବସ୍ତୁ ସମସ୍ତ ବ୍ରହ୍ମାଣ୍ଡରେ ଭରି ରହିଛି । ଶରୀରର ମୃତ୍ୟୁ ପରେ ଏହି ଶରୀରରେ ଥିବା ପଞ୍ଚ ମହାଭୂତ ବିଶ୍ୱବ୍ରହ୍ମାଣ୍ଡର ପଞ୍ଚ ମହାଭୂତରେ ମିଶିଯାଏ ।

ଶରୀର ରୂପକ ପାତ୍ରରେ କେବଳ ଜଡ଼ବସ୍ତୁ ନୁହେଁ ଏଥିରେ ବହୁ ସୂକ୍ଷ୍ମ ବସ୍ତୁ ମଧ୍ୟ ରହିଥାଏ । ଏହିସବୁ ସୂକ୍ଷ୍ମ ବସ୍ତୁକୁ ସମୂହ ଭାବରେ ଚେତନା କୁହାଯାଏ । ଏହି ଚେତନା ଯାହାକି ଶରୀର, ମନ, ପ୍ରାଣ ଓ ଚୈତ୍ୟସତ୍ତାକୁ ମାଧ୍ୟମ କରି କ୍ରମ ବିବର୍ତ୍ତନରେ ସାହାଯ୍ୟ କରେ । ଆମେ ଯାହାକୁ ଆମର ମନ କହୁ ତାହା ବିଶ୍ୱ ମନରୁ ଆସି ଆମ ଭିତରେ ଏକ କ୍ଷୁଦ୍ର ବ୍ୟକ୍ତିତ୍ୱ ଗଠିତ କରିଥାଏ । ସେହିପରି ବିଶ୍ୱପ୍ରାଣରୁ ପ୍ରାଣ ଆସି ଆମର କ୍ଷୁଦ୍ର ପ୍ରାଣସତ୍ତା ଗଠନ ହୋଇଥାଏ – ଯାହାକୁ ଆମେ ଆମର ବ୍ୟକ୍ତିଗତ ପ୍ରାଣସତ୍ତା ବୋଲି କହିଥାଉ । ସେହିପରି ବିଶ୍ୱ ଆତ୍ମାରୁ ଆମର ବ୍ୟକ୍ତିଗତ ଚୈତ୍ୟସତ୍ତା ଗଠିତ ହୋଇଥାଏ । ଏହିପରି ଭାବରେ ନିର୍ଜୀବ ଜଡ଼ ମଧ୍ୟକୁ ବିଭିନ୍ନ ଚେତନାରାଜି ଆସି ଶରୀରକୁ ସଚେତନ କରିଥାଏ । ସଚେତନର ଅର୍ଥ ନିଜର ଅସ୍ତିତ୍ୱ ବିଷୟରେ (ମୁଁତ୍ୱ ବିଷୟରେ) ଜ୍ଞାନ ପ୍ରାପ୍ତ କରିବା । ଏହିପରି ଭାବେ ଭଗବାନ୍ ପ୍ରକୃତିକୁ ମାଧ୍ୟମ କରି ଏକରୁ ବହୁ ହୋଇଛନ୍ତି – ''ଏକୋସ୍ମି ବହୁସ୍ୟାମ୍'' ।

ଏବେ ମଧ୍ୟ ଆମ ପାଠ୍ୟ ପୁସ୍ତକମାନଙ୍କରେ ମାଟି, ଗୋଡ଼ି ଓ ପଥରକୁ ନିର୍ଜୀବ ବସ୍ତୁ ଭାବରେ ବର୍ଣ୍ଣନା କରାଯାଉଛି । ପଞ୍ଚଭୂତ ଯଦି ନିର୍ଜୀବ ବସ୍ତୁ ହୁଅନ୍ତି ତେବେ ଏଥିରେ ଜୀବନର ଉତ୍ପତ୍ତି ହେଲା କିପରି ? ବଟ ବୃକ୍ଷର କ୍ଷୁଦ୍ର ବୀଜ ମଧ୍ୟରେ ଏକ ବିରାଟ ବୃକ୍ଷ ଲୁଚି ରହିଥିବା ଭଳି ନିର୍ଜୀବ ମନେ ହେଉଥିବା ପଞ୍ଚଭୂତ ମଧ୍ୟରେ ଭଗବାନଙ୍କର ଚେତନା ଲୁକ୍‌କାୟିତ ଅବସ୍ଥାରେ ରହି ନଥିଲେ ଆମକୁ ଦୃଶ୍ୟମାନ୍ ହେଉଥିବା ବୃକ୍ଷଲତା, ଜୀବଜନ୍ତୁ ଓ ମନୁଷ୍ୟଜାତିର ସୃଷ୍ଟି କେବେ ବି ସମ୍ଭବ ହୋଇ ନ ଥାଆନ୍ତା ! ତେଣୁ ପାଣି-ପବନ, ମାଟି-ଗୋଡ଼ିକୁ ନିର୍ଜୀବ ବୋଲି ଘୋଷଣା କରିବା ଏକ ଅଜ୍ଞାନତାର କଥା ।

ଆମେ ଯଦି କ୍ରମବିବର୍ତ୍ତନର ଧାରାକୁ ଠିକ୍ ଭାବରେ ବୁଝିପାରୁ ତେବେ ଜଡ଼ ଭିତରେ ଲୁଚି ରହିଥିବା ତା'ର ବିଶାଳ ସମ୍ଭାବନା ବିଷୟରେ ମଧ୍ୟ ଜାଣି ପାରିବୁ । କ୍ରମ ବିବର୍ତ୍ତନରୁ ବୀଜର ପ୍ରଥମ ଅଙ୍କୁରୋଦ୍‌ଗମ ହେଲା ଜଡ଼ । ସୃଷ୍ଟି ସର୍ଜନା କରିବାକୁ ଯାଇ ଭଗବାନଙ୍କର ସୃଷ୍ଟି ରଚନାକାରୀ ଚେତନା ଯେତେବେଳେ ନିଶ୍ଚେତନା ଗର୍ଭରେ ନିଦ୍ରାମଗ୍ନ ହୋଇଗଲା, ନିଜକୁ ପୂର୍ଣ୍ଣରୂପେ ହଜାଇ ଦେଲା ସେତେବେଳେ ଭଗବାନ୍ ଭଗବତ୍ କୃପା ଅର୍ଥାତ୍ ଭଗବତ୍ ପ୍ରେମକୁ ନିଶ୍ଚେତନାର ଗର୍ଭକୁ ପଠାଇଲେ ଏହାର ନିଦ୍ରାଭଙ୍ଗ କରିବା ପାଇଁ । ନିଶ୍ଚେତନାର ନିଦ୍ରାଭଙ୍ଗ ହେବା ଫଳରେ ତା'ର ବାହୁଡ଼ା ଯାତ୍ରା ଆରମ୍ଭ କରିବାକୁ ଯାଇ ପ୍ରଥମ ପଦକ୍ଷେପ ସ୍ୱରୂପ ଜଡ଼ର ସୃଷ୍ଟି ହେଲା । ଅର୍ଥାତ୍ ଏ ସୃଷ୍ଟିର ଆରମ୍ଭ ପୂର୍ଣ୍ଣ ଅନ୍ଧକାର ଓ ପୂର୍ଣ୍ଣ ନିଶ୍ଚେତନାରୁ ହୋଇଛି । ଏହି କାର୍ଯ୍ୟ ପ୍ରକୃତି ମାଧ୍ୟମରେ ଭଗବାନ୍ କରୁଛନ୍ତି । ପ୍ରକୃତି ଅହରହ ଚେଷ୍ଟା କରୁଛି ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ପ୍ରାପ୍ତ ଏକ ଜୀବଜାତିକୁ ସୃଷ୍ଟି କରିବାକୁ । କିନ୍ତୁ ପ୍ରକୃତି ଏକ ଅଜ୍ଞାନ ଶକ୍ତି ହୋଇଥିବାରୁ ଏ କାମ କରିବା ପାଇଁ ତାକୁ ଏକ ଲମ୍ବା ପଥ ଓ ସମୟ ନେବାକୁ ପଡ଼ିଛି । ପ୍ରକୃତି ଜଡ଼କୁ ସୃଷ୍ଟି କରିବା ପରେ ଜଡ଼ ଭିତରେ ଲୁକ୍କାୟିତ ଥିବା ଜୀବନୀଶକ୍ତିର ଜାଗରଣ ହୋଇ ବିଶ୍ୱ-ଜୀବନୀଶକ୍ତି ନିଜ ଭିତରୁ ବୃକ୍ଷ-ଲତା ସୃଷ୍ଟି କଲା; ବୃକ୍ଷ-ଲତା ଭିତରେ ଲୁଚି ରହିଥିବା ପ୍ରାଣଶକ୍ତିର ଜାଗରଣ ହୋଇ ବିଶ୍ୱ-ପ୍ରାଣସତ୍ତା ଅବତରଣ ଫଳରେ ପ୍ରାଣୀ ସୃଷ୍ଟି ହେଲା, ପରେ

ପ୍ରାଣୀ ଭିତରେ ଲୁଚି ରହିଥିବା ମନଃଶକ୍ତିର ଜାଗରଣ ହୋଇ ବିଶ୍ୱ-ମନର ଅବତରଣ ଫଳରେ ମନୁଷ୍ୟ ସୃଷ୍ଟି ହେଲା । ଏହିସବୁ ବିଶ୍ୱପ୍ରାଣ ଓ ବିଶ୍ୱମନର ଜନ୍ମଦାତା ହେଉଛନ୍ତି ସୃଷ୍ଟି ସର୍ଜନାକାରୀ ଅନନ୍ତ ଚେତନା । ଏହାକୁ ଆମେ ନିବର୍ତ୍ତନ କହିପାରୁ । ଏଥିରୁ ଆମେ ଜାଣିଲୁ ନିଶ୍ଚେତନା ଭିତରେ ସମସ୍ତ ଚେତନା ସୁପ୍ତ ଭାବରେ ରହି ଥିବାରୁହିଁ ଏ ଦୃଶ୍ୟମାନ ସୃଷ୍ଟିର ରଚନା ସମ୍ଭବ ହୋଇଛି । ଏ ସୃଷ୍ଟିକୁ ଏକ କାଳ୍ପନିକ ବୃକ୍ଷ ରୂପେ ଧରା ଯାଇପାରେ । ସୃଷ୍ଟିର ପ୍ରଥମ ଅଙ୍କୁରୋଦ୍‌ଗମ ହେଲା ଜଡ଼ । ଏହି ଜଡ଼ ଭିତରେ ପ୍ରାଣ, ମନ, ଚୈତ୍ୟସତ୍ତା ଆଦି ଚେତନା ସୁପ୍ତ ଭାବରେ ରହିଥିବାରୁ ସେଥିରୁ କ୍ରମବିବର୍ତ୍ତନ ଧାରାରେ ବୃକ୍ଷ-ଲତା, ପ୍ରାଣୀ ଓ ମନୁଷ୍ୟ ସୃଷ୍ଟି ହେଲେ । ଅତଏବ ଏହି ସୃଷ୍ଟି ରୂପକ ବୃକ୍ଷ ବିଭିନ୍ନ ଶାଖାପ୍ରଶାଖା ବିସ୍ତାର କରି ସେଥିରେ ପୁଷ୍ପ, ଫଳ ଉତ୍ପନ୍ନ କଲା । ମନୁଷ୍ୟ ହେଲା ଏହି ସୃଷ୍ଟି ରୂପକ ବୃକ୍ଷର ଫଳ । କିନ୍ତୁ ଏହା ସୃଷ୍ଟିର ଶେଷ ପରିଣାମ ନୁହେଁ । ଏହି ଫଳ ଏବେ ବି ପରିପକ୍ୱ ହୋଇ ନାହିଁ । ସେହି ପାଚିଲା ଫଳରୁ ଯେତେବେଳେ ମଞ୍ଜି ସୃଷ୍ଟି ହେବ ସେତେବେଳେ ଏହି ବିବର୍ତ୍ତନ ପ୍ରକ୍ରିୟା ହୁଏତ ଶେଷ ହେବ । ଅର୍ଥାତ୍ ଏ ସୃଷ୍ଟିର ବୀଜ ଥିଲେ ସ୍ୱୟଂ ଭଗବାନ୍ । ଏକହିଁ ଭଗବାନ୍ କିପରି ବହୁ ରୂପରେ ପରିଣତ ହେଲେ ସେକଥା ଆମେ ବର୍ତ୍ତମାନ ବୁଝି ପାରିବୁ ନାହିଁ । ଏହା ହେଲା ଭବିଷ୍ୟତର ନୂତନ ଅତିମାନବ ଜାତିର ଆବିର୍ଭାବ ।

ବିଶ୍ୱବ୍ରହ୍ମାଣ୍ଡରେ ଥିବା ବିଭିନ୍ନ ଚେତନାର ସ୍ତରକୁ ଏକ ଏକ ସମୁଦ୍ର ସହିତ ତୁଳନା କରାଯାଇପାରେ । ଚେତନାର ସମୁଦ୍ର ରହିଥିଲେ ବି ଏହି ଚେତନାର ବ୍ୟକ୍ତିତ୍ୱ ଗଠନ ହୋଇଥାଏ ସେହି ସମୟରେ ଯେତେବେଳେ ଏହି ଚେତନା ସମୁଦ୍ରରୁ କିଛି ଅଂଶ ଜୀବର ଆଧାରରେ ପ୍ରବେଶ କରେ । ଜୀବ ଆଧାରରେ ଚେତନା ଏକ ବ୍ୟକ୍ତିଗତ ସତ୍ତା ଭାବରେ ତିଆରି ହୁଏ । ମଣିଷ ଆଧାରରେ ଏହିପରି ପ୍ରାଣସତ୍ତା, ମନଃସତ୍ତା ଓ ଚୈତ୍ୟସତ୍ତା ଆଦି ଗଠିତ ହୋଇ ବ୍ୟକ୍ତିତ୍ୱ ଗଠନ କରିଥାଏ । ଚେତନା ଯେତେବେଳେ ପୂର୍ଣ୍ଣ ସତ୍ତାରେ ପରିଣତ ହୋଇଯାଏ ସେତେବେଳେ ଏହା ବିଶେଷ ଭାବରେ ସଚେତନ ହୋଇ ଜଡ଼ ଉପରେ କ୍ରିୟା କରିବାର କ୍ଷମତା ମଧ୍ୟ ଅର୍ଜନ କରିଥାଏ । ଫୁଲ ଭିତରେ ଚୈତ୍ୟ ଚେତନା ରହିଛି, କିନ୍ତୁ ଚୈତ୍ୟସତ୍ତା ନୁହେଁ । ଚେତନାର ପୂର୍ଣ୍ଣ ପ୍ରକାଶ ବ୍ୟକ୍ତି ସତ୍ତାରେ ବିକଶିତ ହେଲେ, ଏହାର ପ୍ରଭାବ ଯୋଗୁଁ ବ୍ୟକ୍ତିର ବ୍ୟକ୍ତିତ୍ୱ, କ୍ରିୟାଶୀଳତା ଆଦିରେ ପରିପୂର୍ଣ୍ଣତା ଦେଖିବାକୁ ମିଳେ । ଜୀବଜନ୍ତୁଙ୍କ ଭିତରେ ଚୈତ୍ୟ ସତ୍ତାର ପ୍ରକାଶ ହୋଇ ନଥାଏ । କେବଳ ମଣିଷ ଭିତରେହିଁ ଚୈତ୍ୟସତ୍ତାର ପୂର୍ଣ୍ଣ ବିକାଶ ସମ୍ଭବ ହୋଇଥାଏ । ଅନ୍ୟ ଜୀବମାନଙ୍କ ମଧ୍ୟରେ କେବଳ ଏକ ଚୈତ୍ୟ ଉପସ୍ଥିତି ରହିଥାଇପାରେ ଯାହାକୁ ଆମେ ଭଗବତ୍ ଝଲକ ବୋଲି କହିପାରିବୁ । ମଣିଷ ଆଧାରରେ ଥିବା ବିଭିନ୍ନ ସତ୍ତା ଯଥା ମନ, ପ୍ରାଣ ଆଦି ମୃତ୍ୟୁ ପରେ ବିଶ୍ୱମନ ଓ ବିଶ୍ୱପ୍ରାଣରେ ବିଲୟ ହୋଇଥାଏ । କିନ୍ତୁ ଥରେ ଚୈତ୍ୟସତ୍ତାର ଉତ୍ପତ୍ତି ଓ ବୃଦ୍ଧି ହେଲେ ଏହା ଆଉ ବିଶ୍ୱ ଚୈତ୍ୟ ଚେତନାରେ ବିଲୟ ହୁଏ ନାହିଁ । ଏହା ପରବର୍ତ୍ତୀ ଜନ୍ମରେ ପୁଣି ମଣିଷ ଆଧାରକୁ ପାଥେୟ କରି ତା'ର ପୂର୍ଣ୍ଣତା ତଥା ଗଠନ କାମରେ ଲାଗିଯାଏ । ଚୈତ୍ୟସତ୍ତାଙ୍କୁ ମଣିଷର ଅନ୍ତର ଭିତରେ ଥିବା ଜୀବାତ୍ମା ବୋଲି ମଧ୍ୟ କୁହାଯାଏ । ଚୈତ୍ୟସତ୍ତା ହେଲା ଭଗବାନଙ୍କର ଏକ ପ୍ରତିନିଧି । ସେ ମଣିଷକୁ ପଥ ଦେଖାଇ ଭଗବାନଙ୍କ ଆଡ଼କୁ ଯିବାରେ ସାହାଯ୍ୟ କରିଥାଏ । ଚୈତ୍ୟସତ୍ତା ମଣିଷର ହୃଦୟରେ ବାସ କରି ଜୀବନର ବିଭିନ୍ନ ଅନୁଭୂତି ଗ୍ରହଣ କରିଥାଏ । ଏହା ଅନ୍ୟ ସତ୍ତାମାନଙ୍କର ଦିବ୍ୟାଂଶକୁ ନିଜର ବସ୍ତ୍ର ରୂପେ ଗ୍ରହଣ କରି ତା'ର ଚତୁଃପାର୍ଶ୍ୱରେ ଆବରଣ ସୃଷ୍ଟି କରିଥାଏ । ଏହା ଦ୍ୱାରା ଚୈତ୍ୟସତ୍ତା ଅଧିକ ଶକ୍ତିଶାଳୀ ଓ ସଚେତନ ହୋଇଉଠେ । ବହୁଜନ୍ମର ଅନୁଭୂତି ନେବାପରେ ଚୈତ୍ୟସତ୍ତା ମଣିଷର ପ୍ରଧାନ ସତ୍ତାରେ ପରିଣତ ହୁଏ ଓ ଅନ୍ୟ ସତ୍ତାମାନଙ୍କ ଉପରେ କ୍ରିୟାକରି ମଣିଷକୁ ଅଧ୍ୟାତ୍ମ ପଥରେ ପରିଚାଳିତ କରିବା ସହ ଭଗବାନଙ୍କ ଆଡ଼କୁ ନେଇଥାଏ । ମଣିଷ ଆଧାରରେ ବିଭିନ୍ନ ସତ୍ତାମାନଙ୍କ ମଧ୍ୟରୁ କେବଳ ଚୈତ୍ୟସତ୍ତାହିଁ ଅମରତ୍ୱ ଲାଭ କରି ଥାଏ । ତେଣୁ ମଣିଷ ଆଧାରରେ ଥିବା ବିଭିନ୍ନ ସତ୍ତାର ମଧ୍ୟ ଅମରତ୍ୱ ଲାଭ କରିବାର ସମ୍ଭାବନା ରହିଛି ।

ଆଜି ପର୍ଯ୍ୟନ୍ତ ଶରୀର ସତ୍ତାକୁ ଅଧ୍ୟାତ୍ମ ପଥରେ ଯିବା ପାଇଁ ସୁଯୋଗ ଦିଆ ହୋଇ ନାହିଁ । ତେଣୁ ଶରୀର ଭିତରେ ଥିବା ଜଡ଼ତ୍ୱ ବିଶେଷଭାବରେ ସଚେତନ ହୋଇ ପାରି ନାହିଁ, ପୂର୍ଣ୍ଣତାର ପଥରେ ବିଶେଷ ଅଗ୍ରଗତି କରିପାରି ନାହିଁ । ଶରୀର ନିଶ୍ଚେତନାର ଅଜ୍ଞାନ, ଅନ୍ଧକାର ଓ ବିକୃତି ଭିତରେ ଏପର୍ଯ୍ୟନ୍ତ ବୁଡ଼ି ରହିଛି । ପୁରାତନ ଯୋଗରେ ଶରୀରକୁ ବାଦ୍ ଦିଆଯାଇ କେବଳ ଚେତନାକୁ ନେଇ ଭଗବତ୍ ପ୍ରାପ୍ତିର ପ୍ରୟାସ କରାଯାଇଛି । କିନ୍ତୁ ଏହି କଳିଯୁଗର ଶେଷରେ ଶ୍ରୀମା'ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠରେ ଯୁଗ୍ମ ଅବତାର ରୂପେ ଜନ୍ମ ଗ୍ରହଣ କରି ନୂତନ

ଯୁଗ ନିର୍ମାଣର କାର୍ଯ୍ୟ ଆରମ୍ଭ କରିଛନ୍ତି, ଏକ ନୂତନ ଯୋଗର ଆରମ୍ଭ ହୋଇଛି । ଏହି ନୂତନ ଯୋଗ ହେଲା ଜଡ଼ର ଯୋଗ, ଅର୍ଥାତ୍ ଶରୀର ରୂପାନ୍ତରର ଯୋଗ । ଏହି ମଣିଷ ଶରୀର ରୂପାନ୍ତରିତ ହୋଇ ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ପ୍ରାପ୍ତ ହେଲେ ରୋଗ, ଯନ୍ତ୍ରଣା, ଦୁଃଖ, କଷ୍ଟ, ଜରା ଓ ମୃତ୍ୟୁରୁ ନିଜକୁ ମୁକ୍ତ କରିବ ଏବଂ ପୃଥିବୀରେ ଅମର ଧାମ ରଚନା ହୋଇପାରିବ । ଏ ପୃଥିବୀରେ ଅତିମାନସର ସତ୍ୟ ଚେତନା ପ୍ରତିଷ୍ଠିତ ହୋଇ ଏକ ନୂତନ ଜୀବଜାତି ନିର୍ମାଣ କରିବ । ତାହା ହେବ ଅତିମାନବ । ଏହାହିଁ ହେବ କ୍ରମ ବିବର୍ତ୍ତନର ପରବର୍ତ୍ତୀ ନୂତନ ସୃଷ୍ଟି । ଏହି ନୂତନ ସୃଷ୍ଟିର କାର୍ଯ୍ୟ ପ୍ରକୃତି ମାଧ୍ୟମରେ ହୋଇପାରିବ ନାହିଁ । ଏ କାମ ସ୍ୱୟଂ ଅତିମାନସ ଶକ୍ତିହିଁ କରିବ । ରୂପାନ୍ତର କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ମା'ଶ୍ରୀଅରବିନ୍ଦ ଏହି ପୃଥିବୀର ବାତାବରଣରେ ଉପସ୍ଥିତ ରହି ମାନବସମାଜକୁ ଅତିମାନବରେ ପରିଣତ କରିବା ଦିଗରେ ତାଙ୍କର ଅତିମାନସ ଶକ୍ତିକୁ ନିୟୋଜିତ କରି ରଖିବେ ।

ଶ୍ରୀମା ଯେତେବେଳେ ମାତୃଗର୍ଭରେ ଥିଲେ ସେତେବେଳେ ମା ସରସ୍ୱତୀ ସାରା ବିଶ୍ୱବ୍ରହ୍ମାଣ୍ଡରୁ ବିଭିନ୍ନ ଉପାଦାନ ଆଣି ମା'ଙ୍କ ଶରୀରକୁ ଗଠନ କରିଥିଲେ – ଏକଥା ମା' ନିଜେ ପ୍ରକାଶ କରିଛନ୍ତି । ତେଣୁ ମା'ଙ୍କ ଶରୀର ଥିଲା ଏକ ବିଶେଷ ଶରୀର ଯାହା ସମସ୍ତ ସଂସାରର ବିରୋଧୀ ଶକ୍ତିମାନଙ୍କୁ ନିଜ ଶରୀରରେ ଗ୍ରହଣ କରି ସେସବୁକୁ ରୂପାନ୍ତର କରି ପାରିଛନ୍ତି – ଏପରିକି ମୃତ୍ୟୁକୁ ମଧ୍ୟ । ତେବେ ଆମର ପ୍ରଶ୍ନ ହେଲା ମା ଯଦି ମୃତ୍ୟୁକୁ ଜୟ କରିଛନ୍ତି ତେବେ ସେ ଅମର ନହୋଇ ଶରୀରତ୍ୟାଗ କଲେ କାହିଁକି ? ମା'ଙ୍କର ସୂକ୍ଷ୍ମ-ଭୌତିକ ସ୍ତରରେ ନୂତନ ରୂପାନ୍ତରିତ ଶରୀର ଯେତେବେଳେ ସମ୍ପୂର୍ଣ୍ଣ ଗଠିତ ହୋଇଗଲା ସେତେବେଳେ ସେ ତାଙ୍କର ସ୍ଥୂଳ ଶରୀରରୁ ବାହାରି ଆସି ସୂକ୍ଷ୍ମ ଶରୀରରେ ପ୍ରବେଶ କରିବା ସହ ସଚେତନ ଭାବେ ତାଙ୍କର ଶତ ଶତ ସନ୍ତାନମାନଙ୍କ ଭିତରେ କ୍ରିୟା କରୁଛନ୍ତି । ମା'ଙ୍କ ଶରୀର ତ୍ୟାଗ କେବେ ହେଲେ ଏକ ବିଫଳତା ନୁହେଁ – ଏହା ହେଲା ଏକ ବିପୁଳ ବିଜୟ । ଏକଥା ଆମେ ବର୍ତ୍ତମାନ ବୁଝି ପାରିବୁ ନାହିଁ । ପରେ ଅବଶ୍ୟ ବୁଝିବୁ । ମା ଗୋଟିଏ ଶରୀର ରୂପାନ୍ତର କରିବା ପରିବର୍ତ୍ତେ ଏକ ସଙ୍ଗରେ ବହୁ ଲୋକଙ୍କ ଶରୀରକୁ ରୂପାନ୍ତର କରିବାର ପଥ ଅବଲମ୍ବନ କରିଛନ୍ତି ।

ଯେଉଁ ସାଧକମାନେ ସୁସ୍ଥ, ନୀରୋଗ, ନମନୀୟ, ଗ୍ରହଣକ୍ଷମ ଶରୀର ନେଇ ଦିବ୍ୟଜନନୀଙ୍କର ରୂପାନ୍ତର କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ସମର୍ପିତ, ସେମାନେ ମା'ଙ୍କର ଯୋଗ୍ୟ ସନ୍ତାନ । ମା' ସୂକ୍ଷ୍ମଭୌତିକ ସ୍ତରରେ ସଦା ଜାଗ୍ରତ୍ ଓ ଜୀବନ୍ତ ଭାବେ ଉପସ୍ଥିତ ଅଛନ୍ତି ତାଙ୍କ ସନ୍ତାନମାନଙ୍କ ଆଧାରରେ ଶରୀର ରୂପାନ୍ତରର ବୀଜ ରୋପଣ କରିବା ପାଇଁ ।

(କ୍ରମଶଃ)

❑❑❑

ତୁମ ମଧ୍ୟସ୍ଥ ବିଶ୍ୱାସକୁ ଦୋହଲାଇ ଦେବା ଲାଗି କୌଣସି ବାହ୍ୟ ପରିସ୍ଥିତିକୁ ଅନୁମତି ଦିଅ ନାହିଁ; କାରଣ ପଥ ମଧ୍ୟରେ ଯାତ୍ରା ଲାଗି ଓ ଲକ୍ଷ୍ୟରେ ଉପନୀତ ହେବା ଲାଗି ଏହି ବିଶ୍ୱାସଠାରୁ ଅଧିକ ଶକ୍ତି କେହି ଯୋଗାଇ ଦେଇ ନ ଥାଏ । ଜ୍ଞାନ ଓ ତପସ୍ୟା, ସେମାନଙ୍କର ସାମର୍ଥ୍ୟ ଯାହା ବି ହେଉ ନା କାହିଁକି, ଭାର ସମ୍ଭାଳିବା ନିମନ୍ତେ ତାହା ଅପେକ୍ଷାକୃତ କମ୍ ସମର୍ଥ – ଯାତ୍ରା ନିମନ୍ତେ ବିଶ୍ୱାସ ହେଉଛି ସର୍ବଶ୍ରେଷ୍ଠ ସହାୟକ ଦଣ୍ଡ ।

– ଶ୍ରୀଅରବିନ୍ଦ

# ଦର୍ପଣ

## ସନ୍ତୋଷ କୁମାର ଯୋଗାଣିଆ

ଥରକର ଘଟଣାଟିଏ । ଜଣେ ଆରବ ବାଦଶାହଙ୍କ ଦରବାରକୁ ଅନ୍ୟ ଏକ ରାଜ୍ୟର କିଛି ଚିତ୍ରକର ଆସିଲେ ଏବଂ କହିଲେ – ଆମେ ଆମ କଳାର ପ୍ରଦର୍ଶନ କରିବାକୁ ଚାହୁଁଛୁ । କିନ୍ତୁ ଆରବ ବାଦଶାହଙ୍କ ଦରବାରରେ ତାଙ୍କ ନିଜ ଦେଶର ବହୁତ ବଡ଼ ବଡ଼ ଚିତ୍ରକର ଥିଲେ । ସେମାନଙ୍କୁ ଏହି ପ୍ରସ୍ତାବ ଭଲ ଲାଗିଲା ନାହିଁ । ସେମାନଙ୍କ ବକ୍ତବ୍ୟ ହେଲା – ଆମ ଚିତ୍ରକଳା ଏପରି ନିକୃଷ୍ଟ ନୁହେଁ, ଯେଉଁଥିପାଇଁ ବାହାର ରାଜ୍ୟର ଚିତ୍ରକରକୁ ନିମନ୍ତ୍ରଣ ଦିଆଯାଇଛି । ଯଦି ବାଦଶାହ ସେମାନଙ୍କୁ କିଛି ପ୍ରଦର୍ଶନ କରିବାକୁ ସୁଯୋଗ ଦେବାକୁ ଚାହୁଁଛନ୍ତି ତେବେ ଆମେମାନେ ମଧ୍ୟ କିଛି ପ୍ରଦର୍ଶିତ କରିବାକୁ ଚାହିଁବୁ । ବାଦଶାହ ଦୁଇ ଦଳକୁ ସୁଯୋଗ ଦେଲେ । ନିଜ ରାଜ୍ୟର ଚିତ୍ରକର ଏବଂ ଅନ୍ୟ ରାଜ୍ୟର ଚିତ୍ରକରଙ୍କୁ ଗୋଟିଏ ବଡ଼ ଭବନ ଦିଆଗଲା ଯାହା ଭିତରେ ସେମାନେ ପରସ୍ପରର ଚିତ୍ରକଳାକୁ ପ୍ରଦର୍ଶନ କରାଇ ପାରିବେ ।

ଆରବ ଚିତ୍ରକରମାନେ ଭବନର ଲମ୍ବା ଚଉଡ଼ା କାନ୍ଥ ଉପରେ ଖୁବ୍ ସୁନ୍ଦର ଚିତ୍ର ତିଆରି କଲେ । ଛ'ମାସ ଧରି ଦିନରାତି ପରିଶ୍ରମ କରି କାନ୍ଥରେ ସେମାନେ ଚିତ୍ରର ଯାଦୁ ଖେଳେଇ ଦେଲେ । ତାଙ୍କର ଚିତ୍ର ଦେଖିବା ଭଳି । କିନ୍ତୁ ବଡ଼ ଆଶ୍ଚର୍ଯ୍ୟର କଥା, ପଡ଼ୋଶୀ ରାଜ୍ୟର ଚିତ୍ରକରମାନେ ଆଦୌ କିଛି କରୁ ନଥିଲେ । ନା ସେମାନଙ୍କ ପାଖରେ ତୂଳୀ ଥିଲା ନା ରଙ୍ଗ । ଆଉ ବହୁବାର ବାଦଶାହ ସେମାନଙ୍କୁ କହିଲେ – ତୁମମାନଙ୍କର ଯାହା ଦରକାର କହିଲେ ସବୁକିଛି ଯୋଗାଇ ଦିଆଯିବ । ସେମାନେ ସେମାନଙ୍କ କାନ୍ଥ ସାମନାରେ ଏକ ବଡ଼ ପର୍ଦା ଟାଣି ଦେଇଥା'ନ୍ତି । ସାମନାସାମନି ଦୁଇଟି କାନ୍ଥ । ଗୋଟିଏ କାନ୍ଥରେ ବାଦଶାହଙ୍କ ନିଜ ଚିତ୍ରକରଙ୍କ ଚିତ୍ରକଳା ତିଆରି ଚାଲିଥାଏ ଅଥଚ ଅନ୍ୟ କାନ୍ଥଟି ପୂରାପୂରି ଘୋଡ଼ାଇ ଦିଆଯାଇଥାଏ ପରଦାରେ । ସେପଟେ କ'ଣ ଚିତ୍ର ଅଙ୍କା ହେଉଛି କେହି କିଛି ଜାଣି ପାରୁ ନଥା'ନ୍ତି । ଛ'ମାସ ପୂର୍ଣ୍ଣ ହେଲା । ବାଦଶାହ କଳା ପ୍ରଦର୍ଶନ ଦେଖିବାକୁ ବ୍ୟାକୁଳ ହେଉଥା'ନ୍ତି । ଅନ୍ତିମ ଦିନ ଆସିଗଲା । ବାଦଶାହ କଳା ପ୍ରଦର୍ଶନ ଦେଖିବାକୁ ଗଲେ । ନିଜ ରାଜ୍ୟର ଚିତ୍ରକରଙ୍କ ଚିତ୍ରକଳା ଦେଖି ବାଦଶାହ ଚକିତ ହେଲେ । ଏତେ ଜୀବନ୍ତ ଚିତ୍ର ଅଙ୍କା ହୋଇଥିଲା ଯେ ସତେ ଯେମିତି କାନ୍ଥ ଭିତରୁ ଚିତ୍ରରେ ଚରିତ୍ରମାନେ ବାହାରି ଆସୁଛନ୍ତି । କାନ୍ଥ ଉପରେ ଯେଉଁ ବୃକ୍ଷଲତା ଅଙ୍କା ହୋଇଥିଲା, ମଣିଷ ଭ୍ରମରେ ପଡ଼ିଯିବ ତାହା ଅସଲି ନା ନକଲି । ରାସ୍ତାର ଚିତ୍ର ଦେଖିଲେ ଲାଗୁଥିଲା – ତାହା ଉପରେ ସତସତିକା ଚାଲିଯିବା ପାଇଁ । ବହୁତ ଅଦ୍ଭୁତ ଥିଲା ଚିତ୍ରକଳା । ବାଦଶାହ ନିଜ ରାଜ୍ୟର ଚିତ୍ରକରଙ୍କ ଉପରେ ଖୁବ୍ ପ୍ରସନ୍ନ ହେଲେ । କହିଲେ – ମୋ କଳ୍ପନାରେ ନଥିଲା ଯେ ମୋ ରାଜ୍ୟରେ ଏପରି ଚିତ୍ରକର ଅଛନ୍ତି ବୋଲି ।

ଏହାପରେ ବାଦଶାହ ପଡ଼ୋଶୀ ରାଜ୍ୟର ଚିତ୍ରକରଙ୍କ ଚିତ୍ରକଳା ଦେଖିବାକୁ ଅନ୍ୟ କାନ୍ଥ ଆଡ଼କୁ ମୁହଁ ବୁଲାଇଲେ । କହିଲେ – ଏ ପରଦା ହଟାଅ । ତୁମେମାନେ ଏଇ ଛ'ମାସ ଧରି ମୋ ନିଦ ହଜେଇ ଦେଇଛ । ମୁଁ ପ୍ରତି ମୁହୂର୍ତ୍ତରେ ଭାବୁଥାଏ, ତୁମେମାନେ ଏ ପରଦା ପଛରେ କ'ଣ କରୁଥାଅ । ପରଦା ହଟାଇ ଦିଆଗଲା । ବାଦଶାହଙ୍କ ସହ ସମସ୍ତ ଦେଖଣାହାରୀ ବଡ଼ ହଇରାଣରେ ପଡ଼ିଗଲେ । ଯେଉଁ ଚିତ୍ର ବାଦଶାହଙ୍କ ଚିତ୍ରକରମାନେ ଆଙ୍କିଥିଲେ ଅବିକଳ ସେହି ଚିତ୍ର ବଡ଼ ଅଦ୍ଭୁତ ରୂପରଙ୍ଗରେ ସାମନା କାନ୍ଥରେ ଥିଲା । ପଡ଼ୋଶୀ ରାଜ୍ୟର ଚିତ୍ରକରମାନେ ଆଦୌ କୌଣସି ଚିତ୍ର ଆଙ୍କି ନଥିଲେ । ଏମାନେ କେବଳ ଛ'ମାସ ଧରି ସେହି କାନ୍ଥକୁ ଘଷିଘଷି ଦର୍ପଣ ପରି କରିଦେଇଥିଲେ । ପୂରା କାନ୍ଥ ବଡ଼ ଏକ ଦର୍ପଣ ପରି ହୋଇ ଯାଇଥିଲା । ବାଦଶାହଙ୍କ ଚିତ୍ରକରମାନଙ୍କ ଚିତ୍ର ଖୁବ୍ ସୁନ୍ଦର ଥିଲା । କିନ୍ତୁ ଦର୍ପଣ ଭିତରେ ସେହି ଚିତ୍ର ପ୍ରତିଫଳିତ ହୋଇ ଆହୁରି ହଜାରେ ଗୁଣ ଅଧିକ ସୁନ୍ଦର ଦେଖାଯାଉଥିଲା । ପଡ଼ୋଶୀ ଚିତ୍ରକର କହିଲେ – ଜାହାଁପନା, ଆମେ ତ କେବଳ ଦର୍ପଣ ବନେଇବା ଜାଣିଛୁ । ଚିତ୍ର ତ ଭଗବାନ୍ ବନେଇ ସାରିଛନ୍ତି । ଆମେ କେବଳ ଦର୍ପଣ ବନେଇଥାଉ ଏବଂ କହିବାର ତାତ୍ପର୍ଯ୍ୟ ଭଗବାନ୍ ହଜାର ଗୁଣ ସୁନ୍ଦର ହୋଇ ସେହି ଦର୍ପଣରେ ଝଲସି ଉଠୁଥା'ନ୍ତି ।

ଭଗବାନ୍ ସବୁଠି ଅଛନ୍ତି । କେବଳ ଦର୍ପଣର ଆବଶ୍ୟକତା ରହିଛି । ହୃଦୟ ଯଦି ଦର୍ପଣ ହୋଇଯିବ ତେବେ ମଣିଷ ନିଜେ ମନ୍ଦିର ହୋଇପାରିବ । ହୃଦୟ ଦର୍ପଣ ପରି ହୋଇ

ପାରିଲେ, ମଣିଷ ମନ୍ଦିରରେ ରୂପାନ୍ତରିତ ହୋଇପାରିବ ଏବଂ ସେହି ହୃଦୟ ଦର୍ପଣରେ ଭଗବାନଙ୍କ ରୂପ ପ୍ରତିଫଳିତ ହେବାକୁ ଆରମ୍ଭ କରିଦେବ ।

**ଆଉ ଏକ କାହାଣୀ :**

ଥରେ ଜଣେ ଯୁବା ସନ୍ନ୍ୟାସୀ ପୃଥିବୀ ପରିଭ୍ରମଣରେ ବାହାରିଲେ । ସେତେବେଳର ଅବସ୍ଥା ଭିନ୍ନ ଥିଲା । ଆଜିଭଳି ଗାଡ଼ି, ମଟରର ସୁବିଧା ନଥିଲା । ଚାଲିଚାଲି ଯିବାକୁ ପଡ଼େ କିଂବା କୌଣସି ଗଧ, ଓଟ କିଂବା ଘୋଡ଼ା ଦ୍ୱାରା କିଛିକିଛି ସ୍ଥାନକୁ ଯିବାକୁ ପଡ଼େ । ଏହି ପରିଭ୍ରମଣରେ ବହୁତ ବର୍ଷ ଲାଗିଯାଏ । କେହି କେହି ବି ନିଜ ଦେଶକୁ ଫେରିପାରନ୍ତି ନାହିଁ । କିନ୍ତୁ ସେହି ଯୁବା ସନ୍ନ୍ୟାସୀ ଅନେକ ଦେଶ-ବିଦେଶ ଭ୍ରମଣ କରି ଶେଷରେ ନିଜ ଦେଶକୁ ଫେରି ଆସିଲେ । ପରିକ୍ରମାରେ ବାହାରିଥିବା ବେଳେ ସନ୍ନ୍ୟାସୀ ଯୁବକ ଥିଲେ । କିନ୍ତୁ ଫେରିବା ବେଳକୁ ବୃଦ୍ଧ ହୋଇ ସାରିଥିଲେ । ସନ୍ନ୍ୟାସୀଙ୍କୁ ତାଙ୍କ ଦେଶର ରାଜଧାନୀରେ ବଡ଼ ଆଦରର ସହ ସ୍ୱାଗତ କରାଗଲା । ସେ ଦେଶର ରାଜା ସନ୍ନ୍ୟାସୀଙ୍କୁ ସ୍ୱାଗତ କରି ଅନେକ ପ୍ରଶଂସା କଲେ । କହିଲେ ମୋ ରାଜ୍ୟରେ ଆପଣଙ୍କ ପରି ତପସ୍ୱୀ ଜନ୍ମ ହୋଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି । ତେବେ ମୁଁ ଦୀର୍ଘଦିନ ଧରି ଆପଣଙ୍କ ଫେରିବା ବାଟକୁ ଅନାଇ ରହିଥିଲି । ଏଇଥିପାଇଁ ଯେ – ଆପଣ ସମଗ୍ର ପୃଥିବୀ ଭ୍ରମଣକରି ଫେରିବାବେଳେ ନିଶ୍ଚୟ ମୋ ପାଇଁ କିଛି ଉପହାର ଆଣିଥିବେ ଓ କିଛି ବହୁମୂଲ୍ୟ ଉପଦେଶ ଦେବେ, ଯାହା ମୋର କାମରେ ଲାଗିବ । ତେଣୁ ମୁଁ ଆପଣଙ୍କ ପ୍ରତୀକ୍ଷାରେ ଥିଲି । ସତକଥା ହେଲା ପିଲାଦିନେ ସେହି ରାଜା ଏବଂ ଏହି ସନ୍ନ୍ୟାସୀ ଦୁଇବନ୍ଧୁ ଥିଲେ । ଦୁହେଁ ଏକା ଗୁରୁକୁଳରେ ପଢୁଥିଲେ । ବଡ଼ ହୋଇ ଜଣେ ରାଜା ହେଲା, ଆଉ ଅନ୍ୟ ଜଣକ ସନ୍ନ୍ୟାସୀ । ସେଥିପାଇଁ ରାଜାଙ୍କର ବନ୍ଧୁ ସନ୍ନ୍ୟାସୀଙ୍କଠାରୁ ଉଭୟ ଉପଦେଶ ଓ ଉପହାରର ଆଶା ରଖିଥା'ନ୍ତି ।

ସନ୍ନ୍ୟାସୀ କହିଲେ – ''ବନ୍ଧୁ ସତକଥା । ମୁଁ ଅନେକ ଦେଶ ବୁଲିଛି । ଅନେକ ନୂଆ ନୂଆ ଜିନିଷ ଦେଖିଛି ଓ ଅନେକ କିଛି ଉପଲବ୍ଧି କରିଛି । କିନ୍ତୁ ତୁମ ପାଇଁ ଯେତେବେଳେ କିଛି ଉପହାର ଆଣିବାକୁ ବସେ, ସେତିକି ବେଳେ ମନକୁ ଆସେ, ତୁମେ ରାଜା । ତୁମ ରାଜପ୍ରାସାଦରେ କ'ଣ ଏପରି ନଥିବ ଯେ ମୁଁ ତୁମପାଇଁ ନୂଆ କିଛି ଆଣିପାରିବି ? ତେବେ ବହୁତ ଭାବିଚିନ୍ତି ତୁମ ପାଇଁ ଗୋଟିଏ ଉପହାର ଆଣିଛି ନିଶ୍ଚୟ । ତେବେ ସେ ଉପହାରକୁ ତୁମକୁ ଏକାନ୍ତରେ ମୁଁ ଦେବାକୁ ଚାହୁଁଛି ।''

ରାଜା ଭାବିଲେ ସନ୍ନ୍ୟାସୀଙ୍କ କାନ୍ଧରେ ଝୁଲାମୁଣିଟିଏ ଝୁଲୁଛି । ଯାହା କିଛି ଆଣିଥିବେ ସେହି ମୁଣା ଭିତରେ ଥିବ । ତେବେ କ'ଣ ହୋଇଥାଇପାରେ ? ତା'ଛଡ଼ା ସନ୍ନ୍ୟାସୀ ନିଜେ କହିଛନ୍ତି ଯାହା ଯାହା ମୋ ରାଜପ୍ରାସାଦରେ ଅଛି ସେ ସବୁକୁ ସେ ଆଣିନାହାନ୍ତି । ତେଣୁ କ'ଣ ଏମିତି ଆଣିଥିବେ ଯାହା ମୋ ପାଖରେ ଆଜି ପର୍ଯ୍ୟନ୍ତ ନାହିଁ ଏବଂ ତା' ପୁଣି ଏହି ଝୁଲାମୁଣି ଭିତରେ ରହିଯାଇ ପାରିଛି ? କ'ଣ ହୋଇଥାଇ ପାରେ ?

ବଡ଼ ଉତ୍ସୁକତା ଏବଂ ଆକାଂକ୍ଷା ସହକାରେ ରାଜା ସନ୍ନ୍ୟାସୀଙ୍କୁ ନିଜ କକ୍ଷକୁ ନେଇଗଲେ । ସନ୍ନ୍ୟାସୀ ନିଜ ଝୁଲାରୁ ଯାହା ବାହାର କଲେ ତାହା ଆଦୌ ଭାବି ହେବ ନାହିଁ, ତାହା କ'ଣ ହୋଇପାରେ ବୋଲି । ସେ ଅନନ୍ୟ ଜିନିଷଟି ହେଲା ଅତି ସାଧାରଣ ଛୋଟିଆ ଦର୍ପଣଟିଏ ।

ସନ୍ନ୍ୟାସୀ ରାଜାଙ୍କୁ ଦର୍ପଣଟି ଧରେଇ ଦେଲେ । ରାଜା ଛୋଟିଆ ଦର୍ପଣଟିକୁ ଏପଟ ସେପଟ କରି ଦେଖିବାକୁ ଲାଗିଲେ । କହିଲେ – ''ଆପଣ ଶେଷରେ ମୋ ପାଇଁ ଏହି ଦର୍ପଣଟିକୁ ଆଣିଛନ୍ତି ?'' ସନ୍ନ୍ୟାସୀ କହିଲେ – ''ଏଇଟିହିଁ ମୋତେ ସବୁଠାରୁ ବଡ଼ ଆକର୍ଷିତ କଲା ଯାହା ରାଜାଙ୍କ ପାଖରେ ନଥାଏ । ଏଥିରେ ତୁମେ ସ୍ୱୟଂକୁ ଦେଖି ପାରିବ । ପୃଥିବୀରେ ବହୁତ କମ୍ ଲୋକ ଅଛନ୍ତି ଯେଉଁମାନେ ନିଜକୁ ଦେଖିବାରେ ସମର୍ଥ ହୋଇଥା'ନ୍ତି । ଯେଉଁମାନଙ୍କ ପାଖରେ ବହୁତ କିଛି ଥାଏ, ଯେପରି ଧନ, ସମ୍ପତ୍ତି, ଯଶଃ-ମାନ ସେମାନେ ତ ନିଜକୁ ଦେଖିବାରେ ଅଧିକ ଅସମର୍ଥ ହୋଇପଡ଼ନ୍ତି । ତେଣୁ ବହୁତ ଖୋଜିବା ପରେହିଁ ମୁଁ ଏହି ଦର୍ପଣଟିକୁ ଆଣିଛି ଯାହାଦ୍ୱାରା ତୁମେ ତୁମ ନିଜକୁ ଦେଖିପାରିବ । ଏହି ଦର୍ପଣକୁ ଶସ୍ତା ବୋଲି ଭାବ ନାହିଁ । ଏମିତି ତ ପ୍ରତ୍ୟେକଙ୍କ ଘରେ ଦର୍ପଣ ଅଛି । କିନ୍ତୁ ନିଜକୁ ଦେଖିପାରିବାରେ କେତେ ଜଣ ସମର୍ଥ ହୋଇଥାଆନ୍ତି ? ପ୍ରତ୍ୟେକ ଦିନ ଦର୍ପଣରେ ଆମେ ଆମ ମୁହଁକୁ ଦେଖିଥାଉ । କିନ୍ତୁ ପ୍ରକୃତରେ କେବେ କ'ଣ ଆମେ ଆମ ନିଜକୁ ଦେଖି ପାରିଲୁଣି ?'' ସନ୍ନ୍ୟାସୀ ପୁଣି କହିଲେ – ''ଏ ଦର୍ପଣ ମୁଁ ତୁମକୁ ଏଇଥିପାଇଁ ଦେଇ ଯାଉଛି କି ଯେଉଁଦିନ ତୁମେ ସ୍ୱୟଂକୁ ଦେଖିବାରେ, ଜାଣିବାରେ ସମର୍ଥ ହୋଇଯିବ ସେହିଦିନ ବୁଝିନେବ ଯେ ଯଥାର୍ଥରେ ଦର୍ପଣ ତୁମର ଉପଲବ୍ଧ ହେଲା ବୋଲି ।'' ସନ୍ନ୍ୟାସୀ ରାଜପ୍ରାସାଦରୁ ବାହାରି ଗଲେ ।

ଶୁଣିଥିବା କାହାଣୀ ବାସ୍ ଏହି ପର୍ଯ୍ୟନ୍ତ । ପ୍ରକୃତରେ ସେହି ରାଜା ଶେଷରେ ନିଜକୁ ଦେଖିପାରିବାରେ, ଜାଣିପାରିବାରେ ସମର୍ଥ ହେଲେ ନା ନାହିଁ ତାହା ଅନ୍ୟ ବିଷୟ । ସେ ଦର୍ପଣ ରହିଲା କି ଭାଙ୍ଗିଗଲା, ସେ କଥା ବି ଜଣା ନାହିଁ । ଦର୍ପଣ କେବେ ନା କେବେ ଭାଙ୍ଗି ଯାଇପାରେ । ଦର୍ପଣର ଆୟୁଷ ବା କେତେ କାଳ ? କିନ୍ତୁ ନିଜ ହୃଦ-କନ୍ଦର ଦର୍ପଣଟିଏ ପରି ହୋଇଗଲେ, ତାହା ଆଉ ଭାଙ୍ଗିଯାଇ ପାରିବ ନାହିଁ । (ଯେଉଁ ଦର୍ପଣ କୌଣସି ବଜାରରେ କୌଣସି ମୂଲ୍ୟରେ ଆଦୌ ମିଳିପାରିବ ନାହିଁ ।) ଯେଉଁ ହୃଦୟ ସ୍ୱଚ୍ଛ ଦର୍ପଣରେ ରୂପାନ୍ତରିତ ହୋଇଯାଏ, ସେ ନିଜକୁ ପ୍ରତିଫଳିତ କରିପାରେ । ଆଉ ସବୁଠାରୁ ବଡ଼ ରହସ୍ୟ ହେଲା ଜୀବନରେ ଯିଏ ନିଜକୁ ନିଜ ଭିତରେ ଦେଖି ନେଇପାରିଲା ସେ ଭଗବାନଙ୍କୁ ବି ଦେଖି ନେଇଥାଏ । ସ୍ୱୟଂକୁ ନଜାଣି ତାଙ୍କୁ ଅନୁଭବ କରିବାର ଉପାୟ ନାହିଁ । ଭିତର ଯଦି ଅଜ୍ଞାନ, ଅନ୍ଧକାରରେ ପୂର୍ଣ୍ଣ ତେବେ ବାହାର ଜ୍ଞାନର ମାନେ କ'ଣ ? ଯେଉଁଠି ଭିତରର ଦୀପ ଲିଭିଯାଇଛି ଘର ବାହାରେ ସୂର୍ଯ୍ୟ ରଶ୍ମି ଥିଲେ ମଧ୍ୟ ତା'ର କି ପ୍ରୟୋଜନ ? ଯାହାର ନିଜର ଆଖି ଅନ୍ଧ ହୋଇ ଯାଇଥିବ ବାହାରେ ଆଲୋକର ରୋଶଣି ତା'ର କି ପ୍ରୟୋଜନ ? କହିବା ବାହୁଲ୍ୟ, ଯିଏ ତୁମ ଘର ଭିତରେ ଲୁଚି ବସିଛି, ତା' ସହ ତୁମର ସାକ୍ଷାତ୍ ଏଯାଏ ହୋଇପାରି ନାହିଁ । ଭିତରେ ଥିବା ଅମାପ ସମ୍ପତ୍ତିକୁ ଜନ୍ମ ଜନ୍ମ ଧରି ଏପର୍ଯ୍ୟନ୍ତ ଠାବ କରିପାରି ନାହଁ । ଅଥଚ ତୁମେ ବାହାରେ ମଠ, ମନ୍ଦିର, ମସଜିଦ୍‌ରେ ସାରା ଜୀବନ ତାଙ୍କୁ ଖୋଜିବାକୁ ଲାଗିଛ ! ଯାହା ତୁମର ଏତେ ପାଖରେ ଅଛି ତାକୁ ବାହାରେ ଖୋଜିଲେ କେଉଁଠି ମିଳିବ ?

ଭଗବାନ୍ ପ୍ରତ୍ୟେକଙ୍କ ଅନ୍ତର ମଧ୍ୟରେ ନିର୍ଦ୍ଦିଷ୍ଟ ଐଶ୍ୱରିକ ମୌଳିକ ତତ୍ତ୍ୱ ରୂପେ ବିଦ୍ୟମାନ । ଭଗବାନଙ୍କର ସଚେତନ ବିସ୍ମୃତିହିଁ ମାନବ-ସ୍ୱରୂପ । ପ୍ରତ୍ୟେକ ମନୁଷ୍ୟ ହେଉଛନ୍ତି ଏକ ଆତ୍ମବିସ୍ମୃତ ଭଗବାନ୍; ଯିଏ ଏ ସୃଷ୍ଟିର ମାଧୁର୍ଯ୍ୟ ଓ ବୈଚିତ୍ର୍ୟ ଭିତରେ ନିଜକୁ ସମ୍ପୂର୍ଣ୍ଣ ହଜାଇ ଦେଇଛନ୍ତି । ସୃଷ୍ଟିଠାରୁ ସୃଷ୍ଟିକର୍ତ୍ତା ଭିନ୍ନ ନୁହନ୍ତି । ପିଣ୍ଡ ଓ ବ୍ରହ୍ମାଣ୍ଡର ମୌଳିକ ତତ୍ତ୍ୱ ଅଭିନ୍ନ । ଭଗବାନ୍ ଆମ ଭିତରେ ବିରାଜମାନ । ସେହି ପରମପଦ ଆମ ହୃଦୟର ଅନ୍ତଃସ୍ଥଳରେ । ସେହି ପରମଧାମ ଆମ ନିଜ ଭିତରେ ।

ମଣିଷ ଯେପର୍ଯ୍ୟନ୍ତ ନିଜ ଭିତରେ ଥିବା ଭଗବାନଙ୍କୁ ଆବିଷ୍କାର କରି ପାରି ନାହିଁ ସେପର୍ଯ୍ୟନ୍ତ କୌଣସି ବାହ୍ୟ ଅନ୍ୱେଷଣ ମଣିଷକୁ ଭଗବତ୍ ପ୍ରାପ୍ତିରେ ସହାୟକ ହୋଇପାରିବ ନାହିଁ । ମୃଗର ନାଭିରେ ମହାର୍ଘ କସ୍ତୁରୀ ରହିଥିଲେ ମଧ୍ୟ ସେ ଯେପରି ଜଙ୍ଗଲ ସାରା କସ୍ତୁରୀ ଅନ୍ୱେଷଣ କରି ଘୂରିବୁଲେ; ପୁଣି ସେଇ ମାଛଟିଏ ପରି ଯିଏ ସମୁଦ୍ର ଭିତରେ ଥାଇ ମଧ୍ୟ ସମୁଦ୍ରକୁହିଁ ଖୋଜି ବୁଲୁଥାଏ ।

ଦିବ୍ୟଜନନୀଙ୍କର ଅନୁପମ ଭାଷାରେ : ''ମନୁଷ୍ୟ ଯେତେବେଳ ଯାଏଁ ଏହି ବିଶେଷ ବସ୍ତୁଟିକୁ ନିଜ ଅନ୍ତରରେ ଖୋଜି ନପାଇଛି, ତା'ର ବାହ୍ୟ ଜୀବନରେ ଅଭିବ୍ୟକ୍ତ କରିବା ଭଳି କିଛି ଜିନିଷ ନାହିଁ ବୋଲି ଜାଣ । ଆଉ ଅସାଧାରଣ ଜୀବନ ଯାପନ କରୁଛି ବୋଲି ସେ ଯେ ଭାବୁଛି ଓ କଳ୍ପନା କରୁଛି, ସେଇଟା ଖାଲି ଗୋଟିଏ ଅସାଧାରଣ ପ୍ରହେଳିକା ଭିତରେ ସେ ପଡ଼ିଯାଇଛି ବୋଲି ବୁଝିନିଅ, ତା'ଠୁଁ ଅଧିକ କିଛି ନୁହେଁ ।''

(MCW, VII, 2. Nov, 1955) ❑

ଦିନକର କଥା । ମୁଲ୍ଲା ନସିରୁଦ୍ଦିନ୍ ନିଜ ଗଧ ଉପରେ ବସି ଖୁବ୍ ତରବରରେ ଚାଲିଯାଉଥିଲେ । ଗଧ ପ୍ରାୟ ଦୌଡ଼ିବା ଅବସ୍ଥାରେ ଥିଲା । ରାସ୍ତା ଉପରେ ଲୋକମାନେ ପଚାରିଲେ – 'ନସିରୁଦ୍ଦିନ୍, ସକାଳୁ ସକାଳୁ ଏତେ ତରବରରେ କେଉଁଆଡ଼େ ଯାଉଛ ?' ନସିରୁଦ୍ଦିନ୍ କହିଲେ, 'ମୋତେ ବର୍ତ୍ତମାନ ଆଦୌ କିଛି ପଚାର ନାହିଁ । ମୁଁ ଫେରିଲେ ସବୁକିଛି କହିବି ।' କିଛି ସମୟ ପରେ ସେହି ରାସ୍ତା ଦେଇ ଯେତେବେଳେ ନସିରୁଦ୍ଦିନ୍ ଫେରିଲେ ଲୋକମାନେ ପଚାରିଲେ, 'ଏତେ ତରବରରେ କେଉଁଆଡ଼େ ଯାଇଥିଲ ?' ନସିରୁଦ୍ଦିନ୍ କହିଲେ – 'ମୋତେ ମୋ ଗଧକୁ ଖୋଜିବା ଲାଗି ଯିବାର ଥିଲା । କିନ୍ତୁ କିଛି ବାଟ ଗଲା ପରେ ମୋର ମନେ ପଡ଼ିଲା ଯେ, ମୁଁ ମୋ ନିଜ ଗଧ ଉପରେ ବସିଛି । ମୁଁ ନିଜେ ମାନୁଛି ଯେ ମୁଁ ମୂର୍ଖ, ବୋକା । କିନ୍ତୁ ତୁମେମାନେ ତ ମୂର୍ଖ ନୁହଁ । ତୁମେମାନେ ତ ମୋତେ କହି ଦେଇପାରିଥାନ୍ତ ! ମୋ ଆଖି ତ କେବଳ ଆଗକୁ ଦେଖୁଥିଲା । କିନ୍ତୁ ତୁମମାନେ ତ ଗଧକୁ ଦେଖୁଥିଲ ।'

ଲୋକମାନେ କହିଲେ –'ତୁମ କଥା ଠିକ୍ । ହେଲେ ତୁମେ ଆମକୁ ସୁଯୋଗ କେତେବେଳେ ଦେଲ ?' ନସିରୁଦ୍ଦିନ୍ କହିଲେ – 'ସେତେବେଳେ ମୁଁ ତରବରରେ ଥିଲି ।'

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ଗୋଟିଏ ପରିବାରରେ ରହିଥିବା ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ଭିନ୍ନ । ସମସ୍ତ ବ୍ୟକ୍ତି ସାମଞ୍ଜସ୍ୟ ରଖିବେ କିପରି ? ଏହାର ଉପାୟ କ'ଣ ?*

ଉତ୍ତର : ଏହାର ଉପାୟ ଜୀବନର ପରମ ଲକ୍ଷ୍ୟ ସମ୍ବନ୍ଧେ ସଚେତ ହେବା । ସମସ୍ତ ବ୍ୟକ୍ତିଙ୍କର ସ୍ୱଭାବ ଭିନ୍ନ ଭିନ୍ନ ହେବା ସତ୍ତ୍ୱେ ସେମାନେ ଯଦି ଜୀବନର ପରମ ଲକ୍ଷ୍ୟ ପ୍ରାପ୍ତି ସକାଶେ ଅଧ୍ୟାତ୍ମ ସାଧନା କରନ୍ତି ତେବେ ସେମାନଙ୍କ ଆତ୍ମା ଜାଗ୍ରତ୍ ହୁଏ ଏବଂ ସେମାନେ ଭଗବତ୍ ଅଭିମୁଖୀ ହୁଅନ୍ତି ତଥା ପରସ୍ପର ମଧ୍ୟରେ ସାମଞ୍ଜସ୍ୟ ରଖି ପାରନ୍ତି ।

ଏହାଛଡ଼ା ପ୍ରଚଳିତ ନୈତିକ ବିଧାନରେ କିଛିଦିନ ପରିବାରରେ ସାମଞ୍ଜସ୍ୟ ଥାଏ । କିନ୍ତୁ ବ୍ୟକ୍ତିର ଅହଂ, ସ୍ୱାର୍ଥ ଅଧିକ କ୍ରିୟାଶୀଳ ହେଲେ ପୃଥକ୍ ହେବାକୁ ବାଧ୍ୟ ହୁଅନ୍ତି ।

*ପ୍ରଶ୍ନ : ନିରାଶା ଆସିଲେ ମନୁଷ୍ୟ ନିଜକୁ ତୁଚ୍ଛ ମନେ କରେ । ପରମୁହୂର୍ତ୍ତରେ ପ୍ରସନ୍ନତା ଆସେ ଏବଂ ନିଜକୁ ବହୁତ ବଡ଼ ମନେ କରେ । ଏହା କ'ଣ ଆତ୍ମପ୍ରବଞ୍ଚନା ?*

ଉତ୍ତର : ଏହା ଆତ୍ମପ୍ରବଞ୍ଚନା ନୁହେଁ । ପ୍ରାଣର ଧର୍ମ । ପ୍ରାଣର ଯେଉଁ ଭାବ ବା ବୃତ୍ତି ମନରେ ପ୍ରତିଫଳିତ ହୁଏ ସେତେବେଳେ ସେହି ଭାବ ବ୍ୟକ୍ତ ହୁଏ । ସେହିପରି ବ୍ୟକ୍ତି ନିଜକୁ ମନେକରେ । ଆତ୍ମପ୍ରବଞ୍ଚନା ହେଲା, ବ୍ୟକ୍ତି ଯାହା ନୁହେଁ ତାହା ପ୍ରକାଶ କରେ ବା ଲୋକଙ୍କୁ ଦେଖାଇ ହୁଏ ।

*ପ୍ରଶ୍ନ : ମୋ ଭାଇକୁ ୭ ବର୍ଷ । ସେ ବହୁତ ଚଗଲା । ତାହାର ଏହା ଶିଶୁସୁଲଭ ଗୁଣ ନା ଔଦ୍ଧତ୍ୟ ?*

ଉତ୍ତର : ଏହା ଶିଶୁସୁଲଭ ଚପଳତା । ଶିଶୁ ଅବସ୍ଥାରେ ବୁଦ୍ଧି ବିକାଶ ହୋଇ ନଥାଏ । ପ୍ରାଣର ଗୁଣ ଚଞ୍ଚଳ । ସେହି ସକାଶେ ଶିଶୁ ଚପଳ ହୁଅନ୍ତି । ଶିଶୁର ଚପଳତା ଶୀଘ୍ର ଦୂର ହୁଏ ମାତାପିତା ଅଥବା ଶିକ୍ଷକ ଶିଶୁ ସହିତ ଉତ୍ତମ ବ୍ୟବହାର କରିବା ଦ୍ୱାରା ।

ଶିଶୁମାନଙ୍କ ଉପରେ କୌଣସି ନିୟନ୍ତ୍ରଣ, ଧମକ ଚମକ ନକରି ଖେଳ ମାଧ୍ୟମରେ ଏବଂ ଗଳ୍ପ ମାଧ୍ୟମରେ ଶିକ୍ଷା ଦେବା ଏବଂ ସେମାନଙ୍କ ଚପଳ ପ୍ରାଣକୁ ନିୟମିତତାରେ ସଂଯତ କରିବା ଉଚିତ । ଧମକ ଚମକ, ମାଡ଼ ଗାଳିରେ ସେମାନଙ୍କର ବିକାଶ ବନ୍ଦ ହୋଇଯାଏ ଏବଂ ବାଧା ପ୍ରାପ୍ତ ହୁଏ ।

ସେମାନଙ୍କୁ ପ୍ରିୟ ଲାଗୁଥିବା ଗଳ୍ପ କହିଲେ, ଖେଳ ମାଧ୍ୟମରେ ସେମାନଙ୍କୁ ପଢ଼ାଇ ଦେଲେ ଏବଂ ବ୍ୟାୟାମ କରାଇଲେ ସେମାନେ ସ୍ୱତଃସ୍ଫୂର୍ତ୍ତଭାବେ ସେହି କାର୍ଯ୍ୟରେ ଲାଗି ଯାଆନ୍ତି । ସେଥିରେ ସେମାନଙ୍କୁ ପ୍ରସନ୍ନତା ମିଳେ । ସେହି କାର୍ଯ୍ୟରେ ସେମାନଙ୍କର ଚପଳତା ପରିବର୍ତ୍ତିତ ହୁଏ ।

*ପ୍ରଶ୍ନ : ଯେଉଁମାନେ ନିଜ ମାତୃଭାଷା ବ୍ୟତୀତ ଅନ୍ୟ କୌଣସି ଭାଷା ଜାଣନ୍ତି ନାହିଁ, ସେମାନେ ଗୃହରେ ରହି କିଂବା ଆଶ୍ରମକୁ ଯାଇ ଯଦି ସାଧନା କରନ୍ତି ତେବେ ପ୍ରଥମ ଅବସ୍ଥାରେ ସେମାନଙ୍କୁ କି ପ୍ରକାର ସାଧନା କରିବାକୁ ହେବ ? ସାଧନାର ଯଥାର୍ଥ ପ୍ରଣାଳୀ ସେମାନେ କିପରି ଜାଣି ପାରିବେ ?*

ଉତ୍ତର : ଭାଷା ଜାଣିବା ଉପରେ ଅଧ୍ୟାତ୍ମ ସାଧନା ନିର୍ଭର କରେ ନାହିଁ, ନିର୍ଭର କରେ ବ୍ୟକ୍ତିର ଅନ୍ତରାତ୍ମାର ଜାଗ୍ରତ୍ ଅବସ୍ଥା ଉପରେ । ବହୁତ ନପଢ଼ିଥିବା ବ୍ୟକ୍ତି ବହୁତ ଉଚ୍ଚତର ଅବସ୍ଥାକୁ ପ୍ରାପ୍ତ ହୋଇଛନ୍ତି ଏବଂ ଭଗବତ୍ ଉପଲବ୍ଧି କରିଛନ୍ତି ।

ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ୍ ହେଲେ ଭଗବତ୍ ପ୍ରାପ୍ତି ସକାଶେ ଅଭୀପ୍ସା ଉତ୍ପନ୍ନ ହୁଏ ଏବଂ ସେ ଭଗବତ୍ ପ୍ରାପ୍ତି ମାର୍ଗରେ ପ୍ରବୃତ୍ତ ହୁଏ । ଯଥାର୍ଥ ଜ୍ଞାନ ଥାଏ ଅନ୍ତରାତ୍ମାର । ଠିକ୍ ଠିକ୍ ଜ୍ଞାନ ପ୍ରାପ୍ତ ହୁଏ ଅନ୍ତରରୁ । ବାହ୍ୟ ଜ୍ଞାନ କେବଳ ନିମିତ୍ତ ମାତ୍ର ହୋଇ ଆନ୍ତର ଜ୍ଞାନକୁ ପ୍ରକାଶ କରେ । ବାହାରର କୌଣସି ଘଟଣା କିଂବା କାହା ସହିତ ସମ୍ପର୍କ, କଥାବାର୍ତ୍ତାରେ ସାଧନାର ଯଥାର୍ଥ ପ୍ରଣାଳୀ ମିଳିଥାଏ । କେବେ କେବେ କୌଣସି ବହି ପଢୁ ପଢୁ ଚୁମ୍ବକ ଆକର୍ଷଣ କରିବା ସଦୃଶ ଠିକ୍ ସାଧନା-ପ୍ରଣାଳୀ ଗ୍ରହଣ କରା ହୋଇଯାଇଥାଏ । କୌଣସି ଘଟଣା କିଂବା ବାକ୍ୟ ଦ୍ୱାରା କିପରି ସାଧନାର ଯଥାର୍ଥ ପ୍ରଣାଳୀର ଜ୍ଞାନ ପ୍ରାପ୍ତ ହୁଏ, ତା'ର ଗୋଟିଏ ଉଦାହରଣ ଏଠାରେ ଦେବା –

ମରହଟ୍ଟା ବୀର ଛତ୍ରପତି ଶିବାଜିଙ୍କ ଗୁରୁ ସମର୍ଥ ରାମଦାସ ଜନ୍ମଗ୍ରହଣ କରିଥିଲେ କେରଳରେ । ତାଙ୍କୁ ବାର ବର୍ଷ ବୟସରେ, ସେ ସମୟର ପ୍ରଥାନୁସାରେ, ତାଙ୍କର ମାତାପିତା ତାଙ୍କ ବିବାହର ବ୍ୟବସ୍ଥା କରିଦେଲେ । ବିବାହ-ବେଦୀ ଉପରେ ବର, କନ୍ୟାଙ୍କ ହସ୍ତଗ୍ରନ୍ଥି ପଡ଼ିବା ସମୟରେ ଭଗବାନଙ୍କୁ ସ୍ମରଣ କରିବା ସକାଶେ ପୁରୋହିତ ମହାଶୟ ସେମାନଙ୍କୁ ସାବଧାନ କରିଦିଅନ୍ତି । ଏହି ପ୍ରଣାଳୀ ଅନୁସାରେ ପୁରୋହିତ ସମର୍ଥ ରାମଦାସଙ୍କୁ କହିଲେ, ''ସାବଧାନ

ହୋଇଯାଅ ।'' ପୁରୋହିତଙ୍କ ଏହି ବାକ୍ୟର ଅର୍ଥ ସମର୍ଥ ରାମଦାସ ବୁଝିଗଲେ । ''ଏହି ଶରୀରରେ ଭଗବତ୍ ପ୍ରାପ୍ତି କରିବାକୁ ହେବ, ବିବାହ ବନ୍ଧନ ଭଗବତ୍ ପ୍ରାପ୍ତିରେ ବହୁତ ବାଧା ସୃଷ୍ଟି କରେ, ଅତଏବ ସାବଧାନ ହେବା ଉଚିତ ।'' ପୁରୋହିତଙ୍କ ବାକ୍ୟ ଶୁଣିବା ମାତ୍ରେ ସେ ବିବାହ-ବେଦୀରୁ ଉଠି ଦୌଡ଼ିକରି ପଳାଇଲେ । ତାଙ୍କୁ ଧରିଆଣିବା ସକାଶେ ବହୁତ ବ୍ୟକ୍ତି ତାଙ୍କ ପଛରେ ଦୌଡ଼ି ଦୌଡ଼ି ବିଫଳ ହୋଇ ଫେରି ଆସିଲେ । ସେ ଗଛରେ ଗୋଟାଏ ଡାଳରୁ ଅନ୍ୟ ଗୋଟାଏ ଡାଳକୁ ଡେଇଁ ପଡୁଥିଲେ । ଦୌଡ଼ରେ ତାଙ୍କ ପାଖରେ ଘୋଡ଼ା ହାର ମାନେ, ମନୁଷ୍ୟ କଥା କିଏ ପଚାରେ ?

ଅନ୍ତରାତ୍ମା ଜାଗ୍ରତ୍ ହୋଇଥିବା ବ୍ୟକ୍ତିକୁ ଭଗବାନ୍ ସ୍ୱୟଂ ସାହାଯ୍ୟ କରନ୍ତି । ସେ କୌଣସି ବ୍ୟକ୍ତିକୁ ପଚାରି ସାଧନାର ସମସ୍ତ ରହସ୍ୟ ଠିକ୍ ଠିକ୍ ଜାଣିପାରେ ଏବଂ ସାଧନାର ଠିକ୍ ମାର୍ଗରେ ଅଗ୍ରସର ହୁଏ ।

ଶ୍ରୀଅରବିନ୍ଦଙ୍କ ଯୋଗର ସାଧନା ପ୍ରଣାଳୀ ଏବଂ ସିଦ୍ଧାନ୍ତ ପ୍ରାୟ ସବୁ ଭାଷାରେ ଲେଖା ହୋଇଛି, ଅନୁବାଦ କରା ହୋଇଛି । ଆଜିକାଲି ବହୁତ ବ୍ୟକ୍ତି ମଧ୍ୟ ଏ ସମ୍ବନ୍ଧରେ ଜାଣନ୍ତି ।

ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀରର ରୂପାନ୍ତର ସାଧନର ପ୍ରଣାଳୀ ହେଲା – ଅଭୀପ୍ସା, ସମର୍ପଣ, ପ୍ରତିକୂଳ ବସ୍ତୁର ତ୍ୟାଗ, ଏକାଗ୍ରତା ସକାଶେ ହୃଦୟରେ ଧ୍ୟାନ ଏବଂ ସମସ୍ତ ଆବଶ୍ୟକୀୟ କର୍ମ ଶ୍ରୀମାଙ୍କ ସେବା-ଭାବରେ ସମ୍ପାଦନ ତଥା ତାଙ୍କରି ଚରଣରେ ସମର୍ପଣ । ଏହାହିଁ ହେଲା ସାଧନାର ରହସ୍ୟ । ଏ ସମସ୍ତ କଥା 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା' ପୁସ୍ତକ ତଥା 'ଲୋକ-ସାହିତ୍ୟ' ପୁସ୍ତକାଦିରେ ବହୁତ ସରଳ ଭାଷାରେ ଓ ବିସ୍ତୃତ ଭାବରେ ଆଲୋଚିତ ହୋଇଛି ।

(ସଂଗ୍ରହ : ୧୯୭୩ ଜୁଲାଇ
ଓ ୧୯୭୪ ଜୁଲାଇ 'ନବପ୍ରକାଶ'ରୁ)

– ରାମକୃଷ୍ଣ ଦାସ ❑

# ବରଷଟି ହେଉ ସରସ

## ଶରତ କୁମାରୀ ସ୍ୱାଇଁ

ଘନ ତମସାର ପଣତ ଆଡ଼େଇ
କାକର ପାହାନ୍ତି ଖସୁଛି
ପୂର୍ବାଶା ଲଲାଟେ ସିନ୍ଦୂରିତ ଆଭା –
ଉକୁଟାଇ ସୂର୍ଯ୍ୟ ହସୁଛି । (୧)

ସୀମାହୀନ ନୀଳ- ସାଗର ବୁକୁରେ
ଆକାଶର ଛବି ସୁନ୍ଦର
ଫେନ ଉଚ୍ଛଳ ପ୍ରୀତି ଛଳ ଛଳ
ଲହରୀ ଆନନ୍ଦେ ବିଭୋର । (୨)

ସରଗ ମାଖୁଛି ମରତର ଧୂଳି
ଅନ୍ତରଙ୍ଗ ଭାବ ଝରାଇ,
ଆତ୍ମୀୟତା ଭରି ସଜ କୁସୁମକୁ
ସମୀରଣ ଦିଏ ଥରାଇ । (୩)

ବନ ବିହଙ୍ଗୀର କଳ କୂଜନରେ
ନବ ବରଷର ବନ୍ଦନା
ଗୁଞ୍ଜରିତ ହୁଏ ପ୍ରତିଟି ଅଣୁରେ
ଜାଗି ଉଠେ ଜଡ଼ ଚେତନା । (୪)

ଏ ଶୁଭ ଲଗନେ ଜନନୀ ଗୋ ତବ
ପରମ ପଦର ପରଶ
ପୁଲକାଇ ଦେଉ ସବୁରି ପରାଣ
ବରଷଟି ହେଉ ସରସ ।(୫) ❑

ଚେତନାର ଦିଗ୍‌ବଳୟ :

# ମହତ୍ ଐତିହ୍ୟ ଦଳ ଓ ଧର୍ମନିର୍ବିଶେଷେ ସମଗ୍ର ଜାତିର ଗୌରବ

ଗତମାସ (ଡିସେମ୍ବର ୨୦୧୭) ମଧ୍ୟ ଭାଗରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ବୈଜ୍ଞାନିକ ଆବିଷ୍କାର ସମ୍ଭବପର ହୋଇଛି । ଆମେରିକାର ପୁରାତତ୍ତ୍ୱବିତ୍‌ମାନେ ଘୋଷଣା କରିଛନ୍ତି ଯେ ରାମାୟଣ ବର୍ଣ୍ଣିତ ସେତୁବନ୍ଧ ବା ରାମସେତୁ ପ୍ରାକୃତିକ ଶିଳାଶ୍ରେଣୀ ନୁହେଁ; ତାହା ବାସ୍ତବିକ ମାନବ-ନିର୍ମିତ ଏକ ବନ୍ଧ । ତଳେ ରହିଥିବା ବାଲୁକା ଉପରେ ସେସବୁ ଶିଳା ରୋପଣ କରାଯାଇଛି ।

ରାମାୟଣ ତାହାହିଁ କହେ । ରାମେଶ୍ୱରମ୍ ସନ୍ନିକଟରେ ସମୁଦ୍ର ଲଂଘନ କରି ଲଙ୍କା ଦ୍ୱୀପରେ ସସୈନ୍ୟ ଉପନୀତ ହେବା ନିମନ୍ତେ ରାମଙ୍କ ନିର୍ଦ୍ଦେଶରେ ନିର୍ମିତ ହୋଇଥିଲା ସେ ବିଶାଳ ସେତୁ ।

ଏକ ଆମେରିକାନ୍ ଟେଲିଭିଜନର ବିଜ୍ଞାନ ଚାନେଲରେ ଏ ତଥ୍ୟ ପରିବେଷିତ ହେବା ସଙ୍ଗେ ସଙ୍ଗେ ତିନି ଜଣ ଭାରତୀୟ ରାଜନୈତିକ ନେତା ସଗର୍ବ ଆନନ୍ଦ ପ୍ରକାଶ କରିଛନ୍ତି; କାରଣ ସେ ସୁଦୀର୍ଘ ଶିଳାପଥ ପ୍ରାକୃତିକ ନୁହେଁ, ସମୁଦ୍ରଗର୍ଭସ୍ଥ ପାହାଡ଼ ନୁହେଁ, ତାହା ଏକ ଯୋଜନାବଦ୍ଧ ସ୍ଥାପତ୍ୟ ବୋଲି ସେମାନଙ୍କ ଦଳ ତାକୁ ଏକ ମହାଜାତୀୟ ଐଶ୍ୱର୍ଯ୍ୟର ସମ୍ମାନ ଦେଇଆସିଛି ।

ପ୍ରଶ୍ନ ହେଲା, ଅନ୍ୟ କୌଣସି ଦଳର ନେତା ଏଭଳି ଏକ ଘୋଷଣାରେ ଆନନ୍ଦ ପ୍ରକାଶ କରିବାରେ ବାଧା କେଉଁଠାରେ ? କରୁ ନାହାନ୍ତି ବା କାହିଁକି ? ଉତ୍ତର ସୁଲଭ : ଯେହେତୁ ସେମାନଙ୍କ ପ୍ରତିପକ୍ଷ ଦଳ ଯେଉଁ ବ୍ୟାପାରରେ ଉତ୍‌ଫୁଲ୍ଲ ସେମାନେ ସେଥିରେ ଉତ୍‌ଫୁଲ୍ଲ ହେବେ କେମିତି ?

ମନେହୁଏ, ରାଜନୈତିକ ଚେତନା (ବରଂ ନିଶ୍ଚେତନା କହିବା ସଙ୍ଗତ ହେବ) ଦ୍ୱାରାହିଁ ଆମର ସମସ୍ତ ଧ୍ୟାନ, ଧାରଣା, ମତାମତ, ରୁଚି ଓ ଦୃଷ୍ଟିକୋଣ ନିୟନ୍ତ୍ରିତ ହେବାକୁ ଆମେ ଛାଡ଼ି ଦେଇଛୁ । ଏହା ଏକ ଦୁର୍ଭାଗ୍ୟଜନକ ବିଡ଼ମ୍ବନା । ଏ ବିଡ଼ମ୍ବନା ଯୋଗୁଁ ଧର୍ମର ସଂଜ୍ଞା ମଧ୍ୟ ଦୟନୀୟ ଭାବରେ ବିକୃତ ହେଉଛି ।

୧୯୯୮ ଅକ୍‌ଟୋବରର ଏକ ଘଟଣା । ଭାରତର ତତ୍କାଳୀନ ଶିକ୍ଷାମନ୍ତ୍ରୀ ମହୋଦୟ ସବୁ ରାଜ୍ୟର ଶିକ୍ଷାମନ୍ତ୍ରୀମାନଙ୍କର ଗୋଟାଏ ବୈଠକ ଡକାଇଥା'ନ୍ତି । ଆରମ୍ଭରେ ଯେମିତି ସରସ୍ୱତୀ ବନ୍ଦନାର ରେକର୍ଡ଼ ବାଜିଛି, ସେମିତି ଧର୍ମ-ନିରପେକ୍ଷ ବୋଲାଉଥିବା ଏକ ବିରାଟ ଦଳ ଅନ୍ତର୍ଭୁକ୍ତ ଶିକ୍ଷାମନ୍ତ୍ରୀମାନେ ରଡ଼ିକରି ପ୍ରତିବାଦ କଲେ ଓ ବୈଠକ ଭଣ୍ଡୁର କରିଦେଲେ । ସେତେବେଳେ ଗୋଟିଏ ମୁଖ୍ୟ ଇଂରାଜୀ ଦୈନିକ 'ଟାଇମ୍‌ସ୍ ଅଫ୍ ଇଣ୍ଡିଆ'ରେ ଏବଂ ମୁଖ୍ୟ ଓଡ଼ିଆ ଦୈନିକ 'ସମାଜ'ରେ ଏ ଲେଖକ ଅତୀବ କ୍ଷୁବ୍ଧ ଚିତ୍ତରେ ବୁଝାଇବାକୁ ଚେଷ୍ଟା କରିଥିଲା ଯେ ଏଭଳି ଦୃଷ୍ଟିକୋଣ ଅକ୍ଷମଣୀୟ । ସେ 'ସମାଜ'ରେ ଯାହା ଲେଖିଥିଲା, ତା'ର କିୟଦଂଶ ଏହିପରି :

''ଆଜି ଯାହାକୁ ହିନ୍ଦୁ ଧର୍ମ ବୋଲି କୁହାଯାଉଛି, ତାହା ଅସଂଖ୍ୟ ଧ୍ୟାନଧାରଣାର ସମାହାର; ଶହଶହ ବର୍ଷ ବ୍ୟାପ୍ତ ଅସଂଖ୍ୟ ସାଧକ, ଦାର୍ଶନିକ ଓ ବିଭୂତିଙ୍କ ଅବଦାନ ଦ୍ୱାରା ତାହା କ୍ରମାଗତ ପ୍ରସାରିତ; ପୁଣି ବହୁ କୁସଂସ୍କାର ଦ୍ୱାରା କଳୁଷିତ ମଧ୍ୟ । କିନ୍ତୁ ବୈଦିକ ଯୁଗର ଋଷି ଚେତନାରେ ଯେତେବେଳେ ସରସ୍ୱତୀ ପ୍ରତିଭାତ ହେଲେ, ଯେତେବେଳେ ତାଙ୍କୁ ବାଗ୍‌ଦେବୀ ଓ ଅଭିବ୍ୟକ୍ତିର ପ୍ରତୀକ ଭାବରେ ଚିତ୍ରିତ କରାଗଲା, ସେତେବେଳେ ଆଜିର 'ହିନ୍ଦୁ' ଧର୍ମ ନଥିଲା । ଅର୍ଥାତ୍ 'ହିନ୍ଦୁ'ର ଅଧୁନା ପ୍ରଚଳିତ ଅର୍ଥ ଦୃଷ୍ଟିରୁ ସରସ୍ୱତୀ ପ୍ରାକ୍-ହିନ୍ଦୁ । ସେ ଏକ ଚେତନା; ସୃଜନଶୀଳ ପ୍ରେରଣାର ଉତ୍ସ । ସ୍ନେହ, ଜ୍ଞାନ, ସୁଷମା, ସଂହତି ଓ ସଂସ୍କୃତିର ପ୍ରତୀକ । ସ୍ଥୂଳ ସ୍ତରରେ ତାଙ୍କୁ ଆମେ ସୁନ୍ଦର ରୂପ ଦେଉଁ, କାରଣ ଯେକୌଣସି ପ୍ରତୀକର ଏକ ରୂପ ଥିବା ଅନିବାର୍ଯ୍ୟ । ଯେଉଁମାନେ ମୂର୍ତ୍ତିକୁ ବରଦାସ୍ତ କରିପାରନ୍ତି ନାହିଁ, ସେମାନେ କେବେ ମଧ୍ୟ ଭାବି ଦେଖନ୍ତି ନାହିଁ ଯେ ପଦ୍ମ ବା ଗୋଲାପ ଫୁଲଟିଏ ମଧ୍ୟ ଏକ ମୂର୍ତ୍ତି; ଇନ୍ଦ୍ରଧନୁ ମଧ୍ୟ ଏକ ରୂପ । ଫୁଲ ବା ଇନ୍ଦ୍ରଧନୁ ଭଳି ମହତ୍ ସୌନ୍ଦର୍ଯ୍ୟ ଅବଲୋକନରେ ଯେପରି ମନରେ ମହତ୍ ଭାବ ଆସିପାରେ, ବିଦ୍ୟା ବା ଜ୍ଞାନର ସୁନ୍ଦର ରୂପାୟନ ମଧ୍ୟ ସେହିପରି ମହତ୍ ଭାବର ସଞ୍ଚାର କରିଥାଏ ।''

ଯାହା ଐତିହ୍ୟ, ତାହା ସମଗ୍ର ଜାତିର ଐତିହ୍ୟ;

ବିଶ୍ୱବ୍ୟାପ୍ତ ମାନବଜାତିର ମଧ୍ୟ ଐତିହ୍ୟ । ସେଥିରେ ମହତ୍ତ୍ୱ ଥିଲେ ତାହା ସମସ୍ତଙ୍କ ସକାଶେ ମହତ୍ତ୍ୱର ସ୍ମାରକୀ । ୧୯୬୮ ମସିହା ଶେଷ ବେଳକୁ ଆପୋଲୋ ୮ ଅନ୍ତରୀକ୍ଷ ଯାନର ମହାକାଶଚାରୀମାନେ ଚନ୍ଦ୍ର ସେପାରିରୁ ପୃଥିବୀର ଉଦୟ ଦେଖିବାପରେ ବିଶ୍ୱବାସୀଙ୍କ ପାଇଁ ଜଣକ ପରେ ଜଣେ ତିନିଜଣଯାକ ପଢ଼ିଥିଲେ ବାଇବେଲ ପ୍ରାଚୀନ ଖଣ୍ଡ (Old Testament)ର ଆଦ୍ୟାଂଶ । ତାହା କାହିଁକି ପଢ଼ାଗଲା ବୋଲି କୌଣସି ଅଣ-ଖ୍ରୀଷ୍ଟିଆନ ଧର୍ମ ଗୋଷ୍ଠୀ ପ୍ରତିବାଦ କରି ନାହାନ୍ତି । କାରଣ ସେ ଗ୍ରନ୍ଥ ମାନବଜାତିର ଐଶ୍ୱର୍ଯ୍ୟ; ଖାଲି ଖ୍ରୀଷ୍ଟଧର୍ମୀମାନଙ୍କର ନୁହେଁ ।

ଭାରତବର୍ଷରେ ମୁଖ୍ୟତଃ ଏକ ଦିଗରେ ରକ୍ଷଣଶୀଳ ହିନ୍ଦୁମାନଙ୍କ ଯୋଗୁଁ ଉଚ୍ଚ-ନୀଚ ଜାତିଭେଦ ଭଳି କୁସଂସ୍କାର ସମାଜରେ ବଦ୍ଧମୂଳ ହୋଇଯାଇଥିବା ସଙ୍ଗେ ସଙ୍ଗେ ମୁସଲିମ ସନ୍ତ୍ରାସବାଦୀମାନଙ୍କର ଅନ୍ୟସବୁ ଧର୍ମ ପ୍ରତି ଅସହନୀୟ ମନୋଭାବ ଯୋଗୁଁ ଧର୍ମର ଅର୍ଥ ବଡ଼ ଦୟନୀୟ ପର୍ଯ୍ୟାୟକୁ ଆସିଯାଇଛି । ସେହି ସୀମାବଦ୍ଧ ଅନର୍ଥ ଯୋଗୁଁ ଆମେ ଅନେକ ମହତ୍ ଘଟଣାର ତାତ୍ପର୍ଯ୍ୟ ବୁଝିବାକୁ ଅକ୍ଷମ; ସେଥିରୁ ଯଥୋଚିତ ସାମୂହିକ ଆନନ୍ଦ ଲାଭ କରିବାରୁ ବଞ୍ଚିତ ।

**— ମନୋଜ ଦାସ**

❑❑❑

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଉଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**— ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| **ନବପ୍ରକାଶ** | ୧୫ ଟଙ୍କା | ୧୫୦ ଟଙ୍କା | ୧୫୦୦ ଟଙ୍କା |
| **ନବଜ୍ୟୋତି** | ୨୦ ଟଙ୍କା | ୮୦ ଟଙ୍କା | ୮୦୦ ଟଙ୍କା |

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Daily Facial

**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

### Hair Vitaliser oil

Controls hair loss and improves hair growth
*Regular use prevents hair thinning and receding hair line*

### Gum oil

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com


Let the Dawn of
the New Year be
for us also the
Dawn of a new
and better life.

Let the dawn of
the New Year be
for us also the
dawn of a new
and better life.

The Mother



ଏହି ନୂତନ ବର୍ଷର ଉଷା
ଆମ ଲାଗି ହୋଇଉଠୁ
ଏକ ନୂତନ ଓ ଉନ୍ନତତର
ଜୀବନର ଉଷା ।

ଶ୍ରୀମା

**Vol. XLIX, No. 1** Navaprakash, January, 2018 **R.N.I. No. 18163/70.**

## ବିଶେଷ ସୂଚନା

# ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପ୍ରଥମ ଭାଗ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୩୦୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୧୬୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**

**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**